
# ଉତ୍କଳ ଗୌରବ

# Utkal Gauraba
## 2022

Oriya Cultural & Welfare Association. New Delhi





# ଭଗବାନ ଚନ୍ଦ୍ର ରାଉତ

ଧରାବତରଣ: ୧୪.୧୦.୧୯୪୦

ସ୍ୱର୍ଗାରୋହଣ: ୩୦.୧୨.୨୦୧୯

"ଉତ୍କଳ ଗୌରବ" ପତ୍ରିକା ଏବଂ ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ରାଉତ ସ୍ୱତଃପ୍ରବୃତ୍ତ ଭାବେ ଜଡିତ ଥିଲେ । ସମ୍ପର୍କ ତ ଥିଲା ଅତି ନିବିଡ, ଅତି ଘନିଷ୍ଠ ଏବଂ ଅତୁଟ । ଏଥି ପୂର୍ବରୁ "ଉତ୍କଳ ଗୌରବ" ପତ୍ରିକାର ଏମିତି କୌଣସି ସଂସ୍କରଣ ନାହିଁ ଯେଉଁଥିରେକି ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ରାଉତଙ୍କର କୌଣସି ଏକ ଲେଖା ପ୍ରକାଶିତ ହୋଇନାହିଁ । ଏହା ତାଙ୍କ ଓଡିଆ ସାହିତ୍ୟ ସାଧନାର ଏକ ସଂକ୍ଷିପ୍ତ ପରିଚୟ । ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ରାଉତ ଅନେକ ପ୍ରତିଭାର ଅଧିକାରୀ ଥିଲେ । ଏକାଧାରାରେ ଥିଲେ ଜଣେ ସାହିତ୍ୟିକ, ସଂଗଠକ ଏବଂ ସ୍ୱେଚ୍ଛାସେବୀ । ଓଡିଆ ସାହିତ୍ୟ ଏବଂ ଓଡିଆ ସାଙ୍ଗଠନିକ କ୍ଷେତ୍ରରେ ନିଜର କାର୍ଯ୍ୟ ପାଇଁ ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ରାଉତ ଅନେକ ସମ୍ମାନ, ପୁରସ୍କାର, ମାନପତ୍ର, ଖ୍ୟାତି ଏବଂ ସୁନାମ ଅର୍ଜନ କରିଛନ୍ତି ।

୨୦୧୯ ମସିହା ଡିସେମ୍ବର ୩୦ ତାରିଖରେ ଶ୍ରୀଯୁକ୍ତ ଭଗବାନ ଚନ୍ଦ୍ର ରାଉତ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଆଜି ସିଏ ଆମ ଗହଣରେ ନାହାଁନ୍ତି ସତ୍ୟ ହେଲେ ତାଙ୍କର ପତ୍ରିକା ପ୍ରତି ଥିବା ଲେଖା ଅବଦାନ ପାଇଁ "ଉତ୍କଳ ଗୌରବ" ପତ୍ରିକା ଚିର ଋଣୀ ।

OCWA ପରିବାର ଲେଖକଙ୍କର ମହତକାର୍ଯ୍ୟ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।



# ଗୋପିନାଥ ମହାନ୍ତି

ଧରାବତରଣ:୦୨.୦୨.୧୯୪୮

ସ୍ୱର୍ଗାରୋହଣ:୧୦.୦୫.୨୦୨୧

୧୯୮୫ ବ୍ୟାଚର ଜଣେ ଭାରତୀୟ ପ୍ରଶାସନିକ ସେବାର ସ୍ୱଚ୍ଛ ଅଧିକାରୀ, ଏକଦା ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ ଭାବେ ସୁଚାରୁ ସେବାବ୍ରତୀ, ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗର ଦକ୍ଷ ସଚିବ, ଆଧାତ୍ମିକ ଜୀବନ ଯାତ୍ରାରେ ଜଗନ୍ନାଥ ସଂସ୍କୃତିର ଜଣେ ଧୁରୀଣ ଗବେଷକ, ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ପ୍ରତିଷ୍ଠାତା ସଭାପତି ଓ ବ୍ୟାସକବି ଫକୀରମୋହନ ସଂସଦର ସଭାପତି ଆଦି ପଦ ପଦବୀର ସରଳ ମଣିଷଟି ଆମ ଗହଣରୁ ବିଦାୟ ନେଇଛନ୍ତି । ତାଙ୍କ ଅମର ଆତ୍ମା ପ୍ରତି ଆମେ ଭକ୍ତିପୂତ ପ୍ରଣାମ ଓ ଶ୍ରଦ୍ଧାଞ୍ଜଳି ନିବେଦନ କରୁଅଛୁ ।



# ରଞ୍ଜନ ବିଶ୍ୱାଳ

ଆବିର୍ଭାବ – ୧୨.୦୮.୧୯୭୧

ତିରୋଧାନ - ୨୨.୦୪.୨୦୨୧

ଅତି ସଂକ୍ଷେପରେ ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳ ;

ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳଙ୍କ ସହ ପ୍ରଥମ ସାକ୍ଷାତ ହୁଏ ୧୯୯୯ ମସିହାରେ । ଯଦିଓ ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳଙ୍କ ସହ ପ୍ରଥମ ସାକ୍ଷାତ ସୌଜନ୍ୟମୂଳକ ଥିଲା ତେବେ ପର ପର୍ଯ୍ୟାୟରେ ସମ୍ପର୍କଟା ଅତି ଘନିଷ୍ଠ ହୋଇଯାଇଥିଲା । ୨୦୦୫ ମସିହାରେ OCWA ଗଠନ ହୁଏ ଏବଂ ଶ୍ରୀ ରଞ୍ଜନ OCWA ପରିବାରର ଥିଲେ ଏକ ଅଭିନ୍ନ ମୁଖ୍ୟ ସଦସ୍ୟ । OCWA ଆନୁକୂଲ୍ୟରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମରେ ସିଏ ପ୍ରତ୍ୟକ୍ଷରେ ସଂଶ୍ଳିଷ୍ଟ ଥିଲେ ।

ଶ୍ରୀଯୁକ୍ତ ରଞ୍ଜନ ସୁଦୂର ଢେଙ୍କାନାଳ ଜିଲ୍ଲାରୁ କାର୍ଯ୍ୟ ଅନ୍ୱେଷଣରେ ଦିଲ୍ଲୀକୁ ଆସି ନିଜକୁ ସୁଚାରୁ ରୂପେ ଅବସ୍ଥାପିତ କରି ପାରିଥିଲେ । ଯଦି ଆମେ ଘର, ଗାଡି, ବ୍ୟାଙ୍କ ବାଲାନ୍ସକୁ ସଫଳତାର ମାପଦଣ୍ଡ ବୋଲି ଭାବୁ ତେବେ ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳ ତାଙ୍କ ବ୍ୟକ୍ତିଗତ ଜୀବନରେ ଅନେକ ସଫଳତା ହାସଲ କରିଛନ୍ତି ।

୨୦୨୧ ମସିହା ଏପ୍ରିଲ ୨୨ ତାରିଖରେ ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳଙ୍କର ଅକାଳ ବିୟୋଗରେ ସମସ୍ତ OCWA ପରିବାର ମ୍ରିୟମାଣ ହୋଇ ପଡିଥିଲା । ଏହା OCWA ପରିବାର ପ୍ରତି ଏକ ଅପୂରଣୀୟ କ୍ଷତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀଯୁକ୍ତ ରଞ୍ଜନ ବିଶ୍ୱାଳଙ୍କ ସ୍ମୃତିରେ ଦୁଇ ପଦ –

"ରଞ୍ଜନ ତୁମେ ଏ ପାରିରେ ଥିଲ ସଖା

ଅକାଳେ ଆମକୁ ପର କରିଚାଲିଗଲ ସିନା

ହେଲେସେ ପାରିରେ ପୁଣି ହେବ ଦେଖା "

ଆମ ହୃଦୟରେ ସେ ସଦା ସର୍ବଦା ରହିଥିବେ । ତାଙ୍କର ଅମର ଆତ୍ମା ପ୍ରତି OCWA ପରିବାର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

Oriya Cultural & Welfare Association™ OCWA

**Oriya Cultural and Welfare Association (OCWA)** is voluntary organization incepted in the year 1992, formally incorporated on 31st October 2005 under the Societies Registration Act, 1860, dedicated to the pursuit of excellence in the promotion and propagation of Odia Culture & Language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission :

To preserve, perpetuate and promote the odia culture and communities with a mission statement.

**"Eka mana, Eka Prana**
**Eka Pranta, Eka Chinha,**
**Which means getting Odias together"**

## Our Vision :

To promote, team spirit, transparency and building trust among our fellow Odias.

With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

# ଉତ୍କଳ ଗୌରବ

# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା"
(ସ୍ୱଭାବ କବି ଗଙ୍ଗାଧର ମେହର)

**Language:**
Odia

**Editorial Board:**
Bijay Mohanty
Prakash Chandra Prusty
Sandipta Rout

**Cover art by**:
Shri Judhistir Mohanty

**Our Special Thanks to :**
Dr. Pramod Kr Nayak
Principal, Bhadrak Sanskrit College
Shri Bishwanath Dash
Sanskrit Teacher, Shivananda Nodal High School, Bamakoyi, Ganjam

**Published by:**
Oriya Cultural & Welfare Associaiton
Regd No. S-54118 of 2005
BD-11, Janakpuri, New Delhi-110 058.
**E-mail**:
info@ocwa.in, ocwa.regd@gmail.com
**Website**:
www.ocwa.in

SIXTEENTH EDITION

# ସୂଚିପତ୍ର


ସମ୍ପାଦକୀୟ ୩

Life Members/Members 5

Sponsors 7


## ବ୍ୟଙ୍ଗ କବିତା/କବିତା


ଆମ ଓଡିଶା ୮

ବୋତଲ ବନ୍ଦନା ୯

ଆତ୍ମଘାତୀ ୧୦

ତପଚାରୀ ଘରମଣୀ ୧୧

ବେଡରୁମ୍ ୧୩

ବର୍ଷା-ବସନ୍ତ-ବୈଶାଖ ୧୪

ବୃଥା-ଚିନ୍ତା ୧୫

ଦୁଇଟି ସ୍ତବକ ୧୫

ମାଆ ୧୬

ମା ୧୭

ପ୍ରାପ୍ତି ପାଇଁ କଣ ଜନ୍ମଟିଏ-ଲୋଡା ୧୭

ଗାନ୍ଧି ୧୮

ସେବତୀର ନିଜକଥା ୧୯

ଦୁଇଟି ଆଖିରେ ମୋ'ର ୨୦

ବ୍ୟବଚ୍ଛେଦ ୨୧

ଶ୍ରାବଣୀର ସ୍ୱର ୨୨

ହୁଅ ସାବଧାନ ୨୩

ଅଳକା ସାମଲ ୨୪


## Photographs of Events


Ganesh Puja 25

Release of Souvenir 26

Cultural Programme 27

Prasad Distribution 32


## ରମ୍ୟ ରଚନା/ ଗଳ୍ପ/ପ୍ରବନ୍ଧ


ଭ୍ରାତୃତ୍ୱର ପରିଭାଷା ୩୩

ଓଡିଶାର ନାମକରଣ ଓ ଓଡିଆ ଲିପିର ବିକାଶ ୩୫

ଘର ୩୯

ଝରା ଶେଫାଳି ୪୪

ଦୁଇଟି ମିନିଗଳ୍ପ ୪୭

ଲଘୁ ସିଦ୍ଧାନ୍ତ କୌମୁଦୀ ୪୮

ନିର୍ଭୟା ପାଟଦେଈ ମାନେ ୫୦

ଲୋଡା ନାହିଁ ମୋର ନିର୍ବାଣର ମାୟା ୫୨

ମାମାଲୀଙ୍କୁ ଚିଠି ଏକ ପିତାର ୫୫

ଭଂଜ ରାଜବଂଶର କୁଳଦେବୀ ମା'କୀଚକେଶ୍ୱରୀ ୫୭

ଆଠ ଋତୁ ୫୯

ପୁଣ୍ୟଫଳ ୬୩

ବାମା ବନାମ ବୋମା ୬୫

ଅଣ-କଦଳିଆ ୬୯

ଯଶ ରହିଥିବ କାଳକାଳକୁ ୭୧

ଆଦିବାସୀ ସଂସ୍କୃତି ଓ ଓଡିଆ ସାହିତ୍ୟ ୭୨


CONTENTS

# ସମ୍ପାଦକୀୟ



ପ୍ରିୟବନ୍ଧୁ,

ମାଆ । ମାତୃଭାଷା । ମାତୃଭୂମି । ଏ ସମସ୍ତେ ଅଙ୍ଗାଙ୍ଗୀ ଭାବେ ଜଡିତ । ମାତୃମୟ ସ୍ୱରୁପର ସଫଳ ଚିତ୍ର । ଆମ ଯଥାର୍ଥ ପରିଚୟର ଈଶ୍ୱର ଦତ୍ତ ପ୍ରମାଣ ପତ୍ର ।ସେଇଥିପାଇଁ ସିନା କୋଉ ମରହଟିଆ କାଳର ଚାଲି ଚଳଣୀକୁ ଏବେ ବି ଆପଣାଇଥିବା ଆମ ପ୍ରତ୍ୟେକଙ୍କ ମାଆ ନିଜନିଜ ପାଇଁ ସ୍ୱର୍ଗଠାରୁ ବଳି ଉଚ୍ଚା ହୋଇଥିବା ବେଳେ ଆମର ମାତୃଭାଷା ମଧ ଆମ ଆଗରେ ପୃଥିବୀର ସକଳ ଭାଷା ବିଭବକୁ ତୁଚ୍ଛ କରି ଦେଇଥାଏ । ଠିକ ସେପରି ମାତୃଭୂମି । ତା'ର ବିଲବାଡି,ଫୁଲଫଳ, ନଈନାଳ କେମିତି ଆମ ସମସ୍ତଙ୍କ ମନକୁ ବିମୋହିତ କରିଥାଏ । ଥରଟାଏ ଭାବି ବସିଲେ ନିଜନିଜର ଅଜାଣତରେ ଆନମନା ହୋଇ ଯାଇଥାଉ ଆମେ ।

ଆମ ମାଆର ଭାଷା, ଆମ ମାତୃଭୂମିର ଭାଷା ଆମ ଆଗରେ ମାତୃଭାଷା ଭାବରେ ପରିଚିତ । ଭଲ କରି ଚାଲି ଶିଖି ନଥିବା କିବା ଦୁନିଆଁକୁ ଦେଖିପାରି ନ ଥିବା ବେଳେ ପ୍ରିୟ ପରିଜନମାନେ ଆନନ୍ଦାତିଶଯ୍ୟରେ ବିଭୋର ହୋଇଯାଆନ୍ତି । ଥରକୁଥର ଭଙ୍ଗା ଭଙ୍ଗା ଉଚ୍ଚାରଣକୁ ଆମଠାରୁ ଶୁଣିବାପାଇଁ ନାନା ଫନ୍ଦି କରିଥାଆନ୍ତି, ଯାହାକୁ ଶୁଣିବା ପାଇଁ – ସେଇ ହେଉଛି ଆମ ମାତୃଭାଷାର ପ୍ରଥମ ସୋପାନ । ଆଦ୍ୟପ୍ରଣବ । ଆମ ଅସଲ ଉତ୍ଥାନର ଅସଲ ଚାବିକାଠି ।

ଦୂର ରାଇଜକୁ ଯାଇଥିବା ବେଳେ ଆମେ ଦୁଇ ଜଣ କିବା ତହିଁରୁ ଅଧିକ ସଂଖ୍ୟକ ସମାନ ମାତୃଭାଷୀ ଯେତେବେଳେ ନିଜନିଜ ଭିତରେ କଥା ହେଉ, ସେଇ ସ୍ଥାନର କିବା ବାହାର ଅଞ୍ଚଳର ବାସିନ୍ଦାଟିଏ କେମିତି ଆବେଗଭରା ମନରେ ପ୍ରଶ୍ନ କରିବସେ – ଭାଇ ,ଆପଣ କୋଉ ଭାଷାରେ କଥା ହେଉଛନ୍ତି ? ଆପଣମାନେ କେଉଁ ରାଜ୍ୟର ? ସେଇଠୁ ସବୁକିଛି ପ୍ରଶ୍ନର ସମାଧାନ ଆପେ ଆପେ ହୋଇଥାଏ ।

ଆଜି ବିଜ୍ଞାନର ପରମ ଉତ୍କର୍ଷତାରେ ସମଗ୍ର ବିଶ୍ୱ ଯେମିତି ଗୋଟିଏ ଗାଁଆ ହେବାକୁ ବସିଛି । ବୃତ୍ତି ଉଦେଶ୍ୟରେ ହେଉ କିବା ଧର୍ମ,ପର୍ଯ୍ୟଟନ ଅଥବା ଅନ୍ୟ କୌଣସି କାରଣ ଯୋଗୁ ହେଉ , ମାତୃଭୂମିଠାରୁ ଦୂରରେ ଅବସ୍ଥାନ କରିବା କିଛି ଗୋଟେ ବିଚିତ୍ର କଥା ନୁହେଁ । ଅଥଚ ସ୍ଥାନର ଦୂରତା ଯେତେ ହେଉ ନା କାହିଁକି କିମ୍ବା ଦୂର ରାଇଜ ମୋତି ମାଣିକରେ ଯେତେ ଭରା ହୋଇଥାଉ ନା କାହିଁକି , ଆମ ଓଡିଶା ଆମ ଓଡିଆ ଆମ ପାଇଁ ଖୁବ ବଢିଆ । ଆମ କାୟ ମନୋବାକ୍ୟରେ ପରିପୂର୍ଣ୍ଣ ବସତି ସେମାନଙ୍କର । ଓଡିଆ ଭାବରେ ଗର୍ବିତ ହେବାର ସୌଭାଗ୍ୟ ଆମମାନଙ୍କୁ ସେଇଥିପାଇଁ ବୋଧେ ମିଳିଅଛି ।

ଭାରତବର୍ଷର ଅନ୍ୟତମ ପ୍ରାଚୀନଭାଷା ଆମର ପ୍ରିୟ ଓଡିଆଭାଷା । ମହାପ୍ରଭୁ ଶ୍ରୀଜଗନ୍ନାଥ ଯେଉଁ ରାଜ୍ୟ ଆଉ ଭାଷାର ଅଧୀଶ୍ୱର । କାହିଁ କେତେ କେତେ ବର୍ଷରୁ ନାନା ଘାତ ପ୍ରତିଘାତ ସତ୍ତ୍ୱେ ଓଡିଶା ରାଜ୍ୟ ଯେପରି ତା'ର ଅସ୍ତିତ୍ୱକୁ ହରାଇ ବସିନାହିଁ,ଠିକ ସେପରି ଆମ ମାତୃଭାଷା ଓଡିଆ । ହଜାର ହଜାର ବର୍ଷଧରି ଅପୂର୍ବ ଗାରିମାରେ ଆପଣାକୁ ଗୌରବାନ୍ୱିତ କରିଛନ୍ତି ଉଭୟ । ଏହା ବେଶ ହୃଦୟଙ୍ଗମ କରିହୁଏ ଯେତେବେଳେ ବାହାର

ରାଜ୍ୟରେ ଅଚାନକ କେବେ କୌଣସି ଜଣେ ଓଡିଆ ଭାଇଙ୍କୁ ଭେଟିଥାଉ ଅଥବା ଓଡିଶା ରାଜ୍ୟର ଉତ୍କର୍ଷତା ସମ୍ପର୍କରେ ଅବଗତ ହେଉ।

ଅଥଚ ସମ୍ପ୍ରତି ଉନ୍ନତିର ଦ୍ୱାହିରେ ପୂର୍ବପୁରୁଷଙ୍କ ଅମ୍ଳାନ ଯଶରେ ଆମେ କେମିତି କଳଙ୍କ ଲଗାଇବାକୁ ଆଗୁସାର ହୋଇଛୁ । ଭାବିଲେ ହୃଦୟ ବିଳପି ଉଠେ । ମନ ମଉଳି ଯାଏ । ନିଜକୁନିଜେ ପ୍ରଶ୍ନ କରିବସୁ- ସତରେ କଣ ଆମ ମାତୃଭାଷା ଓଡିଆ ଏମିତି ଏକ ବୈପ୍ଳବିକ ମୁହୁର୍ତ୍ତରେ ତିଷ୍ଠି ରହିବ ?

ଆଜି ଓଡିଆ ଭାଷାର ବିକୃତ ଉଚ୍ଚାରଣ ଅନେକ ଉଚ୍ଚଶିକ୍ଷିତଙ୍କୁ କେମିତି ମତୁଆଲ କରାଇଛି ।ଯିଏ ଯେତେ ଭଙ୍ଗୀରେ ଯେତେ ରଙ୍ଗରେ ତୁଚ୍ଛା ଆଟୋପରେ ଓଡିଆର ବିକୃତ ଉଚ୍ଚାରଣ କରୁଛି କିବା ବାକ୍ୟ ମଝିରେ ବିନା ଆବଶ୍ୟକତାରେ ଇଂରାଜୀ ଭଳି ଶବ୍ଦମାନଙ୍କୁ ବ୍ୟବହାର କରୁଛି ,ସିଏ ସେତେ ମାତ୍ରାରେ ଆପଣାକୁ ଉଚ୍ଚଶିକ୍ଷିତ ଆଉ ଅତ୍ୟାଧୁନିକ ବୋଲି ମନେ କରୁଛି । ପ୍ରତିବେଶୀ ଓଡିଆ ଭାଇମାନଙ୍କ କଥା କେବଳ ନୁହେଁ,ଯେଉଁମାନେ ଓଡିଶାରେ ବସବାସ କରୁଛନ୍ତି ସେମାନେ ମଧ୍ୟ ଏଥିରୁ ବାଦ୍ ଯାଉନାହାଁନ୍ତି । ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନଙ୍କରେ ପାଠପଢି ଥିବା ପିଲାମାନେ ନିଃସଙ୍କୋଚରେ କହିବାକୁ କୁଣ୍ଠିତ ହେଉନାହାନ୍ତି -ଆମେ ଭଲ ଓଡିଆ କହିପାରିବୁ ନାହିଁ ଅଥବା ଓଡିଆ ବହି ପଢିପାରିବୁ ନାହିଁ ବୋଲି । ସେମାନଙ୍କର ଏମିତି ମନ୍ତବ୍ୟରେ ବାପା ମାଆ କିବା ଅଭିଭାବକମାନେ ଦୁଖିତ ହେବା ପରିବର୍ତ୍ତେ ଆନନ୍ଦିତ ହେଉଛନ୍ତି। ସେଭଳି ବିଦ୍ୟାଳୟମାନଙ୍କରେ ଯେଉଁ ପ୍ରଭୁତ ଅର୍ଥରାଶି ବ୍ୟୟିତ ହେଉଛି,ତା'ର ମୂଲ୍ୟ ମିଳିପାରିଛି ବୋଲି ଗର୍ବ ଅନୁଭବ କରୁଛନ୍ତି।

ଓଡିଶାର ଅନେକ ବରପୁତ୍ରମାନଙ୍କ ନାମରେନାମିତ ଶିକ୍ଷାନୁଷ୍ଠାନମାନ ଆମ ଶିକ୍ଷା ରାଜ୍ୟର ଦିଗବାରେଣୀ । ଆମ ମୁରବୀମାନେ ସାମନ୍ତ ଚନ୍ଦ୍ରଶେଖର , ବକ୍ସିଜଗବନ୍ଧୁ, ମଧୁସୁଦନ, ଗଙ୍ଗାଧର କିବା ଫକିରମୋହନ, ଧରଣୀଧରଙ୍କ ଭଳି ବରପୁତ୍ର ମାନଙ୍କ ନାମରେ ଅନୁଷ୍ଠାନମାନ ସ୍ଥାପନା କରିଥିଲେ । ଏହାର ପ୍ରମୁଖ ଲକ୍ଷ୍ୟଥିଲା ଉତ୍ତରପୁରୁଷମାନେ ଏହି ନାମ ମାନଙ୍କୁ ଉଚ୍ଚାରଣ କରି ଯେପରି ଗର୍ବିତ ହେବେ, ଠିକ୍ ସେପରି ସେମାନଙ୍କ ଆଦର୍ଶରେ ଆପଣାକୁ ଗଢି ତୋଳିବେ । ଅଥଚ ଆମେ ସେହି ଅନୁଷ୍ଠାନମାନଙ୍କୁ ଏସ୍.ସି.ଏସ୍., ବି.ଜେ.ବି.,ଜି.ଏମ୍., ଏଫ୍.ଏମ୍.,ଡି.ଡି., ଭଳି ସଙ୍କୁଚିତ ନାମରେ ଉଚ୍ଚାରଣ କରି ସେମାନେ ମୌଳିକ ବିଚାରଧାରାକୁ ଯେପରି କୁଠାରଘାତ କରିଛେ , ଠିକ ସେପରି ଆଦର୍ଶକୁ, ତ୍ୟାଗକୁପାଶୋରିବସିଛେ। ସେଠାରେ ପାଠ ପଢୁଥିବା ଅବା ଚାକିରୀ କରୁଥିବା ଅନେକ ମଧ୍ୟ ଏହି ଅନୁଷ୍ଠାନମାନଙ୍କର ସମ୍ପୂର୍ଣ୍ଣ ନାମ ଜାଣୁନାହାଁନ୍ତି।

ଆଜି ସମୟ ଉପଗତ । ଚେତି ଚେତାଇବାକୁ ହେବ । ଯେଉଁଠାରେ ଥିଲେ ବି ଓଡିଆ ବୋଲି ଗର୍ବ କରିବାକୁ ହେବ । ମାତୃଭୂମି ମାତୃଭାଷାର ମମତାକୁ ହୃଦୟରେ ଆଙ୍କି ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବାକୁ ପଡିବ । ଆମର ପୂର୍ବ ପୁରୁଷମାନେ ଆମ ହାତରେ ଯେପରି ଏହି ଉନ୍ନତି ଗନ୍ତାଘରର ଚାବିକାଠି ଅର୍ପଣ କରିଯାଇଛନ୍ତି, ଠିକ୍ ଆମେ ମଧ୍ୟଆମଉତ୍ତର ଦୟାଦ ମାନଙ୍କହାତରେ ଅବିକଳସେଇ ଚାବିକାଠିକୁ ସମର୍ପଣ କରିବା।

ଆଜିର ପବିତ୍ର ଅବସରରେ ମୁଁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ଉକ୍ତ ସଙ୍ଗଠନର ଉତ୍ତରତ୍ତୋର ଉନ୍ନତି କାମନା କରୁଅଛି । ଜୟ ଜଗନ୍ନାଥ।

ବନ୍ଦେ ଉତ୍କଳ ଜନନୀ

ବିଜୟ ମହାନ୍ତି

ପ୍ରତିଷ୍ଠାତା ସଭାପତି

## LIFE MEMBERS 2022

Ajay Mohanty (Mitu)
Animesh Roul
Anup Samal
Ashok Das
Babuli Nayak
Banoj Kumar Pradhan
Basant Kr. Sahoo
Bibekanand Pattanaik
Bijay Pradhan
Bimalendu Sahu
Debashis K. Mohanty
Dr. Anil K. Goel
Dr. Sananta Sahoo
Jagdish Patra
Jiten Mohanlal
Jitendra Kumar Sahoo
Kaushik Thripathy
Litu Ch. Swain
Madhusudan Pothal
NayanKishor Das
Prakash Chandra Prusty
Priya Sahoo
Puspita Jena
Rakesh Prusti
Ram Ranjan Mohapatra
Ranjan Biswal
Ravi Lal Thapa
Samish Mohanty
Sanjay Bal
Sanjay Mohanty
Sanjit Das
Santosh Kumar Sarangi
Santosh Biswal
Saroj Das
Shibashis Mohanty
Sisir Rout
Sobhan Kar IRS
Soubhagya Bhol
Subrat Kr. Das
Sushant Kr. Das
Suvendu Das
Yashwanta Sharma

## MEMBERS 2022

Ajay Mohanty
Ajit Kumar Barek
Alok Das
Anam Sahoo
Arabinda Das
Aswinee Samantray
B K Rath
Bijay K. Mohanty
Bimal Prasad Samal
Debasis Goswami
Dhirendra Kr. Sahoo
Dinesh Kumar Sahu
Gajendra P. Samanta
Girija Sankar Das
Hemanta Rout
Hrudaya Ranjan Bhuyan
Litton Mukherjee
Major Umesh C. Nayak
Piyush Mohapatra
PrabhatKishorBhuyan
Prabhat Kumar Mohanty
Prabin Panda
Pradeep K Sahoo
Pradeep Rout
Pradeepta Bhuyan
Pradip Parija
Pranab Biswal
Prasanta Kr. Das
Prashant Nayak
Rabindra Nath Mishra
Ramnath Sahoo
Ranjan Kr Sahoo
Sagar Pradhan
Sandipta Rout
Sanjay Mohanty
Sanjay Subudhi
Sanjit Mohanty
Santanu Khuntia
Sasmita Mohanty
Sitakanta Das
Smurti Ranjan Sahoo
Subhransu Das
Sujata Das (F)
Sunil Mohapatra
Surajeet Patnaik
Surender Baxi
Suresh Ch. Behera
Suresh Swain
Suvendu Sahu
Tanka Dhara Dass

ADVERTISEMENT



# OUR SINCERE THANKS TO SPONSORS OF GANESH PUJA 2022

- Bimal Prasad Samal
- Aditi Mohanty
- Animesh Roul
- Ashwani Samantray
- Ashok Kumar
- Dr. Sananta Sahoo
- Pradeep Rout
- Ramnath Sahoo
- Madhusudhan Pothal
- Nayan Dash
- Surajeet Pattnaik
- Praveen Panda
- Dinesh Sahoo
- Pradeep Sahoo
- Saroj Pattnaik
- Ranjan Biswal Family
- Sandipta Rout



ADVERTISEMENT

# ଆମ ଓଡିଶା



ଇଂ ବିଜୟ କୁମାର ସେନାପତି

ବୀର ପ୍ରସବିନୀ ରାଇଜ ଓଡିଶା
ଖାରବେଳ ଯା'ର ପୁଅ
କପିଳେନ୍ଦ୍ର ଦେବ କାଞ୍ଚି ଅଭିଯାନ
ଭୁଲିଛ କି କେହି କୁହ ?
ଗଙ୍ଗା ତଟରୁ ଗୋଦାବରୀ ଯାଏ
ବିଶାଳ ବକ୍ଷେ ତା'ର
ଉଡୁଥିଲା ଦିନେ ବିଜୟ କେତନ
ହୋଇ କେତେ ଫରଫର ।
ସହସ୍ର ଗଜର ବାହିନୀକୁ ଦେଖି
ଡରୁଥିଲେ ଶତ୍ରୁସେନା
ମହାଭାରତରେ ଉଲ୍ଲିଖିତ ଅଛି
କଳିଙ୍ଗ ସେନା ବର୍ଣ୍ଣନା ।
ସମ୍ରାଟ୍ ଅଶୋକ କଳିଙ୍ଗ ଯୁଦ୍ଧେ
ବୁହାଇଲେ ରକ୍ତ ସୁଅ
ଲକ୍ଷେ ପାଇକ ହାଣିଥିଲେ କାଳେ
ତାଙ୍କର ଦଶା ବି କୁହ ?
ପାଞ୍ଚ ଲକ୍ଷ ସୈନ୍ୟ ମଗଧରୁ ପରା
ଯୁଦ୍ଧ ଆଶେ ଆସିଥିଲେ
କହିବକି କେହି କଳିଙ୍ଗ ସମର
ପରେ ସେ କୁଆଡେ ଗଲେ ?
ଏ ରାଜ୍ୟ ବଣିକ ଜାହାଜରେ ଜାଭା
ବାଲି ଦ୍ୱୀପେ ଯାଉଥିଲା
ଏବେ ବି ସେଠାରେ ପ୍ରଭୁ ଜଗନ୍ନାଥ
ପୂଜା ପାଉଛନ୍ତି ଭଲା ।
ଦାଶ, ସାହୁ, ମିଶ୍ର, ନାୟକ, ବେହେରା
ସାଙ୍ଗିଆ ତାଙ୍କର ଶୁଣି
ଗର୍ବ ଲାଗେ ଆମ ଓଡିଶା ମହାନ୍
ରାଇଜ ମଉଡମଣି ।
ଶେଷ ହିନ୍ଦୁରାଜା କୃଷ୍ଣଦେବରାୟ ଙ୍କର
ଥିଲେ ଯେ ଦ୍ୱିତୀୟ ରାଣୀ
ଅଟନ୍ତି ପରା ସେ ମୁକୁନ୍ଦ ଦେବ ଙ୍କ
ଅଲିଅଳି ଜେମାମଣି ।
କଳିଙ୍ଗ ସାଗରେ ହୁଏନ୍‌ସାଂ ପରା
ନୌଯାତ୍ରାରେ ଯାଇଥିଲେ
ଚୀନ୍ ଦେଶ ଯାଇ ଭ୍ରମଣ ବୃତ୍ତାନ୍ତ
ନିଜ ହାତେ ଲେଖିଥିଲେ ।
ହୀରାକୁଦ ଠାରେ ହୀରା ମିଳୁଥିବା
କଥା ବି ଲାଗଇ ସତ
ଇଂରେଜ ସାହେବ ଲର୍ଡ କ୍ଲାଇଭ୍
ଲେଖିଥିଲେ ଏହି ତଥ୍ୟ ।
ଉତ୍କଳ, କଳିଙ୍ଗ, ଓଡିଶା ରାଇଜ
ଅଟଇ ଆମର ଧନ୍ୟ
ତା ସନ୍ତାନ ଆମେ ରଖିବା ତା ମାନ
ହେଉ ଏହା ଆମ କାମ୍ୟ ।

******

ସି-୭୬, ସେକ୍ଟର-୨,
ରାଉରକେଲା-୭୬୯୦୦୬
ମୋ- ୮୮୯୫୫୦୦୯୯୨

# ବୋତଲ ବନ୍ଦନା



**ଡଃ.କୁଳାଙ୍ଗାର**

ବ ଅକ୍ଷର ତୁମ ବଳଦିଏ ତ ଟି ତତାଏ,
ଲ ରୁ ଲହଲହ କେତେବଡ ଶରୀରଟି ହୁଏ ।
କେବେ ମୋଟା ପୁଣି କେବେ ତମେ ଅଟ ସରୁ,
ତମକୁ ମାନିଚି ମୁଁ ମୋର ଦ୍ରୋଣଗୁରୁ ।

ଆଗେ ଥିଲ ମାଟି ତୁମେ ତା ପରେ କାଚ,
ପ୍ଲାଷ୍ଟିକ୍ ରୂପରେ ସାରା ବିଶ୍ୱକୁ ଘାଂଟୁଚ ।
ଇସ୍ପାତ, ତମ୍ବା ଓ ଆଲୁ ମିନିୟମ ଦେହେ,
ଖେଳ କରୁଛ ସବୁଠି ତୁମେ ବୋତଲ ହେ ।

ହେ ବୋତଲ ତୁମେ ଅଟ ଅନେକ ଆକାର,
ଦେଶୀ ହେଉ ବା ବିଦେଶୀ ତୁମେ ଏକାକାର ।
ଜାତି ଧର୍ମ ଭେଦଭାବ ତୁମର ତ ନାଇଁ,
ନର-ନାରୀ, ଧନୀ-ଦୀନ ଦିଅ ହେ ଦୂରେଇ ।

ଧେଡିଆକୁ କରିପାର ତୁମେ ବଳଶାଳୀ,
ମୂଷା ମଧ୍ୟ ଚାଲିଥାଏ ସିଂହରାଜା ଭଳି ।
ଯେବେ ସ୍ୱଦେହରେ ତୁମ ଦରଶନ ପାଏ,
ଖଟିଆରେ ଶୋଇଥିବା ରୋଗୀ ଉଠିଯାଏ ।
ନାରୀ ସଶକ୍ତୀକରଣ ତୁମ ହାତକଥା,
ନାରୀର ଦେହରେ ତୁମେ ଅଟ ଦମ୍ଭଦାତା ।
ଯେଉଁନାରୀ ପାଶେ ତୁମେ ଥାଅ ସଜ ହୋଇ,
କେହି ଦୂରାଚାରୀ ତାଙ୍କ ପାଖ ପଶେନାଇଁ ।
ତୁମେ ଅଟ ଆମ ଅର୍ଥନୀତିର ଈଶ୍ୱର,
ଦେଶରେ ସମୃଦ୍ଧି ଆଣେ ତୁମ କାରବାର ।
ମାତ୍ର କେତେଟଙ୍କା ସିନା ଜଣେ ଗଣିଦିଏ,
ଅଗଣିତ ସୁଯୋଗ ସେ ସୁବିଧାରେ ଦିଏ ।

ହେ ବୋତଲ କଳବଳ କଉଶଳଦାତା,
ତୁମ ଯୋଗୁ ନେତା ହୁଏ ଭୋଅଟ ବିଜେତା ।
ତୁମ ଯୋଗୁ ଯେତେ ସବୁ ବିବାହିତ ସ୍ୱାମୀ,
ବଂଚିଯାନ୍ତି ନିର୍ଯ୍ୟାତନା ଯାତନାକୁ ଭ୍ରମି ।

ବୋତଲ ଜୀବନ ଆମ ବୋତଲ ବିଶ୍ୱାସ,
ବୋତଲ ଚଳାଏ ଆମ ନିଶ୍ୱାସ ପ୍ରଶ୍ୱାସ ।
ବୋତଲରେ ଭରିଅଛି ଭାଇଚାରା ଭାବ,
ବୋତଲ ଖୋଲିଲେ ଶାନ୍ତି ପ୍ରତିଷ୍ଠା ହୋଇବ ।

ବୋତଲ ନଥାନ୍ତା ଯଦି ଏଇ ଜଗତରେ,
ଅସୁବିଧା କେତେ ହେଉ ନଥାନ୍ତା ସତରେ ।
କି ବର୍ଣ୍ଣିବି ତୁମ ଗୁଣ ଅଛି ତ ଅନେକ,
ନୁହେଁ ତୁମେ ଖଳ ବରଂ ଅଟ ତ ନାୟକ

ହେଇଦେଖ ଯିଏ ଏଇ କବିତା ପଢନ୍ତି,
ବୋତଲ ଶୁଣି ଓଲଟା ବିଚାର କରନ୍ତି ।
ଯଦିଓ ମୁଁ ବୋତଲ କଥା ହିଁ ଲେଖିଛି,
ଖାଲି ବୋତଲରୁ ତାଙ୍କୁ ମଦ ବାସୁଅଛି ।

******

ମାର୍ଫତ- ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ, ଡାକ-ଅଲରା,
ନରସିଂହପୁର, କଟକ କ୍ରିଂ କ୍ରିଂ- 9338581309
ଇମେଲ୍: dr.kulangar@gmail.com

# ଆତ୍ମଘାତୀ



**ତାରିଣୀ ଚରଣ ସାହୁ**

ଯୁକ୍ତିରୁ ଯେ ତିକ୍ତତା ଜନ୍ମ ନିଏ
କୁହ ବନ୍ଧୁ ତା'ର ଗୁଣ, ଧର୍ମ, ପାର୍ଶ୍ୱ ପ୍ରତିକ୍ରିୟା
କୁହ ବନ୍ଧୁ ବନ୍ଧୁତାର ମଧୁର ବେଢାରେ
କିଆଁ ଜଳେ ଆକସ୍ମିକେ ଯନ୍ତ୍ରଣାର ନିଆଁ!
ହେ ବନ୍ଧୁ! ଯୁକ୍ତି ଏକ ମଧୁରତା ଶୂନ୍ୟ ଆତ୍ମ ପ୍ରବଞ୍ଚନା
କଠୋର ବା ମଧୁର ଶବ୍ଦରେ ଯୁକ୍ତିର ତିକ୍ତତା
ସମ ସ୍ୱାଦ ଲାଗିଥାଏ ସିନା ।

ମଧୁ ମଧୁ ଭାବନାରୁ କେବେ ବି ଉଦ୍‌ଗମେ ନାହିଁ
ଯୁକ୍ତିର ଅଙ୍କୁର
ଦୈବାତ୍ ଏ ବୀଜ; ପରିଣତି ଶୂନ୍ୟ ଭାବନାରୁ ଅଙ୍କୁରିତ ହେଲେ
ଚାହୁଁ ଚାହୁଁ ମହାଦ୍ରୁମେ ହୁଏ ରୂପାନ୍ତର ।
ସୁରଭି ଶୂନ୍ୟ କୁସୁମ ବିମଣ୍ଡି ବୃକ୍ଷ କିଶଳୟେ
ବାଧ୍ୟ ମନୋରମ ଭ୍ରମ ସୃଷ୍ଟି କରେ
ଏ ବୃକ୍ଷ ପୁଷ୍ପଜମାନ ପୁଷ୍ଟ ଦୃଶ୍ୟମାନ ହୋଇଥାଏ ସିନା
ନିଷ୍କେଷଣ ପରିଣତି ତ୍ୟକ୍ତ ସର୍ବକାଳେ ।

ଏ ଝଡ ଅଦୃଶ୍ୟେ ତୀବ୍ର ବହମାନ
ଶୂନ୍ୟ ପାବକରେ ଆଗ୍ନେୟ ଦହନ ।
ଶୂନ୍ୟକ୍ଷଣେ ସବୁ କିଛି ନିଃଶେଷ ନିଃସାର ଏ କରେ
ବେନି ଅଗ୍ନିହୋତ୍ରୀ ଶ୍ରୁବଗର୍ଭା ଘୃତ ସମୃଧ ପ୍ରାବଲ୍ୟେ
ଆତ୍ମକୃତ ବାକ୍ୟ ବେଦୀ ଅଗ୍ନିତ୍ପାତ କରେ ।
ପ୍ରୀତି ସ୍ନିଗ୍ଧ ଭାବ ହର୍ମ୍ୟମାନ ନିମିଷକେ ଭାଙ୍ଗେ
ବିମଳ ମଙ୍ଗଳ ଚେତନାମାନ ଛାରଖାର କରେ ପଲକରେ ।

ହେ ବନ୍ଧୁ! ବନ୍ଧୁପଣ ପରିପୂର୍ଣ୍ଣ ହେଉ
ପ୍ରୀତି ବିଲେପିତ ବାକ୍ୟ ବିନିମୟେ ।
ସାଧୁ ସାବଧାନ ।
ଯୁକ୍ତିର ତିକ୍ତତା
ତିକ୍ତତାରୁ ନାନା ଭେଦ ବି ସମ୍ବାଦମାନ
ରକ୍ତବୀର୍ଯ୍ୟ ସମ ଆସିଥାନ୍ତି ମାଡି
ଏ ରୁକ୍ଷ କ୍ଷଣରେ ମମତାର ଶକ୍ତରଜ୍ଜୁ ଶ୍ରେଣୀ
ଆସହାୟେ ଯାଇଥାନ୍ତି ଛିଡି ।

ପ୍ରିୟଜନେ! ବନ୍ଧୁପଣ ଆଭୂଷଣ ଶ୍ରେୟ ସିନା;
ବନ୍ଧୁ ପ୍ରତି ସ୍ନେହଶୀଳ ପରାମର୍ଶମାନ,
ଅତଏବ ବେଳ ଥାଉଁ ଆତ୍ମଘାତୀ ଯୁକ୍ତିରୁ ନିଷ୍କ୍ରମ!

******

ସଭାପତି- ଉତ୍କଳ ଗୀତିକବି ସମାଜ, ରାଉରକେଲା
ଘର. ନଂ – ଜେ.ଜି-୧୦୮, ଜଗଦା, ରାଉରକେଲା
ପିନ୍ – ୭୬୯୦୪୨

# ତପଚାରୀ ଘରମଣୀ



**ବ୍ରଜବିହାରୀ ଦାଶ**

ଭାରି ତପଚାରୀ ଭାରିଯାଟି ମୋର
ବାରମାସେ ତେର ବ୍ରତ
ଉପବାସେ ରୁହେ ମନ୍ଦିରକୁ ଯାଏ
ଆସୁ ଯେତେ ପ୍ରତିଘାତ
ଦେବଙ୍କୁ ମାଜଣା ଦ୍ୱିଜକୁ ଦକ୍ଷିଣା
ଏ କଥା ନିରାଟ ସତ ।୧।
ପ୍ରତି ମାସେ ଦୁଇ ଏକାଦଶୀ ବ୍ରତ
ପୁଣି ଶିବ ଚତୁର୍ଦ୍ଦଶୀ
କେବେ ଫଳାହାର କେବେଜଳାହାର
ଦେବ ଦ୍ୱିଜ ଯହିଁ ଖୁସି
ଭିକାରୀକୁ ଦାନ ବେଶୀ
ଦୁଃଖ ମୁଁ କରଇ ମୋ ଅର୍ଜିତ ଧନ
ସେ ବାଟରେ ଯାଏ ଭାସି ।୨।
ବଡି ସକାଳରୁ ନଗିଟିଏ ଧରି
ଆବାଡି ତା'ବାଡି ଧାଏଁ
ସବୁ ଠାକୁରଙ୍କ ମନଲାଖି ଫୁଲ
ଚୋରାଇ ଯୋଗାଡି ଥାଏ
ଶିବେ ଚମ୍ପା କନିଅର
କୃଷ୍ଣଙ୍କୁ ତୁଳସୀ ଲକ୍ଷ୍ମୀଙ୍କୁ ଗୋଲାପ
ଦୁର୍ଗାଙ୍କ ଜବା ମନ୍ଦାର ।୩।
ଛଅ ଠାରୁ ନଅ ଦୀର୍ଘ ତିନି ଘଂଟା
ଚାଲିଥାଏ ପୂଜାନୀତି
କାହାକୁ ଗୋଗୁଳ କାହାକୁ କର୍ପୁର
କା ପାଇଁ ଅଗରବତୀ
ପୂଜାଘରେ ଦିଅଁ ଭର୍ତି
ମୁଁ ଖାଅଇ ଚୁଡା ସେ ଉପାସ ଥାଏ ନିତି ।୪।
ଚାନେଲ ଦେଖିଣ ଜ୍ୟୋତିଷ କଥାରେ
ଘରେ ହୁଏ ରନ୍ଧାବଢା
ନିଷିଦ୍ଧକହିଲେ ରନ୍ଧା ଦ୍ରବ୍ୟସବୁ
ବାହାରେ ହୁଏ ଫୋପଡା
ପୁଣି ବଜାରକୁ ଯାଅ
ରନ୍ଧାବଢା କାର୍ଯ୍ୟ ଡେରି ହୋଇଯାଏ
ତିନିଟା ବେଳକୁ ଖାଅ ।।୫।।
କେଉଁ ବାରେ କାହା ରାଶି ପାଇଁ ଭଲ
ସେ ରଙ୍ଗ ପୋଷାକ ପିନ୍ଧି
ଅଫିସ ସହିତେ ବାହାରଯିବାକୁ
ସଭିଙ୍କୁ କରନ୍ତି ଯିଦି
ନ ହେଲେ କରନ୍ତି ପାଟି
ସଭିଙ୍କ ଆପତ୍ତି ମୋହରି ପାଖରେ
ମୁ କଲେ ଜୀବନ ମାଟି ।।୬।।

କହିଲି ବୁଝାଇ ଏତେ ଦିଅଁ କିଆଁ
ଗୋଟିଏକୁ ପୂଜାକର
ମୁସଲମାନ ଆଲ୍ଲା ଖ୍ରୀଷ୍ଟିୟାନ ଯିଶୁ
ତେତିଶି କୋଟି ଆମର
ବାମା ବୁଝେଇଲେ ହସି
ଗୋଟିଏ ଡାକ୍ତର ଏତେ ରୋଗୀଙ୍କୁକି
ମେଡିକାଲେ ଦେଖେ ବସି ।।୭।।
ଆଖି ପାଇଁ ଲୋଡା ଆଖି ଡାକତର
ନାକ କାନ ପାଇଁ ଅନ୍ୟ
ଆଣ୍ଠୁ ପାଇଁ ଅର୍ଥୋ ଘାଆକୁ ସର୍ଜରୀ
କେ ଦେଖେ ଆମ ନୟନ
କେ ଦିଏ ଇଂଜେକସନ
ଦାନ୍ତ ପାଟି ହାର୍ଟ କିଡିନି କଲିଜା
କିଏ ଲେଖେ ମେଡିସିନ ।।୮।।
ଏହିପରି ଆମ ଦେବାଦେବୀମାନେ
କରି ନେଇଛନ୍ତି ଭାଗ
ତୁମ ପାଇଁ କରେ ସଙ୍କରାନ୍ତି ପୂଜା
ବ୍ରାହ୍ମଣଙ୍କୁ ଜଳଯାଗ
ପୁଅ କରିବ ଚାକିରୀ
ସେ ପାଇଁ କରଇ ଶିବ ଚତୁର୍ଦ୍ଦଶୀ
ପୂଜଇ ହରଗଉରୀ ।।୯।।
ଝିଅ ପାଇଁ କରେ ସନ୍ତୋଷୀମା ବ୍ରତ
ନାତି ପାଇଁ ଶନିଦେବ
ନାତୁଣୀ ପାଇଁକି ଲକ୍ଷ୍ମୀସରସ୍ୱତୀ
ସର୍ବ ସୁଲକ୍ଷଣୀ ହେବ

ଇସାଇ ମୁସଲମାନ
ଗୋଟିଏ ଠାକୁର କି ଆଶିଷ ଦେବେ
ତାଙ୍କର ପ୍ରେସର ଜାଣ ।୧୦।
ଖାଦ୍ୟ ପୋଷାକ ମୋଜା ତୁମ ଅଭିଯୋଗ
ଔଷଧ ସହିତେ ପଥ୍ୟ
ଲୋଡା ହେଲାପରି ଜ୍ୟୋତିଷ ଆମର
କହୁଛନ୍ତ ପଢି ପୋଥି
ଅନ୍ୟ ଧର୍ମେ ତାହା ନାହିଁ
ତେଣୁକରି ସାରା ଜଗତ କହଇ
ଭାରତକୁ ଦେବଭୂଇଁ ।।୧୧।।
ବଡ ମେଡିକାଲ ଅମରି ମନ୍ଦିର
ମାଳମାଳ ଡାକତର
ହେଲଥସେଣ୍ଟର ଚର୍ଚ୍ଚ ମସଜିଦ
ତୁଳନା ଆଉ ନକର
ବୁଦ୍ଧି ବଣା ହେଲା ଶୁଣି
ଶ୍ରୀ ବରଜ ଦାଶ ମୁଣ୍ଡ ନଇଁ ଦେଲା
ଧନ୍ୟ ମୋର ଘରମଣି

***

ବି/୬୪,ସେକ୍ଟର-୧୭
ରାଉରକେଲା-୩
ମୋ- ୯୮୫୩୯୬୩୫୯୫

# ବେଡରୁମ୍



ସୁସ୍ମିତା ମହାପାତ୍ର

ଏପଟେ ଚାଞ୍ଚ ଉପରେ ସାତସିଆଁ ଦଦରାକୋତରା କନ୍ଥା,
ଅନ୍ୟପଟେ ଶଂଖ ମଲମଲ କମକୁଟ ପଲଙ୍କରେ
ଗୋଲାପ ନରମ ଶଯ୍ୟାର ବ୍ୟବସ୍ଥା ।
ଏପଟେ ଦମ୍ପତିଙ୍କର ମହାସୁଖର ଚଉଠି ରାତି,
ଅନ୍ୟପଟେ ହନିମୁନ୍, ପ୍ରେମ, ପ୍ରଣୟ, ପୀରତି ।
ରାତି ଅନ୍ତେ ଦିନ, ଦିନ ଅନ୍ତେ ରାତି,
ଗଡ଼ିଚାଲେ ଅଙ୍କ ପରେ ଅଙ୍କ, କାହାଣୀର ଗତି ।
କେହି ଜୀଇଁଯାଏ ସାରାଦିନ ସଜ ମଲ୍ଲୀଫୁଲର ଗଜରାଟିକୁ
ଚୁମିଚୁମି ଆବେଗେ ଅଧୀରେ,
କିଏ ଚୋଟ ଖାଏ ବାରବାର, ଗଳାରେ ଗୁଡ଼ାଇ ହେଇଥିବା
ଅମୂଲ୍ୟ ରତ୍ନମାଳାର ବିଷାକ୍ତ ଫଣାରେ ।
କିଏ ପୁଲକରେ ପୁଲକିତ, କିଏ ଜହରରେ ଜର୍ଜରିତ,
କାହାପାଇଁ ବାହାଘର ଅତୁଟ ବନ୍ଧନ
କାହାପାଇଁ କେବଳ ଚୁକ୍ତିରେ ସ୍ୱାକ୍ଷର ।
କେବେ ହସଖୁସି କୋଳାକୋଳି ତ କେବେ ପିଟାମରା, ରାଗରୁଷା,
ମେହନତି ମଣିଷର ଏଇତ ଜୀବନ ଜୀଇଁବାର ନିଛକ ପରିଭାଷା ।
ଅନ୍ୟପଟେ, ରାତି ବଦଳିଲେ ବଦଳିଯାଏ ପ୍ରୀତି,
ପତ୍ନୀ ଯାଏ ଡେଟିଂରେ ଆଉ ପତି କାଟେ ବାର୍‌ରେ ସାରା ରାତି ।
ନଥାଏ ମାଡ଼ଗୋଳ, ନଥାଏ କୋଳାହଳ,
ନୀରବ ଯୁଦ୍ଧର ଦୁହେଁ ପରାହତ ସୈନିକ କେବଳ ।
ଏପଟେ ନିଶା ତା'ର ତୁଟିଗଲେ
ମାତାଲ ଗେରସ୍ତ ଉଠେ ଅର୍ଦ୍ଧ ନିଶୀଥରେ,
ଭାର୍ଯ୍ୟା ସବୁ ପୀଡ଼ା ଭୁଲି ପୁନଶ୍ଚ ନିଜକୁ ସମର୍ପି ଦିଏ
ଗେରସ୍ତ ପାଶରେ ।
ରାତିଏ ରତିରେ କେତେ ସ୍ୱପ୍ନ ଚେଇଁଯାନ୍ତି,
ପ୍ରତିଶ୍ରୁତି ଦ୍ୟନ୍ତି କାଟିବାକୁ ସାଥେ ଜନ୍ମ ଜନ୍ମାନ୍ତର,
ଅନ୍ୟପଟେ ମତାନ୍ତରରୁ ମନାନ୍ତର, ମନାନ୍ତରରୁ ପୁଣି ଶଯ୍ୟାନ୍ତର,
ସମ୍ଭ୍ରାନ୍ତ ପରିବାରର ଏ ଗହନ ଗୁମର ।
ବେଡରୁମର ଆବଦ୍ଧ କାନ୍ଥ ଡେଇଁ କେସ୍ ପହଞ୍ଚେ କାଠଗଡ଼ାରେ,
ମୁହୂର୍ତ୍ତକେ ମନ ଫାଟେ, ଭଙ୍ଗା ପଡ଼େ ସମ୍ପର୍କରେ ।
ଝିଙ୍କାଝିଙ୍କି ଝଗଡ଼ାରୁ ଝରିଆସେ ଏପଟେ
ନିବିଡ଼ ଆତ୍ମୀୟତାର ଅମୃତ ଝର,
ଅନ୍ୟପଟେ ରାତିର ବେଶ୍ୟା ସକାଳକୁ ସତୀ ପରି
ଦୀର୍ଘ ମଉନତା ଭେଦି ଫିଟିପଡ଼େ ଜ୍ୱାଳାମୁଖୀ,
ନିମିଷକେ ପ୍ରିୟ ହୁଏ ପର ।
କାହିଁ କେବେ ଝରୁଥାଏ ଦାମ୍ପତ୍ୟର ଅମୃତ ନିର୍ଝର
ଆଉ କାହିଁ ଚାଲିଥାଏ, ଈର୍ଷା, ଦ୍ୱେଷ, ଅହଂକାର, ଜଟିଳତା,
କୁଟିଳତା, ପ୍ରତାରଣା, ବିଡ଼ମ୍ବନା, ବର୍ବରତା,
ହତାଶା ଓ ନିରାଶାର ଭୀଷଣ ତାଣ୍ଡବ ।
ଉଭୟ ବେଡରୁମର ଅବୟବ ଯଦିବା ସମାନ
ଭିନ୍ନ କିନ୍ତୁ ଧର୍ମ ଓ ବେଭାର ।

******

ସରକାରୀ ଉଚ୍ଚ ବିଦ୍ୟାଳୟ, ସେକ୍ଟର-୧୬
ରାଉରକେଲା-୩, ସୁନ୍ଦରଗଡ଼
ଫୋନ୍ ନଂ-୯୪୩୭୫୦୩୧୩୮

# ବର୍ଷା-ବସନ୍ତ-ବୈଶାଖ



**ଯମେଶ୍ୱର କହଲସିଂହ**

ଚତୁରଙ୍ଗ ମାଖି
ଧରାକୁ ଆସିଛି
ରୂପସୀ ବରଷା ରାଣୀ
ମଙ୍ଗୁଳା ମାଟିର
ଦେହ ଭିଜାଉଛି
ବରଷା ବାଡୁଅ ପାଣି ।।୦।।

ଲବଙ୍ଗ ଦ୍ୱୀପର
ସପନ ଦେଖୁଛି
ଶିରାବଣେ ବିରହିଣୀ
ତନୁ ଲତିକାରେ
କଂପନ ତୋଳେ
ମେଘର ପଣତ କାନି,
ସଜଳ ଛୁଆଁରେ
ମନ-ମହକଇ
ବରଷା ସଙ୍ଗୀତ ଶୁଣି ।।୧।।

ବସନ୍ତ ଆସିଛି
ମଳୟ ହସୁଛି
କୋଇଲିର ଗୀତ ସୁରେ
ଫଗୁରେ ଫଗୁଣ
ଝୋଟି ପକାଉଛି
ହୋଲି, ଦୋଳ ପୁନେଇରେ,
ଚୋରା ଚଇତାଳି
କାନେ କହିଯାଏ
ତୁମ ମନ କଥା ଜାଣି ।।୨।।

ବଇଶାଖ ଆସେ
କୃଷ୍ଣଚୂଡ଼ା ହସେ
ମାଟି ମାଆ ଛାତି ଫାଟେ
ଖରାର ଧାସରେ
ମନ କାନନରେ
ବେଦନାର ଫୁଲ ଫୁଟେ,
ବଇଶାଖ ମୋର
ତଥାପି ନିଜର
ମନକୁ ନିଅଇ କିଣି ।।୩।।

******

ଲୋକିପୁର, ଗଡମାଣତୀର, ଖୋର୍ଦ୍ଧା – ୭୫୨୦୬୨
ମୋ: ୯୯୩୭୪୭୨୧୧୮

KABITA

# ବୃଥା-ଚିନ୍ତା



ବିନୟ ମୋହନ ଦାସ

ମୋର ବି ଭାରି ଇଛା
କରନ୍ତି ଭୀଷ୍ମ ପ୍ରତିଜ୍ଞା
ସମସ୍ତଙ୍କୁ ଏକତ୍ର କରାଇ
ରଖନ୍ତି ଏକ ଯାଚଜ୍ଞା,

ସମାଜେ ଯେତେ କଳୁଷ
କର ହେ ମୂଳୋତ୍ପାଟନ
ଭଦ୍ର- ମୁଖା ପିନ୍ଧା ବ୍ୟକ୍ତିଙ୍କୁ
କର ହେ ଅବଲୋକନ ।

ପାପ ର ଭାରାକ୍ରାନ୍ତରେ
ସମାଜ ଉଦବେଳିତ
ପାପୀ ତ ପିନ୍ଧିଛି ମୁଖା
ଚିନ୍ତା ତା' ଅତି କୁତ୍ସିତ,
ଉଇ ପରି ଖାଇଚାଲିଛି
ରଖୁଛି କଅଣ ବାକି
ଅଧର୍ମ ଏତେ ବଢାଏ
କେହି ତ ପାରେନି ରୋକି ।

ପାପ ତା' ଏତେ ବ୍ୟାପୁଛି
ଧର୍ମ ଯେ' ଡରି ଲୁଚୁଛି
ପାପୀ ର ଐକ୍ୟ ରାଜତ୍ୱେ
କିଏ ବା' ମୁହଁ ଖୋଲୁଛି ?
ସର୍ଗେ ରହି ଭୀଷ୍ମଦେବ
କହନ୍ତି ମୁହଁ ଛିଂଛାଡି
ଦେଖନି 'ପ୍ରତିଜ୍ଞା' ସପ୍ନ
ପାପୀ ସେ' ଦେବ ଓପାଡି ।

*****

# ଦୁଇଟି ସ୍ତବକ



ବିଶ୍ୱେଶ୍ୱର ମାଝୀ

## ଜାତିର ଜନକ

ସ୍ୱାର୍ଥପରତା ଯେ ଦେଶ ରକତେ କାଟି ସାରିଥିଲା ଗାର
ପୋର ବନ୍ଦରର ଅମଳିନ ଆତ୍ମା କଲ ତାକୁ ଏକାକାର !!
ହିନ୍ଦୁ ମୁସଲିମ ଶିଖ୍ ଈଶାଇ ରାଜା ରଂକ ଏକ କରି
ଗଢିଲ ବିରାଟ ଅହିଂସ ଫଉଜ ନିର୍ଜୀବରେ ପ୍ରାଣ ଭରି ।
ଫୁଂଗୁଳା ଦେହରେ ଫିରଂଗି ଫଉଜ ସାଥେ ନିରସ୍ତ୍ର ଲଢେଇ
'ଭାରତ ଛାଡ' ରେ ଛାଡି ପଳାଇଲେ ଲୋଟା କମ୍ବଳ ଗୁଡାଇ ।
ଦେଶ ବିଦେଶରେ ପ୍ରତିମୂର୍ତ୍ତି ଯାର ପୂଜା ପାଏ ଛକେ ଛକେ
ଶତ ଶହସ୍ର ପୁସ୍ତକ ଯା ନାମେ ସଂହିତା ଲୋକମୁଖେ ।
ଗାନ୍ଧୀବାଦ ପରି ବିରଳ ଦର୍ଶନ ସସାଗରା ଧରା ଖ୍ୟାତ
ଏକାଦଶ ଅବତାର ଗଣିବାକୁ ଦାବି ହୁଏ ଅବିରତ ।

ଦେଶ ବିଦେଶରେ ପ୍ରତିମୂର୍ତ୍ତି ଯାର ପୂଜା ପାଏ ଛକେ ଛକେ
ଶତ ଶହସ୍ର ପୁସ୍ତକ ଯା ନାମେ ସଂହିତା ଲୋକମୁଖେ ।
ଗାନ୍ଧୀବାଦ ପରି ବିରଳ ଦର୍ଶନ ସସାଗରା ଧରା ଜ୍ଞାତ
ଏକାଦଶ ଅବତାର ଗଣିବାକୁ ଦାବି ହୁଏ ଅବିରତ ।
ପଂଚାଅଶୀ ମୂର୍ତ୍ତି ପୂଜା ପାଏ ଦେଶେ ଆମ ରାଇଜରେ ଦୁଇ
ବିଶ୍ୱ ଇତିହାସେ ବିରଳ ବ୍ୟକ୍ତିତ୍ୱ ଦ୍ୱିତୀୟ ମିଳିବ କାହିଁ ।
ଚର୍ଚିଲ୍ ପାଛୋଟି ନେଉଥିଲେ ଯାରେ ବିଦେଶୀ ଶିଷ୍ୟ ଅନେକ
କୁଟି ଖାଅ କାଟି ପିନ୍ଧ ଚରଖାର ପ୍ରଚଳନ ରଖେ ଟେକ ।
ଉଠିପଡୁ ଥିଲେ ବିଲାତି ହାକିମ ବିଚାରାଧିନ ଯେ ଦେଖି
ଦେଢ ଶହ ବର୍ଷ ପୂର୍ତ୍ତି ଜନ୍ମର ପାରିବୁ ସମ୍ମାନ ରଖି !!
ମାନବବାଦର ଜୀବନ୍ତ ପ୍ରତିମା ଜନମି ଥିଲ ଭାରତେ
ଅହିଂସା ପୂଜାରୀ ଛାପ ଛାଡିଗଲ ସତ୍ୟାଗ୍ରହ ଏ ମରତେ ।
ତୁମ ଆଦରଣେ ଦକ୍ଷିଣ ଆଫ୍ରିକା ଲଭି ଶୃଙ୍ଖଳ ମୁକତି
ମହାମନା ଆହେ 'ମହାତ୍ମା' ନାମରେ କି ବର୍ଣ୍ଣିବି ମୁଢମତି ।
ବ୍ୟଥିତ ହୃଦୟେ ଲେଖୁଛି ବାପୁହେ ଆଉଥରେ ଫେରିଆସ
ଲଂଗଳା ଫକୀର ଦେଖି ଅପଗଣ୍ଡ କରିବେ କାଳେ ବିଶ୍ୱାସ !!

## ଶାନ୍ତିଦୂତ

ଦୁଇ ଅକ୍ଟୋବର ଦୁଇ ମହାମନା ଜନମି ଭାରତ ଦେଶେ
ଅହିଂସା ପୂଜାରୀ ଶାନ୍ତିର ପ୍ରହରୀ ଆସି ଦେବଦୂତ ବେଶେ ।
ଲାଲବାହାଦୁର ଆଲାହାବାଦର କାଶୀ ବିଶ୍ୱନାଥ ଦେବ
ଅବତରି ଅବା ମାନବ ରୂପରେ ଖର୍ବ କିନ୍ତୁ ଅପୂର୍ବ ।
ପ୍ରଧାନ ମନ୍ତ୍ରୀଂକ ମଧରେ ପ୍ରଦୀପ ଶାନ୍ତ ଅଥଚ ଦୃଢ
ପଡୋଶୀକୁ ଯୁଦ୍ଧେ ପରାଭବ ଦେଲ ଛାଡି ପଳାଇଲେ ମୁଢ ।
ଦୁର୍ନୀତିର ଛାୟା ଛୁଇଁନି ତୁମକୁ ସରଳ ଜୀବନ ଧାରା
ଉପଯୁକ୍ତ ମାନ ଦେଲ ଜୟ ଜବାନ୍ ଜୟ କିଶାନ୍ ନାରା ।
ତାସକେଣ୍ଟ ଚୁକ୍ତି ଫାଶ ହୋଇ ନେଲା ମହାନ ଜନନାୟକ
ଅକ୍ଟୋବର ଦୁଇ ସାର୍ଥକ କରିଛ ମହାନ ଦିବସ ଟେକ ।
ଏପରି ବିରଳ ଦିନ ଆଜି ପାଳୁ ସ୍ୱଚ୍ଛ ଭାରତ ରୂପେ
ମନ ଅଳିନ୍ଦରୁ ଅଳିଆକୁ ସଫା କଲେ ତାହା ଦୃଢ ବ୍ୟାପେ ।

******

୩୬୬/୧, ଅଳକାପୁରୀ, ଡମଣା,

## ମାଆ



ରାମ ଚନ୍ଦ୍ର ପ୍ରଧାନ

ଯିଏ ହଜି ଯାଇଥିଲେ ଖୋଜେଇ ଦିଏ, ଭାଙ୍ଗି ଯାଇଥିଲେ ଗଢେଇ ଦିଏ, ଖୁଦ କଣିକାରେ ପେଟ ପୂରେଇ ଦିଏ, ପଣତରେ ଢାଙ୍କି ଭୟ ଦୂରେଇ ଦିଏ ... ସେ ମାଆ .. କେବଳ ସେ ହିଁ ମାଆ । ଯାହାର "ଆହା" ପଦର ତୁଳନା ନାହିଁ, ଯାହାର ଭଲ ପାଇବାର ପଟାନ୍ତର ନାହିଁ... ସେ ମାଆ... କେବଳ ସେ ହିଁ ମାଆ । ସେ ମମତାର ମଧୁସ୍ରାବୀ ସ୍ରୋତ, ସେ ଅସରନ୍ତି ସ୍ନେହର ପତିତପାବନୀ ଗଙ୍ଗା ଆଉ ସେ ବାତ୍ସଲ୍ୟ ପ୍ରେମର ସୀମାହୀନ ସାଗର । ଯିଏ କିଛି ଲୋଡେନା ଖାଲି ଦେଇ ଚାଲେ, ଯିଏ କିଛି ମାଗେନା ଖାଲି ବାଣ୍ଟି ଚାଲେ...ସେ ମାଆ.. କେବଳ ସେ ମାଆ । ଶିଶୁର ଦାରୋଟିରେ ପଉଟୁ ଥିବା ଆଦ୍ୟ ଅକ୍ଷର ମାଆ, ପ୍ରବଣ ଓଁ କାରର ପବିତ୍ର ପ୍ରତିଧ୍ୱନି ମାଆ, ସେ ମାଆ... କେବଳ ସେ ମାଆ ।' ମାଆ..ବାସ୍... କେବଳ ଏତିକି ହିଁ ଯଥେଷ୍ଟ; ଦୁନିଆର ସବୁ ସୁଖ, ସବୁ ସମ୍ପତ୍ତି, ସବୁ ଐଶ୍ୱର୍ଯ୍ୟ ଊଣା ପଡି ଯାଏ...ସେଇ ଏକାକ୍ଷର ସମ୍ବୋଧନ (ମାଆ) ନିକଟରେ । କିଏ ବା ତୁଳନୀୟ ଏଇ ମଧୁବୋଳା ମାଆ ସମ୍ବୋଧନ ସହିତ ! ମାଆ ଡାକର ମାଧୁର୍ଯ୍ୟ ଆଉ ବାରି ହୁଏନି କେଉଁଠାରୁ !! ସେଥିପାଇଁ କୁହାଯାଏ – "ରସଗୋଲା ରସାବଳି, ମାଆ ଡାକ ପରା ତା'ଠୁ ବଳି ।" ସେ ସନ୍ତାନ ରଂକୁଣୀ, ପ୍ରେମ ବାୟାଣୀ ଆଉ ପୁଣି ଶିଶୁର ଅତି ଆପଣାର ।

ସଂସାରର ସବୁଠାରୁ ଦାମୀ ଶବ୍ଦଟିଏ ମାଆ । ସବୁଠାରୁ ନିଜର ଲାଗୁଥିବା ଶବ୍ଦଟିଏ ମାଆ । ପୁଅ ଝୁଣ୍ଟି ପଡିଲେ, ଯାହାର କଟା କଳିଜା କହେ 'ଆହା' । ସେ ଅସରନ୍ତି ସ୍ନେହ, ଅଫୁରନ୍ତ ମମତା, ଅଦମ୍ୟ ସାହସ ଆଉ ଅସୀମ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ । ସେ ପ୍ରେମର ସରିତା, କରୁଣାର କସ୍ତୁରୀ, ବାତ୍ସଲ୍ୟର ବାୟାଣୀ, କୃପାର ସାଗର ଆଉ ଦୟାର ଦୋରସା । ଖାଲି ସେତିକି ନୁହେଁ ସେ ଧରିତ୍ରୀ ପରି ସର୍ବସଂହା, ମରୁତ ଭଳି ଅଟଳ, ନିର ପରି ନିର୍ମଳ, ଗଗନଠୁ ବିଶାଳ, ଅଗ୍ନିଠୁ ତେଜ ଆଉ ବାୟୁଠୁ ବି ଚଞ୍ଚଳ । ବାସ୍ତବରେ ମାଆଠୁ ବଳି ଦୁନିଆରେ ଆଉ କିଛି ନାହିଁ ଲୋ । ସୃଷ୍ଟି, ସମ୍ଭାବନା ଆଉ ସହନଶୀଳତାର ଅନ୍ୟନାମ ହେଉଛି ମାଆ । ସେ ଅତୁଲ୍ୟ, ଅପରାଜେୟ, ମଧୁର ମୂର୍ଚ୍ଛନା ଆଉ ସୁଆଦର ଶିହରଣ । ଓଃ...କି ଶାନ୍ତି...କି ତୃପ୍ତି !

ସେଇ ମମତାମୟୀ ମାଆ ଡାକରେ !! ସତରେ ଯା'ର ମାଆ ନାହିଁ, ତା'ର ସାହା ନାହିଁ । ସେଇ ମାଆଙ୍କୁ ମୋର ଅନନ୍ତକୋଟି ପ୍ରଣାମ ।

******

ଶିକ୍ଷକ ସାନ୍ତରାପଲ୍ଲୀ, ଗଞ୍ଜାମ ଦୂରଭାଷ – ୯୮୬୧୬୩୮୭୩୬

KABITA

# ମା



**ସନ୍ନ୍ୟାସୀ ନାୟକ**

ମୁଁ ଅନ୍ଧାରକୁ
ଡରୁଛି ବୋଲି
କହିନି କେବେ ମା,
ତଥାପି ତୁମେ
ସବୁଜାଣି ମୋତେ
କୋଳେଇ ନିଅ ମା । (୧)

ଦାଣ୍ଡର ଧୂଳି
ଅଯଥା କଳି
ଘରକୁ ଆଣିଛି ବୋଲି
ତୁମେ ରାଗିଛ କି ମୋ ମା ?
ଦୁଷ୍ଟ ହେବିନି
କାନ ଧରୁଛି
ତୁମେ କାନ୍ଦ ନାହିଁ ମୋ ମା । (୨)

ଏତେ ଦୂରେ ମୋତେ
ଛାଡି ଯାଅ ନାହିଁ ମା,
ଅବୁଝା ହୋଇ
ଜିଦ୍‌ଖୋର ହେଲେ
ମୋତେ କିଏ ବୁଝାଇବ ମା । (୩)

ମୋ ମନକୁ ଜାଣିବ
ପେଟକୁ ଚିହ୍ନିବ
ମୋର କିଏ ଅଛି କହ ମା ?
ତୋ ପଣତ କାନିରେ
ସ୍ନେହ ଆଶୀର୍ବାଦ
କିଏ ଘୋଡାଇ ରଖିବ ମା । (୪)

ତୋ ବିନା ମୁଁ
କେତେ ନିଃସହାୟ
କେମିତି କହିବି ମା,
ତୋ ଆଶ୍ରୟ ବିନା
ମୁଁ ବଞ୍ଚିପାରିବିନି
ତୁମେ ଜାଣି ନାହଁ କି ମୋ ମା ? (୫)

******

ଚକ୍ଷୁଚିକିତ୍ସା ସହକାରୀ
District Head Quarter Hosipital, Puri - 752001
ଦୂରଭାଷ- ୯୪୩୭୩୫୨୫୬୦
E-mail: nayaksannyasi@gmail.com

# ପ୍ରାପ୍ତି ପାଇଁ କଣ ଜନ୍ମଟିଏ-ଲୋଡା



**ଚିନ୍ମୟ ବାରିକ**

କେତେଦିନ ମାଟିମଗ୍ନ ହୋଇ
ସନ୍ତର୍ପଣରେ ଖାଇବି ମୃଗର ବାଉଳି,
ପାହାନ୍ତି ପ୍ରହରର ଛାଇକୁ ଝୁଣ୍ଟି
ଥରକୁ ଥର ଭ୍ରମରେ ପଡି ଆଶାକୁ ଉର୍ଦ୍ଧ୍ୱଗାମୀ କରି ।

ଯେଉଁଠି ସ୍ୱପ୍ନ ମନସ୍କ ହୁଅନ୍ତି ଆଖି ହଳକ,
ଲୁହମାନେ ବୋହି ଯାଆନ୍ତି
ଆଖି କୋରାଡରୁ ପ୍ରାପ୍ତି ପାଇବାକୁ,

ଉଆଁସ ରାତ୍ରିରେ ଜହ୍ନକୁ ଦେଖି
ଗାଡିଆ ତୁଠରେ ।

କେମିତି କହିବି ମୋ ଆତ୍ମାର ତାପରେ
ତୁମ ଶରୀରର ବହ୍ନି,
ଅପ୍ରାପ୍ତିରେ ମୁଁ ଘୂରିବୁଲେ ପୃଥିବୀର ବ୍ୟସାର୍ଦ୍ଧରେ,
ସମୁଦ୍ରର ଉର୍ମିକୁ ଦୁଇ ଭାଗକରି,
ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ
ମରଣକୁ କ୍ଷଣକେ ଲୋଡି ।

ଦେହର ଦେହାଳିରେ ପ୍ରତିଥର ଲୁଚି
ଯାଆନ୍ତି, ଫୁଲର ପରାଗ ...
ଆକାଶର ନୀଳିମା ...
ବୟସର ପାଦଚିହ୍ନ ...
ସଂଘା ନତାରେ ମୁଁ କିନ୍ତୁ ସେମିତି ଚାହିଁ ରହିଥାଏ
ଝଡା ପତ୍ରର ଶୁଖିଲା ଆସ୍ତରଣକୁ ଦେଖିବା ପାଇଁ,
ମଲା ନଈରେ ଡଙ୍ଗାକୁ ବୋହି
କାହା ଶାଢୀର କୁଞ୍ଚ କୁ ଦେଖି
ଅଥଳ ଥଳ ଗଣ୍ଡରେ ।
ମୋ ଚାହିଁବାର ବେଳରେ
ମଉଳା ପଦ୍ମବନ,
କାହା ଆସିବାର ବେଳକୁ ଦେଖି
ମୁଁ ତେଜି ଚାଲିଥାଏ ଲଣ୍ଠନର ଶୁଖିଲା ଶଳିତାକୁ,
ବାଲିରେ ଅପନ୍ତରା ମାରି,
ମୃତ ଶାମୁକାର ଶରୀରରେ ମୋ
ପ୍ରତ୍ୟୟ କୁ ଶୁଖାଇ,
ଆବାହନର ପ୍ରତିଟି ହୁଙ୍କାରରେ ।।
ତୁମେ ମାନ ବା ନ ମାନ... ?
"ପ୍ରାପ୍ତି ପାଇଁ କ'ଣ ଜନ୍ମଟିଏ ଲୋଡା"।।
ଚିନ୍ମୟ... ?
******

ବ୍ରାହ୍ମଣଡିହି, ବାଲିକୁଦା,
ଜଗତସିଂହପୁର
ଦୂରଭାଷ – ୬୩୭୦୩୫୨୦୮୪

# ଗାନ୍ଧି



**ଚିତ୍ତରଞ୍ଜନ ବ୍ରହ୍ମା**

ଶାନ୍ତିଦୂତ ଗାନ୍ଧି ତୁମେ ଦେଖିଥିଲ ସ୍ୱପ୍ନ
ଚାହିଁଥିଲ ଗଢିବାକୁ ଏକ ରାମରାଜ୍ୟ
ଭାବିଥିଲ ସତ୍ୟ ଶାନ୍ତି ଅହିଂସାର ବଳେ
ବଦଳେଇଦବ ତୁମେ ଏ ଦେଶର ଭାଗ୍ୟ ।
ଜଗେଇଲ ଜନମନେ ଦେଶପ୍ରେମ ଭାବ
ଶତ ଶତ ନରନାରୀ ନେଲେ ତୁମ ପକ୍ଷ
ଆରମ୍ଭିଲ ଆନ୍ଦୋଳନ ଅହିଂସାକୁ ନେଇ
ଭାରତର ସ୍ୱାଧୀନତା ଥିଲା ମୂଳ ଲକ୍ଷ୍ୟ ।
ତୁମ ଯୋଗୁଁ ସ୍ୱାଧୀନତା ଲାଭକଲୁଁ ସିନା
ହେଲେ ତୁମେ ରହିଲନି ରାମରାଜ୍ୟ ପାଇଁ
ଗାନ୍ଧିବାଦ ଗଲା ଚାଲି ତମ ଯିବା ପରେ
ସୁଖ ଶାନ୍ତି ଭାଇଚାରା ଏବେ ଆଉ ନାହିଁ ।
ଈର୍ଷା-ହିଂସା-ଦୁର୍ନୀତିରେ ପୂରିଲାଣି ଦେଶ
ଓଡିଶାର କଥାକୁ ତ ନକହିବା ଭଲ
କନ୍ୟାଭ୍ରୁଣ ହତ୍ୟା ଚାଲେ ଯଉତୁକ ଭୟେ
ବନ୍ୟା-ବାତ୍ୟା-ମରୁଡିରେ ଲୋକେ କଲବଲ ।

ବଧୂହତ୍ୟା, ନାରୀଧର୍ଷଣ ତ ନିତିକଥା
ମାଆ ଏଠି ବିକେ ଶିଶୁ ଭୋକ ବିକଳରେ
ଲୁଟ୍ ସନ୍ତ୍ରାସ ଆତଙ୍କେ ହିଆ ଥରୁଥାଏ
ଚିଟ୍‌ଫଣ୍ଡ୍ ଚିତ୍ କରେ ବାବା କାବା କରେ ।
ଚାକିରି ତ ମିଳୁନାହିଁ, ନାହିଁ ରୋଜଗାର
ଲୋକେ ଛାଡୁଛନ୍ତି ଗାଆଁ କାମଧନ୍ଦା ପାଇଁ
ହତାଶାରେ ପିଲାମାନେ ଆଜି ନିଶାଗ୍ରସ୍ତ
ଟଙ୍କା ସୁନା ଜମିବାଡି ଶଠ ଗଲେ ଖାଇ ।
ପାଶ୍ଚାତ୍ୟ ସଂସ୍କୃତିରେ ଆମେ ସଂକ୍ରମିତ
ଦୟା, କ୍ଷମା, ସ୍ନେହ, ପ୍ରେମଭାବ ଗଲା କାହିଁ !
ଆମ ଭାଷା ସଂସ୍କୃତି ଓ ପରମ୍ପରା ପାଇଁ
ଲୋକଙ୍କର ଆକର୍ଷଣ, ଶ୍ରଦ୍ଧାଭାବ ନାହିଁ ।
ଓଡିଶାର ଗଳିକନ୍ଦି ଖୋଜୁଛି ତୁମକୁ
ବାପୁ ତୁମେ ଏ ବେଳରେ ଆସ ଅବତରି
ପୋଛି ଦିଅ ଜନମନୁ ହିଂସା ଲାଳସାକୁ
ସତ୍ୟ, ମୈତ୍ରୀ, ସେବାଭାବ ହୃଦେ ଦିଅ ଭରି ।
ଦେଖାଅ ହେ ବାପୁ ତୁମେ ତରୁଣଙ୍କୁ ରାହା
ଶ୍ରମିକର ବନ୍ଧୁ ହୁଅ, ଦଳିତଙ୍କୁ ସାହା
ପାହିଯାଉ ଅମାରାତି, ହସୁ ଆମ ଗାଆଁ
ହସିଉଠୁ ଓଡିଶାର ମାଟି, ପାଣି, ବାଆ ।

******

ବି/୧୫୦,ସେକ୍ଟର-୭
ରାଉରକେଲା-୩
ମୋ- ୮୮୯୫୫୫୦୪୪୩

# ସେବତୀର ନିଜକଥା



ଇଂ ସତ୍ୟବ୍ରତ ରଥ

ଏବେ ମୁଁ
ବୁଢୀ ହୋଇଗଲିଣି ବଉଳା !
ଜେଜୀ ଡାକ ଶୁଣି ସାରିଲିଣି,
ସଳଖ ହୋଇ ମୁଁ ଚାଲିପାରୁନି ।
ଯେତିକି ପାରୁଛି ସେତିକି
ତୋ ସେବା କରୁଛି ।
ଆଉ ପାଉନାହିଁ କାମ କରିବାକୁ ବଳ
ଦାଣ୍ଡ ବାଡି ଏପଟ ସେପଟ ହୋଇ
ସକାଳଠୁ ସଞ୍ଜ ବିତିଯାଉଛି ସମୟ ।
ସାରାଦିନ ପାଟିତୁଣ୍ଡ ଗହଳଚହଳଠୁ
ରାତିର ନିରୋଳା ପହର କାହିଁକି
ମୋତେ ଲାଗୁଛି ଭଲ ।
ଶେଯରେ ଝୁଙ୍କେ ନିଦରେ
ବେଳେବେଳେ ଦିଶିଯାଉଛି
ପିଲାଦିନ ପୁଚି ଖେଳଠୁ

গাআঁ বজার দশহরা মেଢ଼ା ।

ମୋ କାନରେ ବାଜୁଛି

ମୋ ମାଆର କଥା କେତେ ପଦ ।

ସେବତୀ ବୋଲି ଦେଇଥିଲା ମୋ ନାଆଁ

ପାଳି ପୋଷି ଗାଆଁରେ ବାହା କରେଇଥିଲା,

ମୋତେ ଥରେ କହିଥିଲା-

ମୁଁ ବୁଢ଼ୀ ହୋଇଗଲିଣି ଲୋ ଝିଅ !

ସବୁରି ଏଇ ଦଶା ବଢ଼ିଗଲେ ବୟସ ।

ସେତେବେଳକୁ ତୁ ବୁଝିଥିବୁ

ଦୁନିଆର ଭଲମନ୍ଦ, ମାନ ଅପମାନ

ବୁଝିଥିବୁ ଜଂଜାଳ ଜାଲରେ କେମିତି ଜୀବନ ।

କେତେଦିନ ହେଲା ଏବେ

ମାଆ ମୁହଁ ମନେପଡୁଛି ବହୁତ

ସିଏ ଥିଲା ମୋ ସ୍ନେହର ସିନ୍ଦୁକ

ତା' ପଣତରେ ଥିଲା ମୋର ସବୁ ସରାଗ ।

ସେ ତ ଚାଲିଯାଇଛି,

ଯାହା କହିଥିଲା ବୁଝିବାକୁ ନାହିଁ ବାକି ।

ତତେ ମୁଁ ମାଆ ଭଳି ମାନେ ଲୋ ବଉଳା !

ତୋ ଶୁଭଦୃଷ୍ଟି ମୋ ଉପରେ ଥାଉ,

ହେଁସଲଗା ହେବା ଆଗରୁ

ସହଜରେ ଅବଶିଷ୍ଟ ଦିନ କଟିଯାଉ ।

******


କଲେଜ ରୋଡ୍, ବାଙ୍କୀ, କଟକ ପିନ୍ – ୭୫୪୦୦୮

ମୋ – ୯୯୩୭୩୨୭୬୪୭


# ଦୁଇଟିଆଖିରେ ମୋ'ର




**ନିଶିକାନ୍ତ କହଳସିଂହ**


ଏ ଆଖିରେ ମୋ'ର
ସପନ ମନ୍ଦିରେ
ପ୍ରଣୟ ପ୍ରଦୀପ ଜଳେ,
ଆଉ ଆଖି ତଳେ
ଜୀବନ ଶୋଇଛି
ବିରହ ଜୁଇର କୋଳେ ॥୦॥

ଏ ଆଖିରେ ଫୁଲ
ଫୁଟିବାର ବେଳ
ଛାଇ ଆଲୁଅର ଖେଳ
ସେ ଆଖିରେ ଘୋଟେ
ଉଆଁସ ରାତିର
ଅନ୍ଧାର ମହାକାଳ,
ଠିକଣା ମୋ' ହଜେ
କେବେ ଅନ୍ଧାରେ
କେବେ ଖରା-ଛାଇ ବେଳେ ॥୧॥

ଇନ୍ଦ୍ରଧନୁର
ସାତଟି ରଙ୍ଗ

ଏ ଆଖିରେ ଦେଖେ
ବିଜୁଳି ଚମକେ
ମନ ବନ ପୋଡିଯାଏ,
ଏ ଆଖିରେ ଭରା
ପ୍ରାପ୍ତିର ନିଶା

ସେ ଆଖି ହଜାଇ ଭାଳେ ।।୨।।
ଗୋଟିଏ ଆଖିରେ
ଟାଣି ହୋଇଯାଏ
ଶାନ୍ତ ସବୁଜ ରେଖା
ଆର ଆଖି ତଳେ
ଅଶାନ୍ତ ଅନଳ
ଯୁଦ୍ଧର ବିଭୀଷିକା,
ହାରିଛି କି ଯୁଦ୍ଧେ
ହରାଇଛି କା'ରେ
ଭାବେ ଅନ୍ତର ତଳେ ।।୩।।

ଏ ଆଖି କହୁଛି
ଜୀବନର ମାନେ
ଶାନ୍ତିର ମହାରାସ
ସେ ଆଖି ଦେଖାଏ
ଜୀବନଟା ଖାଲି
ସୀମାହୀନ ମହାକାଶ,
ଆଶା ନିରାଶାର
ମିଶାଣ ଫେଡାଣ
ଦିଶେ ମୋ' ଆଖିର ଡୋଳେ ।।୪।।
******

ଲୋକିପୁର, ଗଡମାଣତୀର, ଖୋର୍ଦ୍ଧା – ୭୫୨୦୬୨
ମୋ:୯୯୩୭୯୫୩୫୨୭

# ବ୍ୟବଚ୍ଛେଦ



ସୁଚରିତା ମହାନ୍ତି


ତା' ଦୁଷ୍ଟାମୀ ଭାରି ଅବାଧ ଥିଲା
ଜମାରୁ ବୋଲ
ମାନୁ ନ ଥିଲା ,
ବେପରୁଆ ଭଳି
ଲଂଘିଯାଉଥିଲା
ସବୁତକ ସୀମା ସରହଦ,
କେଜାଣି କେବେ ଠାରୁ
କେଉଁ ଲୁକ୍କାୟିତ ଭାବେ
ରହି ଯାଇଥିଲା ତା'ର
ସବୁଯାକ ଅଝଟିଆ ପଣ ,
ରାତିର ଘନ ଅନ୍ଧକାର ଭିତରେ
ଧସେଇ ହୋଇ
ପଶି ଆସିଥିଲା
ଖୁବ ଗୋଟେ ସନ୍ତର୍ପଣରେ.
ଯେତେ ବାରଣ କଲେବି
କିଛି ମାନିବାକୁ ରାଜି ହେଉନଥିଲା
ନିମିଷକ ଭିତରେ
ତା'ର ଜୀବନର ସମସ୍ତ
ଅସଜଡା ବୋଝକୁ
ମୋ ଉପରେ ଲଦି ଦେଉଥିଲା
ସତେକି ଯେମିତି ....କେଉଁ ଜନ୍ମରୁ
ସେ ମୋ ବାଟ

KABITA

ଅନେଇ ରହିଥିଲା .
ନିର୍ବାକ ହୋଇ
ତା'କଥା ଶୁଣୁଥିଲି
ସବୁକିଛି ବୁଝିବା ଆଗରୁ
ମୁଁ ଯେମିତି.....
କିଛି ପାପ ସାଉଁଟି ନେଉଥିଲି
ସାତ ଜନ୍ମ ପାଇଁ ।
ଜୀବନରେ ଜଟିଳତା ଥାଏ
ହେଲେ ଅଚ୍ଛିଣ୍ଡା ଅଙ୍କ ଭିତରେ
ନିଜକୁ କାହିଁକି ସମର୍ପି ଦେଲି
ଏବେ ତ ମୋତେ
ଆଇନାରେ ମୋ ମୁହଁ
ଝାପ୍‌ସା ଲାଗୁଛି ।
କାହିଁକି ଛଳନାରେ ଢାଙ୍କି
ହୋଇଗଲି
କେବଳ ତାହା ହିଁ ଭାବୁଛି
ମୋ ଜୀବନ୍ତ ଦେହକୁ
ନିରୋଳା ମୁହୂର୍ତ୍ତରେ
ବ୍ୟବଛେଦ କରିବି
ହୁଏତ ମିଳି ଯାଇ ପାରେ
ସ୍ୱର୍ଗ ଅବା ନର୍କ ।
ଏମିତି ସମ୍ପର୍କର
ମାନେ କଣ ହୁଏ
ହଜି ଯାଏ ବିଶ୍ୱାସ,
ହୃଦୟରେ ଠିଆ ହୋଇ ଯାଏ
ଘୃଣା ଓ କଳଙ୍କର
ଏକ ସୁନ୍ଦର ସୌଧ ।
****


ସମ୍ପାଦିକା, ଭଞ୍ଜଦୀପ,
ବାରିପଦା, ମୟୁରଭଞ୍ଜ.
୮୯୧୭୫୭୧୨୦୨


# ଶ୍ରାବଣୀର ସ୍ୱର




ତ୍ରିଲୋଚନ ଦାସ


ଆଜି ଏ ଶ୍ରାବଣ ସିକ୍ତ କରି ମୋତେ
ଧରାରୁ ଯାଉଛି ଫେରି
ହେଲେ ତା ସାଥିରେ ମୋ ଦୁଇ ଆଖିରୁ
ଶ୍ରାବଣ ଯାଉନି ସରି ।।୦।।
ଶ୍ରାବଣ ସୁଅରେ ଭସେଇ ଥିଲି ମୋ
ମନର କାଗଜ ଡଙ୍ଗା
ଭସେଇ ଦେଇଛି ସପନ ମହଲ
ଅଧା ଗଢା ଅଧା ଭଙ୍ଗା
ପରଦେଶୀ ପ୍ରିୟା ସବୁ ଭୁଲିଗଲା
ଶେଷ ଶ୍ରାବଣକୁ ଧରି
ଆଜି ଏ ଶ୍ରାବଣ ସିକ୍ତ କରି ମୋତେ
ଧରାରୁ ଯାଉଛି ଫେରି ।୧।
ବେଦନା ବିଧୁର ଶ୍ରାବଣର ସ୍ୱର
ମନରେ ଲଗାଏ ନିଆଁ
ଶ୍ରାବଣ ରାତିରେ ଅଭିସାର ପାଇଁ
ଖୋଜେ ପୀରତିର ଛୁଆଁ
ତଥାପି ଅବୁଝା ଏ ମନ କାହିଁକି
ମରେ ତାକୁ ଝୁରି ଝୁରି
ଆଜି ଏ ଶ୍ରାବଣ ସିକ୍ତ କରି ମୋତେ
ଧରାରୁ ଯାଉଛି ଫେରି ।୨।
****


ଶ୍ରୀବିହାର, ଖୋର୍ଦ୍ଧା
୯୮୫୩୫୩୫୦୯୮

# ହୁଅ ସାବଧାନ



ଜ୍ୟୋସ୍ନାଶ୍ରୀ ପୁଷ୍ପାରାଣୀ

ବହୁତ ବଳମ୍ବ ହେଲାଣି
ଏଥର ମତେ ଅସ୍ତ୍ର ଧରିବାର ବେଳ
ମୋ ଶାନ୍ତ ମନକୁ ଖୋଳପା ଭିତରେ ଲୁଚାଇ
ତମପାଇଁ ସାଜିବି ମୁଁ ମହିଷାମର୍ଦ୍ଦିନୀ
କଥା ରହିଥିବ ଚିରକାଳ ।

ମୋ ସହନଶୀଳତାର
ପରୀକ୍ଷା ନିଅନା ଆଉ
ପରିସ୍ଥିତି ଯାହା ହେଉନା କାହିଁକିଁ
କାଢି ଫିଙ୍ଗିଦେଇଛି ମନରୁ ଡର ।

ମୋତେ ଉପେକ୍ଷିତ କରିବା ଆଗରୁ
ମୁଁ ପାଷାଣୀ ଅହଲ୍ୟା ସାଜିବା ଆଗରୁ
ଭ୍ରମ ଧାରଣା ତମର କରିଦେବି ଦୂର ।

ଦେଖ କେମିତି ମୁଁ ଜଳୁଛି
ଜାଳିଦେଇ ପାରେ ତମ ଭଦ୍ରମୁଖା
କେତେ ବା ଲୁଚିବ
ତୀକ୍ଷ୍ଣ ନଜର ମୋର ତୀରପରି କାମ କରେ
ଏବେ ତମ ଛାତିରେ ମୁଁ ଅନ୍ତହୀନ
ଯନ୍ତ୍ରଣାର ରକ୍ଷା ।

ହୁଅ ସାବଧାନ
ନାରୀ ନୁହେଁ ଭୋଗ୍ୟ ବସ୍ତୁଟିଏ
ସେ ଏକା ସଂଜୀବନୀ
ସ୍ୱଚ୍ଛଳ କରିପାରେ କାହା ଜୀବନ
ତାକୁ ଯଦି ତମେ କଷ୍ଟ ଦଅ ବିନା କାରଣରେ
ଦୟନୀୟ ହେବ ନିଶ୍ଚେ
ତମ ଭବିଷ୍ୟ ବର୍ତ୍ତମାନ ।

*****

ମାର୍ଫତ –ବିପ୍ଲବ କୁମାର ସାଇଁ

# ଅଳକା ସାମଲ



## ଅଭିରାମ ରାଉତରାୟ

ଅଳକା ସାମଲ

ମନେ ପଡେ ମୋର

ସତୁରି ଦଶକେ ତୁମେ ଥିଲ ପି.ଜି ଛାତ୍ରୀ

ଛାତ୍ରୀ ଜୀବନରୁ ଏକ ନିର୍ଦ୍ଦିଷ୍ଟ 'ବାଦ'ର ନେତ୍ରୀ

ସଚେତନ ଛାତ୍ରୀ ସହପାଠିନୀ

ଛାତ୍ରାବାସେ ନିଜେ ବସି

ବଜ୍ର ଶପଥ ନେଲ

'ଜଣେ ଶ୍ରମିକ ଯୁବାଙ୍କୁ କରିବ ଜୀବନ ସାଥୀ'

ପ୍ରେମର ନୁହେଁ ଆଦର୍ଶ ପାଇଁ

ସିଦ୍ଧାନ୍ତ ଥିଲା ଉଦ୍ଦିଷ୍ଟ

କର୍ମବୀରଙ୍କୁ ବନ୍ଧୁ ରୂପେ ପାଇ

କରିବ ପୂର୍ଣ୍ଣ ଅଭୀଷ୍ଟ

ସିଦ୍ଧାନ୍ତ ପୂରଣ ହେଲା

ବହୁଦୂରେ ରାଜ୍ଯ ମହାବିଦ୍ୟାଳୟେ

ଆରମ୍ଭିଲ ଅଧାପନା

ବନ୍ଧୁର  ପଥ କଲ ଅତିକ୍ରାନ୍ତ

ଭାବିଥିଲ ଯାହା ହେଲା ନାହିଁ ତାହା

ସବୁ ହେଲା ବିପରୀତ

ବିତିଗଲା ଅକାରଣେ କଟିଗଲା କାଳ

ବିଶ୍ୱବିଦ୍ୟାଳୟ କକ୍ଷେ

ଅନୁଶୋଚନା ନଥିଲା ମନରେ

କୋହ ସୁପ୍ତ ଥିଲା ବୁକେ

ହୋଇଲା ମଳିନ ଉଦ୍ଦାମ ଯୌବନ

ଅବସରକାଳ ଶିଥିଳ ଚର୍ମ

ଗୁଣୁ ଗୁଣୁ ସ୍ୱରେ ଏବେବି ଗାଉଛ

ବିପ୍ଳବର ଜୟଗାନ

ଅଳକା ସାମଲ "ସତରେ ତୁମ

ଶପଥ ଅଟେ ମହାନ ।"

******


ସି.୨୩୬ , କୋଏଲନଗର

ରାଉରକେଲା – ୧୪

ମୋ - ୯୪୩୭୩୯୭୬୬୭

## GANESH PUJA


केन्द्रीय सरकारी आवासीय परिसर
CENTRAL GOVERNMENT RESIDENTIAL COMPLEX
Oriya Cultural & Welfare Association (Regd)
Welcomes You
29th Ganesh Chaturthi Mahotsav
2nd September, 2019










OFFICE







# RELEASE OF SOUVENIR






















CULTURAL PROGRAMME








































## CULTURAL PROGRAMME











# ଭ୍ରାତୃତ୍ୱର ପରିଭାଷା

## ସୁସ୍ମିତା ମହାପାତ୍ର



"ବସୁଧୈବ କୁଟୁମ୍ବକମ" ଅର୍ଥାତ ଏ ସମଗ୍ର ବିଶ୍ୱ ଗୋଟିଏ ପରିବାର (The World is one family) । ମହା ଉପନିଷଦରେ ଲିଖିତ ଏହା ଏକ ସଂସ୍କୃତ ପଦବନ୍ଧ, ଯାହାର ପଟ୍ଟଭୂମି ଭ୍ରାତୃତ୍ୱ ନିଅଁରେ ପ୍ରତିଷ୍ଠିତ । କୁସଂସ୍କାର ବିବର୍ଜିତ ଏକ ଶୁଦ୍ଧପୂତ ସଂସ୍କୃତି ବିଜଡିତ , ସୁରଭିତ ଶବ୍ଦ ହେଉଛି ଭ୍ରାତୃତ୍ୱ । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକମନ ଓ ଏକପ୍ରାଣ ହୋଇ ସୁଦୃଢ଼ ଐକ୍ୟ ରଜ୍ଜୁରେ ବାନ୍ଧି ହୋଇ ରହିବାକୁ ହିଁ ଆମେ 'ଭ୍ରାତୃତ୍ୱ' ଭାବେ ଆଖ୍ୟାୟିତ କରିଥାଉ । ସାରା ଜୀବନ ଘନିଷ୍ଠ ବନ୍ଧୁରୂପେ ପଛରେ ରହି ଦୃଢ଼ ସମର୍ଥନ କରିବା ମଧ 'ଭ୍ରାତୃତ୍ୱ'ର ଅନ୍ୟ ଏକ ପରିଭାଷା ଯାହାଦ୍ୱାରା ଆମ ଭିତରେ ସେହ୍ନ, ପ୍ରେମ, ତ୍ୟାଗ, ଆତ୍ମୀୟତା, ସହଯୋଗିତା ଓ ଜାତୀୟତା ଭାବ ଉଦ୍ରେକ ହୋଇଥାଏ । 'ଶାନ୍ତି ନୋବେଲ ପୁରସ୍କାର ବିଜେତା କୋଫି ଆନ୍ନା ଆନନଙ୍କ ଭାଷାରେ "We may have different religions, different languages, different coloured skin, but we all belong to one human race"। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନୁସାରେ I believe in the essential unity of all that lives . Therefore I believe that if one person gains spiritually, the whole world gains and that if one person falls, the whole world falls to that extent"।

ଲାଭ ବା ପ୍ରତିଦାନର ଆଶା ନରଖି ଅନ୍ୟଙ୍କୁ ସାହାଯ୍ୟ କରିବା, ଭଲ ପାଇବା, ପରସେବା କରିବା, ସମାଜର ଉନ୍ନତି ତଥା ପ୍ରଗତି ପରିକଳ୍ପେ ଚିନ୍ତନ କରିବା ହିଁ ବିଶ୍ୱ ଭ୍ରାତୃତ୍ୱ । ଦେଶ ଦେଶ ତଥା ଦେଶବାସୀ ଦେଶବାସୀଙ୍କ ମଧ୍ୟରେ ଶ୍ରଦ୍ଧା, ସୌହାର୍ଦ୍ଦ୍ୟ, ସଦିଚ୍ଛା, ସହଯୋଗିତା ଆଦି ଭ୍ରାତୃତ୍ୱ ଭାବ ଜାଗରଣରେ ଗୋଟିଏ ଗୋଟିଏ କାରକ ବା ଉତପ୍ରେରକର ଭୂମିକା ନିର୍ବାହ କରିଥାନ୍ତି । ସ୍ୱାର୍ଥବାଦ ପରିତ୍ୟାଗ କରି ନିଜକୁ ଭଲ ପାଇବା ପରି ଏ ସୃଷ୍ଟିର ପ୍ରତ୍ୟେକ ଜୀବକୁ ଭଲପାଇବା ସହିତ ମାନବ ସମାଜର ସୁଖ ,ସମୃଦ୍ଧି ଦିଗରେ ପ୍ରୟାସ ଅବ୍ୟାହତ ରଖି ପାରିଲେ ,କୌଣସି ପରିସ୍ଥିତିରେ ବି କାହାକୁ ଅସ୍ତ୍ରଶସ୍ତ୍ର ବା ଧ୍ୱଂସକାରୀ ପଦାର୍ଥର ସାମାନ୍ୟ ତମ ଆବଶ୍ୟକତା ରହନ୍ତା ନାହିଁ । ଦୀର୍ଘଦିନ ଧରି ଦେଶ ଦେଶ ମଧରେ ଲାଗି ରହିଥିବା ସୀମା ବିବାଦର ଅନ୍ତ ଘଟନ୍ତା । ମତଭେଦ, ତିକ୍ତତା ଓ ପ୍ରତିଦ୍ୱନ୍ଦିତାର ପ୍ରଶ୍ନ ମଧ ନିଶ୍ଚିହ୍ନ ହୁଅନ୍ତା, ଆତଙ୍କବାଦ ଲୋପ ପାଆନ୍ତା, ଯୁଦ୍ଧର କରାଳ ବିଭୀଷିକା ନୁହେଁ ବରଂ ଶାନ୍ତ, ସ୍ନିଗ୍ଧ, ସରଳ ଓ କମନୀୟ ଚିତ୍ର ସର୍ବତ୍ର ପ୍ରତୀୟମାନ ହୁଅନ୍ତା ।

ଆମ ଭାରତୀୟ ମାନଙ୍କଠାରେ ରହିଛି, ଭ୍ରାତୃତ୍ୱର ଜ୍ୱଳନ୍ତ ନିଦର୍ଶନ । ପରସ୍ପର ମଧ୍ୟରେ ଥିବା ନୈତିକ , ଆବେଗିକ, ଅର୍ଥନୈତିକ ତଥା ସାମ୍ବିଧାନିକ ଏକତା ଓ ପ୍ରବଳ ଆତ୍ମୀୟତା ଯୋଗୁଁ ଭାରତ ଆଜି ଏକ ସମୃଦ୍ଧ ତଥା ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିଛି ।୧୮୯୩ ମସିହାରେ ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ଧର୍ମ ମହାସଭାରେ ଯୁଗ ପ୍ରବର୍ତ୍ତକ ସ୍ୱାମୀ ବିବେକାନନ୍ଦଙ୍କ ଓଜୋସ୍ୱିନୀ ଭାଷଣରେ ସନାତନ ହିନ୍ଦୁ ଧର୍ମକୁ ସାର୍ବଜନୀନ ଭାବେ ଉପସ୍ଥାପନା କଲାବେଳେ, ଯେଉଁ କେତେକ ମୁଖ୍ୟ ଅବଲମ୍ବନର ଅବତାରଣା କରାଯାଇଥିଲା, ତା'ଭିତରେ ବିଶ୍ୱ ଭ୍ରାତୃତ୍ୱ (universal brotherhood), ବିଶ୍ୱ ଗ୍ରହଣୀୟତା (universal acceptance) ବିଶ୍ୱ ସହିଷ୍ଣୁତା (universal tolerance) ପ୍ରମୁଖ ସନ୍ଦେଶ, ଗାମ୍ଭୀର୍ଯ୍ୟପୂର୍ଣ୍ଣମାନସ ମନ୍ଥନ କରି ସମବେତ ଜନତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଯାହା ଫଳରେ ବିଶ୍ୱର ଅଧିକାଂଶ ଦେଶବାସୀ ଭାରତୀୟ ଧର୍ମ ଓ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ସନାତନ ହିନ୍ଦୁ ଧର୍ମରେ ଦୀକ୍ଷିତ ହୋଇଥିଲେ । ଅଧୁନା ଇସ୍କନ ସଂସ୍ଥା ଏହାର ଏକ ପ୍ରମୁଖ ସାକ୍ଷୀ ରୂପେ ଦଣ୍ଡାୟମାନ । କିମ୍ବଦନ୍ତୀ ଅନୁଯାୟୀ ଏକଦା ଜଣେ ରାଜା, ବ୍ୟାଧ ଜାଲରେ ପଡିଥିବା କପୋତମାନଙ୍କୁ ଜାଲ ସହ ଏକାଠି ଉଡିଯିବାକୁ ଇସାରା କରି କହିଥିଲେ, "Unity is strength" । ମୁ ହଙ୍ଗ (Mu Hong), ଏବଂ ଲୁ ସୁ (Lu Su) ନାମକ ଦୁଇଜଣ ପ୍ରସିଦ୍ଧ ଲେଖକଙ୍କ ମିଳିତ ସୃଷ୍ଟି, "Unity is Strength" ରେ ମଧ ଏ ସମ୍ବନ୍ଧରେ ଖୁବ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ବାସ୍ତବିକ, ବିଭିନ୍ନତା ମଧରେ ଏକତା (Unity in diversity) ଏବଂ ଭ୍ରାତୃତ୍ୱ ରହିଲେ ହିଁ ଦଳଗତ କାର୍ଯ୍ୟ ତଥା ସହଯୋଗିତାକୁ ପାଥେୟ କରି ଅସମ୍ଭବକୁ ସମ୍ଭବ କରାଯାଇ ପାରେ । ସେଥିପାଇଁ କୁହାଯାଇଛି, "united we stand and divided we fall" । ଭ୍ରାତୃତ୍ୱ ଯଦି ଏକ ବିନ୍ଦୁ ହୁଏ, ତେବେ ଏହା ମାଧମରେ ସାରା ବିଶ୍ୱ ରୂପକ ସିନ୍ଧୁକୁ ଦର୍ଶନ କରାଯାଇପାରେ ।

ସୁଦୂର ଅତୀତରେ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉପଦେଷ୍ଟା, ଦର୍ଶନ ଶାସ୍ତ୍ରଜ୍ଞ ଚାଣକ୍ୟଙ୍କ ମାର୍ଗ ଦର୍ଶନରେ ଭାରାତରେ ପ୍ରତିଷ୍ଠା ହୋଇପାରିଥିବା ଐକ୍ୟ ଓ ଭ୍ରାତୃତ୍ୱଭାବର ଚିତ୍ର, ଆଜି ବି ବିଶ୍ୱ ଇତିହାସରେ ପ୍ରତିଫଳିତ ହେବା ସହିତ ଏଯାବତ ଭାରତୀୟ ମାନଙ୍କଠାରେ ତାହା ଅକ୍ଷୁର୍ଣ୍ଣ ରହିପାରିଛି । ବିଭିନ୍ନ ସମ୍ପ୍ରଦାୟର ଲୋକ ଏଠାରେ ବାସ କରୁଥିବା ସତ୍ୱେ ଜାତି, ଧର୍ମ, ବର୍ଣ୍ଣ ଲିଙ୍ଗକୁ ଖାତିର ନକରି ହାତରେ ହାତ ଛନ୍ଦି ଆଜି ଆମେ ପ୍ରତ୍ୟେକ ମହୋତ୍ସବକୁ ମହାସମାରୋହରେ ପାଳନ କରୁଛୁ । ସମବେତ କଣ୍ଠରେ ରାଷ୍ଟ୍ରୀୟ ସଂଗୀତ ଗାନ କରୁଛୁ । ଏ ମହାନ ଭୂଇଁପରେ ଏକଇ ସୂତ୍ରରେ ବନ୍ଧା ହୋଇ ରହିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଛୁ,-

ଏକାଠି ଜୀଇଁବା ଏକାଠି ମରିବା
ଏକତା ସୂତ୍ରେ ବନ୍ଧା ହୋଇବୁ
ଭିନ୍ନ କେ ପାରିବ କରି
ସବୁରି ମୁହଁରେ ସେଇ ଏକ ନାରା
ଅଛି କେ ନିଆରା ଏ ଜଗତ ସାରା
ଆମରି ଭାରତ ପରି ।

ଭାରତର ଜାତୀୟ ସଂଗୀତ ," ଜନ ଗଣ ମନ .... "କୁ ଅଧ୍ୟୟନ କଲେ ସେଥିରେ  ସମସ୍ତ ପ୍ରଦେଶ, ନଦନଦୀ, ପାହାଡ, ପର୍ବତ ଏବଂ ଜାତି, ଧର୍ମ ସଂସ୍କୃତିର ମହାମିଳନ ସଂଘଟିତ ହୋଇଥିବା ଚିତ୍ର ସୃଷ୍ଟି ହୁଏ । ଏଭଳି ବ୍ୟାକୁଳ ଏବଂ ସୁଦୂର ପ୍ରସାରୀ ଭ୍ରାତୃତ୍ୱର ଉଦାହରଣ ବିଶ୍ୱରେ ଖୁବ କ୍ୱଚିତ୍ ପରିଲକ୍ଷିତ ହୁଏ ।

'ଭ୍ରାତୃତ୍ୱ'ର ଅନ୍ୟ ଏକ ଅର୍ଥ ହେଉଛି , ସମାନ ପିତାମାତାଙ୍କ ପୁତ୍ରମାନଙ୍କ ମଧ୍ୟରେ ଥିବା ଭ୍ରାତୃ ସୁଲଭ ସମ୍ପର୍କ । ମୁଖ୍ୟତଃ ଏହା ଗଭୀର ବନ୍ଧନ (bonding)କୁ ବୁଝାଏ । ଜଣେ ଅନ୍ୟ ଜଣଙ୍କର ଆକାଂକ୍ଷା , ଅଭିଳାଷ ,ସ୍ୱପ୍ନ ଏବଂ ଲକ୍ଷ୍ୟ ପୂରଣ ଦିଗରେ ନିଷ୍ପାପର ଆଗ୍ରହ ପ୍ରକାଶ କରିବା , ଗଭୀର ପ୍ରେମ ଓ ବନ୍ଧୁତ୍ୱ ବ୍ୟତିରେକେ ଅନ୍ୟ କିଛି ହୋଇ ନପାରେ । ଏଇ ପରିପ୍ରେକ୍ଷୀରେ ହିନ୍ଦୁ ମହାକାବ୍ୟ 'ରାମାୟଣ'ର ମୁଖ୍ୟ ଚରିତ୍ର, ମର୍ଯ୍ୟାଦାବନ୍ତ ପୁରୁଷ ଶ୍ରୀରାମଚନ୍ଦ୍ର ଏବଂ ତାଙ୍କର ଅନୁଜ ଭ୍ରାତାତ୍ରୟଙ୍କ ମଧ୍ୟରେ ଥିବା ଗଭୀର ପ୍ରେମ ,ଭକ୍ତି ଓ ବନ୍ଧନର ଉଦଉହରଣ ନିଆଯାଇପାରେ । ସମାନ୍ତରାଳ ଭାବେ ଭ୍ରାତୃତ୍ୱର ପରାକାଷ୍ଠା ପରିଲକ୍ଷିତ ହୁଏ ।,'ମହାଭାରତ'ର ସତ୍ୟନିଷ୍ଠ, ଧର୍ମପରାୟଣ, ଆଜ୍ଞାଧୀନ ପାଣ୍ଡବ ପଞ୍ଚଭ୍ରାତାଙ୍କ ମଧ୍ୟରେ ଥିବା ଆତ୍ମୀୟତା, ଘନିଷ୍ଠତା ତଥା ଉତ୍ତମ ବୁଝାମଣାରେ ଯାହା ଯୁଗେ ଯୁଗେ ଆଦର୍ଶ ଭ୍ରାତୃତ୍ୱର ଦଲିଲ ହୋଇ ରହିଛି ।ଭାଇ-ଭାଇ ବା ଘନିଷ୍ଠ ବନ୍ଧୁ-ବନ୍ଧୁ ମଧ୍ୟରେ ଥିବା ଭାଇଚାରାର ସମ୍ପର୍କ କିମ୍ବା ଅନ୍ୟ ମାନଙ୍କ ସହିତ ଥିବା ସହୃଦୟତାର ଅନୁଭବ ହିଁ ଭ୍ରାତୃତ୍ୱ । ଦୁଇଟି ମଣିଷ ଭିତରେ ଥିବା ବିଶ୍ୱସନୀୟତା ବା ଘନିଷ୍ଠ ଆନୁଗତ୍ୟ ହିଁ ଏହାର ଏକ ପ୍ରକୃଷ୍ଟ ଉଦାହରଣ । ଭ୍ରାତୃତ୍ୱ ଉପରେ ପର୍ଯ୍ୟବେସିତ କୋରାନର 'ଅଲ ହୁଜୁରତ' ଅଧ୍ୟାୟ ଅନୁଯାୟୀ, "The bilievers are but brothers, so make settlement between your brother" । ଭ୍ରାତୃତ୍ୱର ମୂଳଦୁଆ, ବିଶ୍ୱାସ ଉପରେ ତିଷ୍ଠିଥିବା ଏଥିରୁ ସ୍ପଷ୍ଟ ଅନୁମିତ । ତେବେ ,ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ମଣିଷ ମନର ଅନ୍ଧ ବିଶ୍ୱାସରୁ ସୃଷ୍ଟି ପରମ୍ପରା ଓ କୁସଂସ୍କାର ଆଦି ପ୍ରତିବନ୍ଧକ ଗୁଡିକୁ ଉଚ୍ଛେଦ କରିବା ନିତ୍ୟାନ୍ତ ଜରୁରୀ । ଜାତି-ଜାତି, ଧର୍ମ-ଧର୍ମ, ସମ୍ପ୍ରଦାୟ-ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ନରଖି କେବଳ ଗୋଟିଏ ଜାତି, ମାନବିକତାର ଜାତି ଓ ଗୋଟିଏ ଧର୍ମ, ପ୍ରେମ ବା ଭଲପାଇବାର ଧର୍ମ ଉପରେ ବିଶ୍ୱାସ ବଳବତ୍ତର ରଖିବା ବିଧେୟ ।

ସମ୍ପ୍ରତି, ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ  ସମ୍ପର୍କ ସୁସ୍ଥ ଓ ସୁଦୃଢ ରହିବା ଏକ ଅତ୍ୟାବଶ୍ୟକୀୟ ପନ୍ଥା, ଯାହା କେବଳ ଘନିଷ୍ଠ ବନ୍ଧୁତ୍ୱର ମାଇଲଖୁଣ୍ଟ ଉପରେ ପର୍ଯ୍ୟବେସିତ । ଏଣୁ ବିଶ୍ୱଶାନ୍ତି ବଜାୟ ରଖିବା ନିମନ୍ତେ ଭ୍ରାତୃତ୍ୱ ହେଉଛି ଏକ ପ୍ରତ୍ୟକ୍ଷ, ପ୍ରକୃଷ୍ଟ ତଥା ଅପରିହାର୍ଯ୍ୟ ଆବଶ୍ୟକତା । ଏହା ପରସ୍ପର ପ୍ରତି ଆଶା ,ଅଶ୍ୱାସନା , ବିଶ୍ୱାସ, ଅନୁଭବ, ଅନୁରାଗ, ସମ୍ମାନ , ସଦିଚ୍ଛା,  ସମର୍ଥନ ତଥା ସହଯୋଗିତା ଦ୍ୱାରା ସମ୍ଭବ । ଏଣୁ କୁହାଯାଏ ,"A brother is a gift to the heart, a friend to the spirit" । ଜୀବନର ପ୍ରତ୍ୟେକ ସୋପାନକୁ ସୁରୁଖୁରୁରେ ଅତିକ୍ରମ କରିବା ପାଇଁ ତଥା ସଫଳ ଜୀବନର ଦିଗ ନିର୍ଣ୍ଣୟ କରିବା ପାଇଁ ଭ୍ରାତୃତ୍ୱର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି , ଯାହା ବିନା ଲକ୍ଷ୍ୟହୀନ ଭାବେ ଆମେ କେବଳ ଅଜ୍ଞାତରେ ପଥ ହୁଡିବା ସାର ହେବ ।

ଏକ ସତ୍ୟ, ଶିବ, ସୁନ୍ଦର ଓ ଶାନ୍ତ ପୃଥିବୀ ସ୍ଥାପନାର କଳ୍ପନା କରିବା ଏବଂ ସେ ସ୍ୱପ୍ନକୁ ସାକାର କରିବା ,ଭ୍ରାତୃତ୍ୱ ବିନା ଯେ ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ନିରର୍ଥକ ,ଏହା ଆଜି ଜଟିଳ, ଭୟଙ୍କର ଏବଂ ଅସମାହିତ ପରିସ୍ଥିତିରେ ସମଗ୍ର ବିଶ୍ୱବାସୀ ହୃଦୟଙ୍ଗମ କରିବା ଏକାନ୍ତ ବାଞ୍ଛନୀୟ ।

*******

ରାଉରକେଲା-୩, ସୁନ୍ଦରଗଡ,
ମୋ.ନଂ -୯୪୩୭୫୦୩୧୩୮

# ଓଡିଶାର ନାମକରଣ ଓ ଓଡିଆ ଲିପିର ବିକାଶ

## ଡଲିରାଣୀ ବ୍ରହ୍ମା



ଆମ ରାଜ୍ୟର ନାମ ଓଡିଶା । ଆଧୁନିକ ଓଡିଶା ରାଜ୍ୟ ପ୍ରାଚୀନ କଳିଙ୍ଗ ଉତ୍‌କଳ ଓ କୋଶଳ ରାଜ୍ୟ ମାନଙ୍କୁ ନେଇ ଗଠିତ । ଅବଶ୍ୟ ଓଡିଶାର ରାଜ୍ୟମାନଙ୍କର କେତେକ ଅଂଶ ଆଧୁନିକ ଓଡିଶାର ବାହାରେ ରହିଯାଇଛି । ସେହି ରାଜ୍ୟମାନଙ୍କ ମଧ୍ୟରୁ କଳିଙ୍ଗ ପ୍ରାଚୀନ ଓ ସବୁଠାରୁ ପ୍ରସିଦ୍ଧ । ପରବର୍ତ୍ତୀ ବୈଦିକ ଯୁଗରୁ ପ୍ରାୟ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଭାରତର ଏକ ବିଶିଷ୍ଟ ସ୍ୱାଧୀନ ରାଜ୍ୟ ରୂପେ ପରିଚିତ ଥିଲା । ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ ନାଗାବଳୀ ନଦୀ ପର୍ଯ୍ୟନ୍ତ ଏହା ଉପକୂଳ ପ୍ରଦେଶରେ ବିସ୍ତୃତ ଥିଲା । ଖ୍ରୀ:ଷ୍ଟ୩ୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ କଳିଙ୍ଗ ରାଜ୍ୟ ଆକ୍ରମଣ କରି ରକ୍ତର ନଦୀ ବୁହାଇ ଦେଇଥିଲେ । କଳିଙ୍ଗ ଯୁଦ୍ଧରେ ଏକ ଲକ୍ଷ ଲୋକ ନିହତ ହେଲେ ଓ ଦେଢ ଲକ୍ଷ ଲୋକ ବନ୍ଦୀ ହେଲେ । କଳିଙ୍ଗ ଯୁଦ୍ଧର ଭୟାବହତା ଉପଯୁକ୍ତ ନିହତ ଓ ବନ୍ଦୀ ସଂଖ୍ୟାରୁ ଅନୁମେୟ । କଳିଙ୍ଗ ଯୁଦ୍ଧର ନୃଶଂସତା ଅଶୋକଙ୍କ ହୃଦୟରେ ଘୋର ପରିବର୍ତ୍ତନ ଆଣିଥିଲା । ସେ ଚିରଦିନ ପାଇଁ ଯୁଦ୍ଧ ପରିହାର କରି 'ଧର୍ମ ବିଜୟ' ରେ ନିଜକୁ ନିୟୋଜିତ କଲେ । ଏଥିପାଇଁ ସେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ସେହି ଧର୍ମକୁ ଭାରତ ଓ ଭାରତ ବାହାରେ ପ୍ରଚାର ପ୍ରସାର କରିଥିଲେ ।

ଅଶୋକଙ୍କ ସମୟରେ କଳିଙ୍ଗ ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ଉତ୍ତର କଳିଙ୍ଗର ରାଜଧାନୀ ତୋଶଳୀ ଥିଲା । ତୋଶଳୀ ଓଡିଶାର ଏକ ପ୍ରାଚୀନ ସହର । ଏହାର ଉଲ୍ଲେଖ ପ୍ରାଚୀନ ଜୈନ ଓ ବୌଦ୍ଧ ଗ୍ରନ୍ଥ ମାନଙ୍କରେ ଅଛି । ଶିଶୁପାଳଗଡ ଓ ତତ୍ ସନ୍ନିହିତ ଅଞ୍ଚଳ ତୋଶଳୀ ଥିଲା ବୋଲି ଅନୁମାନ କରାଯାଏ । ଅଶୋକଙ୍କ ସମୟରେ ଉତ୍ତର କଳିଙ୍ଗ 'ତୋଶଳୀ' ନାମରେ ନାମିତ ହୋଇଥିଲା । ଦକ୍ଷିଣ କଳିଙ୍ଗର ରାଜଧାନୀ ଗଞ୍ଜାମର ବଡଗଡ ନିକଟସ୍ଥ ସମାପା ସହର ଥିଲା ।

ଅଶୋକଙ୍କ ପରେ କଳିଙ୍ଗ କେତେଦିନ ମୌର୍ଯ୍ୟ ରାଜତ୍ୱ ଅଧିନରେ ଥିଲା ଜଣାନାହିଁ । ସମ୍ଭବତଃ ଖ୍ରୀ:ପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସ୍ୱାଧୀନ ହୋଇ ମହାମେଘବାହନ ରାଜତ୍ୱ ଅଧିନରେ ରହିଲା । ସେହି ବଂଶର ରାଜା କଳିଙ୍ଗ ସମ୍ରାଟ ଖାରବେଳଙ୍କ ଅଧିନରେ କଳିଙ୍ଗ ତାର ନଷ୍ଟ ପ୍ରସିଦ୍ଧି ଫେରି ପାଇଲା । ଖାରବେଳ ତାଙ୍କ ସମୟରେ ଭାରତରେ ଜଣେ ପରାକ୍ରମି ରାଜା ବୋଲି ଖ୍ୟାତି ପାଇଲେ । କିନ୍ତୁ ଖାରବେଳଙ୍କ ପରେ କଳିଙ୍ଗ ଅବସ୍ଥା କ'ଣ ହେଲା ଜଣା ନାହିଁ । ହୁଏତ ତାଙ୍କ ପରେ ତାଙ୍କ ବଂଶଧର ମାନେ କ୍ରମେ ଦୁର୍ବଳ ହୋଇ ପଡିଲେ । ଖ୍ରୀ:ପୂ ୨ୟ ଶତାବ୍ଦୀ ବେଳକୁ କଳିଙ୍ଗରେ ଅରାଜକତା ସୃଷ୍ଟି ହୋଇଥିଲା । ସେହି ସୁଯୋଗରେ ଉତ୍କଳମାନେ ଆସି ଉତ୍ତର କଳିଙ୍ଗ ଅଧିକାର କରି ସେମାନଙ୍କର ରାଜତ୍ୱ ଆରମ୍ଭ କଲେ ।

ଉତ୍କଳମାନେ ଏକ ପ୍ରାଚୀନ ଜାତି । ସେମାନେ ବିନ୍ଧ୍ୟ ପାଦଦେଶରେ ବାସ କରୁଥିଲେ । ବୁଦ୍ଧଙ୍କର ପ୍ରଥମ ଦୁଇଟି ଶିଷ୍ୟ ତପୁସ ଓ ଉଲକ ଉତ୍କଳ ଗୋଷ୍ଠୀର ଲୋକ । ଉତ୍କଳ ଗୋଷ୍ଠୀ ସେ ସମୟରେ ମଧ୍ୟଦେଶବାସୀ ଥିଲେ । ଅର୍ଥାତ୍ ଆଧୁନିକ ମଧ୍ୟପ୍ରଦେଶ ଅଞ୍ଚଳରେ ବାସ କରୁଥିଲେ । ଖ୍ରୀ:ପୂ ୨ୟ ଓ ୩ୟ ଶତାବ୍ଦୀର ପ୍ରଥମ ଭାଗରେ ସେମାନେ ଉତ୍ତର କଳିଙ୍ଗର ଉତ୍ତରାଂଶ ଅର୍ଥାତ୍ ମେଦିନୀପୁର, ବାଲେଶ୍ୱର ଓ କଟକ ଜିଲ୍ଲାର ଉତ୍ତରାଂଶ ଅଞ୍ଚଳ ଜୟକରି ରାଜତ୍ୱ କଲେ ଓ ଉତ୍କଳ ଗୋଷ୍ଠୀ ନାମାନୁସାରେ ସେହି ଅଞ୍ଚଳକୁ ଉତ୍କଳ କୁହାଗଲା ।

ଓଡ୍ର ମଧ୍ୟ ଏକ ପ୍ରାଚୀନ ଗୋଷ୍ଠୀ । ସେମାନେ ଉତ୍କଳ ଗୋଷ୍ଠୀ ସହିତ ବିନ୍ଧ୍ୟ ପର୍ବତ ଅଞ୍ଚଳରେ ବାସ କରୁଥିଲେ । ଆନୁମାନିକ ୨ୟ ଓ ୩ୟ ଶତାବ୍ଦୀ ବେଳକୁ ସେମାନେ ବୋଧହୁଏ ସିଂହଭୂମ୍ – ମାନଭୂମ୍ ଅଞ୍ଚଳରେ ରାଜ୍ୟ ସ୍ଥାପନ କରିଥିଲେ । ମାନଭୂମ୍ ମାନବଂଶର ନାମାନୁସାରେ ନାମିତ ହେବାର ଅନୁମାନ କରାଯାଏ । ମାନ୍‌ବଂଶର ରାଜା ଶମ୍ଭୁୟାଶସ୍ ଖ୍ରୀ:ପୂ ୬ଷ୍ଠ ଶତାବ୍ଦୀର ଶେଷ ଭାଗରେ ଓ ୭ମ ଶତାବ୍ଦୀର ଆରମ୍ଭରେ ତୋଶଳୀରେ ରାଜତ୍ୱ କରୁଥିବାର ପ୍ରମାଣ ସୋର ଓ ପଟିଆକିଲା ତାମ୍ରଲିପିରୁ ଜଣାଯାଏ ଯେ ଉତ୍କଳ 'ଓଡ୍ର ବିଷୟ'ର ଏକ ଅଂଶ ବିଶେଷ ଥିଲା । ସୋମଦତ୍ତଙ୍କ ମେଦିନୀପୁର ତାମ୍ରଲିପିରୁ ଜଣାଯାଏ ଯେ ଉତ୍କଳ ଓ ଦଣ୍ଡଭୁକ୍ତ (ଦକ୍ଷିଣ ମେଦିନୀପୁର) ଦୁଇଟି ଅଲଗା ରାଜନୈତିକ ବିଭାଗ ଥିଲା ।

ଖ୍ରୀ:ପୂ ୨୩୮ ସାଲରେ ଚୀନ ପରିବ୍ରାଜକ ଓଡିଶାକୁ ଆସିଥିଲେ । ସେ ଉତ୍ତର ତୋଶଳୀକୁ 'ଓଡ୍ର' ବୋଲି କହିଛନ୍ତି, କିନ୍ତୁ ଉତ୍କଳ ବିଷୟରେ କିଛି ଉଲ୍ଲେଖ କରି ନାହାନ୍ତି ଉପଯୁକ୍ତ ପ୍ରମାଣ ମାନଙ୍କରୁ

ଜଣାଯାଏ ଯେ ୭ମ ଶତାବ୍ଦୀରେ ଉତ୍ତର ତୋଶଳୀ (ଆନୁମାନିକ ଆଧୁନିକ ବାଲେଶ୍ୱର ଜିଲ୍ଲା ଓ କଟକ ଜିଲ୍ଲାର ଉତରାଂଶ) 'ଓଡ୍ର' ନାମରେ ପରିଚିତ ଥିଲା । ସମ୍ଭବତଃ ଓଡ୍ରମାନେ ମାନ୍‌ବଂଶର ରାଜତ୍ୱ ସମୟରେ (୬ଷ୍ଠ ଶତାବ୍ଦୀରେ) ଉତ୍ତର ତୋଶଳୀ ଅଧିକାର କରିଥିଲେ । ଖ୍ରୀ:ପୂ ୭ମ / ୮ମ ଶତାବ୍ଦୀ ବେଳକୁ ଉତ୍ତର ତୋଶଳୀ 'ଓଡ୍ର' ନାମରେ ବା ଉତ୍କଳ ନାମରେ ପରିଚିତ ଥିଲା । ମାତ୍ର ୮ମ ଶତାବ୍ଦୀ ବେଳକୁ 'ଓଡ୍ର' ଉତ୍କଳରୁ ଅଲଗା ହୋଇଗଲା । ସମ୍ଭବତଃ ଉତ୍କଳ ପୁନର୍ବାର ସ୍ୱାଧୀନ ହେଲା । ଓଡ୍ରମାନେ ଉତ୍କଳରୁ ବିତାଡିତ ହୋଇ ସେମାନଙ୍କ ନିଜ ରାଜ୍ୟରେ ରାଜତ୍ୱ କଲେ । ଅଷ୍ଟମ ଶତାବ୍ଦୀରେ କୋଶଳ ଓ ଉତ୍କଳ ମଧ୍ୟରେ ଥିବା ପାର୍ବତ୍ୟ ଅଞ୍ଚଳରେ ଓଡ୍ରମାନେ ରାଜତ୍ୱ କଲେ ଓ ସେହି ଅଞ୍ଚଳ 'ଓଡ୍ର' ନାମରେ ପରିଚିତ ହେଲା ।

ଆନୁମାନିକ ଷଷ୍ଠ ଶତାବ୍ଦୀର ମଧ୍ୟଭାଗ ବେଳକୁ ଦକ୍ଷିଣ ତୋଶଳୀରେ (ପୁରୀ ଓ ଗଞ୍ଜାମ ଜିଲ୍ଲାର ଉତ୍ତରାଂଶ) ଶୈଳୋଦ୍‌ଭବ ରାଜବଂଶ ରାଜତ୍ୱ ଆରମ୍ଭ କଲେ । ତାଙ୍କର ରାଜତ୍ୱ କାଳରେ ଦକ୍ଷିଣ ତୋଶଳୀ 'କଙ୍ଗୋଦ' ନାମରେ ପରିଚିତ ଥିଲା । ଉତ୍ତରରେ ମେଦିନୀପୁରର କସାଇ ନଦୀ ଠାରୁ ଦକ୍ଷିଣରେ ବୈତରଣୀ ନଦୀ ପର୍ଯ୍ୟନ୍ତ ଅଞ୍ଚଳ ୭ମ ଓ ୮ମ ଶତାବ୍ଦୀରେ ଓଡ୍ର-ଉତ୍କଳ ନାମରେ ପରିଚିତ ଥିଲା । କିନ୍ତୁ ଅଷ୍ଟମ ଶତାବ୍ଦୀ ବେଳକୁ ଉତ୍କଳ ଓ ଓଡ୍ର ଅଲଗା ହୋଇଗଲେ । ଉପକୂଳ ପ୍ରଦେଶ ପୂର୍ବପରି ଉତ୍କଳ ନାମରେ ପରିଚିତ ହେଲା । ଓଡ୍ରମାନେ ଉତ୍କଳରୁ ଚାଲିଗଲେ ସତ, କିନ୍ତୁ 'ଓଡ୍ର' ନାମଟି ଉତ୍କଳ ସହିତ ଲାଗି ରହିଲା । ସେହି ଅଞ୍ଚଳକୁ କେହି ଉତ୍କଳ ତ କେହି ଓଡ୍ର ବୋଲି କହିଲେ ।

କୋଶଳ ଗୋଟିଏ ପ୍ରାଚୀନ ରାଜ୍ୟ । ପୌରାଣିକ ପ୍ରବାଦ ଅନୁସାରେ ରାମ ତାଙ୍କର ରାଜ୍ୟକୁ ୨ ଭାଗରେ ବିଭକ୍ତ କରି ବଡପୁଅ ଲବକୁ ଅଯୋଧ୍ୟା ବା ଉତ୍ତର କୋଶଳ ଦେଲେ ଓ କୁଶକୁ ଦକ୍ଷିଣ କୋଶଳ ଦେଲେ । କୁଶ ଏହାର ରାଜଧାନୀ (କୁଶ ସ୍ଥଳପୁରରେ) (ବିନ୍ଧ୍ୟ ନିକଟରେ) ରହି ରାଜତ୍ୱ କଲେ । ପ୍ରାଚୀନ କାଳରେ କୋଶଳ ସହିତ ଓଡ୍ର, ଉତ୍କଳ ବା କଳିଙ୍ଗର କି ପ୍ରକାର ସମ୍ବନ୍ଧ ଥିଲା କିଛି ଜଣାନାହିଁ । ଆଧୁନିକ ସମ୍ବଲପୁର, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାକୁ ନେଇ ପ୍ରାଚୀନ ଦକ୍ଷିଣ କୋଶଳ ଗଠିତ ହୋଇଥିଲା । ସେଠାରେ ଖ୍ରୀ:ପୂ ୫ମ ଶତାବ୍ଦୀର ଓ ପରବର୍ତ୍ତୀ ଯୁଗର ଅନେକ ଅଭିଲେଖ ଓ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ବସ୍ତୁ ମିଳିଛି । ସମୁଦ୍ରଗୁପ୍ତଙ୍କ ଏଲ୍‌ହାବାଦ ସ୍ତମ୍ଭ ଅଭିଲେଖରେ ଦକ୍ଷିଣ କୋଶଳ ସମ୍ବନ୍ଧରେ ଉଲ୍ଲେଖ ଅଛି ।

ଓଡ୍ର ଓ ଦକ୍ଷିଣ କୋଶଳ ସନ୍ନିହିତ ରାଜ୍ୟ ହୋଇଥିବାରୁ ସେମାନଙ୍କ ମଧ୍ୟରେ ରାଜନୈତିକ ସମ୍ପର୍କ ଥିଲା । ସୋମବଂଶ ରାଜତ୍ୱ ସମୟରେ କୋଶଳ 'ଓଡ୍ର' ଓ ଉତ୍କଳ ଏକ ଶାସନାଧୀନ ହେଲା ।

ଯେଉଁ ପ୍ରାଚୀନ ରାଜ୍ୟ ମାନଙ୍କ ଅଂଶ ମାନଙ୍କୁ ନେଇ ଆଧୁନିକ ଓଡିଶା ଗଠିତ, ସେ ସବୁର ସଂକ୍ଷିପ୍ତ ଇତିହାସ ଉପରେ ଦିଆଗଲା । ସେହି ରାଜ୍ୟମାନଙ୍କ ମଧ୍ୟରୁ କଳିଙ୍ଗ ପ୍ରାଚୀନତମ ଓଡିଶା ରାଜ୍ୟ । ଉତ୍କଳର ଆବିର୍ଭାବ ଆନୁମାନିକ ଖ୍ରୀ:ପୂ ୩ୟ ଶତାବ୍ଦୀରେ ହେଲା । କଳିଙ୍ଗ କ୍ରମେ ସଂକୁଚିତ ହୋଇ ୫ମ / ୬ଷ୍ଠ ଶତାବ୍ଦୀରେ ଦକ୍ଷିଣରେ ଗଞ୍ଜାମ ଜିଲ୍ଲାର ଦକ୍ଷିଣାଂଶ, ଶ୍ରୀକାକୁଲମ ଜିଲ୍ଲା ଓ ପୂର୍ବ ଗୋଦାବରୀ ଜିଲ୍ଲାକୁ ନେଇ ଗଠିତ ହେଲା । ଖ୍ରୀ:ପୂ ୬ଷ୍ଠ / ୭ମ ଶତାବ୍ଦୀରେ ଓଡ୍ର ରାଜତ୍ୱ ଉତ୍ତର ତୋଶଳୀରେ ଚାଲିଲା । ୧୦ମ / ୧୧ ଦଶ ଶତାବ୍ଦୀରେ କୋଶଳ, ଓଡ୍ର, ଉତ୍କଳ ଏକ ଶାସନାଧୀନ ହେଲା । ଏହି ପରିପ୍ରେକ୍ଷୀରେ ବିଚାର କଲେ ଆମ୍ଭର ରାଜ୍ୟର ନାମ 'କଳିଙ୍ଗ' ହେବାର ଉଚିତ୍ ଥିଲା । ତା' ପରେ ଉତ୍କଳର ଦାବୀ । କିନ୍ତୁ ତା' ନ ହୋଇ ଆମର ରାଜ୍ୟ 'ଓଡ୍ର' ମାନଙ୍କ ନାମରେ ନାମିତ ହେଲା । ଏହା ପ୍ରକୃତରେ ଏକ ଐତିହାସିକ ରହସ୍ୟ ।

'ଓଡିଶା' ନାମଟି 'ଓଡ୍ର ବିଷୟ' ଶବ୍ଦର ଉତ୍ପନ୍ନ ଓ 'ଓଡ୍ର' ବିଷୟର ସଂକ୍ଷିପ୍ତ ସଂସ୍କରଣ । ହୁଏନ୍‌ସାଙ୍କ ବିବରଣୀରେ 'ଓଡ୍ର ବିଷୟ' ପରିବର୍ତ୍ତେ କେବଳ 'ଓଡ୍ର' ଉଲ୍ଲେଖ ଅଛି । ଖ୍ରୀ:ପୂ ୯ମ / ୧୦ମ ଶତାବ୍ଦୀରେ କେତେକ ଆରବ ଓ ପାରସ୍ୟ ବଣିକ ବାଣିଜ୍ୟ ସମ୍ପର୍କରେ ଭାରତର ପୂର୍ବ ଉପକୂଳର କେତେକ ରାଜ୍ୟମାନଙ୍କ ସମ୍ବନ୍ଧରେ ସେମାନଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି । ସେଥିମଧ୍ୟରେ 'ଉଲସିନ୍' ବୋଲି ଏକ ରାଜ୍ୟର ଉଲ୍ଲେଖ ଅଛି । ଏହି 'ଉଲସିନ୍' ରାଜ୍ୟ 'ଓଡ୍ର' ରାଜ୍ୟ ବୋଲି ଐତିହାସିକ ମାନେ ମତ ଦେଇଛନ୍ତି । ଏକାଦଶ ଶତାବ୍ଦୀର ମୁସଲମାନ ଐତିହାସିକ ଆଲ୍‌ବେରୁନୀ ତାଙ୍କର ଭାରତ ସମ୍ବନ୍ଧୀୟ ପୁସ୍ତକରେ 'ଉଡ୍ର ବିସଉ' ବୋଲି ଯେଉଁ ରାଜ୍ୟର ଉଲ୍ଲେଖ କରିଛନ୍ତି ତାହା 'ଓଡ୍ର ବିଷୟ' ବୋଲି ଐତିହାସିକଙ୍କ ମତ ରାଜେନ୍ଦ୍ର ଚୋଳଙ୍କ ତିରୁମଲାର ଅଭିଲେଖରେ (ଖ୍ରୀ:ପୂ ୧୦୨୫) 'ଓଡ୍ର ବିଷୟ' ଉଲ୍ଲେଖ ଅଛି । ଲାମା ତାରାନାଥଙ୍କର 'ରହସ୍ୟମୟ ଗଳ୍ପ' ଓ 'ପାଚ୍‌ସାମ୍ ଜାନ୍ ଢଙ୍ଗ' ନାମକ ବୌଦ୍ଧ ଧର୍ମ ସମ୍ବନ୍ଧୀୟ ଦୁଇଟି ପୁସ୍ତକରେ ଓଡିଶାକୁ 'ଓଡ୍‌ବିଶ' ବୋଲି ଉଲ୍ଲେଖ କରାଯାଇଛି । ମୁସଲମାନ ଐତିହାସିକ ସାମ-ଇ-ସିରାଜ-ଆଫ୍‌ଫ୍‌କରେ 'ତବାକତ୍-ଇ-ନାସିରି' ପୁସ୍ତକରେ ଓଡିଶାକୁ 'ଜାଜ୍‌ନଗର ଉଡିଶା' ବୋଲି ଉଲ୍ଲେଖ କରାଯାଇଛି। ଗଜପତି ରାଜା କପିଳେନ୍ଦ୍ର ଦେବ ଖ୍ରୀ:ପୂ (୧୪୩୫-୧୪୬୭) ସମୟର ଗୋଟିଏ ଅଭିଲେଖରେ

’ଓଡିଶା ରାଜ୍ୟ’ ର ଉଲ୍ଲେଖ ଅଛି ।

ଏହିପରି ଭାବରେ ୬ଷ, ୭ମ ଶତାବ୍ଦୀରେ ’ଓଡ୍ର ବିଷୟ’ ଓଡିଶାରେ ପରିଣତ ହେଲା ଓ ଆମ ରାଜ୍ୟର ନାମ ସେହି ଅନୁସାରେ ନାମିତ ହେଲା ।

ମନୁଷ୍ୟ ନିଜ ମନୋଭାବ ପ୍ରକାଶ କରିବା ନିମିତ୍ତ ଶିର-ଚକ୍ଷୁ-ହସ୍ତ-ପଦାଦି ଅଙ୍ଗ ଚାଳନା, ଠାର, ଇଙ୍ଗିତ, ଇସାରା ପ୍ରଭୃତି କରିପାରେ କିନ୍ତୁ ଏ କାର୍ଯ୍ୟରେ ତା’ର ସର୍ବଶ୍ରେଷ୍ଠ ଉପାୟ ହେଉଛି ତା’ର ମୁଖରୁ ଉଚ୍ଚାରିତ କେତେ ଗୁଡିଏ ବାଗ୍‌ଧ୍ୱନି । ସଂସ୍କୃତ ବ୍ୟାକରଣକାର ମାନେ ଏହି ଧ୍ୱନି ଗୁଡିକୁ ବର୍ଣ୍ଣ ନାମରେ ଅଭିହିତ କରିଛନ୍ତି । ଅର୍ଥ ଦ୍ୟୋତକ ବର୍ଣ୍ଣ ସମଷ୍ଟିକୁ ସେମାନେ ଶବ୍ଦ କହନ୍ତି । ଏହିପରି ବହୁ ଶବ୍ଦ କେତେକ ବିଶେଷ ସମ୍ବନ୍ଧରେ ଆବଦ୍ଧ ହୋଇ ସଂପୂର୍ଣ୍ଣ ଅର୍ଥ ପ୍ରକାଶ କଲେ ତାହା ହୁଏ ବାକ୍ୟ । ଏହି ବର୍ଣ୍ଣ, ଶବ୍ଦ, ଅର୍ଥ ଓ ବାକ୍ୟ ନେଇ ଗଢା ହୋଇଛି ମଣିଷର ଭାଷା । ଶିକ୍ଷିତ ହେଉ ବା ନହେଉ, ଲେଖିବା ପାଇଁ ସାମର୍ଥ୍ୟ ଥାଉ ଅବା ନଥାଉ ମଣିଷ ପିଲା ଜନ୍ମ ପରେ ମାତ୍ର ଅଳ୍ପ କେତେ ମାସ ମଧ୍ୟରେ ହୁଁ, ହାଁ, କୁଁ, କାଁ ଧ୍ୱନି ଉଚ୍ଚାରଣ କରେ । ଏବଂ ପରେ ଚାରି ପାଖରେ ଥିବା ସମାଜରୁ ଅନୁକରଣ କରି ସବୁପ୍ରକାର ଅର୍ଥପୂର୍ଣ୍ଣ କଥା କହି ଭାଷାର ଅଧିକାରୀ ହୋଇଯାଏ ।

ମଣିଷର ମୁଖ ମଧ୍ୟରେ ତାହାର ବାକ୍‌ଯନ୍ତ୍ର ଦ୍ୱାରା ସୃଷ୍ଟ ବିବିଧ ଧ୍ୱନି ବା ବର୍ଣ୍ଣ ମନର ଭାବ ଅନୁଯାୟୀ ବିବିଧ କ୍ରମ ନିୟମ ରକ୍ଷା କରି ଯୋଡି ହୋଇଯାଏ ଏବଂ ସୃଷ୍ଟି କରେ ତା’ର ଭାଷା । ବାସ୍ତବିକ୍, ଭାଷା କହିଲେ ମୁଖ ଉଚ୍ଚାରଣ ଲବ୍‌ଧ କଥା ବା କଥିତ ଭାଷାକୁ ହିଁ ଗ୍ରହଣ କରାଯାଏ ।

କଥିତ ଭାଷା ଏବଂ ତହିଁରେ ପ୍ରକାଶିତ ଭାବ ସଂପଦ ଉଚ୍ଚାରଣ ପରେ ପରେ ବାୟୁ ମଧ୍ୟରେ ମିଳାଇ ଯାଏ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ କାଳରେ ଯେଉଁ ଭାଷା ବ୍ୟବହାର କରନ୍ତି ତାହାକୁ ଭିନ୍ନ ସ୍ଥାନରେ ଏବଂ ପରବର୍ତ୍ତୀ ସମୟରେ ଉପସ୍ଥାପିତ କରିବା ଲାଗି ବୁଦ୍ଧିମାନ ମଣିଷ କେଉଁ ଦୂର ଅଜ୍ଞାତ ଅତୀତରେ ପ୍ରଥମେ କେତେ ପ୍ରକାର ରୈଖିକ ଚିହ୍ନ ଅଥବା ଚିତ୍ର ବ୍ୟବହାର କରିଥିଲା । ଏ ଚିତ୍ର ବା ସାଙ୍କେତିକ ଚିହ୍ନ ଗୁଡିକ ଦ୍ୱାରା କେତେକ ସ୍ଥୁଳ ଭାବ ସୂଚନା ମାତ୍ର ଦିଆଯାଇ ପାରୁଥିଲା । ପ୍ରକୃତରେ ଭାଷାକୁ ଅବିକଳ ଧରି ରଖିବାର ଉପାୟ ହେଉଛି ମୌଳିକ ଭାବେ ଉଚ୍ଚାରିତ ହେଉଥିବା ବର୍ଣ୍ଣମାନଙ୍କୁ ଚିହ୍ନି ପ୍ରତ୍ୟେକଟିର ସୂଚନା ଦେବା ନିମିତ୍ତ ସ୍ୱତନ୍ତ୍ର ଚିତ୍ର ଉଦ୍ଭାବନ କରିବା । ଉଦାହରଣ ସ୍ୱରୂପ ଅ, ଆ, କ, ଠ, ମ, ଓ ପ୍ରଭୃତି ଯେଉଁ ପୃଥକ୍ ବର୍ଣ୍ଣ ସବୁ ଉଚ୍ଚାରିତ ହେଉଛି ପ୍ରତ୍ୟେକଟିକୁ ସୂଚିତ କରିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ରେଖାଚିତ୍ର କଳ୍ପନା କରିବା । ଏହି ସାଙ୍କେତିକ ଚିତ୍ର ଗୁଡିକର ନାମ ଲିପି । ଓଡିଆରେ ଆମେ ବର୍ଣ୍ଣମାଳା ବା ଅକ୍ଷର କହିଲେ ଯେଉଁ ଚିତ୍ରରୂପ ଗୁଡିକ ବୁଝୁଁ ସେମାନେ ଆମ କଣ୍ଠ ଦ୍ୱାରା ଉଚ୍ଚାରିତ ଗୋଟିଏ ଗୋଟିଏ ବର୍ଣ୍ଣ ବା ଧ୍ୱନିର ସଙ୍କେତ ବହନ କରନ୍ତି । ଗୋଟିଏ କଥାରେ କହିଲେ ବର୍ଣ୍ଣର ସୂଚନାକାରୀ ସାଙ୍କେତିକ ଚିହ୍ନ ହିଁ ଲିପି । ଓଡିଆ ଭାଷାରେ ଉଚ୍ଚାରିତ ବର୍ଣ୍ଣମାନଙ୍କର ଲିଖିତ ଚିତ୍ରାକାର ରୂପ ହେଉଛି ଓଡିଆ ଲିପି । ଲିପି ସାହାଯ୍ୟରେ ମଣିଷର କଥିତ ଭାଷା ଲିଖିତ ରୂପ ନିଏ । ସ୍ଥାନ କାଳର ସୀମା ଅତିକ୍ରମ କରି ମଣିଷର ଭାଷାକୁ ସ୍ଥାୟୀ ଆକାର ଦେବାରେ ଲିପି ହିଁ ସହାୟକ । କିନ୍ତୁ ତଥାପି ସ୍ମରଣ କରିବାକୁ ହେବ ଯେ ଏହି ସାଙ୍କେତିକ ଲିପି ଗୁଡିକର କ୍ରମିକ ପରିମାର୍ଜନା ହେଉଥିଲେ ହେଁ କୌଣସି ମଣିଷର କଣ୍ଠନିଃସୃତ ଭାଷାକୁ ଅବିକଳ ଲିଖିତ ରୂପ ଦେବା । ଏକ ପ୍ରକାର ଅସମ୍ଭବ ବ୍ୟାପାର । ଏହି ଦୃଷ୍ଟିରୁ ଗ୍ରାମୋଫୋନ୍, ଟେପରେକର୍ଡ, ରେଡିଓ ପ୍ରଭୃତି ବୈଜ୍ଞାନିକ ଯନ୍ତ୍ରର ଉପଯୋଗିତା ସ୍ୱୀକାର କରିବାକୁ ହୁଏ ।

ଓଡିଆ ଲିପି ସହିତ ଆମର ପ୍ରଥମ ପରିଚୟ ଘଟେ ଖଡିଛୁଆଁ ଦିନଠାରୁ । ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ, ଯୁକ୍ତାକ୍ଷର ଏବଂ ନାନା ପ୍ରକାର ମାତ୍ରା ଓ ଫଳା । ଏହି ସବୁ ସାଙ୍କେତିକ ଚିହ୍ନ ଗୁଡିକ ଦ୍ୱାରା ଆମ ମୁଖରେ ଉଚ୍ଚାରିତ ଓଡିଆ କଥା ଗୁଡିକୁ ଲିଖିତ ରୂପ ଦିଆଯାଏ । ଏହି ଚିତ୍ରରୂପ ଗୁଡିକ ଆଜିର ପ୍ରିଣ୍ଟିପ୍ରେସ୍‌ର ପ୍ରଭାବରେ ଏକ ନିର୍ଦ୍ଦିଷ୍ଟ ଏବଂ ସ୍ଥାୟୀ ରୂପ ପାଇଗଲାଣି କିନ୍ତୁ ଏଗୁଡିକର ଆକାର ମୂଳରୁ ଏପରି ନଥିଲା ।

ପ୍ରାୟ ୨୩୦୦ ବର୍ଷ ପୂର୍ବେ ଆମ ଓଡିଶାର ଜଉଗଡ, ଧଉଳିଗିରି ଏବଂ ଅନ୍ୟତ୍ର ଭାରତର ବହୁ ସ୍ଥାନରେ ଖୋଦିତ ଅଶୋକଙ୍କ ପାଲିଭାଷାର ଅନୁଶାସନ ସବୁ ଯେଉଁ ଲିପିରେ ଖୋଦିତ ହୋଇଛି ତାହାକୁ ପ୍ରାଚୀନ ବ୍ରାହ୍ମୀଲିପି କହନ୍ତି । ଖ୍ରୀଷ୍ଟପୂର୍ବ ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ଏହି ବ୍ରାହ୍ମୀଲିପି ସହିତ ପ୍ରାଚୀନ ଗ୍ରୀକ୍ ଓ ମିଶରୀୟ ଲିପିର ମଧ୍ୟ ସ୍ୱସାଦୃଶ୍ୟ ଦେଖାଯାଏ । ସ୍ମରଣ ରଖିବାକୁ ହେବଯେ ଭାରତରେ ଲିପି ଉଦ୍‌ଭାବନ ହେବାର ଇତିହାସ ଆହୁରି ତିନି ହଜାର ପ୍ରାଚୀନ । ସିନ୍ଧୁ ଉପତ୍ୟକାର ମହେଞ୍ଜୋଦାରୋ ଏବଂ ହରପ୍ପାରେ ଆବିଷ୍କୃତ ମୁଦ୍ରା ମାନଙ୍କରେ ଥିବା ଲିପି ଏହାର ପ୍ରମାଣ । କିନ୍ତୁ ଏହାର ପାଠୋଦ୍ଧାର ଏପର୍ଯ୍ୟନ୍ତ ସମ୍ଭବ ହୋଇ ନଥିବାରୁ ସେହି ପ୍ରାଚୀନ ଲିପିକୁ ମୂଳବୋଲି ଧରିବାକୁ ହୁଏ ।

ଖଣ୍ଡଗିରି, ଉଦୟଗିରିରେ ଜୈନ ସମ୍ରାଟ ଖାରବେଳଙ୍କ ହାତୀ

ଗୁମ୍ଫା ଅନୁଶାସନରେ ବ୍ୟବହୃତ ଲିପି ମଧ ବ୍ରାହ୍ମୀ । କିନ୍ତୁ ଏଥିରେ ଅଶୋକ କାଳର ଲିପିରେ ସାମାନ୍ୟ ବିକାଶ ଦେଖାଯାଉ ଥିବାରୁ ଏହାକୁ ପରବର୍ତ୍ତୀ ବ୍ରାହ୍ମୀ ଆଖ୍ୟା ଦିଆଯାଇଛି । ବିଶାଳ ଭାରତର ବିଭିନ୍ନ ଅଞ୍ଚଳର ଲେଖକ ମାନଙ୍କ ସୁବିଧା ଅସୁବିଧା, ହସ୍ତ ପଟୁତା, ସୌନ୍ଦର୍ଯ୍ୟବୋଧ, ଏବଂ କୌଳିକ ପରମ୍ପରା ପ୍ରଭୃତି କାରଣରୁ ସେହି ମୂଳ ବ୍ରାହ୍ମୀଲିପିର ଲେଖା ସବୁର ମୁଣ୍ଡ ଉପରେ ଗୋଟିଏ ଗୋଟିଏ ଅଧିକ ଗାର, ମୁଣ୍ଡୁଳା, ତ୍ରିକୋଣ ଅଥବା ଚତୁଷ୍କୋଣ ଚିହ୍ନର ବ୍ୟବହାର ପରବର୍ତ୍ତୀ କାଳର ଶିଳାଲେଖ ଏବଂ ଧାତୁଲେଖ ମାନଙ୍କରେ ଦେଖାଯାଏ ।

ଲିପି ତତ୍ତ୍ୱବିତ୍ ପଣ୍ଡିତ ମାନଙ୍କର ବିଶ୍ୱାସ ଯେ ଏହା ଫଳରେ ଭାରତର ବିଭିନ୍ନ ଅଞ୍ଚଳରେ ତାଳପତ୍ର ଲିଖନର ବ୍ୟବହାର ଥିବାରୁ ଏବଂ ସିଧା ଗାର ଯୋଗୁଁ ସେହି ମୂଳ ବ୍ରାହ୍ମୀଲିପିର ରୂପ ଭିନ୍ନ ଭିନ୍ନ ହୋଇଯାଇଛି । ଓଡିଶାରେ ତାଳପତ୍ର ଚିରିଯିବା ଭୟ ଥିବାରୁ ଓଡିଶାର ଲେଖକମାନେ ଅକ୍ଷର ଗୁଡିକୁ ଗୋଲ ଗୋଲ କରିଥିଲେ । ଦେବନାଗରୀ ଓ ବଙ୍ଗଳା ପ୍ରଭୃତି ଲିପିର ଗଠନ ସହିତ ଓଡିଆ ଲିପିର ତୁଳନା କଲେ ସ୍ପଷ୍ଟ ଜଣାପଡେ ଯେ ଏହି ଗୋଲାକାର ଗଠନ ହିଁ ସେମାନଙ୍କର ମୁଖ୍ୟ ପାର୍ଥକ୍ୟ । ଓଡିଆ ଶିଳାଲେଖ ଏବଂ ଧାତୁଲେଖ ମାନଙ୍କରୁ ଦେଖିବାକୁ ମିଳେ ଯେ ସାରଳାଦାସଙ୍କ ସମୟକୁ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟକୁ ଓଡିଆ ଲିପି ତାହାର ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରି ସାରିଥିଲା । ପରବର୍ତ୍ତୀ କାଳରେ ଦ୍ରୁତ ଲିଖନ ସୁବିଧା ପାଇଁ ଏ ଦେଶରେ ଲେଖକମାନେ ଯେଉଁ କରଣୀ ଲିପି ବ୍ୟବହାର କରୁଥିଲେ ତାହା ମଧ ଏକ ବିକାଶ । ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ କାଗଜ ଓ ପ୍ରେସ୍ ଯୁଗରେ ପରିବର୍ତ୍ତନ ପରେ ଖ୍ରୀଷ୍ଟିୟାନ ମିଶନାରୀମାନେ ପ୍ରଥମେ ଯେଉଁ ଧର୍ମ ପୁସ୍ତକ କଲିକତାରେ ଛପାଇଥିଲେ ତହିଁରେ ଓଡିଆ ଲିପିର ପ୍ରକୃତି ନିର୍ଦ୍ଦିଷ୍ଟ ହୋଇଯିବା ଦିଗରେ କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଏହି ପ୍ରସଙ୍ଗରେ ତା ୮/୦୮/୧୮୭୮ ରେ ଛାପା ହୋଇଥିବା 'ଉତ୍କଳ ପୁତ୍ର' ପତ୍ରିକାର ୧୧ଶ ଭାଗ ୩୨ ସଂଖ୍ୟାରେ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଯେଉଁ ବିଜ୍ଞାପନ ଛପାଇଥିଲେ ତହିଁରେ ସେ ଉଲ୍ଲେଖ କରିଥିଲେ - "ଆମ୍ଭ ମାନଙ୍କ ମାତୃଭାଷାରେ ଯେଉଁ ସବୁ ଅକ୍ଷର ଓ ଯୁକ୍ତାକ୍ଷର ଅଛି ସେଥି ମଧରୁ କେତେକ ଅକ୍ଷରର ଟାଇପ୍ ଅବଧି ଗଢା ହୋଇ ନଥିଲା । ମୁଁ ସେଥିମଧରୁ ଦୁଇ ଚରିପ୍ରକାର ଟାଇପ୍ ଗଢାଇ ଅଛି ।" ଇତ୍ୟାଦି । 'ଙ୍ଗ' ଏବଂ 'ର୍ଣ୍ଣ' ପ୍ରଭୃତି କେତେକ ଅକ୍ଷର ସମ୍ପର୍କୀୟ ଏହି ବିଜ୍ଞାପନରେ ସେ ପୁଣି ଲେଖିଥିଲେ ଯେ ସେ ଆହୁରି କେତେକ ଟାଇପ୍ ଗଢାଇବାକୁ ମଧ ମନସ୍ଥ କରିଥିଲେ । ଏଥିରୁ ମନେହୁଏ ଏହି ଅକ୍ଷର ଯୁକ୍ତାକ୍ଷର ସବୁ ତାହାର ନିର୍ଦ୍ଦିଷ୍ଟ ଛାପାରୂପ ନେଲା ବେଳକୁ ଊନବିଂଶ ଶତାବ୍ଦୀ ପ୍ରାୟ ସରିଯାଇଥିଲା । ପ୍ରାୟ ୯୫ ବର୍ଷ ତଳେ ପ୍ରଥମଥର ପାଇଁ ପ୍ରକାଶିତ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ରେ ବ୍ୟବହୃତ ଅକ୍ଷର ଯୁକ୍ତାକ୍ଷର ଯାହା ଥିଲା ତାହାକୁ ଓଡିଆ ଲିପି ବିକାଶର ଶେଷ ସ୍ତର କୁହାଯାଇପାରେ ।

ଓଡିଆ ଲିପିର ଏହି ବିକାଶ ଓ ବିବର୍ତ୍ତନ ମଧ୍ୟରେ ତାହାର ଏକ ପରିବର୍ତ୍ତନ ତଥା ସଂସ୍କାର ଚାଲିଛି । ଏଥିରେ ଲକ୍ଷ୍ୟ ଥିଲା ଆମେ କଥିତ ଭାଷାରେ ଯେତେ ଉଚ୍ଚାରଣ କରୁ ସବୁକୁ ସୁନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ରୂପଦେବା । କିନ୍ତୁ ଶତାଧିକ ସଂଖ୍ୟାର ଅକ୍ଷର ଯୋଗୁଁ ଆମର ମୁଦ୍ରଣଶିଳ୍ପ ଯେଉଁ ଅସୁବିଧାର ସମ୍ମୁଖୀନ ହେଲା ବିଂଶ ଶତାବ୍ଦୀର ଆରମ୍ଭରେ ତାହା ଆମର କେତେକ ପଣ୍ଡିତଙ୍କର ଦୃଷ୍ଟି ଆକର୍ଷଣ କଲା ।

ସତ୍ୟବାଦୀ ସ୍କୁଲର ଗୋପବନ୍ଧୁ ପ୍ରଭୃତି ଲେଖକମାନେ ପ୍ରଥମେ ଓଡିଆ ଲିପିର ସଂସ୍କାରକୁ ଏକ ନୂଆଁ ବିଚାରଧାରା ରୂପରେ ଉପସ୍ଥାପିତ କଲେ । ୧୯୧୩ ରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର ପ୍ରଭୃତି ଭାଷା-ସାହିତ୍ୟ ବିଶାରଦ ମାନେ ଏ ବିଷୟରେ ସେମାନଙ୍କସୁଚିନ୍ତିତ ମତ ଦେଇ ବର୍ଗ୍ୟ ବର୍ଣ୍ଣ ପୂର୍ବରୁ ଅନୁସାର ଲଗେଇ ପଞ୍ଚମ ବର୍ଣ୍ଣ ଗଠିତ ଯୁକ୍ତାକ୍ଷର ତିଆରି କରିବା ଏବଂ 'ରେଫ୍' ଯୋଗରେ ଅକ୍ଷରର ଦ୍ୱିତ୍ୱ ପରିହାର କରିବାକୁ ମତ ଦେଇଥିଲେ । ଏହା ଫଳରେ ଙ୍କ, ଙ୍ଗ, ମ୍ପ, ଞ୍ଚ, ନ୍ତ, ଣ୍ଠ ପ୍ରଭୃତି ଯୁକ୍ତାକ୍ଷର ଗୁଡିକୁ ନରଖି ଅନୁସାର ସାହାଯ୍ୟରେ ମୁଦ୍ରଣ କାର୍ଯ୍ୟ ଚଳିଥାନ୍ତା କିନ୍ତୁ, ସଂସ୍କୃତପ୍ରେମୀ ପ୍ରାଚୀନ ପନ୍ଥୀମାନେ ଏହା ସଂସ୍କୃତ ବ୍ୟାକରଣର ବିରୋଧି ହୋଇ ନଥିଲେ ମଧ କେବଳ ଚିରାଚରିତ ଅଭ୍ୟାସର ମୋହ ଯୋଗୁଁ ଏହାର ବିରୋଧ କଲେ । ଫଳତ ନବୀନ ମାନଙ୍କ ମଧରେ ଏହା ଏକ ଆନ୍ଦୋଳନରେ ପରିଣତ ହେଲା । ପଣ୍ଡିତ ନୀଳକଣ୍ଠ ଦାସ ସେହି ଦିନ ଠାରୁ ନିଜ ନାମର ବନାନ ବଦଳେଇ ଲେଖିଲେ 'କ' ଅନୁସାର ଙ୍କ ନୀଳକଣ୍ଠ ।

ଓଡିଆ ଟାଇପ୍ ମେସିନ୍ ତିଆରି କରିବା ପ୍ରଶ୍ନ ଯେତେବେଳେ ଉଠିଲା ସେତେବେଳେ ମଧ ଦେଖାଗଲା ଯେ ଓଡିଶାର ଶତାଧିକ ଅକ୍ଷର ନେଇ କୀବୋର୍ଡ ତିଆରି କରି ହେବ ନାହିଁ । ଗଞ୍ଜାମ ନିବାସୀ ରଙ୍ଗନାଥ ମହାପାତ୍ର ଏହି ଦିଗରେ ଦୀର୍ଘ ଦିନଧରି ଚେଷ୍ଟା କରିଥିଲେ । ଟାଇପ୍ ମେସିନ୍ ସହିତ ସରକାରୀ ଶାସନ ବ୍ୟବସ୍ଥାର ଘନିଷ୍ଠ ସମ୍ପର୍କ ରହୁଥିବାରୁ ସରକାର ମଧ ସେ ବିଷୟରେ ଆଗ୍ରହୀ ଥିଲେ । ବହୁ ଆଲୋଚନା ପରେ ସରକାରୀ ସ୍ତରରେ ଟାଇପ୍ ମେସିନ୍ର 'କୀ' ବୋର୍ଡ ସ୍ୱୀକୃତ ହେଲାପରେ

ଓଡିଆ ଟାଇପ୍ ରାଇଟର୍ ତିଆରି ହେଲା।

ଏଥିରେ ଓଡିଆ ଯୁକ୍ତାକ୍ଷରକୁ ସରଳ କରିବା ଲାଗି ଅନୁସାର ପରବର୍ତ୍ତୀ ବର୍ଗ୍ୟବର୍ଣ୍ଣ ପ୍ରୟୋଗ ସହିତ ହଳନ୍ତ ଗାରଟିଏ ବ୍ୟାପକ ଭାବେ ବ୍ୟବହୃତ ହେଲା । ଓଡିଆ ଲେଖାର ସ୍ୱାଭାବିକ ବନାନ ରକ୍ଷା କରିବାକୁ ତିନିଗୋଟି ସ, ଦୁଇଟି 'ଜ' ଓ ହ୍ରସ୍ୱଦୀର୍ଘ ମାତ୍ରାମାନେ ଅପରିବର୍ତ୍ତିତ ରହିଲା

ମୁଦ୍ରଣ ଶିଳ୍ପ ଏବଂ ଟାଇପ୍‌ରାଇଟର୍ ଆନ୍ଦୋଳନ ସହିତ ଲିପି ସଂସ୍କାର ପ୍ରଶ୍ନ ସଂଯୁକ୍ତ, କାରଣ ଅକ୍ଷର ସଂଖ୍ୟା କମିଗଲେ ଏବଂ ଜଟିଳ ଅକ୍ଷରର ରୂପ ସରଳ ହୋଇପାରିଲେ ମୁଦ୍ରଣ ସୁବିଧାଜନକ ଓ ସୁନ୍ଦର ହେବ । କିନ୍ତୁ ଲିପି ସଂସ୍କାରର ଆବଶ୍ୟକତା ମୂଳରେ ବିଶେଷ କାରଣ ରହିଛି । କଥିତ ଭାଷାକୁ ଲିଖିତ ରୂପ ଦେବା ପାଇଁ ଲିପି ପରିକଳ୍ପିତ ହୋଇଥାଏ । ପକ୍ଷାନ୍ତରେ ଭାଷାର ଲିଖିତ ରୂପ ମଧ୍ୟ ଏପରି ହେବା ଉଚିତ୍ ଯେ ତାହା ପାଠ କରିଦେବା ମାତ୍ରେ ଠିକ୍ ଓଡିଆ ପରି ଶୁଭୁଥିବ । ଆମ ଓଡିଆ ଲିପି ଏ ଦୃଷ୍ଟିରୁ ଯଥାର୍ଥ ହେଉନାହିଁ । କାରଣ ଆଧୁନିକ ଭାଷା ବିଜ୍ଞାନ ଭାଷାର କଥିତ ରୂପ ଉପରେ ଯେଉଁ ଗୁରୁତ୍ୱ ଆରୋପକରେ ସେ ଦୃଷ୍ଟିରୁ ଆମ ଓଡିଆ ଲିପିରେ କେତେକ ଅକ୍ଷର ଅନ୍ତର୍ଭୁକ୍ତ ହୋଇଛି । ଉଦାହରଣ ସ୍ୱରୂପ ଆମେ ଓଡିଆରେ ତିନୋଟି 'ସ' ଲେଖୁଁ – ତାଲବ୍ୟ 'ଶ' ମୂର୍ଦ୍ଧନ୍ୟ 'ଷ' ଓ ଦନ୍ତ୍ୟ 'ସ' । ସଂସ୍କୃତ ନିୟମ ଅନୁସାରେ ଯେଉଁ ଶବ୍ଦର ବନାନରେ ଏହି 'ସ'ର ପାର୍ଥକ୍ୟ ରହିଛି ତାହା ଠିକ୍ ସେହିପରି ଲେଖିବାକୁ ହୁଏ । କିନ୍ତୁ ଆମେ କଥାବାର୍ତ୍ତାରେ ଗୋଟିଏ 'ସ' ଉଚ୍ଚାରଣ କରୁ । ତାହା ହେଉଛି ଦନ୍ତ୍ୟ 'ସ' ।

ମଝିରେ ଲିପି ସଂସ୍କାର ନାଁରେ ବହୁଚେଷ୍ଟା ଚାଲିଥିଲା । ମାତ୍ର ଆମ ଭାଷା ଆମ ଲିପି ଏତେ ସୁନ୍ଦର ଯେ ପରିବର୍ତ୍ତନକୁ ସହଜରେ ସମାଜରେ ଗ୍ରହଣ କଲେ ନାହିଁ । ଆଜି ୨ ୦ ୧ ୮ ମସିହା ହେଲାଣି, ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ସାରିଲାଣି । ଆମ ଭାଷାର ମହକ ଆମ ଲିପି ସେଇପରି ରହିଛି । ଯାହା ଦୂର ଦୂରାନ୍ତକୁ ପ୍ରସାରିତ ହୋଇ ଆଞ୍ଚଳିକ ଭାଷାରେ ମଧ୍ୟ ପରିଲକ୍ଷିତ ହେଉଛି ।

*******

ଯୋଗାଯୋଗ: ବି / ୧୫୦, ସେକ୍ଟର-୭ ରାଉରକେଲା-୭୬୯୦୦୩ ମୋ- ୯୯୩୭୫୧୪୯୬୯

# ଘର



**କମଳା ଶତପଥୀ**

"ଦୁନିଆସାରା ଲୋକ ଘର ତୋଳୁଛନ୍ତି, ବାଡି ବଗିଚା କରୁଛନ୍ତି । ତାଙ୍କ ପାଖରେ ତ କାହିଁ ପଇସାର ଅଭାବ ହେଉନାହିଁ, ଆଉ ତମରି ବେଳକୁ ସବୁ ଅଭାବ ଅସୁବିଧା ! ଆଜିକା ଯୁଗରେ କିଏ ଘର ନ ତୋଳୁଛି ଯେ ? ବନ୍ଧୁବାନ୍ଧବ, ସାଙ୍ଗସାଥୀ, ସାହିପଡିଶା, ତୁମ ସାଙ୍ଗର ସବୁ ଲୋକ ଗୋଟାଏ କ'ଣ ଦୁଇ ତିନିଟା ଜାଗା କିଣି ଘର ତୋଳେଇ ସାରିଲେଣି । କେହି କେହି ଜାଗା ନପାଇଲାରୁ ଫ୍ଲାଟ୍ ବି କିଣୁଛନ୍ତି । ଆଉ ତୁମେ ? ହୁଁ ..."

ଘର ବନେଇବାର ଏଇ ନିଶାଟା ବେଳ ଅବେଳରେ ସୁରମାଙ୍କ ମୁଣ୍ଡକୁ ଏମିତି ଚଢ଼େ ଯେ ବୈକୁଣ୍ଠବାବୁ ଯେତେ ନାକ କାନ ବୁଜି ବସିରହିଲେ ବି ସେ ଉତ୍ତାପରୁ ରକ୍ଷା ପାଇ ପାରନ୍ତିନିାସେ ଉତ୍ତାପ ବି ଏମିତିସେମିତି ନୁହେଁ, ଆଗ ଘଣ୍ଟାଏ କାଳ ବକର ବକର, ପରେ ବାସନକୁସନ ଫୋପଡାଫିଙ୍ଗା, ଆଉ ମୁହଁଫୁଲା, ତା'ସାଙ୍ଗକୁ ପୁରୁଣା ଦିନର ଅଭାବ ଅସୁବିଧାର ଅନ୍ତହୀନ ରାଗିଣୀ ଗୋଟିକ ପରେ ଗୋଟିଏ ତାଙ୍କର ସେହି ଚାରିକାନ୍ଥ ଭିତରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପଶିଆସନ୍ତି । ସେମାନଙ୍କୁ ବାହାରକୁ ବିଦା କରିବା ଏତେ ସହଜ କଥା ନୁହେଁ । ବୈକୁଣ୍ଠବାବୁ ତ ସହଜେ ନିରିମାୟା ଲୋକ, କାହୁଁ ଟିଷ୍ଠି ପାରନ୍ତେ ସେ ଝଡ ଆଗରେ !

କାକୁତି ମିନତି ହୁଅନ୍ତି କେତେ, କେବେ କେବେ ବଜେଟ୍ ବାହାରର ଉପହାରକୁ ବି ଘରକୁ ବୋହି ଆଣନ୍ତି ତାଙ୍କୁ ଶାନ୍ତ କରିବା ପାଇଁ, ନହେଲେ ସୁରମାଙ୍କ ପ୍ରିୟ ବାନ୍ଧବୀଙ୍କ ଘରକୁ ବୁଲେଇବାକୁ ନେଇଯାଇ ସେମାନଙ୍କ ବଜର ବଜର ଶୁଣନ୍ତି ନିଜର ଧୈର୍ଯ୍ୟଚ୍ୟୁତି ଘଟିବା ପର୍ଯ୍ୟନ୍ତ । ଅବଶ୍ୟ ତା'ପରେ କିଛି ଦିନ ପର୍ଯ୍ୟନ୍ତ ଘର ବନେଇବାର ଚର୍ଚ୍ଚାକୁ ସାମାନ୍ୟ

GALPA

ବିଶ୍ରାମ ମିଳେ । ତଥାପି ଆଗାମୀ ଅଧିବେଶନ ଯେ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଅଛି, ତାହାର ସମସ୍ତ ସୂଚନାକୁ ବୈକୁଣ୍ଠବାବୁ ସବୁବେଳେ ନିଜ ଆଖପାଖରେ ଅନୁଭବ କରିଚାଲନ୍ତି ।

ଘର ତୋଳିବାର ଏଇ ଇଚ୍ଛାଟା ସୁରମାଙ୍କର ବହୁ ଦିନର ସ୍ୱପ୍ନ । ବାହା ହୋଇ ଆସିଲା ଦିନରୁ ନିଜ ମନ ମୁତାବକ ଘରଟିଏ ତୋଳିବା କଥା ରାତିଦିନ ସବୁବେଳେ ବୈକୁଣ୍ଠବାବୁଙ୍କୁ ସେ କହି ଆସିଛନ୍ତି । ଶ୍ୱଶୁରଙ୍କ ଘର ଅଛି ସତ, ହେଲେ ସେ ତ ଗାଁରେ । ଆଜିକାଲି ଗାଁରେ ଆଉ କିଏ ବା ରହୁଛି । ଖାଲି ଯାହା ପୈତୃକ ସମ୍ପତି ବୋଲି ରଖିବା କଥା, ନହେଲେ ସେସବୁର ରକ୍ଷଣା ବେକ୍ଷଣରେ ଯେତିକି ଖର୍ଚ୍ଚ ପ୍ରତି ବର୍ଷ କରିବାକୁ ପଡେ, ତା'ଠୁ ଯଥେଷ୍ଟ କମ୍ ଖର୍ଚ୍ଚରେ ରାଜଧାନୀରେ ଘର କରିପାରନ୍ତେ ! କିନ୍ତୁ ସୁରମାଙ୍କର ଏଇ ଛୋଟିଆ ତର୍କ ଆଜି ପର୍ଯ୍ୟନ୍ତ ବି ବୈକୁଣ୍ଠବାବୁଙ୍କ ମୁଣ୍ଡରେ ପଶୁନାହିଁ । ସେଇଥିପାଇଁ ତ ବେଳ ଅବେଳରେ ତାଙ୍କ ସହିତ ଯୁକ୍ତିତର୍କ କରି ବୁଝେଇବାକୁ ପଡେ ତାଙ୍କୁ ।

ଛୋଟିଆ କରି ହେଉ ପଛେ, ହେଲେ ରାଜଧାନୀର ମାଟି ଉପରେ ଘରଟିଏ ଠିଆହେବା ନିହାତି ଦରକାର । ଅବଶ୍ୟ ଛୋଟିଆ ବୋଲି ସୁରମା ଯାହାକୁ କହନ୍ତି, ତାହାର ବର୍ଣ୍ଣନା ଶୁଣିଲେ ବୈକୁଣ୍ଠବାବୁଙ୍କ ହୃଦ୍‌ଗତି କାମ କରିବା ଭୁଲିଯାଏ । ସ୍ୱପ୍ନ କ'ଣ ଏମିତି ସେମିତି ! ଯୋଉ ଘରର ସ୍ୱପ୍ନ ସେ ଆଖିରେ ସଜେଇଛନ୍ତି, ସେ ଘରର ଆଗରେ ପଛରେ ଲମ୍ବାଚୌଡା ବଗିଚାଟିଏ ଥିବ, ଯୋଉଠି ଜାତିଜାତିକା ଫୁଲ ଫଳ ଗଛ ସେ ଲଗେଇବେ । ରାତିଦିନ ସେଥିରେ ପାଣି ଦେବେ । ବାଡିରୁ ତାଜା ତାଜା ପରିବା ତୋଳି ରୋଷେଇ କରିବେ । ଆଉ ଯଦି ସମ୍ଭବ ହେଲା ତ ଗାଡିଆଟିଏ କରି ଜାଆଁଳ ଆଣି ଛାଡିବେ । ବଜାରର ବରଫ ଦିଆ ମାଛ ଖାଇ ଖାଇ ପାଟି ଚିଟା ଧରିଗଲାଣି, ନିଜ ପୋଖରୀର ସୁଆଦିଆ ମାଛ ଖାଇବା ସମୟ ଆସିଗଲାଣି ଏଥର ।

କିନ୍ତୁ ଏତେ ସ୍ୱପ୍ନ ପାଇଁ ଅର୍ଥ କାହିଁ ! ଘରଟା ତ ମାଗଣାରେ ମାଗଣାରେ ଠିଆ ହୋଇଯିବନି ! ଚାକିରି କରିଲା ଦିନରୁ ଦାୟିତ୍ୱ ଉପରେ ଦାୟିତ୍ୱ । ଆଗ ଥିଲା ବାପା ମା' ଭାଇଭଉଣୀଙ୍କ ଦାୟିତ୍ୱ, ସେସବୁ ସରୁ ନ ସରୁଣୁ ନିଜ ପିଲାଙ୍କ ଦାୟିତ୍ୱ । ଏଥିରୁ ମୁକ୍ତ ହେଲେ ସିନା ନିଜ ପାଇଁ କିଛି ଚିନ୍ତା କରିବେ ! ହେଲେ ସେକଥା ସୁରମା ବୁଝନ୍ତିନି । ବେଶି କହିଲେ ମୁହଁ ଫଣ ଫଣ କରି ଚାଲିଯାଆନ୍ତି, ନହେଲେ ଯାଁ'ର ତା'ର ଅଛି ବୋଲି ଦେଖେଇ ଶିଖେଇ କୁହନ୍ତି ।

ମୋଟେ ଭଲ ଲାଗେନି ବୈକୁଣ୍ଠବାବୁଙ୍କୁ ସୁରମାଙ୍କର ଏଇ ଦେଖା ଶିଖା କଥା । କିନ୍ତୁ ଉପାୟ କ'ଣ ! ସାଧାରଣ ଗୃହିଣୀଟିଏ ସିଏ - ଘରଦ୍ୱାର, ବାଡିବଗିଚା .. ଏଇ ଭିତରେ ହି ଜୀବନର ସମସ୍ତ ସୁଖ ଥାଏ ବୋଲି ଦୃଢ଼ ଭାବରେ ବିଶ୍ୱାସ କରନ୍ତି । ଅଣ୍ଟ ନିଅଣ୍ଟକୁ ତାଙ୍କର ଭାଇଭଉଣୀ, ସାଙ୍ଗସାଥୀ, ବନ୍ଧୁବାନ୍ଧବ ନିଆଁରେ ଘିଅ ଢ଼ାଳିବାକୁ ଧଡାଧଡ୍ ଜାଗା କିଣାକିଣି କରି ଘର ତୋଳିବାରେ ଲାଗିଛନ୍ତି । ସେସବୁ ଦେଖି ଦେଖି ସୁରମାଙ୍କ ମାଇପି ମନଟା ଆହୁରି ବ୍ୟାକୁଳ ହେଇଉଠେ । ଏବେ ତ କଥାରେ କଥାରେ ଆଉ ଏକ ଅସ୍ତ୍ରର ସାହାଯ୍ୟ ନେଉଛନ୍ତି ସେ .. ଲୁହର ।

ବୈକୁଣ୍ଠବାବୁ ବିବ୍ରତ ହୋଇଉଠନ୍ତି । କ'ଣ ହେବ ଘରଦ୍ୱାର କରି ! ପିଲାମାନେ ଯିଏ ଯୁଆଡେ ଗଲେଣି । ଅଫିସ୍ ଦିନ ତକ କ୍ୱାଟରର ସୁବିଧା ରହିବ । ସେତକ ସରିଲେ ଗାଁରେ ଘରଦ୍ୱାର ବାଡିବଗିଚା ସବୁ ଅଛି । ଆଉ ତା'ହେଲେ ଏଠି ଗୋଟେ ଘର କରି କାହିଁକି ଚିନ୍ତା ବଢ଼େଇବେ ! କିନ୍ତୁ ସୁରମାଙ୍କ ଜିଦ୍ ଆଗରେ ତାଙ୍କର କୌଣସି ଯୁକ୍ତି ତିଷ୍ଠି ପାରେ ନାହିଁ । ଅତିଷ୍ଠ ହୋଇ ସେ ଦିନେ ତାଙ୍କୁ କହିଦେଲେ ଯେ ଅବସର ନେଲା ପରେ ଅଫିସ୍‌ରୁ ଯାହା କିଛି ପଇସା ମିଳିବ, ସେଥିରେ ତାଙ୍କ ସ୍ୱପ୍ନ ମୁତାବକ ଘରଟିଏ ନିଶ୍ଚୟ ତୋଳେଇ ଦେବେ ।

ବାସ୍, ତା'ପର ଠାରୁ ସୁରମା କେବଳ ଦିନ ଗଣିବାକୁ ଲାଗିଲେ କେବେ ବୈକୁଣ୍ଠବାବୁ ଅଫିସ୍‌ରୁ ତଡା ଖାଇବେ । ଯୋଉଠି ସ୍ୱାମୀର ଅବସର ଘଟଣା ପତ୍ନୀଙ୍କ ମନକୁ କୁଣ୍ଠାଗ୍ରସ୍ତ କରିଦିଏ, ସେଇଠି ସୁରମା ଆନନ୍ଦରେ ସେଦିନର ବାଟକୁ ଚାହିଁ ବସିରହିଲେ ।

ପୈତୃକ ସମ୍ପତ୍ତି ନାଁରେ ଗାଁରେ ବିରାଟ ଘର ଖଣ୍ଡେ ବାପା ତୋଳେଇକି ରଖିଛନ୍ତି । ବୋଉ ଥିବା ସମୟରେ ଗାଁରୁ ଅଫିସ୍ ଯିବା ଆସିବା କରୁଥିଲେ ବୈକୁଣ୍ଠବାବୁ । କାରଣ ବୋଉ ଗାଁ ଛାଡି ଆସିବାକୁ ମୋଟେ ରାଜି ହେଲା ନାହିଁ । ବୋଉ ପରେ ସେ ଗାଁ ଛାଡିଲେ ସତ, ହେଲେ ସେଇ ଘରକୁ ଭୂତକୋଠି ହେବାକୁ ଦେଇନାହାନ୍ତି । ମଝିରେ ମଝିରେ ସୁରମା ଯାଆନ୍ତୁ କି ନଯାଆନ୍ତୁ, ସେ ନିଶ୍ଚୟ ଯାଇ ଘେରାଏ ବୁଲିଆସନ୍ତି । ପୁରୁଣା ଘର, ତେଣୁ ଧିରେ ଧିରେ ସବୁକିଛି ନଷ୍ଟ ହେବାକୁ ଲାଗିଲା । କେବେ ଛାତ ଫାଟିଲାଣି ତ ଆଉ କେବେ କବାଟରେ ଉଈ ଧରିଲାଣି । କାନ୍ଥରୁ ଚୂନ ଖସିବା, ଶିଉଳି ଧରିବା, ଛାଆଣୀ ଉଡିଯିବା .. ଏସବୁ ତ ଲାଗି ହି ରହିଲା । ସେସବୁର ରିପେୟାରିଙ୍ଗ୍ ମଝିରେ ମଝିରେ କରି ଦଉଥିଲେ । ହେଲେ ଯାହା ବଡ ବଡ ଭଂଗାରୁଜା ଥିଲା, ପିଲାଙ୍କ ବାହା ବ୍ରତ

ସମୟରେ ଲୋକ ଲଗେଇ ତାକୁ ସରସ ସୁନ୍ଦର କରି ଦେଇଛନ୍ତି ଏବେ ସେ।

ଚାକିରି ସମୟ ତକ ସରକାରୀ ବାସଭବନରେ ରହିବାର ବାଧ୍ୟତା ଅଛି ବୋଲି ସୁରମାଙ୍କ ମୁଣ୍ଡରେ ପଶେଇ ଦେଇଥିଲେ । ତେଣୁ କେବେ କ୍ୱାଟର ଛାଡି ଯିବାକୁ ସୁରମା ଜିଦି କରିନାହାନ୍ତି । କିନ୍ତୁ ଇଚ୍ଛା କରିଛନ୍ତି ଚାକିରିରେ ଥାଉ ଥାଉ ଘରଟି ତୋଳେଇ ଦେବା ପାଇଁ । ବୈକୁଣ୍ଠବାବୁ କିନ୍ତୁ ଅବସର ପରେ ମୋଟେ ଚାହୁଁନଥିଲେ ସହରରେ ରହିଯିବା ପାଇଁ । ଗାଁର ଶାନ୍ତ ସୌମ୍ୟ ବାତାବରଣ ଭିତରେ ଅବଶିଷ୍ଟ ସମୟ କାଟିଦବାକୁ ତାଙ୍କର ଇଚ୍ଛା ଥିଲା । ରାଜଧାନୀରେ ଘର ଖଣ୍ଡେ କରିବାର ଆଗ୍ରହ ତେଣୁ ପ୍ରଥମରୁ ସେ କରିନାହାନ୍ତି କି ଜମି ଖଣ୍ଡେ କିଣି ଭବିଷ୍ୟତ ପାଇଁ ରଖିବାର ଚେଷ୍ଟା ବି କରିନାହାନ୍ତି । ଏବେ ତ ଜମିର ଦାମ୍ ଆକାଶଛୁଆଁ । ତାଙ୍କ ଭଳି ସରକାରୀ ଚାକିରିଆର ବା ମୁଣ୍ଡ କେତେ ଯେ ଏତେ ଦାମ୍ ଦେଇ ତାକୁ କିଣିବ, ଆଉ କିଣି ସାରିଲା ପରେ ପତ୍ନୀଙ୍କ ଲମ୍ବାଚୌଡା ସ୍ୱପ୍ନକୁ ଆଖି ଆଗରେ ରଖି ଘର କରିବ !

ମାତ୍ର ଏବେ ଆଉ କିଛି ବି ବାହାନା ଚଳିବ ନାହିଁ । ଅବସର ପରେ କ୍ୱାଟର ଛାଡିବାକୁ ତ ପଡିବ, ହେଲେ ସୁରମା ଗାଁକୁ ଯାଇ ଯେ ରହିବେ ନାହିଁ, ସେକଥା ସୁନିଶ୍ଚିତ । ତେଣୁ ଇଚ୍ଛା ଥାଉ କି ନଥାଉ, ସୁରମାଙ୍କ ସ୍ୱପ୍ନକୁ ସାକାର କରିବାକୁ ହିଁ ପଡିବ । ପିଲାମାନେ ଯେ ଯାହା ଜାଗାରେ ପ୍ରତିଷ୍ଠିତ ହୋଇ ସାରିଲେଣି । ସେମାନେ ଦିନେ କାଳେ କେବେ ଘରକୁ ଆସିବେ କି ନଆସିବେ, ଠାକୁରେ ଜାଣନ୍ତି । ତଥାପି ସୁରମାଙ୍କର ଇଚ୍ଛା ଏମିତି ଘରଟେ କରିବେ, ଯୋଉଠି ପିଲାଙ୍କ ସାଙ୍ଗରେ ନାତି ନାତୁଣୀ ଆସିଲେ ବି କିଛି ଅସୁବିଧା ହେବନାହିଁ ।

ଏତେ ବିରାଟ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବୈକୁଣ୍ଠବାବୁ କୁନ୍ଥୁ କୁନ୍ଥୁ ହେଲେ । ତେବେ ସୁରମା ମାନିଲେ ତ ! ବହୁତ ଝିକ୍ ଝିକ୍, ବହୁତ ମାନ ଅଭିମାନ ପରେ କିଛିଟା ତଳକୁ ଖସିଲେ ସୁରମା ଆଉ କିଛିଟା ଉପରକୁ ଉଠିଲେ ବୈକୁଣ୍ଠବାବୁ । ମାନେ ନିହାତି ବଡ ନୁହେଁ କି ଏକଦମ୍ ସାନ ବି ନୁହେଁ, ଘରଟିଏ ବନିଗଲା । କଣ୍ଟ୍ରାକ୍ଟର ପଛରେ ଦଉଡି ଦଉଡି, ବଜାରଘାଟ ପରିକ୍ରମା କରି କରି ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ସଂପନ୍ନ ଘରଟିଏ ସୁରମା ହାତେଇ ନେଲେ ବୈକୁଣ୍ଠବାବୁଙ୍କ ପାଖରୁ ।

ଘର ତିଆରି ଖର୍ଚ୍ଚ ଠାରୁ ଆହୁରି ଅଧିକ ଯୋଜନା ଥିଲା ଗୃହପ୍ରବେଶର ଯୋଜନା । ବିରାଟ ଲିଷ୍ଟ୍ ଗୋଟିଏ ଆଣି ଧରେଇ ଦେଲେ ସୁରମା ବୈକୁଣ୍ଠବାବୁଙ୍କ ହାତରେ । ହତଚକିତ ହେବା ସଙ୍ଗେ ସଙ୍ଗେ ସାମାନ୍ୟ ବିରକ୍ତ ବି ହେଲେ । ଏତେ ଗୁଡାଏ ଖର୍ଚ୍ଚ କରିବା କ'ଣ ଦରକାର ?

"କି କଥା କହୁଚ, ନୂଆଘର କରି ପୂଜା କିଏ ନକରେ ! ପୂଜା କଲେ ପିଲାମାନେ ଆସିବେ, ସାଙ୍ଗସାଥୀ ଆସିବେ । ବନ୍ଧୁବାନ୍ଧବଙ୍କୁ ଡାକିବା ବି ଦରକାର । ସମସ୍ତଙ୍କ ଶୁଭକାମନା ନେଇ ହିଁ ତ ନୂଆ ଘରେ ପ୍ରବେଶ କରିଥାଏ ମଣିଷ !"

"ତୁମେ ପାଗଳ ହେଲ କି ସୁରମା ! କାହାର ଖୁସି ଦେଖି କେହି ଖୁସି ହେଲାଣି ଯେ ତୁମେ ସମସ୍ତଙ୍କ ଶୁଭକାମନା ଆଶା କରୁଛ ! ମୋ ସାନକୁହା ମାନ, ଏସବୁ ବାଜେ ଖର୍ଚ୍ଚ କରନାହିଁ । ସେ ଖର୍ଚ୍ଚର ବୋଝ ସମ୍ଭାଳିବାର କ୍ଷମତା ଏ ବୁଢ଼ା ହାଡରେ ଆଉ ନାହିଁ । ଆଉ ଧାର ଉଧାର କରିପାରିବିନି ମୁଁ । ଏମିତି ବି ଚିନ୍ତାରେ ଦିନରାତି ମୁଁ ଘାରି ହେଉଛି କେମିତି ଏସବୁ ଶୁଝିବି ବୋଲି । ତା' ଉପରେ ଆଉ କୋରଡା ମାଡ କରନାହିଁ ।" ବୈକୁଣ୍ଠବାବୁଙ୍କ ସ୍ୱର ଆବଶ୍ୟକତା ଠାରୁ ଅଧିକ ଗମ୍ଭୀର ଥିଲା । ହେଲେ ସୁରମାଙ୍କ କାନକୁ ସେସବୁ କିଛି ଶୁଭିନଥିଲା ।

ସମସ୍ତ ନା ନା ସତ୍ତ୍ୱେ ସୁରମା ପୂଜାର ଆୟୋଜନ କଲେ, ସମସ୍ତଙ୍କୁ ଡକାହକା କରି ଆଣି ଘର ବୁଲେଇ ଦେଖେଇଲେ । ଖୁଆଇଲେ ପିଆଇଲେ, ଈର୍ଷାନ୍ୱିତ ପ୍ରଶଂସା ବି ଶୁଣିଲେ । ବ୍ରାହ୍ମଣ ହାତରେ ମୋଟା ଦକ୍ଷିଣା ଦେଲେ । ପିଲାମାନେ ସମସ୍ତେ ଆସିଥିଲେ ପୂଜାକୁ । ମା'ଙ୍କର ରୁଚି ଦେଖି ଭାରି ଖୁସି ହେଲେ । ସୁରମା ଆଗ୍ରହ କଲେ ସମସ୍ତଙ୍କୁ ଆଉ କିଛି ଦିନ ରହିଯିବା ପାଇଁ । କିନ୍ତୁ ପିଲାମାନଙ୍କର ଛୁଟି ନଥିଲା । ମାତ୍ର ବୈକୁଣ୍ଠବାବୁ ନିଜ ଆଡୁ ପିଲାଙ୍କୁ ଅନୁରୋଧ କଲେ ଘରେ ଜିନିଷପତ୍ର ରଖା ଥୁଆ କରିସାରିଲା ପରେ ଯିବାକୁ । ଏତେ କାମ ଆଉ ସୁରମାଙ୍କ ଦେଇ ଏକା ଏକୁଟିଆ ହେବନାହିଁ । ବୟସ ହେଲାଣି, କେତେବେଳେ କୋଉ କଥା ।

କହୁ କହୁ କେଜାଣି କାହିଁକି ଭାରି ଅନ୍ୟମନସ୍କ ଲାଗିଲେ ସେ । ଅବଶ୍ୟ ପିଲାମାନେ ସେକଥାକୁ ଏତେ ଧ୍ୟାନ ଦେଇନଥିଲେ । ହେଲେ ସେଇ ରାତିରେ ବୈକୁଣ୍ଠବାବୁ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । ଯନ୍ତ୍ରଣାର ପ୍ରାଦୁର୍ଭାବ ଏତେ ଗଭୀର ଥିଲା ଯେ ସେ ଘରେ ଶୋଇଥିବା ସୁରମାଙ୍କୁ ବି ସେ ଡାକି ପାରିଲେ ନାହିଁ । ଛଟପଟ ହେଇ ହେଇ ସେଇ

ରାତିରେ ହି ସେ ସମସ୍ତଙ୍କୁ ଛାଡି ଚାଲିଗଲେ ।

ସକାଳୁ ସକାଳୁ ତାଙ୍କୁ ଚା ଦେବାକୁ ଆସି ସୁରମା ବୈକୁଣ୍ଠବାବୁଙ୍କ ଅସାଡ଼ ଶରୀରକୁ ଦେଖି ସ୍ତବ୍ଧ ରହିଗଲେ । ହୃଦୟର ନିଭୃତ କୋଣରେ କିଏ ଯେମିତି ହାତୁଡିରେ ଜୋରଦାର ପ୍ରହାର କଲା .. କ'ଣ ହେଇଗଲା ଇଏ! ଏତେ ଶୀଘ୍ର ଭରାପୂରା ସଂସାରଟା ତାଙ୍କର ଏମିତି ଉଜୁଡିଗଲା ! ବୁଝି ପାରିଲେନି କେତେ ସମୟ ପର୍ଯ୍ୟନ୍ତ, ସତରେ ବୈକୁଣ୍ଠବାବୁଙ୍କ ମୃତ ଶରୀରକୁ ସେ ନିଜ ଆଖିରେ ଦେଖୁଛନ୍ତି ନା କଳ୍ପନାରେ !

.. ହେଲେ ଏପରି ଅଶୁଭ କଥାଟେ ସେ କଳ୍ପନା ବା କାହିଁ କରିବାକୁ ଯିବେ !

ବନ୍ଦ ହେଇଗଲା ସୁଖ ଅନ୍ୱେଷଣର ସମସ୍ତ ପଥ । ଏତେ ବଡ ଘରେ କୁହୁରି କୁହୁରି କାନ୍ଦିବାକୁ ତାଙ୍କୁ ଏକା ଛାଡିଗଲେ ବୈକୁଣ୍ଠବାବୁ । ସ୍ୱପ୍ନର ମିନାର ଖଣ୍ଡ ଖଣ୍ଡ ହେଇ ଖସି ପଡୁଥିଲା ତାଙ୍କ ଆଗରେ । ଆଖି ଆଗରେ ନାଚି ଉଠୁଥିଲା ଏତେ ପଇସା ଖର୍ଚ୍ଚ ନକରିବାକୁ ବୈକୁଣ୍ଠବାବୁଙ୍କ ଶତ ଅନୁରୋଧ । ଜୀବନସାରା କାହା ପାଖରୁ କେବେ ପଇସାଟିଏ ଉଧାର ନନେଇଥିବା ବ୍ୟକ୍ତି ସେ, ତାଙ୍କ ପାଇଁ କରଜର ଏ ବୋଝ ମାନସିକ ସ୍ତରରେ ତାଙ୍କୁ ଦୁର୍ବଳ କରିଦେଲା । ସମ୍ଭାଳି ପାରିଲେ ନାହିଁ ନିଜକୁ । ସେଥିପାଇଁ ଭିତରେ ଭିତରେ ଚିନ୍ତା ଖାଇଗଲା ତାଙ୍କୁ ।

ଉନ୍ମତ୍ତ ଝଡର ତାଣ୍ଡବ ପରେ କେଉଁ ବିଧ୍ୱସ୍ତ ଉପତ୍ୟକା ପରି ଦିଶୁଥିଲା ସୁରମାଙ୍କ ସ୍ୱପ୍ନ ମନ୍ଦିର ଏବେ । ସବୁ ସାଜସଜ୍ଜା, ସବୁ ରଙ୍ଗରୂପ ଦିଶୁଥିଲା ଅଭିଶପ୍ତ ନଗରୀ ପରି । କିଏ ରହିବ ସେଠି, କେମିତି ବା ରହିବ ? ଏଇ ପ୍ରଶ୍ନ ବାରମ୍ବାର ସମସ୍ତଙ୍କ ମୁଣ୍ଡକୁ ଧସେଇ ପଶି ଆସୁଥିଲା । ପୁଅର କାମ ବହୁତ ଥିଲା ବୋଲି ସେ ପୂଜା ପରେ ପରେ ଯିବ ଭାରି କହୁଥିଲା । ଏବେ ବାଧ ବାଧକତାରେ ଏତେ ଦିନ ରହିଗଲା, କିନ୍ତୁ କେତେ ଦିନ । ଆଉ ତ ସେ ମୋଟେ ରହି ପାରିବ ନାହିଁ । ତାକୁ ଯେମିତି ହେଉ, ଯେ ପ୍ରକାରରେ ହେଉ ଯାଇ ଅଫିସ୍‌ରେ ଯୋଗ ଦେବାକୁ ହିଁ ପଡିବ । ଝିଅ ଅବଶ୍ୟ କିଛି ଦିନ ତାଙ୍କ ପାଖରେ ରହିବ, ମାତ୍ର ସେ ବି କେତେ ଦିନ । ତା' ସଂସାର ତାକୁ ବଳାଉଛି । ପିଲାଛୁଆଙ୍କୁ ଛାଡି କେମିତି ରହିପାରିବ ସେ ! ହେଲେ ତା' ପରେ ସୁରମା କ'ଣ କରିବେ ! କେମିତି ରହିବେ !

ଏ ପ୍ରଶ୍ନ ତାଙ୍କ ମନରେ ଥିଲା, ପୁଅ ମନରେ ଥିଲା, ସାହିପଡିଶା - ସମସ୍ତଙ୍କ ମନରେ ଥିଲା । ପୁଅ କହିଲା, "ମା', ତୁ ମୋ ସାଙ୍ଗେ ଚାଲ ଭାରି । ଆଉ କ'ଣ ଅଛି ଏଠି ଯେ ରହିବୁ । ଏମିତି ବି ଏକୁଟିଆ ଏଠି ରହିଲେ ବାପାଙ୍କ କଥା ସବୁବେଳେ ମନେ ପଡିବ । ତୁ ଆହୁରି ବେଶୀ ବେଶୀ ଚିନ୍ତା କରିବୁ । ତେଣୁ ମୁଁ ଭାବୁଛି ଏ ଘରକୁ କିଛି ଦିନ ପାଇଁ ବନ୍ଦ କରିଦେବା ।"

କିଛି କହିଲେ ନାହିଁ ସୁରମା । କେବଳ ଶୂନ୍ୟକୁ ଚାହିଁ ରହିଗଲେ । ଯୋଉ ଖୁସି ଆଉ ଆଗ୍ରହରେ ଘର ବନେଇଥିଲେ, ବୈକୁଣ୍ଠବାବୁଙ୍କ ସାଥେ ସାଥେ ସେସବୁ ବି ଏ ଘରୁ ବାହାରି ଚାଲି ଯାଇଛନ୍ତି । ଏବେ ତ ଏ ଘରର କାନ୍ଥବାଡ, କଡିବରଗା ସବୁ ତାଙ୍କ ଉପରେ ବୋଝ ହୋଇ ଲଦି ପଡୁଥିଲେ । ଏ ବୋଝକୁ ଏକା ଏକୁଟିଆ ସେ ଆଉ ଉଠେଇ ପାରିବେ ନାହିଁ । କିନ୍ତୁ ଏମିତି କେମିତି ସବୁକିଛି ଛାଡିଛୁଡି ଚାଲିଯାଇ ପାରିବେ ! ବୈକୁଣ୍ଠବାବୁଙ୍କର ଝାଳବୁହା ଧନର ଏକମାତ୍ର ଦେବତା ଶୂନ୍ୟ ମନ୍ଦିର ଇଏ । ସେ ନରହି ପାରିଲେ ନାହିଁ, ହେଲେ ତାଙ୍କ ପାଇଁ ଏ ଘରେ କିଛି ଦିନ ପାଇଁ ଦୀପ ତ ଜଳାଯାଉ । ନା, ସେ ଯିବେ ନାହିଁ । ନିଜ କଲା କର୍ମର ପ୍ରାୟଶ୍ଚିତ ପାଇଁ କିଛି ଦିନ ପାଇଁ ସେ ନିଶ୍ଚୟ ରହିବେ ଏଠି । "ହେଲେ ତୁ କ'ଣ ରହିପାରିବୁ ଏକା ଏକୁଟିଆ ?"

"କ'ଣ କରିବା ! ଆଉ ଉପାୟ ବି ତ କିଛି ନାହିଁ । ତମମାନଙ୍କୁ ମୁଁ କେତେ ଦିନ ପାଇଁ ବା ଭିଡିଭାଡି ରଖିପାରିବି । ତୁମେମାନେ ଯାଅ । ମତେ ଯଦି ଖରାପ ଲାଗିବ, ତେବେ ମୁଁ ତୋ' ପାଖକୁ ଚାଲିଆସିବି । ତା' ପରେ ଯାହା ଭାଗ୍ୟରେ ଥିବ, ହେବ । ଏତେ କଷ୍ଟରେ ବନେଇଲେ, ଦି'ଟା ଦିନ ବି ରହି ପାରିଲେନି ! କି ଭାଗ୍ୟ !" ଆଖିରୁ ଝରିଆସିଲା ଉଷୁମ ଉଷୁମ ରକ୍ତ । ଏବେ ତ ସାରା ଜୀବନ ପାଇଁ ଏହା ହିଁ ତାଙ୍କର ସାଥି । ଏଇମାନଙ୍କ ସାହାରାରେ ବାକି ଜୀବନ ସେ କାଟିବେ ।

ମନ ଟାଣ କରି ରହିଗଲେ ସୁରମା । ପିଲାମାନେ ଯିବାକୁ ବାଧ୍ୟ ଥିଲେ । ଗଲେ ସତ, ହେଲେ ମା'ଙ୍କ ପାଇଁ ମନ ବ୍ୟାକୁଳ ହେଉଥିଲା । କିନ୍ତୁ ସୁରମା ସେମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ ସେ ରହିପାରିବେ । ତେଣୁ ତାଙ୍କ ବିଷୟରେ ଚିନ୍ତା ନକରି ସେମାନେ ନିଜ କାମରେ ମନ ଲଗାନ୍ତୁ ।

କିନ୍ତୁ ସେ ଦୃଢ଼ତାକୁ ସେ ବଜାୟ ରଖିପାରିଲେ ନାହିଁ । ଦିନ ଦୁଇଟା ନଯାଉଣୁ, ସବୁକିଛିରେ ତାଲା ପକେଇ ଦେଇ ସେ ପୁଅ ପାଖେ ଯାଇ ପହଞ୍ଚିଗଲେ । ଛାତି ଭିତରୁ ଫିଟି ପଡୁଥିଲା କୋହ । ହୃଦୟରେ ବୈଶାଖର ଝାଞ୍ଜି । ନା, ସେ ଘର ଭିତରେ ଏକୁଟିଆ ବିଚରଣ କରିପାରିବେ ନାହିଁ । ଏଇ ଘର କରିବା ଜିଦିରେ ସେ କ'ଣ ହରେଇଛନ୍ତି

ସେକଥା ପ୍ରତି ମୁହୂର୍ତ୍ତରେ ତାଙ୍କୁ ବିଚଳିତ କରିଦଉଛି।

ପୁଅ ଆଶ୍ୱାସନା ଦେଲା। ସମୟ ହାତରେ ସବୁ ଅଛି। କିଛି ଦିନ ପରେ ମନର ବୋଝ ହାଲୁକା ହେଇଗଲା ପରେ ଘରକୁ ଫେରିଯିବା କହି ମା'ଙ୍କୁ ସ୍ୱାଗତ କରିନେଲା ନିଜ ଛୋଟିଆ ସଂସାର ଭିତରକୁ। ଦେହହାତ ବାଜୁଥିବା ଛୋଟିଆ ଫ୍ଲାଟ୍ ଘରଟିରେ ସୁରମା ଆଖିକାନ ବୁଜି ରହିବାର ଚେଷ୍ଟା କଲେ ମାତ୍ର, କେବେ ନିଜ ସ୍ୱପ୍ନ ମନ୍ଦିରକୁ ଫେରିଯିବା କଥା ଉଠେଇଲେ ନାହିଁ। ମଝିରେ ମଝିରେ ପୁଅ ଯାଇ ଘରର ରକ୍ଷଣା ବେକ୍ଷଣ ଦେଖି ଚାଲିଆସେ। କିନ୍ତୁ ସୁରମା କେବେ ଘର ବିଷୟରେ ପଚାରି ବୁଝନ୍ତିନି କି ସେଠିକୁ ଯାଇ ଥରେ ଦେଖି ଆସିବାକୁ ବି ଇଚ୍ଛା କରନ୍ତିନି।

ବର୍ଷ ବର୍ଷ କରି ଅନେକ ବର୍ଷ ବିତିଗଲା। କେତେ ଥର ପୁଅ ନିଜ ଆଡୁ ମା'ଙ୍କୁ କୁହେ ଥରେ ଯାଇ ବୁଲିଦେଇ ଆସିବାକୁ। କିଛି ନହେଲେ ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯିବା ବାହାନାରେ ଘରର ହାଲଚାଲ୍ ଦେଖି ଦବାକୁ। କିନ୍ତୁ ସୁରମା ଯାଇ ହିଁ ପାରନ୍ତିନି। ଯେତେ ମନ ଟାଣ କଲେ ବି କୁଣ୍ଠାଗ୍ରସ୍ତ ମନରେ ଆଉ ସାହାସ ଆସେନା। ଅପରାଧ ବୋଧ ଏତେ ବର୍ଷ ପରେ ବି ମନରୁ ପୋଛି ଯାଇ ନଥିଲା।

କେତେ ଥର ପୁଅ ତାଙ୍କୁ ସେ ଘରଟା ବିକ୍ରି କରିଦେବାର ପ୍ରସ୍ତାବ ଏଇ ଭିତରେ ଦେଇ ସାରିଲାଣି। ଯଦି ଯିବାର ନାହିଁ କି ଆସିବାର ନାହିଁ, ତେବେ ରଖି ରଖି ଖରାପ କାହିଁ କରିବା! ହେଲେ ଘରବିକ୍ରି କରିବା କଥା ଉଠୁ ଉଠୁ ସୁରମାଙ୍କ ଆଖିରୁ ଶୁଖି ଆସିଥିବା ଲୁହଧାର ପୁଣି ବହିବାକୁ ଲାଗନ୍ତି। ବୁଝିପାରେନି ପୁଅ ମା'ର ଏ ପ୍ରକାରର ଦ୍ୱିବିଧା ପଛରେ ଥିବା କାରଣକୁ। ଆଶ୍ଚର୍ଯ୍ୟ ଲାଗେ। କିନ୍ତୁ ଅଧିକା କିଛି କହି ମା' ମନରେ ଆଉ କଷ୍ଟ ଦେବାକୁ ଚାହେଁନି, ତେଣୁ ସେ ଘର ବିଷୟରେ ଆଉ କେବେ କିଛି ଆଲୋଚନା ନକରିବାର ଶପଥ ନେଇ ଯାଏ ମନେ ମନେ।

ଦିନେ ରାତି ଅଧରେ ଛାତିରେ ଭୟଙ୍କର ଯନ୍ତ୍ରଣା ଅନୁଭବ କଲେ ସୁରମା। ଭାଗ୍ୟ ଭଲ ପାଣି ପିଇବାକୁ ବୋହୂ ଉଠିଥିଲା, ତାଙ୍କୁ ଏପରି ଛଟପଟ ହେଉଥିବାର ଦେଖି ସଙ୍ଗେ ସଙ୍ଗେ ପୁଅକୁ ନିଦରୁ ଉଠେଇଦେଲା। ସେଇ ରାତାରାତି ପାଖ ହସ୍ପିଟାଲ୍‌ରେ ନେଇ ପୁଅ ତାଙ୍କୁ ଆଡ୍‌ମିଟ୍ କରିଦେଲା। ଯାହାହେଉ ଡାକ୍ତରଙ୍କ ତତ୍‌କ୍ଷଣାତ୍ ହସ୍ତକ୍ଷେପ ଫଳରେ ସୁରମା ମୃତ୍ୟୁମୁଖରୁ ଫେରିଆସିଲେ। ମାତ୍ର ପାରାଲିସିସ୍‌ରେ ଗୋଟାଏ ପାଖ ତାଙ୍କର ସବୁଦିନ ପାଇଁ ଅଚଳ ହେଇଗଲା। ଏବେ ସେ ଆଉ ସ୍ୱାଭାବିକ ଭାବରେ ଚଳପ୍ରଚଳ କରିବା ଅବସ୍ଥାରେ ନଥିଲେ। ସବୁ କାମ ସେଇ ଖଟ ଉପରେ ବସି ହିଁ ତାଙ୍କୁ କରିବାକୁ ପଡିଲା। ସ୍ୱଷ୍ଟ ଭାବରେ କଥା କହି ପାରିଲେ ନାହିଁ। ବେଳ ଅବେଳରେ ଲୁଗାପଟାରେ ଝାଡା ପରିସ୍ରା ବି ହେବାକୁ ଲାଗିଲା। ମାନସିକ ସ୍ତରରେ ତ ଭାଙ୍ଗି ପଡିଥିଲେ, ଏବେ ଶାରୀରିକ ସ୍ତରରେ ବି ଅକାମୀ ହୋଇଗଲେ।

ତାଙ୍କ ସେବା ଶୁଶ୍ରୁଷା ପାଇଁ ନର୍ସ ରଖିଲା ପୁଅ। ଦିନରାତି ତାଙ୍କୁ ସେ ଜଗି ରହିଲା। ଡାକ୍ତର ବଇଦ ଚିକିତ୍ସାରେ ହେଳା କଲେ ନାହିଁ। ସବୁଠାରୁ ମହଙ୍ଗା ଔଷଧ କିଣି ଆଣିଲା ପୁଅ ତାଙ୍କ ପାଇଁ। କିନ୍ତୁ ସୁରମା ଜାଣିଥିଲେ ଏବେ ତାଙ୍କର ଯିବା ସମୟ ଆସିଗଲା। ବୈକୁଣ୍ଠବାବୁ ଆର ପୁରରେ ତାଙ୍କ ବାଟ ଚାହିଁ ବସିଛନ୍ତି। କେତେ ବର୍ଷରୁ ମନରେ ଭରି ରଖିଛନ୍ତି ଅଭିମାନ। ଯଥା ଶୀଘ୍ର ଯାଇ ତାଙ୍କ ମାନ ସେ ଭାଙ୍ଗିବେ।

ସବୁବେଳେ ସେ ଏମିତି। ସୁରମାଙ୍କ ବ୍ୟବହାର ତାଙ୍କୁ ଦୁଃଖି କରିଥିଲେ ପାଟି କରିବେ ନାହିଁ କି ମୁହଁ ଖୋଲି କିଛି କହିବେ ନାହିଁ। ସୁରମାଙ୍କୁ ହିଁ ନିଜ ଆଡୁ ପ୍ରୟାସ କରି ବୁଝିବାକୁ ହେବ, ଜାଣିବାକୁ ହେବ। ଆଉ ସେସବୁ ଜାଣିବାକୁ ତାଙ୍କ ପ୍ରିୟ ଜିନିଷ ରାନ୍ଧି ଆଗ ଖୁଆଇବାକୁ ପଡେ। ପେଟ ଭରିସାରିଲା ପରେ ଯାଇ ତାଙ୍କ ମୁଣ୍ଡ ଥଣ୍ଡା ହୁଏ। ଏବେ ବହୁତ ବର୍ଷରୁ ସେପରି କିଛି ବି କରିବାକୁ ତାଙ୍କୁ ପଡିନି। କିନ୍ତୁ ଏବେ ସମୟ ଆସିଗଲା। ବୈକୁଣ୍ଠବାବୁ ଆଜି ବି ମାନ ଅଭିମାନ କରି ତାଙ୍କ ବାଟ ଚାହିଁ ବସିଛନ୍ତି। ସେ ଯିବେ, ଖୁବ୍ ଶୀଘ୍ର ଯିବେ।

ସେଦିନ ରାତିରେ ସ୍ୱପ୍ନରେ ସେ ବୈକୁଣ୍ଠବାବୁଙ୍କୁ ଦେଖିଲେ। ଭାରି ଶୁଖିଲା ଦିଶୁଥିଲେ। ଗୋଟାଏ ଉଦାସ ଭାବ ସବୁଆଡୁ ତାଙ୍କୁ ଜାବୁଡି ଧରିଥିଲା। ସେ ତାଙ୍କୁ ପଚାରିଲେ ଏ ଉଦାସ ପଣର କାରଣକୁ। କିନ୍ତୁ ସେ କିଛି ବି ଉତ୍ତର ଦେଲେ ନାହିଁ। ଖାଲି ଜୁଳୁଜୁଳୁ କରି ଚାହିଁଲେ ତାଙ୍କ ମୁହଁକୁ। କାହିଁକି କେଜାଣି ସୁରମାଙ୍କୁ ଲାଗିଲା ବୈକୁଣ୍ଠବାବୁ ଏବେ ବି ତାଙ୍କୁ କ୍ଷମା କରିନାହାନ୍ତି। ଆଜି ବି ତାଙ୍କ ମନରେ ଅଛି, ରହିବାକୁ ନଥିଲା ତ ଏତେ ପଇସା ଖର୍ଚ୍ଚ କରି କାହିଁ ଘର ତୋଳେଇଲ!

ଚମକି ପଡିଲେ ସୁରମା। ନିଦ ଭାଙ୍ଗିଗଲା। ଘରର ମାନଚିତ୍ର ଆଖି ଆଗରେ ତାଙ୍କର ନାଚି ଉଠିଲା। କେତେ ରାତି ଉଜାଗର ରହି ସେ ନିଜ ମନ ମୁତାବକ ଘରର ନକ୍ସା ବନେଇଥିଲେ। ଏବେ ତ ମନେ ହିଁ ପଡୁନାହିଁ କୋଉଠି କ'ଣ ରଖିଥିଲେ, ଥୋଇଥିଲେ।

ସକାଳୁ ଅଫିସ୍ ଗଲା ପୂର୍ବରୁ ପୁଅ ତାଙ୍କ ପାଖକୁ ଆସେ ଦେଖା କରି ଭଲମନ୍ଦ ବୁଝିଯିବା ପାଇଁ । ଆଜି ସେ ଆସୁ ଆସୁ ସୁରମା ତା' ହାତକୁ ଜାବୁଡ଼ି ଧରି କହିଲେ, "ବାବୁରେ ମତେ ଟିକିଏ ଘରକୁ ନେଇଯିବୁ !"

ଆଶ୍ଚର୍ଯ୍ୟ ହେଇ ପୁଅ ପଚାରିଲା, "କୋଉ ଘର ?" କାରଣ ତା' ଜାଣିବାରେ ମା' ଆଉ କେବେ ସେ ଘରକୁ ନିଜ ଘର ଭାବେ ନେଉ ନଥିଲେ । କେବେ କେମିତି କଥା ପଡିଲେ 'ସେଇ ଘର' ବୋଲି ସମ୍ବୋଧନ କରୁଥିଲେ । ଆଜି ଘର ବୋଲି ଯାହା କହିଲେ ତାହା କ'ଣ ପ୍ରକୃତରେ ନିଜ ଘରକୁ ହିଁ କହିଲେ ?

ପ୍ରଶ୍ନର ଉତ୍ତର ମାଗିବା ଦରକାର ପଡିଲା ନାହିଁ । ଉଦାସ ଦୃଷ୍ଟିରେ କାନ୍ଥରେ ଟଙ୍ଗା ହେଇଥିବା ବୈକୁଣ୍ଠବାବୁଙ୍କ ଫଟ ଆଡକୁ ଚାହିଁ କହିଲେ, "ହଁ ସେଇ ଘର ବିଷୟରେ କହୁଛି, ଯାହାକୁ ପାଇବା ପାଇଁ ମୁଁ ତୋ' ବାପାଙ୍କ ଜୀବନକୁ ବାଜି ଲଗେଇ ଦେଇଥିଲି ।"

"ହେଲେ ସେଠିକୁ ଏବେ ଯାଇ ଆଉ କ'ଣ କରିବୁ ତୁ ?"

"ରହି ସିନା ପାରିଲିନି, କିନ୍ତୁ ମରି ତ ପାରିବି ! ଆଜି ବି ତୋ' ବାପା ସେ ଘରର ବାୟୁ ମଣ୍ଡଳରେ ସେମିତି ଏକା ଏକୁଟିଆ ଆତଯାତ ହେଉଛନ୍ତି । ତାଙ୍କୁ ଏତେ ଶୀଘ୍ର ଏକା କରିଦେବାଟା ମୋ ପକ୍ଷରେ ଉଚିତ ନଥିଲା । କେତେ କଷ୍ଟରେ ଘର କଲେ, ହେଲେ ନିଶ୍ଚିନ୍ତରେ ଏକାଠି ରହି ପାରିଲୁନି । ମୋ ଭୁଲ୍ ପାଇଁ ଶେଷ ସମୟଟା ତାଙ୍କର ହସଖୁସିରେ ନ କଟି, ଉଦାସରେ କଟିଗଲା, ଅଶାନ୍ତିରେ କଟିଗଲା । ସେଥିରୁ ତାଙ୍କୁ ମୁକ୍ତ କରିବା କ'ଣ ମୋର କର୍ତ୍ତବ୍ୟ ନୁହେଁ? ତୁ ଚାଲ, ମତେ ସେଠିକୁ ନେଇଚାଲ । ପ୍ରାଣ ମୋର ସେଇଠି ଯାଉ । କମ୍ ସେ କମ୍ ମଲା ପରେ ତ ଏକାଠି ହୋଇ ସେ ଘରେ ବୁଲିବୁ ଆମେ !"

*******

Email:kamala.satpathy@gmaill.com

# ଝରା ଶେଫାଳି

## ବିଦ୍ୟାଧର ପଣ୍ଡା



ସିଏ ମୋର ପିଲା ଦିନର ବନ୍ଧୁ । କିଶୋର ସମୟରେ ନିଜକୁ ଅନ୍ୟର କରିବା ପାଇଁ ବା ଅନ୍ୟକୁ ନିଜର କରିବା ପାଇଁ ଜୋରଦାର ଉଦ୍ୟମ କରିଥିଲେ । ପ୍ରେମରେ ସଫଳତା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ । ଏବେ ଯେମିତି ସୈନିକମାନେ ପ୍ରାଣ ହରାଇଲେ ବଳିଦାନ ବୋଲି କୁହାଯାଉଛି କହି ପାରନ୍ତି ଠିକ୍ ସେହିପରି । ଅବଶ୍ୟ ରକ୍ତପାତ ହୋଇ ନଥିଲା ।

କଲେଜ୍ ପାଠ ପଢିବାବେଳେ ହଷ୍ଟେଲ୍ ବାଲ୍‌କୋନିରେ କେତେ ପ୍ରଗଲ୍‌ଭ ଗଳ୍ପ ଶୁଣାଇଥିଲେ ବନ୍ଧୁ । ଅନେକ ଅବିଶ୍ୱାସ୍ୟ କାହାଣୀ । କେତେ ରସାଳ ଉପାଖ୍ୟାନ । ସୋମବାର ସକାଳେ ଶିବମନ୍ଦିର ବେଢାରେ ଚୁପିଚୁପି କେତେ କଥା । କେଉଁ କୁମାର ପୂର୍ଣ୍ଣମୀରେ କେତେ କାଇଦାରେ କାହା ସହ କେମିତି ମନ ଦିଆନିଆ । କଥାରେ କଥାରେ କେତେ ମଧୁଝରା ଜହ୍ନରାତି । କେତେ ପ୍ରାଣଭରା ପ୍ରୀତି । ମିଠାମିଠା ଶବ୍ଦ ଆଦାନପ୍ରଦାନ ।

ଶୁଣିଶୁଣି ପେଟ ପୂରି ଯାଉଥିଲା ହେଲେ ମନ ରହୁଥିଲା ଅଧୁରା । କାହାଣୀରେ ବଲିଉଡ୍‌ର ରଙ୍ଗରସ । ଆକର୍ଷକ କାହାଣୀରେ ପୁଟଦିଆ କଥାର କୁହୁକ କୋମଳ କପଟ ପରି ଲାଗୁଥିଲେ ବି ବେଳେବେଳେ ଜୀବନଠୁ ବଳି ବାସ୍ତବ ଲାଗୁଥିଲା । ବନ୍ଧୁଙ୍କ ଖୁସିରେ ଈର୍ଷା ହେଉଥିଲା । ପ୍ରେମବତୀର ଦିପ୍ତୀରେ ତାଙ୍କ ମୁହଁ ଜଳି ଉଠୁଥିବାବେଳେ ଲାଗୁଥିଲା ଯେମିତି ମୁଁ ଜଣେ ପୂରା ଇତର ଈର୍ଷାତୁର !

ଅନେକ ବର୍ଷ ପରେ ଦିନେ ଦେଖା ହେଲେ କୈଶୋରର ସେଇ କଳ୍ପନା-ନାୟକ ବନ୍ଧୁ । କେମିତି ଦିଶୁଥିଲେ ଅଲଗା ଅଲଗା । ସବୁ ନିଦାଘରେ ନିଜର ଏକ ନୂଆ ସଙ୍କଳନ ପ୍ରକାଶ କରୁଥିବା ଗ୍ରୀଷ୍ମର ବିଷର୍ଣ୍ଣ ବୃକ୍ଷ ପରି ।କିଛି କାରଣ ପଚାରିବା ପୂର୍ବରୁ ସେ ବହିଗଲେ ତୀଖ ପାହାଡ଼ରୁ ଖସୁଥିବା ଝରଣାର ସରୁଧାର ପରି ।

ବିଗିଡ଼ି ଯାଇଥିଲା ତାଙ୍କର ସବୁ କିଛି । କରଛଡ଼ା ଦେଇଥିଲା ବାନ୍ଧବୀ ସାମୟିକ ସଂପର୍କ ପରେ । ପ୍ରେମର କାଗଜ ଡଙ୍ଗାକୁ ସେମିତି ଅଧା ନଈରେ ଭସାଇ ଦେଇ ଖସି ଯାଇଥିଲା କଳ୍ପନାର ଏକ ବୃହତ ଜାହାଜର ସବାରୀ ହେବାକୁ । ଜାହାଜରସୁଶୋଭିତ କ୍ୟାପ୍‌ଟେନ୍ ସାଜିଥିବା ଅନ୍ୟ ଏକ ସୁଦର୍ଶନ ସହ କରୁଥିଲା ଆଳାପ । ଦେଖାଇ ଦେଖାଇ ସେଇ ସହରର ରାଜରାସ୍ତା ଉପରେ ଚକ୍କର କାଟୁଥିଲା ।

ଦିନ କେଇଟାରେ ନିତାନ୍ତ ବିଷର୍ଣ୍ଣ ଦିଶିଥିଲେ ବନ୍ଧୁ । ହଜି ଯାଇଥିଲା ଜୀବନର ସବୁ ସରସତା । କିଛି ଦିନ ପରର ଖବର । ବନ୍ଧୁ ଗୁଡ଼ାଏ ନିଦବଟିକା ଏକସଙ୍ଗେ ଗିଳି ପକାଇଥିଲେ । ପ୍ରେମରେ ବିଫଳତା ଜନିତ ଯନ୍ତ୍ରଣାକୁ ହଜମ କରି ନପାରି ଆତ୍ମବଳିଦାନ ଉଦ୍ୟମ !

ଆଶଂକା ମୋଚନ ପାଇଁ ବନ୍ଧୁଙ୍କୁ ଖୋଜିଲି । ମୋବାଇଲ୍ ସୁଇଚ୍ ଅଫ୍ । ବୁଝୁବୁଝୁ ଜାଣିଲି ଯାହା ସବୁ ଶୁଣାଇଥିଲେ ସବୁକିଛି ଥିଲା ବୟସର ଚୋରାବାଲିର କାହାଣୀ । ବାସ୍ତବରେ ସେ ନା କାହାକୁ ହୃଦୟ ଦେଇଥିଲେ ନା କାହାର ମନ ତଳର ଜାଗାଟିକକ ଦଖଲ କରି ପାରିଥିଲେ । ଯେତେ ସବୁ ଗପ ଶୁଣାଇଥିଲେ ସବୁଗୁଡ଼ିକ ଥିଲା ନିଜ କଳ୍ପନାର ରାଜମହଲ । ମନର ଭାବନାକୁ ପ୍ରସାରିତ କରି ଆନନ୍ଦ ଆହରଣ କରିବାର ଖୁସିରେ ମସଗୁଲ୍ ହେଉଥିଲେ । ବିନା ବର୍ଷାରେ ଭିଜୁ ଥିଲେ । ବିନା ଶୀତରେ ଥରୁଥିଲେ । ପ୍ରେମ ଶୂନ୍ୟତାର ପୀଡ଼ାକୁ ଦୂରେଇ ଥିଲେ କଳ୍ପିତ କାହାଣୀର ମଲମ ଲେପନରେ !

ତାଙ୍କର ସେଇ ତଥାକଥିତ କଳ୍ପନା ରାଜ୍ୟର ନାୟିକା ଜଣକ ଅବଶ୍ୟ ଥିଲେ ଏଇ ଜୀବନ୍ତ ପୃଥିବୀର ଚରିତ୍ର । ସେ ବି ଆକ୍ରାନ୍ତ ହୋଇଥିଲେ ଯୁବା ବୟସର ଏଇ ଜଳନ ଜ୍ୱରରେ । ବନ୍ଧୁଙ୍କ ମନରେ ସେ ସୃଷ୍ଟି କରିଥିଲେ ଆକର୍ଷଣର ଝଲକ । ସେଇ କଳ୍ପନାର ଗଭୀରତା ବନ୍ଧୁଙ୍କ ମନରେ ଗଭୀର କ୍ଷତଟିଏ ସୃଷ୍ଟି କରିଥିଲା । କଳ୍ପନାରେ ସେ ସାଜିଥିଲେ ବିରହୀ ।

ଏବେ ମାନସିକ ବିକୃତିରେ ଆକ୍ରାନ୍ତ ବନ୍ଧୁଙ୍କର ମନୋ ଚିକିତ୍ସକଙ୍କ ପାଖରେ ଚାଲିଛି ଚିକିତ୍ସା । ସେ ଧୀରେ ଧୀରେ ସୁସ୍ଥ ହେଉଥିଲେ, କଳ୍ପନାର ରାଜ୍ୟରୁ ବାସ୍ତବତା ଆଡ଼କୁ ଫେରୁଥିଲେ । ମୁଁ ଆଉ ତାଙ୍କୁ କେବେ କିଛି ପଚାରୁ ନଥିଲି । ପ୍ରେମ ବା କିଛି ରୋମାଂଟିକ ପ୍ରସଙ୍ଗ ପଢ଼ିବାର ଅବକାଶ ବି ନଥିଲା । ସେ ବି ବୋଧହୁଏ ଔଷଧର ପ୍ରଭାବରେ ଭୁଲି ଯାଇଥିଲେ ଯାହା ସବୁ ପ୍ରେମ କାହାଣୀ ଗପିଥିଲେ ମୋ ଆଗରେ ।

ହଠାତ ଦିନେ ଦେଖା ହେଲେ ସେହି ମହିଳା ଯାହାଙ୍କୁ ମୋ ବନ୍ଧୁ ମନେ ମନେ ନିଜର କରିଥିଲେ ଓ ସେମିତି ମନେ ମନେ ହରାଇବାର ଦୁଃଖରେ ଭାଙ୍ଗି ପଡ଼ିଥିଲେ । କେଉଁ ଏକ ଦୂରସ୍ଥ କଲେଜରେ ସେ ଓଡ଼ିଆ ଅଧ୍ୟାପିକା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସମ୍ମିଳନୀ ସରିବା ପରେ ଅବସର ଟିକେ ପାଇ ପଚାରିଥିଲି- ଆପଣ କ'ଣ କଲେଜରେ ପଢିବାବେଳେ କେଉଁ ସିନିୟରଙ୍କ ସହ ଘନିଷ୍ଠ ହୋଇଥିଲେ । ପ୍ରେମର ମୀନାର ଗଢିବାକୁ ସ୍ୱପ୍ନ ଦେଖିଥିଲେ କି ଦେଖାଇଥିଲେ ?

ଖୋଲା ଖିଲ୍‌ଖିଲିଆ ହସର ପାଖୁଡ଼ା ଝରାଇ ସେ କହିଲେ - ନା ନା ! ପ୍ରେମ ପୁଣି ମୁଁ । ନାରେ ବାବା ନା ।

କଠୋର ଅନୁଶାସନରେ ବିତିଗଲା ସମଗ୍ର ଯୌବନ । ଚାକିରି ସନ୍ଧାନରେ ପେଶି ହୋଇଗଲା ତାରୁଣ୍ୟ । ଶିକ୍ଷଣ, ପ୍ରଶିକ୍ଷଣରେ ଛନ୍ଦା ହୋଇଗଲା ଜୀବନ ।

ହଁ, ଜଣେ ଯୁବକବିଙ୍କ ଲେଖା ଅବଶ୍ୟ ତାଙ୍କ ତାରୁଣ୍ୟକୁ ଖୁବ୍ ପ୍ରଭାବିତ କରିଥିଲା । ତାଙ୍କ ମନଛୁଆଁ ରଚନାର ପ୍ରଶଂସା କରି ଚିଠିଟିଏ ଲେଖିଥିଲି । ସେ ବି ସ୍ନେହଭରା ଚିଠିଟିଏ ପଠାଇଥିଲେ । ସେଇ ଗୋଟିଏ ମାତ୍ର ଚମତ୍କାର ଅନୁଭବରେ ପୂରା ପଢା ସମୟଟା କଟି ଯାଇଥିଲା । ଯୌବନରେ ଅନଙ୍ଗର ରଙ୍ଗ ଆସିଥିଲା କହିଲେ ସମୁଦାୟ ସେତିକି ।

କାହାକୁ ଭଲ ପାଇ ପାରି ନଥିବାର ଅପ୍ରାପ୍ତିଜନିତ ବେଦନା ଅଧ୍ୟାପିକାଙ୍କ ମୁହଁକୁ ଆଚ୍ଛନ୍ନ କରି ପକାଇବା ଭଳି ଲାଗିଲା । ଭିନ୍ନ ଏକ ବେଦନାରେ ନିଜକୁ ବି ଭାରାକ୍ରାନ୍ତ ଲାଗିଲା । ହେଲେ ମୁଁ ଯେମିତି ପାଇ ଯାଇଥିଲି ତାଙ୍କ ଛାତିତଳର ଗୋପନ ଅଭ୍ୟନ୍ତରର ଚାବିକାଠି । ମନ ବ୍ୟବଚ୍ଛେଦର ସରଳ କାରଣ । ଅନ୍ୟତ୍ର ଅପ୍ରକାଶିତ ଏହି ସଂକ୍ଷିପ୍ତ ସାକ୍ଷାତକାର ପରେ ମଧୁଛନ୍ଦା ମାଡାମ୍ ଚାଲି ଯାଇଥିଲେ ।

ମଧୁଛନ୍ଦା ର ସେଇ ଚିଠିଟି ବୋଧହୁଏ ଥିଲା ମୋ ବନ୍ଧୁଙ୍କର ବୀରତ୍ୱପୂର୍ଣ୍ଣ ବ୍ୟଞ୍ଜନାର ସୁନେଲୀ ସନ୍ତକ । ବୟସର ସେଇ ମଧୁର ବେଳାଭୂମି କଡ଼ରେ ବନ୍ଧୁ ଚମତ୍କାର କବିତା ଲେଖୁଥିଲେ । ତାଙ୍କ କଲମରୁ ଝରୁଥିବା ପ୍ରତିଟି କବିତାର ନାୟିକା ଥିଲେ 'ଶେଫାଳି' । ସେ କବିତା ଯିଏ ବି ପଢୁଥିଲେ ଶେଫାଳିର ସରସ ବର୍ଣ୍ଣନାରେ ତଲ୍ଲୀନ ହୋଇ ଯାଉଥିଲେ । ମହକିତ ହୋଇ ଉଠୁଥିଲା ମନମନ୍ଦିର । ତାରୁଣ୍ୟର ମହକରେ ମାଦକିତ ବୟସରେ କଳ୍ପନାର ଇନ୍ଦ୍ରଜାଲ ସୃଷ୍ଟି କରୁଥିଲା ଅପୂର୍ବ ବନ୍ଧନର ବିଳାସ ।

ପ୍ରେମ କରି ନ ପାରିବାର ଦୁଃଖ କ'ଣ ଜୀବନକୁ ହରାଇ ଦେବାକୁ ସାହସ

ଦିଏ ? କବିବନ୍ଧୁଙ୍କ କଲମର ନାୟିକାଙ୍କୁ ଦେଖିବା ପରେ, ତାଙ୍କ ଛାତି ତଳର ସଂଗୁପ୍ତ ସ୍ପନ୍ଦନକୁ ଶୁଣିବା ପରେ, ତାଙ୍କ ଖୋଲାମେଲା ହସରେ ତାଙ୍କ ଅକୁହା ବେଦନାକୁ ମାପିବା ପରେ ମୋର ବିଶ୍ୱାସ ଦୃଢ ହୋଇ ଯାଇଥିଲା ।

ଦୁଇ ତିନି ବର୍ଷ ପରେ ବନ୍ଧୁ ମୋର ମାନସିକ ଅସୁସ୍ଥତାରୁ ମୁକୁଳି ପୂରା ସ୍ୱାଭାବିକ ଜୀବନ ଯାପନ କରିବାକୁ ଆରମ୍ଭ କରିଥିଲେ । ସଂସାରର ରାଜପଥରେ ଆଗେଇ ଚାଲିଥିଲା ତାଙ୍କ ଗାଡ଼ି । ପୁଣି ଚଳଚଂଚଳ ହୋଇ ଉଠିଥିଲା ତାଙ୍କ କଲମ । ପତ୍ରପତ୍ରିକାରେ ଏଣିକି ଲଗାତର ବାହାରି ଚାଲିଥିଲା ସାରସ୍ୱତ ସର୍ଜନା ।

ହଠାତ ଦିନେ ତାଙ୍କଠାରୁ ଆମନ୍ତ୍ରଣ ପାଇ ଚକିତ ହେଲି । ତାଙ୍କର ନୂଆ କବିତା ସଙ୍କଳନର ହେବ ଉନ୍ମୋଚନ । ପୁଲକିତ ହେଲି । ଯାହା ହେଉ, କଲମର ଶକ୍ତି ତାଙ୍କୁ ପୁନର୍ଜୀବନ ଦେଲା ।

କଥା ରଖି ଠିକଣା ସମୟରେ ପହଂଚିଲି ଠିକଣା ସ୍ଥାନରେ । ଜୟଦେବ ଭବନରେ ପହଂଚିବା ମାତ୍ରେ ଫୁଲ ତୋଡ଼ାଟିଏ ଧରାଇ ଦେଇ ଯିଏ ମତେ ସ୍ୱାଗତ କରି ଏକପ୍ରକାର ଟାଣି ଟାଣି ହଲ୍ ଭିତରକୁ ନେଇଗଲେ ସିଏ ଥିଲେ ବିସ୍ମୟର ଅନ୍ୟନାମ ମୋର ପୂର୍ବ ପରିଚିତ ସେଇ ମଧୁଛନ୍ଦା ମାଡାମ୍ । ସେ ତ ସୁନ୍ଦରୀ ହେଲେ ସେଦିନ ତାଙ୍କ ସୌନ୍ଦର୍ଯ୍ୟରେ ଥିଲା ଭିନ୍ନ ଏକ ମାଧୁରୀ ।

ତେବେ କ'ଣ ବନ୍ଧୁଙ୍କ ସହ ଏହା ଭିତରେ ତାଙ୍କର ବିବାହ ହୋଇ ଯାଇଛି ? ଏତେ ବଡ଼ ଘଟଣାଟେ ପୁଣି ମୋର ଅଜ୍ଞାତରେ ଘଟି ଯାଇଛି । ମୋ ଛାତିତଳେ ଖଟାମିଠା ଚକୋଲେଟ୍‌ର ସ୍ୱାଦ । ଜାଣି ନ ପାରିଥିବାର ଯନ୍ତ୍ରଣା ଓ ବନ୍ଧୁସୁବ୍ୟବସ୍ଥିତ ଜୀବନଧାରାର ପଥିକ ସାଜିଥିବାର ଅନୁମାନକୁ ନେଇ ଖୁସିର ଏକ ମିଶ୍ରିତ ଅନୁଭବ ମତେ ହଲଚଲ କରୁଥିଲା ।ମଧୁଛନ୍ଦା ମତେ ଏକପ୍ରକାର ଟାଣି ନେଉଥିଲା ହଲ୍ ଭିତରକୁ । ପରେ ପରେ ଆରମ୍ଭ ହୋଇ ଯାଇଥିଲା ସାରସ୍ୱତ ଉତ୍ସବ ।

ମୋ ବନ୍ଧୁଙ୍କ କଲମରୁ ବାହାରି ଏଇ କିଛି କ୍ଷଣ ମଧ୍ୟରେ ଉନ୍ମୋଚିତ ହେବାକୁ ଅପେକ୍ଷା କରିଥିବା ପୁସ୍ତକଟିର ପ୍ରାରମ୍ଭିକ ସମୀକ୍ଷା କରିଥିଲା ମଧୁଛନ୍ଦା । ସୌମ୍ୟ ଚେହେରା ସହିତ ମଧୁର କଣ୍ଠ ସମଗ୍ର ହଲ୍‌କୁ ଆଚ୍ଛନ୍ନ କରି ରଖିଥିଲା । ହେଲେ ମୁଁ ଏକ ବିଚିତ୍ର ପ୍ରଶ୍ନ ଓ ତାହାର ସମାଧାନର ଦ୍ୱନ୍ଦ୍ୱ ଭିତରେ ନିଜ ସହ ଲଢୁଥିଲି ।

ବାତାବରଣ ପୂରା ସରସ ଓ ମଧୁର ଥିବା ବେଳେ ମୁଁ କେମିତି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଲଗାଟିକୁ ବାଛ ବିକଳ୍ପରେ ପରିଣତ ହୋଇ ଯାଇଥିବା ପରି ଅନୁଭବ କରୁଥିଲି ।

ପୁସ୍ତକଟିର ରୂପକଳ୍ପର ଚିତ୍ର ଥୋଇ ସାରିବା ପରେ କବିଙ୍କ ଲେଖକୀୟ ଦମ୍ଭ, ସାରସ୍ୱତ ଯାତ୍ରାପଥର ଛବି ଆଙ୍କୁଥିଲା ରାଜ୍ୟର ଅନ୍ୟତମ ଲୋକପ୍ରିୟ ତଥା ସୁନ୍ଦରୀ କବୟିତ୍ରୀ ମଧୁଛନ୍ଦା । ତା'ର ଲୋଭନୀୟ କଣ୍ଠସ୍ୱରର ସୁଷମା ପୁସ୍ତକଟିର ଆବେଦନକୁ ବହୁଗୁଣିତ କରି ସାରିଥିଲା ସେତେବେଳକୁ ।

ମୁଁ ମୋର ପ୍ରିୟ ବନ୍ଧୁର ମୁହଁକୁ ଚାହିଁଲି । ସେ ସେମିତି ବସିଥିଲେ ଡାଏସ୍ ଉପରେ । ମଧୁଛନ୍ଦାଙ୍କୁ ଚାହୁଁଥିଲେ ମଝିମଝିରେ । ସ୍ମିତହାସ୍ୟ ବି ଛିଟ୍‌କି ଆସୁଥିଲା, ହେଲେ ସ୍ୱାଭାବିକ ଗାମ୍ଭୀର୍ଯ୍ୟ ବି ଲାଖି ରହିଥିଲା । ଜଣା ପଡୁ ନଥିଲା ସେ ଏଇ ପରିବେଶର ମଧୁରିମାକୁ ଉପଭୋଗ କରୁଛି ନା ଏକ ନିର୍ବିକାର ଲେଖକୀୟ ଭାବନା ନେଇ କେବଳ ଅନୁଭବ କରୁଛି ।

ମଧୁଛନ୍ଦାର ମଧୁର ଉଦ୍‌ଘୋଷଣା ପରେ ମୁଖ୍ୟ ଅତିଥି ଉନ୍ମୋଚନ କଲେ ପୁସ୍ତକ ଝରା ଶେଫାଳି । ଏଥର ଝଲସି ଉଠିଥିଲା କବିବନ୍ଧୁଙ୍କ ମୁହଁ । ମଧୁଛନ୍ଦା ବି ଉଲ୍ଲାସର ଏକ ନିଆରା ଚେତନାରେ ଉଦ୍‌ବୁଦ୍ଧ ହେବା ଭଳି ଜଣା ପଡୁଥିଲା । ଲାଗୁଥିଲା ଯେମିତି ଏବେ ଆଉ କଳ୍ପନା ନୁହେଁ ବାସ୍ତବତାର କାନ୍‌ଭାସ୍ ଉପରେ ସେ ଦୁଇ ଜଣ ଉଭୟଙ୍କ ଛବିକୁ ମିଶାଇ ଆଙ୍କୁଥିଲେ !

ଏ ଚିତ୍ରର ଭବିଷ୍ୟତ କ'ଣ ହୋଇପାରେ ମୁଁ କଳ୍ପନା କରି ପାରୁ ନଥିଲି । କୌଣସି ଶୁଷ୍କ ଆଧୁନିକ କବିତା ସଂକଳନ ନୁହେଁ ଛନ୍ଦମୟ ଜୀବନର ଏକ ସଜ ସଂକଳନ ଯେମିତି ଲେଖି ହୋଇ ଯାଉଥିଲା ଆପେ ଆପେ ଆଉ ପରକ୍ଷଣରେ ଉନ୍ମୋଚିତ ହୋଇ ଯାଉଥିଲା ।

*******

ଅଢେଇଗୁଣ୍ଡି, କାନପୁର,
କଟକ, ପିନ୍-୭୫୪୦୩୭,
ମୋ-୯୩୪୮୦୪୨୦୬୬
Email: bidyapctc@gmail,com

# ଦୁଇଟି ମିନିଗଳ୍ପ

## ଇଂ ସତ୍ୟବ୍ରତ ରଥ



### ୧. ସେଦିନ ଏଦିନ

ପିଲାଦିନେ ଗୁଲୁଗୁଲିଆ ଦିଶୁଥିଲା ବୋଲି ଜେଜୀ ନାତୁଣୀର ନାଆଁ ଦେଇଥିଲା ଗୁଲା । ହାତ ଧରି ଗାଆଁ ଦାଣ୍ଡରେ ଚଲାଇଥିଲା, ଫ୍ରକ୍ ପିନ୍ଧାଇ ଦେଇଥିଲା, ବାନ୍ଧି ଦେଇଥିଲା ବେଣୀ । ସଞ୍ଜବେଳେ ଏକଣା ପିଣ୍ଡାରେ ବସାଇ ରଜା ରାଣୀ ଗପ କେତେ କହୁଥିଲା । ଜହ୍ନମାମୁଁଙ୍କୁ ବି ଡାକୁଥିଲା । ଧୋ-ବାୟା ଗୀତ ବୋଲି ଶୁଆଇ ଦେଉଥିଲା ।

ଗୁଲା ଯେବେ ଭାତ ଗାଳି ଜାଣିଲା, ମାଆ ତା'କୁ ଶିଖେଇଥିଲା- ଜୁଆଣି, ନଡିଆ ପାଚି, ରଙ୍ଗମାଟିଆ ଗୁଡ ଆଉ ତଟକା ଖଇରେ କେମିତି ଗୁଡ ମୁଆଁ ଗଢିବାକୁ ହେବ । ଆଉ ବି ଶିଖେଇଥିଲା- ମୁଆଁ ଯେମିତି ମିଠା, ସେମିତି ମିଠା ମିଠା କଥା କହିବାର ଢଙ୍ଗ ।

ଅଳିକରି ମାଆକୁ ମାଗି ମୁଢି ଉଖୁଡା କୁଲେଇରେ ଧରି ଖାଉଥିବା ଝିଅ ଘର ଜଂଜାଳ ସମ୍ଭାଳି ଏବେ ଦେଖି ସାରିଲାଣି ଷାଠିଏ ଶରତ । ତା'ଅଣ୍ଟାରୁ କର୍ମ କମି ଆସିଲାଣି ବଳ । ତଥାପି କୁଳ ବେଉସାକୁ ସେ ଆବୋରି ବସିଛି । ତା' ହାତ ତିଆରି ଗୁଡ ମୁଆଁ ପାଇଁ ଆଖପାଖ ତିନିଖଣ୍ଡ ମଉଜାରେ ଛୁଆଠୁ ବୁଢା ପର୍ଯ୍ୟନ୍ତ ସଭିଙ୍କର ଆଗ୍ରହ । ଦି'ପହର ଗଡିଗଲେ ବୁଢୀ ମୁଆଁ ପସରା ମୁଣ୍ଡାଇ ବିକିବାକୁ ଯାଏ, ଘରକୁ ଫେରୁ ଫେରୁ ସଞ୍ଜ ।

ନିଛଳ, ନିର୍ମଳ ମନ । ତା'ହସରେ ହସୁଥାଏ ସଜ ମଲ୍ଲିଫୁଲ । ବାଟରେ ଯିବା ବେଳେ ଗୋପୀ ଭାଷାରୁ ପଦେପଦେ ବୋଲୁଥାଏ- "କୃଷ୍ଣ କଥା ଭାଳି ଗୋପୀ ସକଳ, ଗୁଣ ସୁମରି ହୁଅନ୍ତି ବିକଳ ।" ଭଲମନ୍ଦ କିଏ କେବେ ପଚାରିଲେ ବୁଢୀ କହେ- ମୋ ଭୋକ ତ ମୋର, ମୋ ଦୁଃଖ ତ ମୋର । ଲୁହ ଗଡେଇ କାହା ସାମ୍ନାରେ କାନ୍ଦିଲେ ପେଟ ପୂରିବନି କି ଦୁଃଖ ସରିବନି । ଦେହ ପାରୁଥିଲା ଯାଏଁ ଏମିତି ଆସୁଥିବି, ଏ ଗାଆଁ ସେ ଗାଆଁ ଦେଖୁଥିବି । ଦୁଃଖ ଆସୁ, ସୁଖ ଆସୁ, ସେଥିକି ମୋର ଚିନ୍ତା ନାହିଁ । ବେଳେବେଳେ ଜେଜୀମା କଥା ମନେପଡୁଛି, ଯିଏ ମୋର ବେଣୀ ବାନ୍ଧି ଦେଉଥିଲା । ବୟସ ହେଲାଣି । ଆଜି ସେଇ ବେଣୀ ନାହିଁ, କେରାଏ ଅଲରା ବାଳରେ ମୁଁ ଦୁଃଖ ସୁଖକୁ ବାନ୍ଧି ବୁଲୁଛି ।

### ୨. ତିନି ପୁରୁଷଙ୍କୁ ଦୋଷ

ସକାଳୁ ସକାଳୁ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ପରମା ପଳାସିଥିଲା ଗାଆଁ ମୁଣ୍ଡିଆ ତଳ ସୋରିଷ କ୍ଷେତକୁ । କଅଁଳ କଅଁଳ ଖରାରେ ବି ତା'ଦେହରୁ ଗମ୍‌ଗମ୍ ଝାଳ ବୋହି ଯାଉଥିଲା ସେ ଭାବୁଥିଲା - ମା'ଠାକୁରାଣୀ କୃପା କଲେ ତିନି ଚାରି ବସ୍ତା ସୋରିଷ ଅମଳ ହେବ । ମହାଜନକୁ ଡାକି ବିକିଦେଲେ ନାତିର ସନକ୍ଷେତ୍ର ଖର୍ଚ୍ଚରେ ଲାଗିବ । ଝିଅ ଆଶେଲି ବଡ ମୁହଁରେ ଆଶା ରଖିଛି ଯେ- ଅଜା ଆଇ ଦେବେ ସୁନା ଚେନ୍ ଆଉ ରୁପା ଖଡୁ । ତେଣୁ ଦି ଦିନ ଆଗରୁ ମଟର ଗାଡିରେ ଚଢି ଦି'ପ୍ରାଣୀ ଝିଅ ଘରକୁ ଯିବା ଥୟ । ଝିଅ ଶ୍ୱଶୁର ଭୋଜି ଭାତକୁ ସବୁ ବନ୍ଧୁବାନ୍ଧବଙ୍କୁ ଡାକିଛନ୍ତି, ଆଉ ବି ଗାଆଁର ଷାଠିଏ ଲୋକଙ୍କୁ । ଆଶେଲି ମା'ଆଉ କ'ଣ କ'ଣ ଦବ, ଏଯାଏଁ ଖୋଲି କହିନି । ଯାହା କହିବ, ଆର ପାଳି ହାଟରୁ କଣ ଆଣିବ । ଏମିତି ସେମିତି ଘରେ ସେ ତ ଝିଅକୁ ଦେଇନି । ଭୋଜି ଭାତଟା ଜାକ ଜକମରେ ନିଷ୍ଚୟ ହେବ । ଏତେ ଦିନ ପରେ ଗୋଟେ ମନଖୁସିଆ ଭୋଜି ଖାଇବାର ସୁଯୋଗ ମିଳିବ, ଜୋଇଁ ପୁଅର ମନ ବଡ, ଭୋଜିରେ ପାଞ୍ଚ ସାତ ଆଇଟମ୍ ସେ ରନ୍ଧେଇବ । ବାସୁମତୀ ଚାଉଳ ଭାତ, ବହଳିଆ ହରଡ ଡାଲି, ଟମାଟୋ ଖଟା, ମହୁର, ବେସର ହେବ । ତା'ସାଙ୍ଗକୁ କ୍ଷିରିତ ନିଶ୍ଚୟ । ସେଦିନ ଗୁରୁବାର ପଡୁଛି । ଆଇଁଷ ତରକାରୀ ବୋଧେ ହେବନି ଆଜି କାଲିକି କ'ଣ ପାମ୍ପଡ ଦେଲେଣି ।

ପରମା ଆଗେଇ ଚାଲିଥିଲା ଗାଁ ଦାଣ୍ଡ ରାସ୍ତାରେ । ଦି'ଟା କୋକିଶିଆଳୀ ଗୋଡିଆ ଗୋଡି ହୋଇ ଧାଇଁ ଥିଲେ ନାଳ ପାଖକୁ । ପରମା ମନକୁ ମନ କହୁଥିଲା – ଏଗୁଡାକ ରାତି ବୁଲା ଜୀବ । ଦିନରେ ଖେଳ ଦେଖାଉଛନ୍ତି ଯେ କୁକୁରଙ୍କ ନଜରରେ ପଡିଲେ ଦଶା ଭୋଗିବେ, ଆଉ ଗାତ ମୁହଁ ଦେଖିବେ କି ନାହିଁ ସନ୍ଦେହ । ଯିଏ ନୀତି ନିୟମ ନ ମାନିବ ସିଏ ଦଶା ଭୋଗିବ ।

ଜିଆରୀ ପାଖେ ପହଞ୍ଚି ପରମା ଦେଖିଲା ଜିଆରୀ ଷୋଳଣା, ବୁଦା ସବୁ ଶୁଖି ଆସିଲାଣି, ଛୁଇଁ ଗୁଡାକ ବାଦାମୀ ରଙ୍ଗ ଛୁଇଁଲାଣି । ଦି'ଦିନ ଭିତରେ ଓପାଡି ଦେବା ଭଲ, ପାଗ ବି ଭଲ ଅଛି । ଏମିତି ସବୁ ଭାବିଭାବି ଫେରିବା ବାଟରେ ସେ ତିନିଜଣ ମୂଲିଆଙ୍କୁ ଠିକ୍ କଲା । ସୁଣ୍ଡିଆ ପୂର୍ବପାଖେ ଖଣ୍ଡେ ସମତଳ ପଥୁରିଆ ଜାଗା ଅଛି । ସେଇଠି ସୋରିଷ ଗୋଛାକୁ ପକେଇ ପିଟଣାରେ ପିଟି ଅମଳ କରିବାକୁ ହେବ।

ପରମା ଆସି ଘରେ ପହଞ୍ଚିଗଲା । ତା'ଫେରିବା ବାଟକୁ ଆଶେଲି ମା'ଚାହିଁ ବସିଥିଲା । କହିଲା- "ହଇଏ ! ଏତେ ଉଚ୍ଛୁର କଲ ? ହେଇତିନି ! ନିଧି ଅବଧାନେ ଆସିଥିଲେ । ଘଡିଏ ବସି ଦୁଃଖ ସୁଖ ହେଲେ । ମୁଁ ତାଙ୍କୁ ଫେଣାଏ ପାଚିଲା କଦଳୀ ଦେଲି । ନାତି ସ୍ୱନକ୍ଷେତ୍ର କୁ ଆମେ ଯିବା କଥା କହିଲି । ଖୁସି ହେଲେ । କ'ଣ ଭାବିଲେ କେଜାଣି, କହିଲେ ଆଲୋ ଝିଅ ! ଭଲ ଖବରଟାଏ ଦେଲୁ । ନାତି ତୋର ଦୀର୍ଘାୟୁ ହୋଇଥାଉ । ତମେ ଦୁହେଁ ଦି ଦିନ ଆଗରୁ ଯିବ । ହେଲେ ଝିଅ ଘରେ ତ ବିଚରା ପରମା ପାଣି ଛୁଇଁବନି । କନ୍ୟାଦାନ କରିଛି । ପାଣି ଛୁଇଁଲେ ତିନିପୁରୁଷଙ୍କୁ ଦୋଷ, ପିତୃପୁରୁଷ ଅଶାନ୍ତି ହେବେ । ତେଣୁ ତୁ ଗଉଣୀଏ ଚୁଡା ଓ ଗିନାଟେ ଗୁଡ ଗଣ୍ଠିଲିରେ ବାନ୍ଧିଥିବୁ । କୂଅରୁ ପାଣି ଆଣି ତୁ ପରମାକୁ ଦେବୁ, ନହେଲେ ସେ ନିଜେ ପାଣି କାଢି ଆଣି ପିଇବ । ଯଦି ଗାଆଁରେ ଗୁଡିଆ ଦୋକାନ ଥିବ, ତେବେ ସେଠାରୁ ସେ ଯାହା କିଛି କିଣି ଖାଇବ । ଗଲା ବେଳେ ସୂର୍ଯ୍ୟ ମହାପୁରୁଙ୍କୁ ମୁଣ୍ଡିଆଟେ ମାରି ଯିବ।

ଆଶେଲି ମା'ର କଥା ଶୁଣି ପରମା ତା'ମୁହଁକୁ ଚାହିଁଲା, ଭୋଜି ଖାଇବା ଆଶା ତା'ର ମଉଳିଗଲା । କ'ଣ କହିବ ବୋଲି ପଦେ କହି ପାରିଲାନି।

*******


କଲେଜ ରୋଡ୍, ବାଙ୍କୀ, କଟକ

ପିନ୍ – ୭୫୪୦୦୮

ମୋ – ୯୯୩୭୩୨୭୬୪୭


# ଲଘୁ ସିଦ୍ଧାନ୍ତ କୌମୁଦୀ


## ନଗେନ୍ଦ୍ରନାଥ ମହାନ୍ତି


ପୂର୍ବାଭାଷ – ଏକ ଅବାଞ୍ଛନୀୟ ପରିସ୍ଥିତିରୁ ଏ ଲେଖାର କଳ୍ପନା ହେଲା । ଲେଖକ ଅଟ୍ଟାଳିକାର ମିଳନ କକ୍ଷରେ ସମବୟସ୍କ ସାଙ୍ଗ ମାନଙ୍କ ସହିତ ବସିଥିଲେ । ଏକ ବନ୍ଧୁଙ୍କ ନାସ୍ତିବାଣୀ ଶୁଣି କ୍ରୋଧାନ୍ୱିତ ହୋଇ ନିଜ ପ୍ରକୋଷ୍ଠକୁ ପ୍ରତ୍ୟାବର୍ତ୍ତନ କଲେ । ସିଡିରେ ଉଠୁଉଠୁ ଏକ ସିଦ୍ଧାନ୍ତରେ ଉପନୀତ ହେଲେ । ତାହା ହେଲା ପ୍ରଥମ ସିଦ୍ଧାନ୍ତ।

ଦୋଷ କଲେ ପ୍ରାୟଶ୍ଚିତ୍ତ କର, କ୍ଷମା ପ୍ରାର୍ଥନା କର, ମାତ୍ର ଅନୁତାପ ବା ପଶ୍ଚାତାପ କର ନାହିଁ।

ଦ୍ୱିତୀୟ ସିଦ୍ଧାନ୍ତ - ଶରୀର ବିଶ୍ରାମ ନିଏ, ମନ ନୁହେଁ । ମନ ସବୁବେଳେ କାମରେ ଥାଏ, ଶୋଇବାବେଳେବି, ସ୍ୱପ୍ନଆକାରରେ । ସ୍ୱପ୍ନାବସ୍ଥାରେ ମଧ ମନ ଏକ ସିଦ୍ଧାନ୍ତରେ ଉପନୀତ ହୁଏ । ମନ କ୍ଳାନ୍ତ ହେଲେ ଈଶ୍ୱର ଅଛନ୍ତି, କହନ୍ତି ଉଠ୍, ତୋର ବିଶ୍ରାମ ନାହିଁ । କେତେବେଳେ କ'ଣ କରୁଛୁ ମୁଁ ନିର୍ଦ୍ଦେଶ ଦେଉଛି । ଉଠ୍ ଆଉ ଶୋଚନା କରନା, ଅନୁତାପ ବା ପଶ୍ଚାତାପ କରନା; କାର୍ଯ୍ୟ ଓ କର୍ମ ମୋର, ତୋର ନୁହେଁ । ମନରୁ ଧାରଣା ବା କଳ୍ପନା ଜନ୍ମ ନିଏ।

ତୃତୀୟ ସିଦ୍ଧାନ୍ତ – ଉପସ୍ଥିତ କ୍ଷେତ୍ର ନିଷ୍ପତ୍ତି ଶ୍ରେଷ୍ଠ ନିଷ୍ପତ୍ତି।

ଚତୁର୍ଥ ସିଦ୍ଧାନ୍ତ – ମନସ୍ଥିର ବିଚାର ଚଞ୍ଚଳ ହେଲେ ନିଷ୍ପତ୍ତି ଗ୍ରହଣ କରାଯାଇପାରିବ।

ପଞ୍ଚମ ସିଦ୍ଧାନ୍ତ – ଭାବିବା ଭାଷା, କହିବା ଭାଷା, ଶୁଣିବା ଭାଷା, ଲେଖିବା ଭାଷାରେ ଫରକ ରହିବ । ଲେଖିଲା ବେଳେ ଅବଚେତନ ମନ ବାଧା ଦିଏ । ସେ ବାଧା ଅତିକ୍ରମ କଲେ ଲେଖିପାରିବ।

ଷଷ୍ଠ ସିଦ୍ଧାନ୍ତ – "ହାତୀ ଦେବି, ଘୋଡା ଦେବି

ମୋ ପେଁକାଳୀ ବଜାଇ ଦେବି।"

ଢଗଟି ଅକ୍ଷରେ ଅକ୍ଷରେ ସତ୍ୟ।

କୁହନ୍ତି ଯେ କରନ୍ତି ନାହିଁ।

ସପ୍ତମ ସିଦ୍ଧାନ୍ତ – ଭୟ କରିବ ଯାହାକୁ ସପନ ଦେଖିବ ତାହାକୁ

ଆମେ ମୃତ୍ୟୁକୁ ଭୟକରୁ, ତେଣୁ ବେଶୀଭାଗ ମୃତ୍ୟୁ ବ୍ୟକ୍ତିମାନଙ୍କୁ ସ୍ୱପ୍ନରେ ଦେଖିବାକୁ ପାଇଥାଉ।

ଅଷ୍ଟମ ସିଦ୍ଧାନ୍ତ – ରାନ୍ଧିବା ବାଢ଼ିବା ରଖିବା ଥୋଇବା

ଖାଇବା ପିଇବା ଶୋଇବା ଉଠିବା।

ଏହିପରି ଚିନ୍ତା ଅନୁଚିନ୍ତା ଦୁଶ୍ଚିନ୍ତା ସୁଚିନ୍ତା ସବୁବେଳେ ଲାଗିରହିଥାଏ।

"ଯୁକ୍ତି ଓ କଳ୍ପନା ଏହି ଦୁଇ ମାନସିକ ପ୍ରକ୍ରିୟାରେ ପ୍ରଥମତଃ ଅନୁଧାନକୁ ଯୁକ୍ତି କରାଯାଇପାରେ ଓ ଦ୍ୱିତୀୟତଃ ମନ ନିଜର ଏହି ଚିନ୍ତା ସମୂହକୁ ଉଦ୍‌ଭାସିତ କରି, ଗୋଟିଏ ଚିନ୍ତାରୁ ଅନ୍ୟ ଚିନ୍ତା ସବୁ ସୃଷ୍ଟି କରିବା ସଙ୍ଗେ ସଙ୍ଗେ, ଏହି ଚିନ୍ତା ସବୁ ଯେତେବେଳେ ନିଜର ସଂହତିରେ ଉଜ୍ଜ୍ୱଳ ହୋଇଉଠେ ସେତେବେଳେ ତାହାକୁ କଳ୍ପନା କୁହାଯାଏ।

ଗୋଟିଏ ହେଉଛି ସଂଶ୍ଳେଷାତ୍ମକ ଯାହା ବିଶ୍ୱପ୍ରକୃତି ଓ ବିଶ୍ୱସ୍ଥିତିରେ ରହିଥିବା ସାଧାରଣ ରୂପ ଉପରେ ଆଧାରିତ। ଅନ୍ୟଟି ବିଶ୍ଳେଷଣାତ୍ମକ ଏବଂ ଏହା ବିଭିନ୍ନ ବସ୍ତୁ ମଧ୍ୟରେ ସମ୍ପର୍କକୁ କେବଳ ସମ୍ପର୍କ ଭାବରେ ହିଁ ବିଚାର କରିଥାଏ । ଏମାନେ ଚିନ୍ତା ସବୁକୁ ସେମାନଙ୍କର ସମଗ୍ର ଏକତାରେ ବିଚାର ନକରି କେତେକ ନିର୍ଦ୍ଦିଷ୍ଟ ସାଧାରଣ ଫଳ ମିଳୁଥିବା ସଂଖ୍ୟାମୂଳକ ନିରୂପଣ ଭାବରେ ହିଁ ବିଚାର କରିଥାଆନ୍ତି। ଯୁକ୍ତି ବା ବୁଦ୍ଧି ହେଉଛି ଯାହା ଜଣାଅଛି ସେହି ପରିମାଣରେ ଗଣନା ବା ପରିଗଣନା; କଳ୍ପନା ହେଉଛି ସେହି ପରିମାଣରେ ଆପେକ୍ଷିକ ମୂଲ୍ୟର ଅନୁଭବ। ଏହା ବସ୍ତୁ ମଧ୍ୟରେ ଥିବା ପ୍ରଭେଦକୁ ସମ୍ମାନ କରେ।

ଅନ୍ୟପକ୍ଷରେ କଳ୍ପନା ସାହସ୍ୟକୁ ବିଚାର କରିଥାଏ। ଯୁକ୍ତି ଓ କଳ୍ପନାର ସମ୍ପର୍କ ହେଉଛି ଉପକରଣ ଏବଂ କର୍ତ୍ତାର ସମ୍ପର୍କ ବା ଦେହ ଓ ଆତ୍ମାର ସମ୍ପର୍କ ବା ସ୍ୱୀୟ ଓ ବସ୍ତୁର ସମ୍ପର୍କ।" (ଡାଏରୀ ପୃଷ୍ଠାରୁ ଉଦ୍ଧୃତ)

ଭାଷା କଳ୍ପନାର ନିରଙ୍କୁଶ କ୍ଷମତାରୁ ସୃଷ୍ଟି ହୋଇଥଥାଏ । ଯୁଗର ପରିମାପରେ ଆଦିମ ଲୋକ ଯେପରି; ବୟସର ପରିମାପରେ ଶିଶୁ ସେହିପରି,

ମଣିଷ ସମାଜରେ ଯେପରି ବଞ୍ଚିରହେ, ତା'ର ଯେତେ ଆବେଗ ଓ ଆନନ୍ଦ, କ୍ରମଶଃ ସେ ସବୁକୁ ଆବେଗ ଓ ଆନନ୍ଦର ସହିତ ଅନୁଧାନ କରିବା ମଣିଷର ଲକ୍ଷ୍ୟ ହୋଇଉଠେ। ମଣିଷ ମନରେ ନୂଆ ନୂଆ ଆବେଗ ଆସିବା ସହିତ  ସେ ସବୁକୁ ପ୍ରକାଶ କରିବା ପାଇଁ ନୂଆ ନୂଆ ଭଙ୍ଗ ସମ୍ପତ୍ତି ପରି ବଢ଼ିଉଠେ ଏବଂ ଭାଷା, ଭଙ୍ଗୀ ଓ ଅନୁସୃତ କଳା କ୍ରମଶଃ ଏକ ସମୟରେ ମାଧମ ଓ ପ୍ରଦର୍ଶନ, ତୁଳା ବା ଚିତ୍ର ବା ସ୍ୱର ଓ ସ୍ୱର ସଙ୍ଗତି ଭାବରେ ପ୍ରତିଭାତ ହୁଏ । ସାମାଜିକ ସହାନୁଭୂତି ବା ସାମାଜିକ ନୀତି ନିୟମ ଯାହାର ସାହାଯ୍ୟରେ ସମାଜ ସମ୍ଭବ ହୁଏ- ଦୁଇଟି ଲୋକ ଏକାଠି ରହିବା ସଙ୍ଗେ ସଙ୍ଗେ ସେ ସବୁର ଉନ୍ନତି ଓ ବିକାଶ ହୁଏ, ଗଛ ମଞ୍ଜି ଭିତରେ ରହିବା ପରି ଭବିଷ୍ୟତ ବର୍ତ୍ତମାନର ନିହିତ ଓ ସାମ୍ୟ, ବୈଷମ୍ୟ, ଏକତା, ବିଭିନ୍ନତା ପରସ୍ପର ଉପରେ ନିର୍ଭରଶୀଳତା ଏପରି ସବୁ ନୀତି ଯାହା ମଣିଷର ଇଚ୍ଛା ଶକ୍ତିକୁ ପୁଷ୍ଟ କରେ। ଫଳରେ ସାମାଜିକ ବ୍ୟକ୍ତି ଯେତିକି ଦୂର ସାମାଜିକ ସେହି ପରିମାଣରେ କାର୍ଯ୍ୟ କରିବାକୁ ପ୍ରେରଣା ପାଇଥାଏ।

ପୃଥିବୀର ବିଭିନ୍ନ ବସ୍ତୁ ଉପରେ ପ୍ରକୃତିର ବିଭିନ୍ନ ପାଦଘାତ, ଯାହା ପରସ୍ପର ସହିତ ସମାନ। ପୁଣି ଏହି ଅନୁଭବ କରିପାରିବାର ଶକ୍ତି ଯେପରି ଶକ୍ତିର ଗନ୍ତାଘର ଯାହାକି ସବୁ ଜ୍ଞାନ ପାଇଁ ମୁକ୍ତ । ପ୍ରତ୍ୟେକ ମୌଳିକ ଭାଷାକୁ ଭାଷାର ଆରମ୍ଭ ସମୟରେ ଏକପ୍ରକାର ଜନତା ବୋଲି କୁହାଯାଇପାରେ। ପରବର୍ତ୍ତୀ ସମୟରେ ଭାଷାକୁ ଶୃଙ୍ଖଳିତ କରିବା ପାଇଁ ଯଥେଷ୍ଟ ଅଭିଧାନ ତିଆରି ହେଲା । କିନ୍ତୁ କବି ବା ଯେଉଁମାନେ ଏହି ଅବିନାଶୀ ଶୃଙ୍ଖଳାକୁ କଳ୍ପନା କରନ୍ତି ଓ ପ୍ରକାଶ କରିଥାଆନ୍ତି ସେମାନେ କେବଳ ଭାଷାର ଲେଖକ, ସଙ୍ଗୀତ, ନୃତ୍ୟ, ଚିତ୍ର କଳା, ବସ୍ତୁ କଳା ଓ ମୂର୍ତ୍ତୀ କଳାର ସ୍ରଷ୍ଟା ତା ନୁହେଁ ସେମାନେ ଆନନ୍ଦ, ବିଧି ଓ ବିଧାନର ପ୍ରବର୍ତ୍ତକ, ସଭ୍ୟ ସମାଜର ପ୍ରତିଷ୍ଠାତା ଓ ଜୀବନ ଯାପନ ରୁଚିକଳାର ଉଦ୍‌ଭାବକ। ପୁଣି ଯାହାକୁ ଆମ୍ଭେମାନେ ଧର୍ମ କହୁ ବା ଯାହା ଅଦୃଶ୍ୟ ଜଗତର ମାଧମ, ସେ ସବୁକୁ ଅନୁଭବ କରି ସତ୍ୟ ଓ ସୁନ୍ଦରକୁ ଘେନି ଆସିବା ସେହି ମାନଙ୍କ ଦ୍ୱାରା ସମ୍ଭବ ଓ ଏହି ଦୃଷ୍ଟିରୁ ସେମାନେ 'ଶିକ୍ଷକ'। ତେଣୁ ସବୁ ମୌଳିକ ଧର୍ମ ପ୍ରତୀକମୂଳକ ବା ସେଥିରେ ପ୍ରତୀକର ସୂଚନା ରହିଛି ଏବଂ ପ୍ରାଚୀନ ଚପଳୀୟ ଜେତୋ 'ଯାନସ୍' ପରି ଏହାର ଦୁଇଟି ମୁହଁ – ଗୋଟିଏ ସତ, ଗୋଟିଏ ମିଛ।

ଗୁରୁ କିଏ ?

| | |
|---|---|
| ପ୍ରଥମ ଗୁରୁ | ପିତା ମାତା |
| ଦ୍ୱିତୀୟ ଗୁରୁ | ଶିକ୍ଷା ଦାତା |
| ତୃତୀୟ ଗୁରୁ | ଭୋଟ ଦାତା |
| ଚତୁର୍ଥ ଗୁରୁ | ଗେଟ ନେତା |
| ପଞ୍ଚମ ଗୁରୁ | ଟଙ୍କା ଦାତା |

"ମନ ତୋହର ନିଜ ଗୁରୁ। ଉଦ୍ଧବ କେତେ ତୁ ପଚାରୁ।"

(ଜଗନ୍ନାଥ ଦାଶ – ଭାଗବତ)

*******

# ନିର୍ଭୟା ପାଟଦେଈମାନେ

## ଡ. ବୀଣାପାଣି ଦେବତା



ଧର୍ଷଣର କାହାଣୀ, ଧସିଯିବାର କାହାଣୀ ଅନେକ ଲେଖାହେଇଛି କିନ୍ତୁ ଜାବାଲା, ସତ୍ୟ କାମ ମାନଙ୍କର ଅଗ୍ନିଶିଖା ପରି ଉପରକୁ ଉଠିବାର କାହାଣୀ ହିଁ ମଣିଷକୁ ଉଜ୍ଜୀବିତ କରେ । ନୂଆ ତାରାଗଛର ସମ୍ମାନିତ ଆଗମନ ଜଣାଇ ପୃଥିବୀକୁ ଧନ୍ୟ କରେ । ଏବେ ଭାରତ ସହ ସାରା ପୃଥିବୀରେ ଧର୍ଷଣର ସମସ୍ୟା କ୍ରମବର୍ଦ୍ଧମାନ, ଏବଂ ଏଥିପାଇଁ ସଭ୍ୟତା ଲଜ୍ଜାରେ ମୁହଁ ଢାଙ୍କି ନାହିଁ । ପୁରୁଷ ତାନ୍ତ୍ରିକ ସମାଜ ତାର ଅହଙ୍କାର ବଜାୟ ରଖିଛି । ରକ୍ତ ବୀର୍ଯ୍ୟ ପରି ରମ୍ମୁ, ବୀରା, ଗୋପୀ, ମାଗୁଣି, ନରିଆ ମାନେ ମଲେ ଶହଶହ ସଂଖ୍ୟାରେ ଜନ୍ମ ହେଉଛନ୍ତି ଏଠି ସେଠି ସବୁଠି । ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ଗୌହାଟୀ ଠାରୁ ପ୍ରତ୍ୟନ୍ତ ପିପିଲି, କାମଦୁନି, ରାମପୁରହାଟ ସବୁଠି ଏମାନଙ୍କର ଉପସ୍ଥିତି ଦେଖାଯାଇଛି । ଫାଶୀ, ଜେଲ କୌଣସି ଦଣ୍ଡ ଯେମିତି ଏଇ ଅପରାଧକୁ ରୋକି ପାରି ନାହିଁ । ତଥାକଥିତ ସଭ୍ୟ ଶିକ୍ଷିତ ଦେଶ ବୋଲାଉଥିବା ଋଷିଆ, ଆମେରିକା, ଇଂଲଣ୍ଡରେ ମଧ୍ୟ ଏଇ ଅପରାଧର ପରିମାଣ କମ୍ ନୁହେଁ । ପୃଥିବୀର ବୟସ ବଢିବା ସଙ୍ଗେ ସଙ୍ଗେ ନାରୀ ନିର୍ଯ୍ୟାତନାର କାହାଣୀ ବଢିଚାଲିଛି । ଦୋଷୀକୁ ଦଣ୍ଡ ଦେବା ଅପେକ୍ଷା ଧର୍ଷିତାର ଅପମାନିତା ହେବା ଯେମିତି ବିଚାର ପ୍ରକ୍ରିୟାର ଅଂଶବିଶେଷ ହୋଇପଡେ । ଏଥିପାଇଁ ଅନେକ ନାରୀ, କିଶୋରୀ ସହି ନପାରି ଆତ୍ମହତ୍ୟା କରିଦିଅନ୍ତି, କେଉଠି ଅବା ତାଙ୍କୁ ଭୁଲ୍ ପଥରେ ଚାଳିତ କରାହୁଏ । ଯେଉଁ ସୃଷ୍ଟି କର୍ମ ନାରୀର ଧର୍ମ ପୁରୁଷ ତାକୁ ତାର ଦୁର୍ବଳତାରେ ପରିଣତ କରିଦେଇଛି । ଏଇ ପରିପ୍ରେକ୍ଷୀରେ ବୀଣାପାଣି ମହାନ୍ତିଙ୍କ ପାଟଦେଈ ଉଲ୍ଲେଖଯୋଗ୍ୟ ।

ବୀଣାପାଣି ମହାନ୍ତି ଏମିତି ଏକ ଗାଳ୍ପିକ ଯେ ନଇଁ ପଡନ୍ତି ପ୍ରତିଟି କଣ୍ଟକିତ ଚେତନାର ତନ୍ତୁରେ କାନେ କାନେ କହିଦେବାକୁ ଯେ ପ୍ରଭାତ ନିଶ୍ଚୟ ଆସିବ ଏକ ରକ୍ତ ଗୋଲାପର ସ୍ତବକ ନେଇ ପ୍ରତିଟି କୁଟୀର, ପ୍ରତିଟି ହୃଦୟକୁ । ୧୯୮୬ ରୁ ୨୦୧୬ ମଧ୍ୟରେ ଗଙ୍ଗା, ଯମୁନା, ଟେମସ ନଦୀ ମାନଙ୍କରେ କେତେ ଧାରାରେ ଜଳ ଗଡିଗଲେଣି କିନ୍ତୁ ନାରୀ ପ୍ରତି ଅନ୍ତତ ଏଇ ଗୋଟିଏ ଦିଗରେ ପୁରୁଷର ଦୃଷ୍ଟି ବଦଳିନାହିଁ । ଗାନ୍ଧିଜୀଙ୍କ ମଧ୍ୟରାତ୍ରିର ନାରୀ ନୁହେଁ ଆଉ କୌଣସି ସମୟ, କୌଣସି ସ୍ଥାନ, କୌଣସି ସମ୍ପର୍କ ସହ ନାରୀ ନିରାପଦ ନୁହେଁ । ଏଇ ଧରଣର ଗଳ୍ପ ମଧରେ ପାଟଦେଇ ତା ସମୟର ପ୍ରତିନିଧିତ୍ୱ କରିପାରିଛି ଚମତ୍କାର ଭାବରେ ।

ଗଳ୍ପଟିର କେତୋଟି ବିନ୍ଦୁ ବିଶେଷ ଉଲ୍ଲେଖଯୋଗ୍ୟ । ଗଳ୍ପର ଅଧିକାଂଶ ଅଂଶ ବ୍ୟାପୀ ରହିଛି ନାରୀର ଅସହାୟତା ।

– ପାରିବାରିକ ସ୍ତରରେ ଶାଶୁ ଶଶୁର ଘରେ ଭୋକ ଉପାସରେ ପଡିରହିବା ପରେ ବାଧ୍ୟ ହେଇ ତାକୁ ପଳାୟନ କରିବାକୁ ପଡିଛି । ଘରର ପୋଷା ପ୍ରାଣୀକୁ ବି ଗୃହସ୍ଥ ଅନାହାରରେ ରଖେ ନାହିଁ । ସ୍ୱାମୀ ପ୍ରବାସରେ ଥିବାବେଳେ ଘରର ବୋହୂକୁ ବନ୍ଦୀ କରି ଅନାହାରରେ ରଖି ତାର ସ୍ଥିତିକୁ ପଶୁଠାରୁ ମଧ୍ୟ ହୀନ କରାଯାଇଛି ।

– ବାପଘରକୁ ଆସିଲା ପରେ ବି ସେ ପୁରୁଷର ହିଂସ୍ରଦୃଷ୍ଟିରୁ ନିଷ୍କୃତି ପାଇନାହିଁ । ଦୋଳରେ ଶାନ୍ତ ନିରୀହତାର ପ୍ରତୀକ ବୋଲାଉଥିବା ଧର୍ମର ଚାରଣ ଭୂମି ବୋଲାଉଥିବା ଗାଁର ମେଲଣ ପଡିଆରୁ ସେ ଅପହୃତା ହେଇ ଗଣଧର୍ଷିତା ହେଇଛି । ସେ ଯେ ନାରୀ ଖାଲି ଯେମିତି ମାଂସର ପିଣ୍ଡୁଳା ପୁରୁଷର ଜାନ୍ତବ କ୍ଷୁଧା ପ୍ରଶମିତି କରିବା ପାଇଁ । ଏଇ ଲୋକଙ୍କ ଆଖି ଆଗରେ ତ ପାଟଦେଈ ବଢି ଉଠିଥିଲା, ଯାପନ କରିଥିଲା ତାର ଶୈଶବ, କୈଶୋର । ତାହେଲେ ତାକୁ ଦେଖି ନରଭକ୍ଷୀମାନଙ୍କ ମନେ ମନେ ପଡିଲା ନାହିଁ ନିଜର ଝିଅ ଭଉଣୀ ବା ସାଂଗସାଥୀଙ୍କର କଥା । ବର୍ତ୍ତମାନ ସହରୀ ସଭ୍ୟତା, ଇଣ୍ଟରନେଟ ଦୁନିଆର ଲଗାମଛଡା ସ୍ୱାଧୀନତା, ନାରୀଙ୍କର ଆଧୁନିକ ପୋଷାକ ଉପରେ ଧର୍ଷଣର ଦୋଷ ଲଦି ଦିଆଯାଉଛି । କିନ୍ତୁ ପାଟଦେଈ ଭଳି ଅନେକ ଧର୍ଷଣ କାହାଣୀ ତ ଏସବୁ ଦୋଷରେ ଦୋଷୀ ନୁହେଁ । ତେବେ କାହିଁକି ଘଟିଛି ଏତେ ଅମାନୁଷିକ ଗଣଧର୍ଷଣ ।

– ସାମାଜିକ ସ୍ତରରେ ବି ନାରୀ କୌଣସି ସହାୟତା ପାଇନାହିଁ । ପୁଅକୁ ନେଇ ଜନ୍ମମାଟିକୁ ଫେରିବା ପରେ ସେମାନେ ଆସି ତାଠାରୁ ଜବାବ ଚାହିଁଛନ୍ତି, ସନ୍ତାନର ପିତୃପରିଚୟ ମାଗିଛନ୍ତି । ଆଉ ଆଶ୍ଚର୍ଯ୍ୟର କଥା ଏସବୁ କ୍ଷେତ୍ରରେ ଆଉ ଏକ ଦୁର୍ବଳ ନାଡୀରେ ଲେଖିକା ହାତ ରଖିଛନ୍ତି । ସମ୍ପର୍କୀୟା ଖୁଡୀ ସର୍ବନିମ୍ନ ସହାନୁଭୂତି ନଦେଖାଇ ରଢ

GALPA

ଭାଷାରେ ପାଟକୁ ଝିଙ୍ଗାସି ତା ଜୀବନରେ ଘଟିଥିବା ସବୁ ଦୁର୍ଘଟଣା ପାଇଁ ତାକୁ ଦାୟୀ କରି ତାଠାରୁ କୈଫିୟତ ଚାହୁଁଛନ୍ତି । ପିଲାଟି ଦିନରୁ ମାଛିକୁ ମ କହୁନି, ଶାଶୁଘରେ ଗୋଟେ ମାସ ରହିପାରିଲୁନି, ବାପକୁ ଜୀଅନ୍ତା ଖାଇଲୁ, ଏବେ କଣ ନା ତୁଣ୍ଡ ଖୋଲି କହୁଛି – ମୋ ଛୁଆ, ପୃଥ୍ୱୀ ମା ମତେ ଦେଇଛି । ସତ କହ ଏ ଛୁଆର ବାପା କିଏ, ନଇଲେ ତତେ ପନିକିରେ ଦିଗଡ କରିଦେବି । ଏଇଠି ଲକ୍ଷ୍ୟ କରାଯାଉ ପାଟର ନୀରବତା ସମାଜ ପାଇଁ ବେଶ ଉପଭୋଗ୍ୟ ଥିଲା କାରଣ ତାହା ଯୁଗଯୁଗରୁ ନାରୀର ସଦାଚାର ଭିତରେ ଗଣା ହେଉଥିଲା । କିନ୍ତୁ ତାର ମୁହଁ ଖୋଲି ନିଜ ପକ୍ଷ ରଖିବା ସମାଜର ସହ୍ୟ ହେଉନାହିଁ । ଏଇଠି ସମାଜ ସେ ମୁଖର ଶବ୍ଦକୁ ନୀରବ କରିଦେବାକୁ ଚାହେଁ ନହେଲେ କିଏ ଜାଣେ ଭବିଷ୍ୟତରେ ଆହୁରି ପାଟଦେଇମାନଙ୍କର ଆହୁରି ପାଟଦେଇମାନଙ୍କର ସାମ୍ନା କରିବାକୁ ହେବ ସମାଜକୁ । ଆଶ୍ଚର୍ଯ୍ୟ ସେଥିପାଇଁ ସମାଜ ନାରୀ ବିରୁଦ୍ଧରେ ପ୍ରୟୋଗ କରିଛି ନାରୀକୁ । ଖାସ ଏଥିପାଇଁ ବି ନାରୀର ଅନେକ ସମସ୍ୟା ଏଯାଏଁ ସମାଧାନ ହେଇପାରିନାହିଁ ।

ପରିବାରର ନିର୍ଯ୍ୟାତନା, ସମାଜର ନିଷ୍ଠୁରତା, ଜୈବିକ ଦୃଷ୍ଟିରୁ ପୁରୁଷର ପାପକୁ ନାରୀ ଦେହହିଁ ବହନ କରିବାକୁ ବାଧ୍ୟ ହେବ । ଏତେ ସବୁ ବାଧା ଅତିକ୍ରମ କରିବାକୁ ଲେଖିକାଙ୍କ ହାତରେ କଣ ଥାଏ । ନାରୀର ଦୃଢ ଇଚ୍ଛାଶକ୍ତି ଯାହା ଦ୍ୱାରା ସମାଜକୁ ସାମ୍ନା କରିପାରିବ, କହିପାରିବ ନାରୀ ହିଁ ଜନ୍ମର ପ୍ରମାଣଭୂମି କାରଣ ତାର ମାଂସ ରକ୍ତ ବିଦାରି ସନ୍ତାନ ଅବତୀର୍ଣ୍ଣ ହୁଏ ପୃଥିବୀରେ । ଯେମିତି ଶ୍ୟାମଳ ସୁନ୍ଦର ଚାରାଗଛ ମାଟି ବିଦାରି ଉପରକୁ ମୁଣ୍ଡଟେକେ । ଯେମିତି ମାଟି ସେମିତି ନାରୀ ମଣିଷର ଜନ୍ମଭୂମି । ପାଟଦେଇ ଚମତ୍କାର ଭାବରେ କହିଛି ପୃଥିବୀ ହିଁ ତାକୁ ପିଲାଟିଏ ଦେଇ ଫେରେଇଦେଇଛି । ବାପାମାଆ ଈଶ୍ୱର କେହି ତ ତାକୁ ବଞ୍ଚାଇବାକୁ ଆସିବେନି । ତେଣୁ ନିଜ ଯୁଦ୍ଧ ନିଜେ ଲଢିବାକୁ ଦୃଢଭାବେ ଠିଆହେଇଛି ମାଟିରେ, ପ୍ରକୃତରେ ଏଇଠୁ ଆରମ୍ଭ ହେଉଛି ପାଟଦେଇର କାହାଣୀ । ଲେଖିକା ସଚେତନ ଭାବରେ ପିତାମାତାଙ୍କ ସମ୍ପତ୍ତି ଉପରେ ଅଧିକାର ସାବ୍ୟସ୍ତ କରି ତାର ଦାବୀକୁ ଦୃଢ କରି ବଞ୍ଚିବାର ରାହା ଦେଖାଇଛନ୍ତି । ସମୟର ଅନେକ ଆଗରୁ ଲେଖିକା ପାଟକୁ ତା ବାପଡିହର ମାଲିକାଣୀ କରି ଦେଇଛନ୍ତି ଏବେ ଯାହା ଭାରତର ନାରୀମାନଙ୍କୁ ଆଇନଗତ ଅଧିକାରର ସ୍ୱୀକୃତି ପାଇଛି । ବିଭିନ୍ନ କ୍ଷେତ୍ରରେ ନିର୍ଯ୍ୟାତିତା ନାରୀମାନଙ୍କୁ ଅର୍ଥନୈତିକ ଭାବେ ଶକ୍ତିଶାଳୀ କରିବା ପାଇଁ ଏଇ ଅଧିକାର ଖୁବ୍ ଜରୁରୀ

ଏଠି ନାରୀ ତାର ସ୍ଥିତିକୁ ସୁଦୃଢ ରଖି ସମାଜର ମୁକାବିଲା କରିଛି ଖୋଲା ଆଖିରେ । ସତ୍ୟକାମ ମାତୃପରିଚୟରେ ବଢି ଉଠିଲା ପରି ପାଟଦେଇ କହୁଛି ସେଥିପାଇଁ କାନ୍ଦନାରେ ପୁଅ, ତୋ ମା ତ ଅଛି । ସମାଜ ପ୍ରକୃତରେ ବ୍ୟକ୍ତିକୁ ତା ନିଜ ଗୁଳାରେ ନ ଚାଲିଲେ ଫିଙ୍ଗିଦିଏ । ସାମାଜିକ ବନ୍ଧନର ଧରାବନ୍ଧା ନିୟମ ଅନୁସାରେ ଲେଖିକା ପ୍ରତିକୂଳରେ ତାକୁ ନେଇଛନ୍ତି, ରକ୍ତର ସମୁଦ୍ରରେ ପହଁରାଇ ବାସ୍ତବତାର ରଢମାଟିରେ ଚଲାଇ ତରାଟ ଫୁଲ ଚୟନ କରି ଆଣିଛନ୍ତି । – କିଏ ଦଉଛି ନା ଦବ ବାହକ ବାପର ଡିହରେ ସେ ମାଲିକାଣୀ, ରାଣୀ-ପୁଅ ତାର ରଜା । ଗଳ୍ପଟି ଏମିତି ଖାଲି ଏକ ଘଟଣାର ରୂପାୟନ ନୁହେଁ । ଲେଖିକାଙ୍କ ନିଜ ଲେଖକୀୟ ଦର୍ଶନ ବ୍ୟକ୍ତ କଲାବେଳେ ତାଙ୍କ ସମଗ୍ର ମାନସିକତା ଏଇ ଗଳ୍ପରେ ପ୍ରତିଫଳିତ ହୋଇଛି ।

ତାଙ୍କ ସୃଜନ ଜଗତ ସହ ପାଟଦେଈ ସମ୍ପର୍କରେ ଲେଖିକାଙ୍କ ନିଜସ୍ୱ ମତ ମଧ୍ୟ ଏ କ୍ଷେତ୍ରରେ ଖୁବ୍ ମୂଲ୍ୟବାନ । ମୁଁ ପ୍ରଥମେ ଶିଳ୍ପୀ ତାପରେ ନାରୀ । ରାସ୍ତାରେ ଝିଅଟିଏ ମାର୍କସିଟ ଆଣିବାକୁ ଯାଇ ଧର୍ଷିତା ହେଉଛି, ଯୌତୁକ ଊଣା ହେଲେ ନବବଧୂଟିଏ ନିର୍ଯ୍ୟାତିତା ହେଉଛି, ନାରୀ ନିର୍ଯ୍ୟାତନା ନିଷ୍ଠୁରତାର ସୀମା ଲଂଘନ କରୁଛି । ଏଭଳି ସମୟରେ କେଉଁ ଲେଖକ ନୀରବରେ ବସି ରହିପାରିବ ? ଏସବୁ ନେଇ ଲେଖିଲି ବୋଲି ମତେ ଯଦି କେହି ଫେମିନିଷ୍ଟ କହନ୍ତି, ତେବେ ମୁଁ କହିବି ପୃଥିବୀର ସମସ୍ତ ଶିଳ୍ପୀ ସତ୍ତା ହିଁ ଫେମିନିଷ୍ଟ । ପାଟଦେଈର ଠିଆ ହେବାର କାହାଣୀ ଆକାଶ କଇଁଆ ଚିଲିକା ମାଛର ଗଳ୍ପ ନୁହେଁ । ଦେଶ, ସମାଜ, ମଣିଷ, ମାଟି ତାଙ୍କ ଗଳ୍ପର ପ୍ରେରଣା । ପ୍ରତିଟି ଛକରେ ନିପୀଡିତ ମଣିଷର ଆର୍ତ୍ତ ଚିତ୍କାର ଶୁଣି ମୁଁ ଅଟକି ଯାଇଛି । ହାତରେ ତାର ତରବାରୀ ଧରେଇ ପରିସ୍ଥିତିକୁ ଭେଟିବାକୁ ସାହସ ଦେଇଛି । ମଣିଷ ନିଜ ଭିତରେ କ୍ଳାନ୍ତ ହେଲେ ଖୋଜିବ ସେ ଆଲୋକର ପଥ । ଲେଖକ ସିଧା ସଳଖ ବିପ୍ଳବ କରେନା, ଲେଖନୀ ମାଧ୍ୟମରେ ସେ ସଚେତନତା ସୃଷ୍ଟି କରେ ।

ଏଇ ଗଳ୍ପର ଏକ ଉପନ୍ୟାସ ହେବାର ଯୋଗ୍ୟତା ରହିଛି । ସେଇ ତିନିବର୍ଷ ଧର୍ଷିତା ପାଟଦେଈ ଯେବେ ଗାଁରୁ ନିର୍ବାସିତା ହେଲା କେମିତି ଥିଲା ତାର ସଂଘର୍ଷର କାହାଣୀ । କେଉଁ ସବୁ ବିପୁଳ ରକ୍ତକ୍ଷରଣର ମୁହୂର୍ତ୍ତମାନ ପାର ହେଇ ସେ ଫୁଟାଇ ପାରିଥିଲା ତା ଜୀବନ ଉଦ୍ୟାନରେ ଅମୂଲ୍ୟ ଏକ ଗୋଲାପ ।


ବୀଣାପାଣି ମହାନ୍ତି ସତରେ ଖାଲି ଯନ୍ତ୍ରଣାର କଥା କହନ୍ତିନି, ଯନ୍ତ୍ରଣାକୁ ଅତିକ୍ରମ କରି ଏକ ସୁଖୀ ପ୍ରସ୍ଫୁଟିତ ଜୀବନର କଥା ମଧ୍ୟ କହନ୍ତି ।

*******

୧, ସତ୍ୟ ଡକ୍ଟର ରୋଡ, କୋଲକାତା- ୭୦୦୦୨୩

# ଲୋଡା ନାହିଁ ମୋର ନିର୍ବାଣର ମାୟା

କିଶୋର ଆକାଶ



**ଜୀବନ ହାରିବାର ପ୍ରୟାସ : ବଂଚିବାର ଆଶାର ଆକାଶ**

ଗ୍ୟାଂଗମ୍ୟାନ୍ ଗଂଗାଧର ଓରଫ୍ ଗଂଗାର ଆଜି ରାତି ଡ୍ୟୁଟି । ଖାଇପିଇ ରାତି ଆଠଟାରେ ଡ୍ୟୁଟିରେ ହାଜିରା ଦେଇ ରେଲ୍ ଟ୍ରାକ୍‌ରେ ଜଗନ୍ନାଥପୁର ରେଲ୍‌ୱେ ଷ୍ଟେସନରୁ ସିଏ ଯିବ ବ୍ରହ୍ମପୁର ରେଲ୍‌ୱେ ଷ୍ଟେସନ । ସେଇଠି ପୁଣି ଦେବ ହାଜିରା । ପୁଣି ଫେରିବ ଜଗନ୍ନାଥପୁର । ବାରଘଣ୍ଟା ଡ୍ୟୁଟି । ରାତି ଆଠରୁ ସକାଳ ଆଠ । ଚାଲି ଚାଲି ରେଲ୍‌ୱେ ଟ୍ରାକ୍ ସାଇଡ୍‌ରେ ଟ୍ରାକ୍ ଚେକ୍ କରି ସେ ଯାଉଥିବ ଦୀର୍ଘ ପନ୍ଦର କିଲୋମିଟର । ହାଲିଆ ହୋଇଗଲେ ବିଡିଟିଏ ଧରେଇ ଦେଇ ପାଖ ଗଛ ମୂଳେ କି ବୁଦା କଡେ ଘଡିଏ ବିଶ୍ରାମ ନେଉଥିବ । ପୁଣି ଚାଲୁଥିବ । ହାତରେ ଥିବ ବଡ ଟର୍ଚ୍ଚ ଲାଇଟ୍ ଓ କାନ୍ଧରେ ଗାମୁଛା ଉପରେ ହମର । ଯେଉଁଥିରେ ସେ ଲୁଜ୍ ପ୍ଲେଟ୍‌କୁ ବାଡାଇ ଟାଇଟ୍ କରି କରି ଚାଲିଥିବ । ମୁଣ୍ଡରେ ଟୋପି, ଗୋଡରେ ବୁଟ୍, ଦେହରେ ରେଲ୍‌ୱେ ୟୁନିଫର୍ମ । ଏସବୁ ଚିଜ ଯୋଗାଇ ଦେଇଥିବ ଇଣ୍ଡିଆନ୍ ରେଲ୍‌ୱେ ମୋଫତ୍‌ରେ ।

ଗଂଗା ଭାରି ସଚ୍ଚୋଟ ଆଉ ଇମାନଦ୍‌ର ଆଦ୍‌ମୀ । ଖୁବ୍ ସମୟାନୁବର୍ତ୍ତୀ । ନିଜର ଜାନ୍ ଯାଉ ପଛେ ସେ କେବେ ବି ଡ୍ୟୁଟିରେ ଖିଲାପ କରେନା କି ଅବହେଳା କରେନା କି ଖରା କି ବର୍ଷା କି ଶୀତ ମେସିନ୍‌ଟିଏ ଭଳି କାମ କରି ଚାଲିଥାଏ ଅହରହ । ସେ କହେ – କଣ ମଜାକ୍ ପଡିଛି କି ହୋ ! ଶହ ଶହ ହଜାର ହଜାର ଯାତ୍ରୀଙ୍କର ଜୀବନ ସହ ଖେଳ ଖେଳିବା କଣ ଠିକ୍ ହେବ । ଟ୍ରାକ୍ ଟିକିଏ ଏପଟ ସେପଟ ହେଲେ ତ ଘଟିବ ଦୁର୍ଘଟଣା । ଶହ ଶହ ନିରୀହ ଯାତ୍ରୀଙ୍କର ପ୍ରାଣ ଚାଲିଯିବ । ରେଲ୍‌ୱେ ଯାହା ଦଣ୍ଡ ଦେଉ ନ ଦେଉ, ଭଗବାନ କ୍ଷମା କରିବେ କି ? ହଁ, ସବୁ ସତର୍କତା / ପ୍ରତିଷେଧକ ସତ୍ତ୍ୱେ ଯଦି ଦୁର୍ଘଟଣା ଘଟେ ତାହା ହୁଏତ ଈଶ୍ୱରଙ୍କର ଇଚ୍ଛାରେ ହୋଇଛି ବୋଲି ଧରିନେବାକୁ ହେବ ।

ଗଂଗାର ଏ ସଂସାରରେ କେହି ନାହାଁନ୍ତି ଏବେ । ସ୍ତ୍ରୀ, ପୁଅ, ଝିଅ ଗାଁକୁ ଯାଇଥିବେ ଦଶହରା ମନେଇବା ପାଇଁ । ଛୁଟି ନ ମିଳିବାରୁ ସେ ସେମାନଙ୍କ ସହ ସାମିଲ ହୋଇପାରି ନଥିବ । ନଦୀ ପାର ହେଲା ବେଳକୁ ଅଚାନକ ଆସିବ ବନ୍ୟା । ଭସାଇ ନେଇଯିବ ତିନିଜଣଙ୍କୁ । ସବୁଦିନ ପାଇଁ ହରାଇବସିବ ସେମାନଙ୍କୁ ଗଂଗା ।

ସେଦିନଠୁଁ ପ୍ରାୟ ଦଶବର୍ଷ ହେଲା ସେ ଏକୁଟିଆ ତା'ର ରେଲ୍‌ୱେ କ୍ୱାର୍ଟରରେ ରହୁଥିବ । ନିଜ ହାତରେ ରାନ୍ଧି ବାଢି ଖାଉଥିବ । ଭଜନ, କୀର୍ତ୍ତନ, ରାମ ନାମ, ଭାଗବତ ପାଠରେ ସମୟ ବିତାଉ ଥିବ ରାତ୍ରି ଅନିଦ୍ରା ଯୋଗୁଁ ତ ଦିନରେ ଢେର ସମୟ ଶୋଇ ଯାଉଥିବ । ସପ୍ତାହର ଅଫ୍ ଡେ ରେ କଲୋନୀର ସବୁ ପିଲାମାନଙ୍କୁ ଡାକି ଭାତ, ଡାଲମା, ଖିରି, ଖଟା ନିଜେ ରାନ୍ଧି ଖୁଆଇ ତୃପ୍ତି ପାଉଥିବ ।

ସମସ୍ତେ କହିବେ ଆଉ ଥରେ ବାହା ହେବା ପାଇଁ । ଜମା ରାଜି ହେବନି ଗଂଗା । କହିବ – ନା ମୋ ଭାଗ୍ୟରେ ସଂସାର ବାନ୍ଧିବା ଯୋଗ ହିଁ ନାହିଁ । ବାଜପେୟୀ, ବିବେକାନନ୍ଦ, ନରେନ୍ଦ୍ର ମୋଦି, ଆନ୍ନା ଙ୍କ ଉଦାହରଣ ଦେଉଥିବ । ମ୍ୟାଟ୍ରିକ୍ ପାସ୍ କରିଥିବ ଗାଁ ହାଇସ୍କୁଲରୁ । ଇଂରାଜୀ / ଓଡିଆରେ ଭଲ ମାର୍କ ରଖିଥିବ । ଆଉ କୁଆଡେ କିଛି ରାହା ନ ପାଇ ରେଲ୍‌ୱେର ଏ ଗ୍ୟାଙ୍ଗମ୍ୟାନ୍ ନୌକରୀରେ ବହାଲ୍ ଥିବ ।

ରାତିରେ ରେଲ୍‌ୱେ ଟ୍ରାକ୍‌ରେ ଯିବାଆସିବା କରିବା ବେଳେ ଭୂତ / ପ୍ରେତ / ଡାଆଣୀ / ପିଶାଚୁଣୀଙ୍କୁ କେବେ ବି ଦେଖିବାର ସୌଭାଗ୍ୟ / ଦୁର୍ଭାଗ୍ୟ ହୋଇ ନ ଥିବ ତା'ର । ସେ ପକେଟରେ ଛୋଟ କୁନି ହନୁମାନ ଚାଳିଶା ଗୋଟାଏ ରଖୁଥିବ ସବୁବେଳେ ତ ବେକରେ ପିନ୍ଧିଥିବ ହନୁମାନ ଲକେଟ୍ । କି ଜହ୍ନରାତି / ବର୍ଷାରାତି / ଅମାରାତି ସବୁବେଳେ ଗଂଗା ନିର୍ଭୟରେ ଟ୍ରାକ୍ ଚେକିଂ କରି କରି ତା'ର ଡ୍ୟୁଟି କରୁଥିବ । ସମସ୍ତେ ଗଂଗାକୁ ପ୍ରଶଂସା କରୁଥିବେ ଜଣେ ନମକସଚା ଆଉ ଧର୍ମପରାୟଣ /ପରୋପକାରୀ ବ୍ୟକ୍ତି ହିସାବରେ । ମାସକୁ ଥରେ ପ୍ରତି ସଂକ୍ରାନ୍ତି ଦିନ ତ୍ରିନାଥ ମେଳା କରୁଥିବ ଘରେ । ସାରା କଲୋନୀ ଲୋକଙ୍କୁ ଡକାଇ ପ୍ରସାଦ ଖୁଆଇ ଛାଡୁଥିବ । ଯିଏ ଯେତେବେଳେ ଗଂଗାର ସାହାଯ୍ୟ ଲୋଡିଥିବ ଅନାୟସରେ ସିଏ ତାହା ନିଶ୍ଚୟ ପାଇଥିବ । ନିଜର ସ୍ୱଳ୍ପ ଦରମାରେ ବି ଅନ୍ୟକୁ ସାହାଯ୍ୟ କରିବାରେ କୁଣ୍ଠାବୋଧ କରୁ ନ ଥିବ କେବେ ।

ସେଦିନ ଥିଲା ଆଶ୍ୱିନ ଅମାବାସ୍ୟା । ବ୍ରହ୍ମପୁର ରେଲ୍‌ୱେ ଷ୍ଟେସନ ଗୋଟାଏ କିଲୋମିଟର ବାକି ଥିବ ବୋଧେ । ଗଂଗା ଦେଖିବ ବାଇଶି / ପଚିଶି ବର୍ଷର ଝିଅଟିଏ ରେଲ୍‌ୱେ ଟ୍ରେକ୍‌ରେ ମୁହଁରେ ଓଢଣୀ ଘୁଡେଇ ଦେଇ ଶୋଇପଡିଥିବ । ସେଆଡେ କରମଣ୍ଡଳ ଏକ୍ସପ୍ରେସ୍ ଆସିବାର ହ୍ୱିସିଲ ଶୁଭୁଥିବ । ପାଖେଇ ଆସୁଥିବ ଦୈତ୍ୟ ଭଳି କରମଣ୍ଡଳ ଏକ୍ସପ୍ରେସ୍ ବିରାଟ ଶବ୍ଦ କରି । ଗଂଗା ଧାଇଁଯାଇ ଚଟାପଟ୍ ଝିଅଟିର ହାତ

ଧରି ରେଲ୍‌ୱେ ଟ୍ରାକ୍ ସାଇଡିକୁ ଆଣୁ ଆଣୁ ଏକ୍ସପ୍ରେସ୍ ଟ୍ରେନ୍ ଝିଅଟିର ଆଣ୍ଠୁତଳକୁ ଗୋଡ ଦୁଇଟି କଟିଯିବ । ଗଂଗା ସଂଗେ ସଂଗେ ତା'କୁ ନେଇଯିବ ରେଲ୍‌ୱେ ହସ୍‌ପିଟାଲ୍ । ମାସାଧିକ କାଳ ସେବା / ଶୁଶ୍ରୁଷା / ଚିକିତ୍ସା ଚାଲା ପରେ ସୁସ୍ଥ ହୋଇ ଉଠିବ ଶୁଭଶ୍ରୀ । ଝିଅଟିର ନାଁ ଶୁଭଶ୍ରୀ ହୋଇଥିବ ।

ବର୍ତ୍ତମାନ ପାଇଁ ଶୁଭଶ୍ରୀ ରହିବ ଗ୍ୟାଙ୍ଗମେନ୍ ଗଂଗାର ରେଲ୍‌ୱେ କ୍ୱାର୍ଟରରେ । ଆଶାବାଡି ଧରି ସବୁ କାମ କରିବାକୁ ପଡୁଥିବ । କିଏ ଏଇ ଶୁଭଶ୍ରୀ ? ଗଂଗା ଡାକୁଥିବ ଶୁଭ ।

**ପ୍ରେମର ପୁଣ୍ୟତୋୟା : କଳଙ୍କର କଳାଛାୟା**

ଏବେ ଶୁଭଶ୍ରୀର ପରିବାର / ଅତୀତ ବିଷୟରେ ତର୍ଜମା କରାଯାଉ । ସେ ଯାହା କହୁଥିବ ଯଦି ସେଥିରେ ଶତକଡା ଶହେ ଭାଗ ସତର ଉପାଦାନ ଥାଏ । ଏଇଟା ହିଁ ତା'ର ଅପେରା ଅତୀତର ସ୍ମୃତିଲିପି । ଯାହା ପାଠକ ମାନଙ୍କର ଗୋଚରାର୍ଥେ ପେଶ୍ କରାଯାଉଅଛି ।

ଶୁଭଶ୍ରୀର ବାପା ଥିବେ ନାମୀ / ବ୍ୟସ୍ତ ଇଲେକ୍ଟ୍ରିସିଆନ୍ ତାଙ୍କରି ଚାକିରୀ ବଡ ବଡ ଦୁଇଟି ଆପାର୍ଟମେଣ୍ଟରେ ହୋଇଥିବା ବାରଘଣ୍ଟା ଡ୍ୟୁଟି । ସକାଳ ଆଠଟାରୁ ରାତି ଆଠଟା । ପୁଣି ଏକ୍ସଟ୍ରା ଡ୍ୟୁଟି ମିଳିଲେ ରାତିରେ ଆଉ ଫେରନ୍ତିନି ବାପା । ଏମାନେ ଦୁଇ ଭଉଣୀ । ଶୁଭଶ୍ରୀ ବଡ ଆଉ ତନୁଶ୍ରୀ ସାନ । ସାନ ଭଉଣୀ ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବ । ସେ ଖୁବ୍ ଭଲ ପାଠ ପଢୁଥିବ । ସବୁବେଳେ କ୍ଲାସ୍‌ରେ ଫାଷ୍ଟ ହେଉଥିବ । ତା'କୁ ବିଚାର ବିଭାଗରେ ଜଜ୍ ହେବା ପାଇଁ ଆଇନ ସ୍ନାତକ ପଢାଇବାକୁ ତା ବାପା, ମାଆ ଆଉ ସେ ସ୍ୱପ୍ନ ଦେଖିଥିବେ ।

ଶୁଭଶ୍ରୀ ସ୍ଥାନୀୟ ଓମେନସ୍ କଲେଜରେ ବିକମ୍ ପଢୁଥିବ । ସେତେ ଭଲ ପଢୁ ନ ଥିବ ଅବଶ୍ୟ । ଏ ବର୍ଷ ତା'ର ଫାଷ୍ଟ ଇୟର । ଘରଠୁଁ କଲେଜ ପ୍ରାୟ ପାଞ୍ଚ/ ଛଅ କିଲୋମିଟର । ବସ୍‌ରେ ଯିବାକୁ ପଡୁଥିବ ପ୍ରତିଦିନ । ଏବେ ପ୍ରାୟ ପାଞ୍ଚ / ଛଅ ମାସ ହେବ ବସ୍‌ରେ ରେଗୁଲାର୍ ଦେଖା ହେଉଥିବ ସୁଜିତ୍ ସହ । ସୁଜିତ୍ ପଢୁଥିବ ବିଟେକ୍ ସେଇ କଲେଜରେ । ପ୍ରଥମ ଦେଖାରେ ହିଁ ଦୁହେଁ ଦୁହିଁଙ୍କୁ ଭଲପାଇ ବସିବେ । ପ୍ରେମର ପୁଣ୍ୟତୋୟାରେ ଦୁହେଁ ଅବଗାହନ କରି ଧନ୍ୟ ହେବେ । ପାପର ତରୁଫଳ ଖାଇ ତୃପ୍ତ ହେବେ । ରୋମାନସ୍, ପ୍ରେମ, ମିଳନ, ସୁଖ ସବୁକିଛି ଆଦାନ ପ୍ରଦାନ / ଉପଭୋଗ କରିନେବେ । ହେଲେ ପ୍ରେମର ଶେଷ ପରିଣତି ବିବାହ ପାଇଁ ଅଡି ବସିବ ଶୁଭଶ୍ରୀ ତ ରୋକ୍‌ଠୋକ୍ ମନା କରିଦେବ ସୁଜିତ୍ । ତା'ର ଯୁକ୍ତି ଥିବ - ତା'ର କେରିୟର ଅଛି । ସେ ଫରେନ୍ ଯାଇପାରେ । ତା'ପରେ ଚାକିରୀ । ତା'ପରେ ମ୍ୟାରେଜ୍ । ଏବେ ନୁହେଁ ।

ଶୁଭଶ୍ରୀ ଅସହାୟ ହୋଇ ଢେର କାନ୍ଦିବ । କାରଣ ସେତେବେଳକୁ ସେ ପ୍ରେଗ୍‌ନାଣ୍ଟ । ମାତ୍ର ମାସେ ହୋଇଥିବ କନ୍‌ସିଭ ହେବାର । ସୁଜିତ୍ ପ୍ରବର୍ତ୍ତାଇବ ଆବରସନ୍ କରିଦେବା ପାଇଁ ତ ଶୁଭଶ୍ରୀ ଜମା ରାଜି ହେଉ ନ ଥିବ ।

ଶୁଭଶ୍ରୀର ଘରେ କେହି ବି ଏ ପ୍ରେମ ପ୍ରସଙ୍ଗ- ବିଷୟ ଜାଣି ନ ଥିବେ । ଶୁଭଶ୍ରୀ କେବଳ ତା ଭଉଣୀ ତନୁଶ୍ରୀକୁ ଏ ଗୁପ୍ତ ପ୍ରେମର ଖବର ଅଳ୍ପକିଛି ଦେଇଥିବ ।

**ବିରହର ବଂଶୀସ୍ୱନ : ଯନ୍ତ୍ରଣା ଜୁଇର ଜୀବନ**

ସୁଜିତ୍ ହଠାତ୍ ଚାକିରୀ ପାଇ ବାଙ୍ଗାଲୋର ଚାଲିଯିବ ଲୁଚିଛପି । ମୋବାଇଲର ସିମ୍ ଚେଞ୍ଜ କରିଦେବ । ଶୁଭଶ୍ରୀ ଖୁବ୍ ଅସହାୟ ହୋଇ ପଡିବ । କାହାକୁ କହିବ ଏ ପ୍ରତାରଣା କଥା ? କିଏ ବା ଶୁଣିବ ? କାହିଁକି ବା ଶୁଣିବ ପର କଥା କହୁନ ? ଆଜିକାଲି ମଣିଷ ଏତେ ସ୍ୱାର୍ଥପର ଯେ ଅପରକୁ ସାହାଯ୍ୟ କଥା ପଡିଲେ କହୁଥିବ ତା'ର ସମୟ ନାହିଁ । ସେ ବହୁତ ବ୍ୟସ୍ତ । ବିବେକାନନ୍ଦ କହି ନ ଥିଲେ - "ଯେ ସବୁବେଳେ ବ୍ୟସ୍ତ ବ୍ୟସ୍ତ କହେ, ପ୍ରକୃତରେ ତା ଜୀବନ ବଡ ଅସ୍ତବ୍ୟସ୍ତ ।"

ଶୁଭଶ୍ରୀ ପରେ ଜାଣିବ ସୁଜିତ୍ ବହୁତ ବଡ ଧନୀଘରର ଛୁଆ । ସେ ତା'ର କଲେଜ ଜୀବନରେ ଏମିତି ବାହାଘରର ପ୍ରଲୋଭନ ଦେଖାଇ ପ୍ରାୟ ଚାରି / ପାଞ୍ଚ ଜଣ ତରୁଣୀଙ୍କର ଜୀବନ ନଷ୍ଟ କରିଦେଇଥିବ । ଆଗରୁ ଭଉଣୀ ତନୁଶ୍ରୀ ମନା କରିଥିବ – ଏ ପ୍ରେମ ବ୍ୟାପାରରେ ପଶନା ଲୋ ଅପା ! ଆଜି କାଲି ପ୍ରେମର ପରିଭାଷା କେବଳ ଦେହ-ସୁଖ / କ୍ଷଣିକ ଆନନ୍ଦ । ଉପଭୋଗ କରିବା ପାଇଁ ପ୍ରେମ ଏକ ମିଛିମିଛିକା ମୁଖା । ପାଞ୍ଚ ବର୍ଷ ଛୋଟ ହେଲେ ବଣ ହେଲା – କେତେ ମେଚ୍ୟୁରଡ ମାଇଣ୍ଡ ତା'ର । ସେ ବି ପରାମର୍ଶ ଦେବ ଯେ ଆବରସନ୍ କରିଦେଇ କଳଙ୍କର କଳାଛାୟା ଖତମ କରି ଦେଇ ପୁଣି ସତୀ-ସାଧ୍ୱୀର ଘୁଂଗଟ୍ ପିନ୍ଧି ଦେ ଅପା ! ଏହା ତୋ'ସହ ସାରା ପରିବାରର ମଙ୍ଗଳ ହେବ ।

ହେଲେ ଶୁଭଶ୍ରୀ ଅଲଗା ଭାବୁଥିବ - ନା ତା'ପ୍ରେମ ଅମର । ସେ ହୁଏତ ଠକି ଯାଇଥିବ । ପୋଲିସ୍‌ରେ G`þ.@ûA@ûeþ ଦେବ କି ? ପେପର୍ / ମିଡିଆରେ ଫ୍ଲାସ୍ ହେବ । ସୁଜିତ୍ ଧନୀ ପିଲା । ପଇସା ଦେଇ ପୋଲିସ୍‌କୁ ସେ ଆରାମରେ ଖସିଯିବ । ଗରିବ ଲୋକ ପାଇଁ ତ ଆଇନ ଏଠି ଅଂଧାକାନୁନ୍ ସେ ବଦନାମ୍ ହେବ । କଳଙ୍କର ବୋଝ ବୋହି କେମିତି ସାମ୍ନା କରିବ ଏକା ଏକା ଏ ସମାଜକୁ । ଭାରି ବର୍ଷାରେ ଭିଜି ଏକୁଟିଆ କାଉଟିର ଅବସ୍ଥା ଭଳି ସେ ଏବେ ନିହାତି ନିରୁପାୟ / ଅସହାୟ ।

ନା – ସେ ଦୃଢ ନିଷ୍ପତ୍ତି ନେବ । ସୁଇସାଇଡ ହିଁ ଏକମାତ୍ର ରାସ୍ତା । ତନୁଶ୍ରୀକୁ ଜଣାଇବନି । ରାତି କରମଣ୍ଡଳ ଏକ୍ସପ୍ରେସ୍ ଟାଇମିଂ ଦେଖି

ବାହାରି ପଡିବ ଏକା ଏକା । ନିଜର ଓଢଣୀ ମୁହଁରେ ବାନ୍ଧି ଦେଇ ନିର୍ଭୟରେ ଶୋଇପଡିବ ରେଲ୍‌ୱେ ଟ୍ରେକ୍‌ରେ । ଅବଶ୍ୟ ରେଲ୍‌ୱେ ଷ୍ଟେସନଠୁଁ ଗୋଟାଏ କି.ମି ଦୂରକୁ ଚାଲି ଚାଲି ଯାଇଥିବ । ନିଛାଟିଆ ଜାଗାଟିଏ ବାଛି ନେଇଥିବ ।

ହେଲେ ନିୟତିର ନିର୍ଦ୍ଦେଶ ତ ଅଲଗା ଥିବ । ଙ୍ଗ୍ୟାଙ୍ଗମ୍ୟାନ୍ ଗଂଗା ଶୁଭଶ୍ରୀକୁ ଦେଖି ନେଇ ଉଦ୍ଧାର କରିବ । ସେ ଦୁର୍ଘଟଣା ସମୟରେ ହିଁ ତା'ର ଆବରସନ୍ ହୋଇଯାଇଥିବ । ଆପେ ଆପେ ।

ଗଂଗା ଶୁଭଶ୍ରୀକୁ ନିଜ ଝିଅଠୁଁ ବଳି ଭଲ ପାଉଥିବ । ବାକିରେ ସବୁ କଷ୍ଟଲି ଡ୍ରେସ୍, କସ୍‌ମେଟିକସ୍, ମୋବାଇଲ୍, ଖାଇବା ଚିଜ ନେଇ ଆସୁଥିବ । ଗଂଗାର ଏ ସମର୍ପିତ ହେପାଜତ୍, ସେବା, ଶୁଶ୍ରୁଷା, ସ୍ନେହ-ମମତାର ପୃଷ୍ଟିରେ ଶୁଭଶ୍ରୀ ଏବେ ଅନିତ୍ୟ ସୁନ୍ଦରୀ / ରୂପସୀ / ବିଭାମୟୀ ପାଲଟି ଯାଇଥିବ ।

ହେଲେ ତା'କୁ ଖୁବ୍ ଅସ୍ୱସ୍ତି ଲାଗୁଥିବ । ଜମା ଭଲ ଲାଗୁ ନ ଥିବ । ପଚାଶ ବର୍ଷ ବୟସ୍କ ଗଂଗା, ରାତି ଦିନ ଖଟି ତା'ର ସ୍ୱଳ୍ପ ଦରମାରେ କେତେ ଦିନ ଆଉ ଶୁଭଶ୍ରୀର ଅତ୍ୟାଧୁନିକ ଜୀବନଶୈଳୀ ପାଇଁ ଉପାଦାନ ଯୋଗାଇ ଚାଲିଥିବ ? ଚିକିତ୍ସାରେ ପୁଣି ଖର୍ଚ୍ଚ ହେଉଥିବ ଟଙ୍କା । ଗଂଗା ବାକିରେ ବୁଡିଯାଇଥିବ ।

ଖାସ୍ ତା' ପାଇଁ ବିଚରା ଭଲ ଖଣ୍ଡେ ପିନ୍ଧି ପାରୁନି କି ଭଲରେ ଟିକିଏ ଖାଇପାରୁନି । ସେ ଚାହୁଁଥିବ ଆର୍ଟିଫିସିଆଲ୍ ଲିମ୍ବସ୍ ଦୁଇଟା ମିଳିଗଲେ ହେଣ୍ଡିକ୍ୟାପଡ୍ (ଦିବ୍ୟାଙ୍ଗ) କୋଟାରେ ସେ ଚାକିରୀ ପାଇଯିବ । ହେଲେ ଏ କୁତ୍ରିମ ଗୋଡ ଦୁଇଟି ଫିଟିଂ ଚାର୍ଜ ସହ ଲକ୍ଷେରୁ କମ୍ ହେବ ନାହିଁ । ଏ କଥା ଡକ୍ଟର କହିଥିବେ । ବଡ ଦୁଃଖ / କ୍ଳେଶ ଭୋଗୁଥିବ ଶୁଭଶ୍ରୀ ।

## ଯୌବନର ନଗ୍ନ ପ୍ରଦର୍ଶନ : ଅଭିଶପ୍ତ ଜୀବନର ଅବସାନ

ବହୁତ ବ୍ୟସ୍ତ ହୋଇ ଉଠିବ ଶୁଭଶ୍ରୀ । ଗଂଗା ସବୁବେଳେ ବିଷର୍ଣ୍ଣ ରହୁଥିବ । ତା ଦେହ ଜମା ଭଲ ରହୁ ନ ଥିବ । ଶୁଭଶ୍ରୀ ଚାହୁଁ ନ ଥିବ ନିଜ ଘରକୁ ଫେରିବାକୁ । କାରଣ ସେ ସେଦିନ ରେଲ୍‌ୱେ ଟ୍ରାକ୍‌ରେ ସୁଇସାଇଡ କରିଦେଇ ମରିଯାଇଛି ବୋଲି ପରିବାର ଲୋକେ ଆଶ୍ୱସ୍ତ । କଳଙ୍କର କଳା ଦାଗ ସବୁଦିନ ପାଇଁ ମାଟିରେ ମିଶିଯାଇଥିବ ବୋଲି ସେମାନେ ଢେର ଶାନ୍ତିରେ ରହୁଥିବେ । ପୁଣି ସେଇଠିକୁ ଫେରି ଯାଇ ସେମାନଙ୍କୁ ବଦନାମ୍‌ର ବଦନ ଦେଖାଇବାକୁ ଚାହୁଁ ନ ଥିବ ଶୁଭଶ୍ରୀ ।

ଶୁଭଶ୍ରୀ ଲ୍ୟାପ୍‌ଟପ୍‌ଟିଏ ପଡିଶା ଘର ଝିଅ ଜୁଲାଠୁ ମାଗି ଆଣିବ । ନେଟ୍‌ରେ ସ୍କାଇପେ ଜରିଆରେ ନିଜର କଟିଦେଶଠୁଁ ଉପରକୁ ନେକେଡ ଫଟୋ ଛାଡିବା ପାଇଁ କିଛି ନାମୀ / ଦାମୀ ମଡେଲ୍ ଏଜେନ୍ସି / ପର୍ଣ୍ଣ ସାଇଟ୍ ସହ ଡିଲ୍ କରିବ । ବାର୍‌ଗେଇନିଂ କରି କରି ଶେଷରେ ଲକ୍ଷେ ଟଙ୍କାରେ ଡିଲ୍ ଫାଇନାଲ୍ ହେବ । ସ୍କାଇପେ ମାଧ୍ୟମରେ ହିଁ ନଗ୍ନ ଫଟୋ (କଟିଦେଶଠୁଁ ଉପରକୁ ପୁରାପୁରି ବିବସ୍ତ୍ର ହୋଇ) ପଠାଇଦେବ । ଅବଶ୍ୟ ମୁହଁରେ ଆଖିକୁ ବାଦ୍ ଦେଇ ନେଟେଡ୍ କପଡା ଢାଙ୍କି ଦେଇଥିବା ଚିହ୍ନାଲୋକ ଦେଖିଲେ ସହଜରେ ଧରାପଡିଯାଉଥିବ ଇଏ ଶୁଭଶ୍ରୀ । ପର୍ଣ୍ଣ ଏଜେନ୍ସି ଲକ୍ଷେ ଟଙ୍କାର ଚେକ୍ ପଠାଇ ଦେବ ଶୁଭଶ୍ରୀ ନାଁରେ । ଆଉ ସୋସିଆଲ୍ ମିଡିଆରେ ଶୁଭଶ୍ରୀର ଫଟୋ ଛାଡି ବେଶ୍ ଲାଭବାନ୍ ହେବ ମଧ୍ୟ ।

ଶୁଭଶ୍ରୀ ଲକ୍ଷେ ଟଙ୍କା ନେଇ ଆର୍ଟିଫିସିଆଲ୍ ଲିଂବସ୍ ସେଣ୍ଟର ଯାଇ ନିଜର ଦୁଇଟି କୃତ୍ରିମ ଗୋଡ ଲଗାଇ ନେବ । ସଙ୍ଗେ ସଙ୍ଗେ ଅନ୍‌ଲାଇନରେ ଚାକିରୀ ପାଇଁ ଆପ୍ଲାଇ କରିଦେବ ତ ତିନି ମାସ ପରେ ସୁଦୂର ପୁନାରେ ପାଇଯିବ ଚାକିରୀ । ଗଂଗାକୁ ଜବରଦସ୍ତ ତା' ଇଚ୍ଛା ବିରୁଦ୍ଧରେ ତା' ନୌକରୀରୁ ଭିଆର୍‌ଏସ୍ ଆପ୍ଲାଇ କରିଦେବ । ସାଙ୍ଗରେ ନେଇଯିବ ପୁନା ।

ଗଂଗା ପୁଣି ଭଜନ-କୀର୍ତ୍ତନ-ଭାଗବତ ପାଠରେ ମତୁଆଲ୍ ହୋଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଥିବ । ହୁଏତ ସେ ଜାଣି ନ ଥିବ ଶୁଭଶ୍ରୀର ନଗ୍ନ ଅଂଗ ପ୍ରଦର୍ଶନ – ପର୍ଣ୍ଣ ସାଇଟ୍‌ର କଳଙ୍କିତ ସଉଦା-ଜୀବନ । ଶୁଭଶ୍ରୀ ଏଥର ନିଜ ପରିବାର ସହ ସଂପର୍କ ସ୍ଥାପନ କରିବାକୁ ଚେଷ୍ଟା କରିବ । ତନୁଶ୍ରୀ ସୋସିଆଲ୍ ମିଡିଆରୁ ଶୁଭଶ୍ରୀର ନଗ୍ନ ଫଟୋ ଦେଖି ବୀତସ୍ପୃହ ହୋଇପଡିଥିବ ତ ଚାହୁଁ ନ ଥିବ ପୁଣି କଳଙ୍କର କଳାବାଦଲରେ ଆଚ୍ଛନ୍ନ ହେଉ ତାଙ୍କରି ପରିବାରର ସ୍ୱଚ୍ଛ ସୁନ୍ଦର ଆକାଶ । ସେ ଜାଣି ଶୁଣି ମୋବାଇଲ୍ ସିମ୍ ଚେଞ୍ଜ କରିଦେବ । ଫେସ୍‌ବୁକ୍, ହ୍ୱାଟସ୍ ଆପ୍‌ରୁ ନିଜକୁ ଦୂରେଇ ରଖିବ । ତଥାପି ଶୁଭଶ୍ରୀ ହସୁଥିବ ବିଜୟର ହସ । "ପେଟପୋଷ ନାହିଁ ଦୋଷ"ର ଦ୍ୱାହି ଦେଇ ନିଜକୁ ଦେଉଥିବ ନିଜେ ଇ ସାନ୍ତ୍ୱନା । ଶୁଭୁଥିବ ଗଜଲ ଭଳି କିଏ ଗାଉଥିବ ?

ଲୋଡା ନାହିଁ ମୋର ନିର୍ବାଣର ମାୟା
ଚାହେଁ ଜୋଛନାର ସୁଶୀତଳ ଛାୟା
ଶରତର ସଫେଦ ଆକାଶ ଡାକେ ସତେ
ଭରିଯାଉ ମଲ୍ଲୀମହକେ ମୋର କଳ୍ପକାୟା

*******

CS-5/201, ୨ୟ ମହଲା ସୁପରଟେକ୍ କେପ୍ ଟାଉନ୍ ସେକ୍ଟର – 74
ନୋଇଡା – ୨୦୧୩୦୧ (ୟୁପି)ଏସିଆର୍

# ମାମାଲୀକୁ ଚିଠି ଏକ ପିତାର

## ବାସନ୍ତୀଲତା ମହାପାତ୍ର



ମାମାଲୀ !

ମୋର ଆଶୀର୍ବାଦ ନେବୁ । ଫୋନ୍ ରୁ ଘରର ଭଲ, ମନ୍ଦତ ଜାଣୁଛୁ । ଅନେକ ଦିନରୁ ଚିନ୍ତା କରୁଛି ତୋତେ କିଛି ମନ କଥା କହିବି ବୋଲି, ଯାହା ଫୋନ୍ ମାଧମରେ ସମ୍ଭବ ନୁହେଁ । ତେଣୁ ମୋ ମନ କଥା ଓ ଆଶାକୁ ଚିଠିରେ ତୋ ପାଖକୁ ଲେଖୁଛି । ମୁଁ ଭାବୁଛି ମୋ କଥାର ଗୁରୁତ୍ୱ ଉପଲବ୍ଧି କରି କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରିବୁ । ସହର ହେଉ କି ଗାଁ ହେଉ ଜଣେ ରହିଁଲେ ପ୍ରତ୍ୟେକ ସ୍ଥାନରେ ସେ ବିକାଶମୁଖୀ କାର୍ଯ୍ୟରେ ସାମିଲ ହୋଇପାରିବ । ତୁମ୍ଭେ ମାନେ ଗାଁରେ ଖୁସିରେ ଅଛ ଜାଣି ମୁଁ ବହୁତ ଶାନ୍ତି ପାଉଛି । ଚାକିରୀ ପାଇଁ ମୁଁ ସିନା ବାହାରେ ରହିଛି, କିନ୍ତୁ ମୋ ଗାଁ ଓ ତୁମ୍ଭ ମାନଙ୍କୁ ମୁଁ ସବୁବେଳେ ଝୁରୁଛି ।

ମା'ରେ ! ଏ ସମାଜ ଏବେ ଜଟିଳ ରୁ ଜଟିଳତା ଆଡକୁ ଗତି କରୁଛି । ତଥାପି ସମୟ ସଙ୍ଗେ ତାଳ ଦେଇ ଆମକୁ ଆଗେଇବାକୁ ହେବ । ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ପଡିବ । ଏହାତ ମୁଁ ତୋତେ ଅନେକବାର କହିଛି । ତୋ ଉପରେ ମୋର ଆଶାତ ଅନେକ । ତୋର କାର୍ଯ୍ୟ ଦକ୍ଷତା ଯୋଗୁଁ ଘରର ଦାୟିତ୍ୱ ତୋ ଉପରେ ନ୍ୟସ୍ତ କରି ମୁଁ ଏଠାରେ ଶାନ୍ତିରେ ରହିପାରିଛି । ତୋ ପାଠପଢା ସହିତ ସାନ ଭଉଣୀ ମିତାଲୀ କୁ ସୁମଣିଷ କରିବାର ଦାୟିତ୍ୱ ବି ତୋ ଉପରେ । ବଡ ଭଉଣୀ ହିସାବରେ ତୁ ତା'ର ପଥ ପ୍ରଦର୍ଶକ ହେବୁ । ଜେଜେ ଓ ଜେଜେମାଙ୍କର ଦେଖା ଶୁଣା କରିବା ସହିତ ଆବଶ୍ୟକ ସ୍ଥଳେ ମା'କୁ ଘରକାମରେ ସାହାଯ୍ୟ କରିବୁ । ତା ମାନେ ନୁହେଁ ଯେ ଏଥିପାଇଁ ତୁ ପଢା ପଢିରେ ଅବହେଳା କରିବୁ । ପ୍ରଥମେ ଶିକ୍ଷାକୁ ଅଗ୍ରାଧିକାର ଦେବୁ । ଏବେ ତ ପ୍ରାୟ ମଫସଲ ର ଛାତ୍ର, ଛାତ୍ରୀମାନେ ଅନେକ କ୍ଷେତ୍ରରେ ସଫଳତା ହାସଲ କରିବାରେ ଆଗୁଆ । ସମ୍ବାଦ ପତ୍ରରୁ ଜାଣିଥିବୁ ଓଡିଶାର ଜଣେ ପାନ ଦୋକାନୀର ଝିଅ ଆଇ. ଏ. ଏସ୍ ପାଇଛି । ସହର ବା ଗାଁ, ସୁବିଧା ବା ଅସୁବିଧା, ଝିଅ, ପୁଅର ତଫାତ୍ ବଡ କଥା ନୁହେଁ । ନିଜର ଇଚ୍ଛାଶକ୍ତି ବଳରେ ମଣିଷ ସବୁ ବାଧାକୁ ଅତିକ୍ରମ କରି ସଫଳତା ଗୋଟାଇ ପାରିବା କିଛି ବି ନୁହେଁ । ଅନେକଥର କହିଛି ନାରୀର ଭୂମିକା ବିରାଟ, ସେ ଜନନୀ, ଭଗିନୀ, ଜାୟା, ଏହା ସହିତ ସେ ପାଳନକର୍ତ୍ତା ଓ ସଂହାର କର୍ତ୍ତ୍ରୀ । ସେ ଦୁଇ କୁଳକୁ ହିତା ନଚେତ୍ ପିତା । ତେଣୁ ସ୍ଥଳ ବିଶେଷରେ ଏସବୁ ଭୂମିକାରେ ଅବତୀର୍ଣ୍ଣା ହୋଇ କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ସହ ଲକ୍ଷ୍ୟ ପୂରଣ ପାଇଁ ବ୍ରତୀ ହେବୁ । ଆମର ସ୍ୱର୍ଗତ ମହାମାନ୍ୟ ରାଷ୍ଟ୍ରପତି ଅବଦୁଲ୍ କାଲାମ୍ ଙ୍କ ମତାନୁସାରେ ସ୍ୱପ୍ନ ଦେଖିବୁ । ସେହି ସ୍ୱପ୍ନକୁ ସାକାର କରିବାକୁ ଲକ୍ଷ୍ୟ ସ୍ଥିର କରି ସେହି ପଥରେ ଅଗ୍ରସର ହେବାପାଇଁ ଚେଷ୍ଟା କରିବୁ । ଝିଅମାନେ ଘର କୋଣରେ ରହିବାର ଯୁଗ ଶେଷ ହୋଇଯାଇଛି । ଏତିକି ମନେ ରଖିବୁ ତୋର ସମସ୍ତ ସୁ କର୍ମରେ ସାହାଯ୍ୟ ଓ ଉତ୍ସାହ ଦେବାପାଇଁ ମୁଁ ତୋ ସହ ଅଛି । ପୁସ୍ତକ, ପତ୍ର, ପତ୍ରିକା, ସମ୍ବାଦପତ୍ର ଆଦି କିଣି ତା'ର ଉପଯୋଗ କଲେ ସେଥିରୁ ଅନେକ କଥା ଜାଣିପାରିବା ସହିତ ତୋ ଜ୍ଞାନର ପରିସୀମା ବ୍ୟାପକ ହେବ । ଏଥିପାଇଁ ଆବଶ୍ୟକ ଅର୍ଥ ତୁ ନିର୍ଭୟରେ ଖର୍ଚ୍ଚ କରିବୁ ।

ତୁ ତ ଆମଦେଶ ତଥା ବିଦେଶରେ ଅନେକ ମହୀୟସୀ ମହିଳାଙ୍କ ବିଷୟରେ ଜାଣିଚୁ । ପୁରାଣ ଯୁଗର ସୀତା, ଦ୍ରୋପଦୀ, ମନ୍ଦୋଦରୀ, କୁନ୍ତୀ ଆଦି ନାରୀ ତଥା ଲକ୍ଷ୍ମୀବାଈ, ଦୁର୍ଗାବତୀ, ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ, ମଦର ଟେରେସା, ମ୍ୟାଡ଼୍ମକ୍ୟୁରି, ବିଜୟ ଲକ୍ଷ୍ମୀ ପଣ୍ଡିତ, ଇନ୍ଦିରାଗାନ୍ଧୀ, କସ୍ତୁରୀ ବାଇ, କଳ୍ପନା ଚାୱଲା ଓ ତୁଳସୀ ମୁଣ୍ଡା ଆଦି ନାରୀ ଆମ ପାଇଁ ଏକ ଏକ ଉଜ୍ଜ୍ୱଳ ଧ୍ରୁବତାରା । ରାଜନିତୀ, ବିଜ୍ଞାନ, ସାହିତ୍ୟ, ସମାଜସେବା ଆଦି ପ୍ରତ୍ୟେକ କ୍ଷେତ୍ରରେ ନାରୀ ପୁରୁଷଙ୍କ ଠାରୁ ଆଗୁଆ ହୋଇ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ତୁ ତ ଜାଣିଛୁ ମଲାଲା ଛୋଟ ଝିଅଟିଏ ହେଲେବି ନାରୀ ଶିକ୍ଷାର ଆଲୋକ ବର୍ତ୍ତୀକା ଜାଳିବାକୁ ଦୁର୍ଦ୍ଧର୍ଷ ତାଲିବାନ୍ ଙ୍କର କ୍ରୋଧକୁ ସାହସର ସହିତ ସାମ୍ନା କରିପାରିଥିଲା । ତେଣୁ ୨୦୧୪ ମସିହାରେ ସର୍ବକନିଷ୍ଠ ନୋବେଲ ବିଜେତା ରୂପରେ ସେ ତୁମ ପରି ଅନେକ ଝିଅଙ୍କର ପଥ ପ୍ରଦର୍ଶିକା ହୋଇପାରିଲା । ଏବେ ଚାଷ କ୍ଷେତ୍ରରେ ମଧ ନାରୀ ଆଉ ପଛରେ ନାହିଁ । ଏହା ପ୍ରତିପାଦନ କରିଛନ୍ତି ମୟୂରଭଂଜ ଜିଲ୍ଲାସ୍ଥ ବେତନଟୀ ଜଣେ ବୃଦ୍ଧା ସ୍ୱର୍ଗତା ଦୁର୍ଗାବତୀ ତ୍ରିପାଠୀ । ଯେ କି ଜଣେ ସଫଳ ଧାନଚାଷୀ ଭାବରେ ଇଟାଲୀର ଆନ୍ତର୍ଜାତିକ କୃଷି ସମ୍ମିଳନୀରେ ଯୋଗଦାନ କରିଥିଲେ । ତୋତେ ମୋର ଗୋଟିଏ ଉପଦେଶ, କୌଣସି କାମକୁ ଛୋଟ, ବଡ ନ ଭାବି ତୋ ଖୁସି ଅନୁସାରେ ଅଗ୍ରସର ହେବୁ । ଏବେ ଝିଅମାନେ ନିଜ ପରିବାର ପ୍ରତିପୋଷଣ ପାଇଁ ଅଟୋଚଳାଇବା

ସହ ବସ୍, ଟ୍ରେନ୍ ଚଳାଇ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ଏକଥା କହିବାର ଅର୍ଥ ହେଲା, ନିଜର ଦକ୍ଷତା ବଳରେ ପ୍ରତ୍ୟେକ କାର୍ଯ୍ୟରେ ଆଗେଇବା ଉଚିତ୍ । ବରଂ ଘାସ କଟାଳୀଟିଏ ହେଲେ ସେଥିରେ ସଫଳତା ହାସଲ କରିବା ସବୁଠାରୁ ବଡ କଥା । ତୋର ପସନ୍ଦ ଅନୁସାରେ କାମରେ ଲକ୍ଷ୍ୟ ରଖି ଆନ୍ତରିକତା ଓ ପ୍ରବଳ ଇଚ୍ଛା ଶକ୍ତି ବଳରେ କର୍ମ ସମ୍ପାଦନ କରିବାକୁ ମୋର କାମନା । ମହାତ୍ମା ବୁଦ୍ଧଙ୍କ ମତରେ ଯିଏ, ଯେଉଁ କାର୍ଯ୍ୟରେ ନିୟୋଜିତ ସେ ତା'ର ସାଧକ । ସେଥିରେ ପୂର୍ଣ୍ଣମାତ୍ରରେ ସମର୍ପିତ ହୋଇ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଉଚିତ୍ । ବାଛି ଥିବା କାମ କାହାରି ପାଇଁ ତୁଚ୍ଛ ନୁହଁ, ମାତ୍ର ଶ୍ରେଷ୍ଠ । ଠିକ୍ ସେହିପରି ତୋର ଇଚ୍ଛା, ତୋର ସ୍ୱପ୍ନ, ତୋ ନିଜର ରୁଚି ଅନୁସାରେ ଗଢ଼ିବାକୁ ଦାୟୀତ୍ୱ ତୋ ହାତରେ ଦେଇ ଦେଉଛି । ସେହି ଅନୁସାରେ ଏହି ବୟସରୁ ତୋର ଲକ୍ଷ୍ୟ ପଥ ସ୍ଥିର କରି ସ୍ୱପ୍ନ ଦେଖିବା ଶିଖିବୁ ।

ମନେରଖିବୁ ତୋ ପରିବାର ସହିତ ତୋ ଗାଁ ପ୍ରତି ତୋର ଅନେକ କର୍ତ୍ତବ୍ୟ ରହିଛି । ସମସ୍ତଙ୍କୁ ନିଜର କରିବା ଏକ ବଡ କଳା । ଗାଆଁର ଉନ୍ନତି ଅର୍ଥ ଦେଶର ଉନ୍ନତି । ତେଣୁ ଗାଁର ଉନ୍ନତି ପାଇଁ କିଛି ସମୟ ନିଶ୍ଚୟ ଦେବୁ । ବିଶେଷକରି ବିଦ୍ୟାଳୟକୁ ଆସୁ ନଥିବା ପିଲାଙ୍କୁ ଶିକ୍ଷାର ମହତ୍ତ୍ୱ ବୁଝାଇ ନିରକ୍ଷରତା ଦୂରୀକରଣ ପାଇଁ ଚେଷ୍ଟା କରିବୁ ଓ ବିଦ୍ୟାଳୟକୁ ପଠାଇବୁ । ଏଥିପାଇଁ ତୋ ସାଙ୍ଗ ମାନଙ୍କୁ ଏଥିରେ ସାମିଲ କରିବୁ । ଯଦି ସମୟ ପାଇବୁ ତା'ହେଲେ ଆମ ଗାଁ କିମ୍ବା ପାଖ ଗାଁରେ ମଦ ବିରୋଧି ଆନ୍ଦୋଳନ ପାଇଁ ମହିଳା ସଂଗଠନ ଟିଏ ଗଠନ କଲେ ଖୁବ୍ ଭଲ ହୁଅନ୍ତା । ଯଦି ତୋତେ ଭଲ ଲାଗେ ଆମ ଗାଁରେ ଥିବା ଅନାବାଦୀ ପଡିଆରେ ତୋ କଲେଜ ସାଙ୍ଗ ମାନଙ୍କୁ ଧରି ବର୍ଷା ଦିନରେ ଚାରା ଲଗାଇ ସବୁଜ ବଳୟ ସୃଷ୍ଟି କରିପାରିଲେ ଆହୁରି ତ ଭଲ ହୁଅନ୍ତା । ଏଥିପାଇଁ ମୁଁ ଗଲେ ଆମ ସରପଞ୍ଚ ଓ୍ୱାର୍ଡମେମ୍ବରଙ୍କୁ ତୋତେ ସାହାଯ୍ୟ କରିବାକୁ ଅନୁରୋଧ କରିବି । ଗାଁର ବିକାଶ ଧାରାରେ ନିଜକୁ ସାମିଲ କରି ରାମଙ୍କ ସେତୁବନ୍ଧରେ ଛୋଟ ଗୁଣ୍ଡୁଚି ମୂଷା ପରି ଏ ଦେଶର ପ୍ରଗତି ପଥରେ ତୁ ଯେ ଏକ ଛୋଟ ଗୁଣ୍ଡୁଚି ମୂଷା ପରି ଏ ଦେଶର ପ୍ରଗତି ପଥରେ ତୁ ଯେ ଏକ ଛୋଟ ସୈନିକ ହୋଇପାରିବୁ, ଏଥିରେ ସନ୍ଦେହ ନାହିଁ । ଗ୍ରାମ୍ୟ ଜୀବନକୁ ଆପଣେଇବାରେ ତୁ ସଂପୂର୍ଣ୍ଣ ଭାବରେ ପାରଙ୍ଗମ । ପିଲା ଦିନରୁ ନିଜ ଗାଁରେ ବିଦ୍ୟାଳୟ ଓ କଲେଜରେ ପଢ଼ିଥିବାରୁ ଗାଁ ଲୋକଙ୍କୁ ଆପଣେଇ, ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ସାମିଲ କରି ଏ ସମାଜରେ ନାମ ରଖିବୁ ଏ ବିଶ୍ୱାସ ତୋ କାର୍ଯ୍ୟରୁ ମୁଁ ଆଭାସ ପାଇଛି । ସମସ୍ତଙ୍କ ସହ ଭଲ ବ୍ୟବହାର କରିବା ସଙ୍ଗେ ସଙ୍ଗେ ତୋର ପାରୁ ପର୍ଯ୍ୟନ୍ତ ଅନ୍ୟକୁ ସାହାଯ୍ୟ କରିବୁ । ଝିଅ ବୋଲି ତୁ କେବେ ସାହସ ହାରିବୁ ନାହିଁ । ଭଲ କାମ କରିବାକୁ ଗଲେ ଅନେକ ବାଧା ବିଘ୍ନ ଦେଖାଦିଏ । ସେ ସବୁ ସାମନା କରିବା ଶିଖିବୁ । ମନେ ରଖିବୁ ଧୈର୍ଯ୍ୟ ହିଁ ସଫଳତାର ଚାବିକାଠି ।

ହଁ ଆଉ ଗୋଟିଏ କଥା । ଜାତି, ଧର୍ମ ର ପ୍ରଭେଦ ଗାଁ ମାନଙ୍କରେ ବେଶୀ ପ୍ରଚଳିତ । ତୁ ତ ଜାଣିଛୁ ଜାତି, ଧର୍ମ ମଣିଷ ଦ୍ୱାରା ସୃଷ୍ଟି । ସେ ସବୁଠାରୁ ତୁ ଉର୍ଦ୍ଧ୍ୱରେ ରହି ସବୁ ମଣିଷକୁ ସମାନ ଦୃଷ୍ଟିରେ ଦେଖିବୁ । ସତ୍ୟ, ଧର୍ମ, ନ୍ୟାୟ ଓ କର୍ତ୍ତବ୍ୟ ମଣିଷ ଓ କର୍ତ୍ତବ୍ୟ ମଣିଷ ଜୀବନକୁ ଠିକ୍ ବାଟରେ ପରିଚାଳିତ କରେ । ମୋର ଏହି ଉପଦେଶଟିକୁ ସର୍ବଦା ମନେରଖିବୁ । ଲୋକ ଦେଖାଣିଆ ପୂଜାପାଠ ଓ ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା ସଙ୍ଗେ, ସଙ୍ଗେ ଅନ୍ୟାୟର ବିରୋଧ କରିବୁ । ଯୋଗ, ପ୍ରାଣାୟମର ଉପକାରତ ତୁ ଜାଣିଛୁ । ସକାଳେ ସବୁଦିନେ ସେଥିପାଇଁ କିଛି ସମୟ ରଖିବୁ । ପ୍ରଥମରେ ଦେହକୁ ଭଲରେ ରଖିବୁ । 'ପରୋପକାର ସ୍ୱର୍ଗୀୟ' – ଏ ଉକ୍ତିଟିକୁ ହୃଦୟଙ୍ଗମ କରିବୁ । ମହାନ୍ ସେବକ ଗୋପବନ୍ଧୁଙ୍କ ଭାଷାରେ, "ମଣିଷ ଜୀବନ ନୁହଁଇ କେବଳ ବର୍ଷ, ମାସ ଦିନଦଣ୍ଡ, କର୍ମେ ଜୀଏଁ ନର କର୍ମ ଏକତାର "। ତେଣୁ ଜୀବନକୁ ଏପରି ଗଢ଼ିବୁ କର୍ମବଳରେ ତୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚ ପାରିବୁ ।

ଏବେତ ଇଣ୍ଟରନେଟ୍ ର ଯୁଗ । ସେଥିରୁ ଅନେକ ତଥ୍ୟ ମିଳିପାରୁଛି । ତା ସହିତ ମୁଁ ସର୍ବଦା ତୋ ସାଥିରେ ଅଛି । ଯେତେବେଳେ ଯାହା ପରାମର୍ଶ ଆବଶ୍ୟକ କରିବୁ ମୋତେ ଫୋନ୍ କରିବୁ । ତୁ ଜନ୍ମ ହେବା ଦିନରୁ ମୁଁ ତୋତେ ବହୁତ ଉଚ୍ଚକୁ ଉଠିବାର ସ୍ୱପ୍ନ ହିଁ ଦେଖିଛି । ତେଣୁ ମୋ ସ୍ୱପ୍ନକୁ ତୁ ହିଁ ସାକାର କରିବୁ । ମୋ ହୃଦୟ ଓ ମନ ଏହି ଦୃଢ଼ ଆଶା ପୋଷଣ କରିଛି । ଲେଖୁ ଲେଖୁ ଅନେକ କିଛି ଲେଖି ଦେଲିଣି । ତୋତେ ଆଉ ଭାରାକ୍ରାନ୍ତ କରିବାକୁ ଚାହୁଁନାହିଁ । ସବୁ କାମକୁ ଏକ ସମୟରେ ନ କରି ସମୟ ଓ ସୁଯୋଗକୁ ଅପେକ୍ଷା କରିବୁ । ଏହା ବ୍ୟତୀତ ପାଠ ପଢାରେ ଜମା ହେଳା କରିବୁ ନାହିଁ । ପ୍ରତ୍ୟେକ କାର୍ଯ୍ୟରେ ଉପଯୁକ୍ତ ସାଥୀଙ୍କୁ ସାଙ୍ଗରେ ରଖିବୁ ।

ଶେଷରେ ବାପା, ବୋଉଙ୍କୁ ପ୍ରଣାମ ସହିତ ତୁମ୍ଭମାନଙ୍କୁ ଆଶୀର୍ବାଦ ଦେଇ ରହୁଛି ।

ଇତି

ତୋର ଶୁଭାକାଂକ୍ଷୀ ବାପା

*******

ସେବା ନିବୃତ୍ତ ରାଜ୍ୟ ପୁରସ୍କାର ପ୍ରାପ୍ତ
ଶିକ୍ଷୟିତ୍ରୀ, ବାରିପଦା
ଫୋନ୍ – ୮୯୫୩୮୭୨୭୮୮

# ଭଂଜ ରାଜବଂଶର କୁଳଦେବୀ ମା'କୀଚକେଶ୍ୱରୀ

## କୈବଲ୍ୟ ପ୍ରସାଦ ମହାପାତ୍ର



ଆମ ଓଡିଶା ଏକ ମନ୍ଦିର ମାଳିନୀ ରାଜ୍ୟ। ଭୁବନେଶ୍ୱର, ପୁରୀ, କୋଣାର୍କ, କଟକ ଓ ସୋନପୁର ଆଦି ସ୍ଥାନରେ ଏକାଧିକ ମନ୍ଦିର ନିର୍ମିତ ହୋଇଛି । ସେହିପରି ମୟୂରଭଂଜ ରାଜ୍ୟର ଭଂଜରାଜାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ମନ୍ଦିର ନିର୍ମାଣ କରିଥିଲେ । ତନ୍ମଧ୍ୟରେ ପୁରାତନ ଖିଜିଙ୍ଗ କୋଟ୍ଟ ବା ଆଧୁନିକ ଖିଚିଂ ଥିଲା ଅନ୍ୟତମ । ଖିଚିଂ ଥିଲା ଭଂଜବଂଶ ରାଜାମାନଙ୍କର ସର୍ବପୁରାତନ ରାଜଧାନୀ । ସେଠାରେ ପୂଜା ପାଉଥିଲେ ବଂଶର କୁଳଦେବୀ ମା'କୀଚକେଶ୍ୱରୀ।

ପୁଣ୍ୟତୋୟା ବୈତରଣୀ ନଦୀର ଦୁଇ ଉପନଦୀ ଖଇରାଭଣ୍ଡନ ଓ କଣ୍ଟାଖଇର ନଦୀ ଦ୍ୱୟର ଉପତ୍ୟକାରେ ପ୍ରତିଷ୍ଠା ଲାଭ କରିଥିବା ଭଞ୍ଜବଂଶର ଐତିହାସିକ ପ୍ରଥମ ରାଜଧାନୀ ଖିଜିଙ୍ଗକୋଟ୍ଟ ବା ବର୍ତ୍ତମାନର ଖିଚିଂ । ଭଂଜରାଜାମାନଙ୍କର ପ୍ରଦତ୍ତ ତାମ୍ର ଶାସନରୁ ଜଣାଯାଏ, ମହା ପରାକ୍ରମୀ କୋଟ୍ଟ ଭଞ୍ଜବଂଶର ପ୍ରତିଷ୍ଠାତା ଥିଲେ ଏବଂ ନବମ ଶତାବ୍ଦୀର ଆରମ୍ଭରେ ଶାସନ କରୁଥିଲେ । ତାଙ୍କ ଅନ୍ତେ ତାଙ୍କର ପୁତ୍ର, ପୌତ୍ରମାନେ ସେଠାରେ ଦୀର୍ଘ ପାଞ୍ଚଶତ ବର୍ଷ ଧରି ଶାସନ କରିଥିଲେ । ୧୩୬୧ ମସିହାରେ ଦିଲ୍ଲୀର ସୁଲତାନ ଫିରୋଜଶାହ ତୋଗଲକଙ୍କ ଓଡିଶା ଆକ୍ରମଣ କାଳରେ ଖିଜିଙ୍ଗକୋଟ୍ଟ ଦେଇ ଯିବାବେଳେ ଯବନ ସେନାମାନେ ଏହି ନଗରୀକୁ ଲୁଣ୍ଠନ କରି ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ କରିଦେଇଥିଲେ । ଖିଜିଙ୍ଗ କୋଟ୍ଟର ପତନ ପରେ ବୈତରଣୀ ନଦୀର ଦୁଇ ପାର୍ଶ୍ୱରେ ଆଦିପୁର ଓ ଜ୍ୟୋତିପୁର ନାମରେ ଦୁଇଟି ନୂତନ ନଗରୀ ସୃଷ୍ଟି ହୋଇଥିଲା, ଭଂଜ ରାଜ କୁମାର ଆଦିଭଞ୍ଜ ଓ ଜ୍ୟୋତିଭଞ୍ଜଙ୍କ ଦ୍ୱାରା । ପରେ ପରେ ଏହି ନଗରୀ ଗୁଡିକ ଦୁଇ ରାଜ୍ୟରେ ପରିଣତ ହୋଇଥିଲା । ଆଦିପୁରକୁ କେନ୍ଦ୍ର କରି ମୟୂରଭଂଜ ରାଜ୍ୟ ଓ ଜ୍ୟୋତିପୁରକୁ କେନ୍ଦ୍ରକରି କେଉଁଝର ରାଜ୍ୟ ସୃଷ୍ଟି ହୋଇଥିଲା।

ପରିତ୍ୟକ୍ତ ରାଜଧାନୀ ଖିଜିଙ୍ଗ କୋଟ୍ଟର ଦୁର୍ବଳ ଭିତ୍ତିଭୂମି ଯୋଗୁଁ ତା'ର ରାଜପ୍ରସାଦ, ମନ୍ଦିର ଏପରିକି ଜଳାଶୟ ଗୁଡିକ ପୋତିହୋଇ ଏକ ଜଙ୍ଗଲ ଅଞ୍ଚଳରେ ପରିଣତ ହୋଇଥିଲା । ଖିଜିଙ୍ଗ କୋଟ୍ଟର ଭାଗ୍ୟ ଉଦୟ ହୋଇଥିଲା ୧୮୩୭ ମସିହାରେ ଇଂରେଜ ସାହେବ ଲେଫ୍ଟନାଣ୍ଟ ଟିକେଲ୍‌ଙ୍କ ଦ୍ୱାରା । ୧୮୪୦ ମସିହାରେ ସେ ଖିଜିଙ୍ଗ ମଣ୍ଡଳ ପରିଦର୍ଶନ କରି ଚାଳିଶମାଇଲ ବ୍ୟାସାର୍ଦ୍ଧ ଭିତରେ ପ୍ରାୟ ଷାଠିଏଟି ପୁଷ୍କରିଣୀ ସଂଲଗ୍ନ ମନ୍ଦିର ଠାବ କରିଥିଲେ । ତାଙ୍କର ଅନୁଭବ ଏସିଆଟିକ୍ ସୋସାଇଟ୍ ଅଫ୍ ବେଙ୍ଗଲ ପତ୍ରିକାରେ ପ୍ରକାଶିତ ହୋଇଥିଲା । ୧୮୭୪-୭୬ ମସିହା ମଧ୍ୟରେ ପ୍ରତ୍ନତତ୍ତ୍ୱବିତ୍ କନିଂହମଙ୍କ ସହଯୋଗୀ ବେଗଲର୍ ସାହେବ ଖିଚିଂ ପରିଦର୍ଶନରେ ଆସି ସେଠାକାର ମନ୍ଦିର, ଚଉଳ କୁଞ୍ଜର ବିଶାଳ ସ୍ତମ୍ଭ ଖଚିତହଲ ଏବଂ ବୌଦ୍ଧ ପ୍ରତ୍ନତତ୍ତ୍ୱ ସ୍ଥଳୀ ଗୁଡିକୁ ଦେଖି ବିମୋହିତ ହୋଇଥିଲେ ମଧ୍ୟ କୌଣସି ଲିଖିତ ବିବରଣୀ ନଥିବାରୁ ଏଗୁଡିକ ଲୋକଲୋଚନ କୁ ଆସି ପାରିଲା ନାହିଁ।

ଖିଚିଂ ଆତ୍ମାର ପ୍ରଥମ ଅନୁଭବୀ ଥିଲେ ନଗେନ୍ଦ୍ରନାଥ ବସୁ । ମୟୂରଭଂଜର ପୁଣ୍ୟ ଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ବଂଶର ବିଶିଷ୍ଟ ପ୍ରାଚ୍ୟ ବିଦ୍ୟାବିଦ୍ ନଗେନ୍ଦ୍ରନାଥ ବସୁଙ୍କୁ ମୟୂରଭଂଜର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରିବା ପାଇଁ ଅନୁରୋଧ କରିଥିଲେ । ତେଣୁ ବସୁ ମହାଶୟ ୧୯୦୭-୦୮ ମସିହାରେ ମୟୂରଭଂଜର ପ୍ରାୟ ପଇଁଚାଳିଶ ଟି ଅଗମ୍ୟ, ଦୁର୍ଗମ ସ୍ଥାନକୁ ଗସ୍ତ କରି ଭଞ୍ଜରାଜାମାନଙ୍କର ପ୍ରଥମ ରାଜଧାନୀ ଖିଜିଙ୍ଗ କୋଟ୍ଟ ବୋଲି ଚିହ୍ନିତ କରିଥିଲେ । ବସୁ ମହାଶୟଙ୍କର ଅନୁସନ୍ଧାନ ତଥ୍ୟ ଗୁଡିକ ଆର୍କି ଓ ଲୋଜିକାଲ ସର୍ଭେଅଫ୍ ମୟୂରଭଂଜ ରେ ୧୯୧୧ ମସିହାରେ ପ୍ରକାଶିତ ହୋଇଥିଲା ।

ବସୁ ମହାଶୟଙ୍କର ଆଦେଶରେ ପ୍ରଥମେ ଠାକୁରାଣୀ ମୁଣ୍ଡିଆରେ ଖନନ କାର୍ଯ୍ୟ ଆରମ୍ଭ ହେବା ପରେ ମାଟି ଭିତରୁ ଦୁଇଟି ମନ୍ଦିରର ଭଗ୍ନାବଶେଷ ଓ ପ୍ରତିମା ଗୁଡିକ ସମସ୍ତଙ୍କୁ ବିସ୍ମିତ କରିଥିଲା । ପ୍ରତିମା ମଧ୍ୟରେ ଥିଲେ ଶିବ ଓ ଚଣ୍ଡୀଙ୍କ ପ୍ରତିମା । ମାତ୍ର ୧୯୧୨ ମସିହାରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ଅକାଳ ବିୟୋଗରେ ଏହି ଖନନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ପୁନଶ୍ଚ ୧୯୨୦ ମସିହାରେ ଶ୍ରୀରାମଚନ୍ଦ୍ରଙ୍କ ଜ୍ୟେଷ୍ଠ ପୁତ୍ର ମହାରାଜା ପୂର୍ଣ୍ଣଚନ୍ଦ୍ର ଶାସନ ଭାର ଗ୍ରହଣ କରି ପିତାଙ୍କର ସେହି ଅଧୁରା କାର୍ଯ୍ୟକୁ ଆଗକୁ ନେବା ପାଇଁ ଚାହିଁଥିଲେ । ତାଙ୍କର ଅନୁରୋଧ ପତ୍ର ଦ୍ୱାରା କଲିକତାର ପ୍ରତ୍ନତତ୍ତ୍ୱ ବିଭାଗର ଡାଇରେକ୍ଟର ପ୍ରତ୍ନତତ୍ତ୍ୱ ଅଧିକ୍ଷକ ରାୟ ବାହାଦୁର ରମାପ୍ରସାଦ ଚନ୍ଦ ଙ୍କୁ ମୟୂରଭଂଜ ପ୍ରେରଣ କରିଥିଲେ ।

୧୯୨୨ ମସିହା ନଭେମ୍ବର ମାସରେ ଚନ୍ଦ ମହାଶୟ ଆସିବା ପରେ ତାଙ୍କୁ ସହାୟତ କରିବା ପାଇଁ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଓ ତାଙ୍କ ସହଯୋଗୀ କାମାକ୍ଷ ପ୍ରସାଦ ଦୋଷ (ବୀରବଲ ବାବୁ) ଙ୍କୁ ମହାରାଜା ନିଯୁକ୍ତ କରିଥିଲେ । ଏମାନଙ୍କ ସହ ଥିଲେ କଲିକତାରୁ

ଆସିଥିବା ପଣ୍ଡିତ ତାରକେଶ୍ୱର ଗାଙ୍ଗୁଲୀ । ଖିଚିଂ ନଗରୀର ପ୍ରନତତ୍ତ୍ୱ ଖଇରୀଭଣ୍ଡନ ନଦୀକୂଳସ୍ଥ ବିରାଟଗଡ, କୀଚକଗଡ, ଚଉଳକୁଞ୍ଜର ପ୍ରସ୍ତର ସ୍ତମ୍ଭ ଖଚିତ ହଲ, ଠାକୁରାଣୀ ଶାଳାର ମନ୍ଦିର ଆଦି ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ବିସ୍ତୃତ ଥାଏ । ପୂର୍ବରୁ ଖନନ କରାଯାଇଥିବା ଠାକୁରାଣୀ ଶାଳାର ଦୁଇଟି ମନ୍ଦିର ଦୃଷ୍ଟିଗୋଚର ହୋଇଥିଲା । ପ୍ରଥମ ମନ୍ଦିରଟି ପଥରରେ ତିଆରି ଓ ସେଥିରେ ଈଶ୍ୱରୀ କୁଟାବର ଚଣ୍ଡୀ ବା କୀଚକେଶ୍ୱରୀ । ମା'ଙ୍କ ମନ୍ଦିର ପଛକୁ କୁଦ ଉପରେ ଚୂଡା ମରାଯାଇନଥିବା ଖଣ୍ଡିଆ ଦେଉଳଟିଏ ବିଦ୍ୟମାନ । ତା'ଭିତରେ ଶିବାନୀ, ବୈଷ୍ଣବୀ ଓ ପାର୍ବତୀଙ୍କୁ ପାର୍ଶ୍ୱଦେବୀ ଭାବେ ସ୍ଥାପିତ କରାଯାଇ ମୁଖ୍ୟ ଦେବୀଙ୍କ ସ୍ଥାନଟି ଖାଲି ଛଡା ଯାଇଥାଏ । ସମ୍ଭବତଃ ଖାଲିସ୍ଥାନଟି ଦେବୀ କୀଚକେଶ୍ୱରୀଙ୍କ ପାଇଁ ଛଡା ଯାଇଥାଏ । ବର୍ତ୍ତମାନ ପୂଜା ପାଉଥିବା ମା'ଙ୍କ ଚାମୁଣ୍ଡା ମୂର୍ତ୍ତିଟି ତିନିଖଣ୍ଡ ରେ ବିଭାଜିତ ଭଗ୍ନ ମୂର୍ତ୍ତିଟିଏ ଥିବାରୁ ଖଣ୍ଡିଆ ଦେଉଳର ନିର୍ମାଣ ବୋଧହୁଏ ମା'ଙ୍କ ମୂର୍ତ୍ତିକୁ ଖାଲି ସ୍ଥାନରେ ସ୍ଥାପନ କରିପାରିନଥିଲେ । ଖଣ୍ଡିଆ ଦେଉଳ ଚାରିପଟେ ଚନ୍ଦ ମହାଶୟ ବହୁ ପରିମାଣରେ କଳାକୃତି ଓ ଦେବଦେବୀ ପ୍ରତିମା ବିକ୍ଷିପ୍ତ ହୋଇ ପଡିଥିବା ଦେଖିଥିଲେ । ସେଥିରୁ କିଛି ସଂଗୃହୀତ ହୋଇ ଗୋଟିଏ ଚାଳ ଘରରେ ରଖାଯାଇଥିଲା । ଭଗ୍ନ ମନ୍ଦିରର ଅଂଶ ବିଶେଷ ସହିତ ହିନ୍ଦୁ, ଜୈନ ଓ ବୌଦ୍ଧ ଧର୍ମର ଦେବଦେବୀଙ୍କ ପ୍ରତିମାମାନ ଅବହେଳିତ ହୋଇ ପଡିଥିଲା । ମନ୍ଦିର ବେଢା ଭିତରେ ଥିବା ତିନୋଟି ଶିବ ମନ୍ଦିରର ନାମ ଧବଳେଶ୍ୱର, ଜଟେଶ୍ୱର ଓ ସିଦ୍ଧେଶ୍ୱର । ଖଣ୍ଡିଆ ଦେଉଳ ପାଖରୁ ପ୍ରାୟ ପାଞ୍ଚଶହ ଗଜ ଦୂରରେ ଶିବ ନୀଳକଣ୍ଠେଶ୍ୱର ର ଛୋଟିଆ ମନ୍ଦିରଟିଏ ଭଙ୍ଗୁର ଅବସ୍ଥାରେ ଥିଲା । ସ୍ଥାନୀୟ ଲୋକଙ୍କ ଦ୍ୱାରା ଏହା କୁଟାରତୁଣ୍ଡୀ ନାମରେ ପରିଚିତ । ଖଇରଭଣ୍ଡନ ନଦୀ ଓ ବିରାଟ ଗଡର ଅଳ୍ପଦୂରରେ ଏହି ମନ୍ଦିର ଅବସ୍ଥିତ । ନବମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରଟିକୁ ଦେଖିବା ପରେ ଚନ୍ଦ ମହାଶୟ ମୁଗ୍ଧ ହୋଇଯାଇଥିଲେ ।

ଖିଚିଂରେ ଆବିଷ୍କୃତ ପ୍ରନତତ୍ତ୍ୱର ବିବରଣୀ ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଂଜ ଓ ଛୋଟରାୟ ପ୍ରତାପ ଚନ୍ଦ୍ର ଭଞ୍ଜ ୧୯୨୪ ମସିହା ଜାନୁୟାରୀ ୨୪ ତାରିଖରେ ଖିଚିଂ ପରିଭ୍ରମଣରେ ଆସିଥିଲେ । ମା'କୀଚକେଶ୍ୱରୀ ଭଂଜବଂଶର କୁଳଦେବୀ ହୋଇଥିବାରୁ ଦେବୀଙ୍କ ପାଇଁ ଏକ ମନ୍ଦିର ତୋଳାଇବାକୁ ପ୍ରଜାମାନେ ଅନୁରୋଧ କରିବାରୁ ମହାରାଜା ତାହା ଗ୍ରହଣ କରିଥିଲେ । ତା'ପରେ ମହାରାଜା ମନ୍ଦିରର ନକ୍ସା ପାଇଁ ପ୍ରନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଉପାଧକ୍ଷ ଜେ.ଏ.ପେଜ୍ ଙ୍କୁ ଦାୟିତ୍ୱ ଦେଲେ । ମାତ୍ର ୧୯୨୮ ମସିହାରେ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କର ଅକାଳ ବିୟୋଗ ଘଟିବାରୁ ଏକାର୍ଯ୍ୟ ବନ୍ଦ ହୋଇଗଲା । ତା'ପରେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ମା'ଙ୍କ ମନ୍ଦିର ନିର୍ମାଣ ପାଇଁ ପୁନଃ ନିଷ୍ପତ୍ତି ନେଲେ । ସେଥିପାଇଁ ସେ ପ୍ରନ୍ତତତ୍ତ୍ୱବିତ୍ ବାବୁ ପରମାନନ୍ଦ ଆଚାର୍ଯ୍ୟ ଓ ତାଙ୍କର ସୁପରଭାଇଜର ବୀରବଲ ବାବୁଙ୍କୁ ଦାୟିତ୍ୱ ଦେଲେ ।

ପରମାନନ୍ଦ ବାବୁଙ୍କ ତତ୍ତ୍ୱାବଧାନ ଓ ବୀରବଲ ବାବୁଙ୍କ ଅଦମ୍ୟ ଚେଷ୍ଟା ଓ ନିଷ୍ଠା ବଳରେ ଚନ୍ଦ୍ରଶେଖର ମନ୍ଦିର ଓ କୁଟେଇ ତୁଣ୍ଡୀ ମନ୍ଦିର ଦ୍ୱୟର ନିର୍ମାଣକାର୍ଯ୍ୟ ସଫଳତାର ସହ ଶେଷ ହେଲା । ସେଥିରେ ଉତ୍ସାହିତ ହୋଇ ମହାରାଜା ୧୯୩୫ ମସିହାରେ ମା'ଙ୍କ ମନ୍ଦିରର ନିର୍ମାଣ ଦାୟିତ୍ୱ ସେମାନଙ୍କ ଉପରେ ଅର୍ପଣ କଲେ । ସେମାନଙ୍କର ସାହସ, ନିଷ୍ଠା ଓ ବୀରବଲ ବାବୁଙ୍କ ଅକ୍ଳାନ୍ତ ପରିଶ୍ରମ ବଳରେ ୬୮ ଫୁଟ ଉଚ୍ଚ ମା'ଙ୍କ ମନ୍ଦିର ୧୯୪୨ ମସିହାରେ ସଂପୂର୍ଣ୍ଣ ହେଲା । ସେତେବେଳେ ଏହାର ନିର୍ମାଣ ଖର୍ଚ୍ଚ ଥିଲା ୮୦ ହଜାର ଟଙ୍କା । ନୂଆ ମନ୍ଦିର ଭିତ୍ତିଭୂମିର ଆୟତନ ପ୍ରାୟ ଏକହଜାର ସାତଶହ ବର୍ଗଫୁଟ । ନିଅଁର ପତନ ୧.୨ ମିଟର । ମନ୍ଦିରଟି ସଂପୂର୍ଣ୍ଣ କଳାମୁଗୁନି ପଥରରେ ନିର୍ମିତ । ମୁଖଶାଳା ଅନୁପସ୍ଥିତ । ଅନ୍ୟ ଦେବାଦେବୀଙ୍କ ମୂର୍ତ୍ତି ବାହାର କାନ୍ଥ ଖୋପରେ ସ୍ଥାପିତ ହୋଇଛି । ଭିତରେ ଏକ ପୀଠ ଉପରେ ମା-କୀଚକେଶ୍ୱରୀ-ଚାମୁଣ୍ଡା ତିନିଖଣ୍ଡ ହୋଇ ଭାଙ୍ଗି ଯାଇଥିବା ମା'ଙ୍କ ଶରୀରକୁ ଯୋଡାଯାଇ ପୂର୍ଣ୍ଣରୂପ ଦିଆଯାଇଛି । ତଥାପି ଦୁଇଟି ହାତ ଅନୁପସ୍ଥିତ । ତେଣୁ କେହି ଗବେଷକ ମତ ଦିଅନ୍ତି ମା' ହେଉଛନ୍ତି ଅଷ୍ଟଭୁଜା ବସିଛନ୍ତି ଏକ ଶବର ନାଭିରୁ ଉତ୍‌ଥିତ ପଦ୍ମ ଉପରେ । ବେକରେ ଖପୁରୀମାଳ । ମୁହଁରେ ମାତୃତ୍ୱ ଓ କରୁଣାର ଅଭିବ୍ୟକ୍ତି । ଆଖି ଯୋଡିକ ଜଳୁଛି ଯେମିତି, ମାତ୍ର ବର୍ଷୁଛି ମମତା ଓ କରୁଣା । ପଛରେ ଐରାବତ ମା'ଙ୍କୁ ଜଗି ରହିଛି ।

ମନ୍ଦିରର ତିନିପାଖରେ ତଳ ଉପର ହୋଇ ତିନୋଟି ଲେଖାଏଁ ଖୋପ । ଦକ୍ଷିଣ ଓ ଉତ୍ତରପଟ କାନ୍ଥର ତଳ ଓ ମଝି ଖୋପରେ ରହିଛନ୍ତି ଯଥାକ୍ରମେ ଗଣେଶ ଓ ମହିଷା ମର୍ଦ୍ଦିନୀ ଦୁର୍ଗା ପ୍ରତିମା । ପ୍ରଭୁ ଗଣେଶ ଅର୍ଦ୍ଧାସନ । ଦେଖିଲେ ଲାଗିବ ନାଚିବା ପାଇଁ ସଜ ହେଉଛନ୍ତି କି ? ଦୁର୍ଗା ମହିଷା ସୁରକୁ ବଧ କରୁଛନ୍ତି ତ୍ରିଶୂଳରେ ଏବଂ ପାଦତଳେ ମହିଷର ମୁଣ୍ଡ ଅଧାକଟା । ମନ୍ଦିରର ଦୁଇ ସ୍ତମ୍ଭ ମଝିରେ ନାଗକନ୍ୟା ମାନଙ୍କର କମନୀୟ ରୂପ ସମଗ୍ର ମନ୍ଦିରର ଆଭାକୁ ବହୁଗୁଣିତ କରୁଛି । ସବା ଉପର ଖୋପରେ ଏକ ପ୍ରକାର ଆବକ୍ଷ ପୁରୁଷ ପ୍ରତିମା । ପୂର୍ବ ଓ ପଶ୍ଚିମର ଦୁଇଟି ଲେଖାଏଁ ଖୋପ ଶୂନ୍ୟ । ଅନ୍ୟ ଖୋପ ଦୁଇଟିରେ ଦୁଇଟି ଜୀର୍ଣ୍ଣ ପ୍ରତୀମା ଦଣ୍ଡାୟମାନ । କଳାମୁଗୁନି ପଥରରେ କେତେ ଚିକ୍କଣ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ସ୍ଥାପତ୍ୟ ସୃଷ୍ଟି କରାଯାଇପାରେ କୀଚକେଶ୍ୱରୀଙ୍କ ମନ୍ଦିର ଏହାର ଉଦାହରଣ ।

ଖିଚିଂର ବାସ୍ତବ ବିଭବ ଏହାର ସଂଗ୍ରହାଳୟ । ଏହି ସଂଗ୍ରହାଳୟଟି ୧୯୨୮ ମସିହାରେ ସ୍ଥାପିତ ହୋଇଥିଲା । ଠାକୁରାଣୀ

ପୀଠ ପରିସର, ବିରାଟଗଡ, ଆଦିପୁର ଅଞ୍ଚଳରୁ ପ୍ରତିମାମାନ ଏହି ସଂଗ୍ରହାଳୟରେ ସ୍ଥାନ ପାଇଛି ଯାହାର ସଂଖ୍ୟା ବାସ୍ତରୀ । ସେଠାରେ ଶୋଭା ପାଉଥିବା ପ୍ରତିମାମାନେ ହେଲେ ଉମା-ମହେଶ୍ୱର, ଗଣେଶ, କାର୍ତ୍ତିକେୟ, ବିଷ୍ଣୁ, ଶିବ, ମହିଷା ମର୍ଦ୍ଦିନୀ ଦୁର୍ଗା, ପାର୍ବତୀ, ସୂର୍ଯ୍ୟ, ଚଣ୍ଡ-ପ୍ରଚଣ୍ଡ, ନୃସିଂହ, ବ୍ରାହ୍ମଣୀ, ସୁଦର୍ଶନଚକ୍ର ଏବଂ ଛ' ଗୋଟି ମହାମ୍ରାବୁଦ୍ଧଙ୍କ ପ୍ରତିମା ଯଥା ଅବଲୋକି ତେଶ୍ୱର, ଧ୍ୟାନବୁଦ୍ଧ, ପଦ୍ମପାଣି, ଶାନ୍ତିପଥ, ଋଷଭନାଥ ଓ ସିଂହନାଥ ।

ମା'ଙ୍କର ନାମ କୀଚକେଶ୍ୱରୀ କାହିଁକି ହେଲା ତା'ର କୌଣସି ସଠିକ ପ୍ରମାଣ ନାହିଁ । ସେ କ'ଣ ମହାଭାରତ ବର୍ଣ୍ଣିତ ବିରାଟ ରାଜାଙ୍କର ପରାକ୍ରମୀ ଶାଳକ କୀଚକଙ୍କ ପୂଜିତ ଶକ୍ତି ? ସେ ମହାମାତୃତ୍ୱ ବି ହୋଇପାରନ୍ତି । ଅନ୍ୟ ଏକ ସମ୍ଭାବନା ଦେବୀ ତୃତୀୟ ପାଣ୍ଡବ ମହାବୀର ଭୀମଙ୍କ ମାଧମରେ କୀଚକର ମହା ପରାଭବକୁ ଲୋପ କରିଥିଲେ କି ? ଏହା ମଧ କୁହାଯାଏ ସେ ମହାଶକ୍ତି, ତନ୍ତ୍ର ଦେବୀ ଏବଂ ଖିଜିଙ୍ଗ ମଣ୍ଡଳର ସୁରକ୍ଷା ଦାତ୍ରୀ । ଯେହେତୁ ଖିଜିଙ୍ଗ ରୂପାନ୍ତର ହୋଇ ଖିଚିଂ ହୋଇଛି ତେଣୁ ଖିଚିଂର ରୂପାନ୍ତର କୀଚକ ହେବା ମଧ ଅସମ୍ଭବ ନୁହେଁ । ତେଣୁ କୀଚକେଶ୍ୱରୀ ଖିଚିଂର ଈଶ୍ୱରୀ । ମାତ୍ର ତାଙ୍କ ଦଶଭୁଜ (ଅଷ୍ଟଭୁଜ), ଆୟୁଧ, ମୁଦ୍ରା ଓ ଭାବକୁ ମନ୍ତ୍ର କରି କୁହାଯାଇ ପାରିବ ସେ ଜନ୍ମ ଓ ମୃତ୍ୟୁର ଏକ ଉତ୍ତୀର୍ଣ୍ଣ ଆଧ୍ୟାତ୍ମ ମାତୃଶକ୍ତି । ଭଂଜବଂଶୀୟ ରାଜାମାନେ କେବଳ ଖିଚିଂ ନୁହେଁ ଦ୍ୱିତୀୟ ରାଜଧାନୀ କହଳଦା ଓ ସର୍ବଶେଷ ରାଜଧାନୀ ବାରିପଦାରେ ସୁଦୃଶ୍ୟ ମା'ଙ୍କର ମନ୍ଦିର ପ୍ରତିଷ୍ଠା କରିଥିଲେ ।

ଖିଚିଂର ଶିବରାତ୍ରୀ ଓ ଜାଗରମେଳା ଖୁବ୍ ପ୍ରସିଦ୍ଧ । ଏହା ଏଠାରେ ଦୀର୍ଘ ୧୫ ଦିନ ଧରି ପାଳିତ ହୁଏ । ଏହା ବ୍ୟତୀତ ଏଠାରେ ବର୍ଷ ଭିତରେ ଅନେକ ପୂଜା ମଧରେ ଦୁଇଟି ବଡ ପୂଜା ପାଳିତ ହୋଇଥାଏ । ତାହା ହେଲା ଦୁର୍ଗା ପୂଜା ଓ ବାସନ୍ତୀକ ପୂଜା । ପୂର୍ବରୁ ପଶୁ ବା ବୋଦା ବଳି ଦିଆଯାଇ ପୂଜା କରାଯାଉଥିଲା । ବର୍ତ୍ତମାନ ଏହା ବନ୍ଦ ହୋଇଯାଇଛି । ଏହାର ପ୍ରତିବଦଳରେ ମାଗୁର ମାଛ ଓ ପାଣିକଖାରୁ ବଳି ଦିଆଯାଉଛି । ପୂଜାରେ ମା'ଙ୍କ ଠାରେ ଖେଚୁଡି, କ୍ଷୀରି, ଡାଲି ଓ ବିଭିନ୍ନ ପ୍ରକାର ଫଳ ଲାଗିବା ସହିତ ମାଛ ଭୋଗ ହୁଏ । ଏହି ପୂଜା ବ୍ରାହ୍ମଣଙ୍କ ଦ୍ୱାରା ହୋଇଥାଏ । ମାତ୍ର ବେହୁରୀ ମାନେ ପରମ୍ପରା ଅନୁସାରେ ମହୁଲି ଭୋଗ ଲଗାଇଥାନ୍ତି ।

ଖିଚିଂ ମୟୂରଭଂଜ ଜିଲ୍ଲାର ପାଞ୍ଚପୀଢ ଉପଖଣ୍ଡରେ ଅବସ୍ଥିତ । ଖିଚିଂରେ ମୁଗୁନି ପଥର ଓ ଅନ୍ୟ ପଥରରେ ନିର୍ମିତ ସୁନ୍ଦର ମୂର୍ତ୍ତି ଓ ଅନ୍ୟ ଜିନିଷର ଦୋକାନମାନ ଅଛି । ନିକଟସ୍ଥ କେଟାନା ଗାଁ ଏହି ପଥର ତଥା ଶିଳ୍ପୀ ମାନଙ୍କର ଗାଁ । ଏଠାକୁ କେଉଁଝର, କରଡ଼ିଆ, ରାଇରଙ୍ଗପୁର, ରରୁଆଁ ଓ ବାରିପଦାରୁ ବସ୍‌ର ସୁବିଧା ଉପଲବ୍ଧ । ଏହି ମନ୍ଦିର ବିଶ୍ୱର ଏକମାତ୍ର ମନ୍ଦିର ଯାହାକି ସଂପୂର୍ଣ୍ଣ କଳାମୁଗୁନି ପଥରରେ ନିର୍ମିତ ।

*******

ହନୁମାନ ବିହାର, ବାରିପଦା – ୮୨୪୯୭୯୧୮୩୦

# ଆଠ ରତୁ

## ରତ୍ନପ୍ରଭା ବାଇ



ସବୁଦିନ ପରି ମୁହଁ ସଞ୍ଜ ବେଳକୁ ଭଗବାନ ରଥ ବାହାରି ପଡିଲେ ଭଗବାତ ଟୁଙ୍ଗି ଆଡେ । ଶୀତ ଲାଗୁଥିବାରୁ ଦେହରେ ଚଦର ଘୋଡି ହୋଇ ମୁଣ୍ଡରେ ଠେକାଟିଏ ଭିଡିଥାନ୍ତି । ବାଟରେ ଭୋଳା ସାଥିରେ ଭେଟ ହୋଇଗଲା, ଜୁହାରଟିଏ ପକେଇ ଟିକିଏ ଠିଆ ହେଲା ଭୋଳା । ଭଗବାନ ରଥ ପଚାରି ଦେଲେ –ତୋର କ'ଣ ହେଇଚି କିରେ ଭୋଳା ଦି ମାସ ହେଲା ଦେଖା ଦରଶନ ନାହିଁ ,ଟାଉନ ଆଡୁ ଆସୁଚୁ ନା କ'ଣ ?

ହଁ ରଥେ ଏଇ ତ କାମ ସାରି ଫେରୁଛି, ତମେ ଭାଗବତ ଟୁଙ୍ଗି ଆଡେ ଯାଉଚ ନନା ? ତମ ଦିହ ପା ସବୁ ଭଲ ତ ଆଜ୍ଞା ?

ଏତେ ବେଳେ ମୁଁ ଯିବି କୁଆଡେ, ତୁ ତ ଜାଣିଚୁ ଏଇ ସଞ୍ଜ ଦି ଘଡି ମୋର ସେଇ ଭାଗବତ ଟୁଙ୍ଗିରେ କଟେ । ଯା ହେଉ ତୋ ସାଙ୍ଗରେ କେତେ ଦିନ ପରେ ଦେଖା ହେଲା, ରଥେ କହିଲେ ।

ଭୋଳା କହିଲା–କେମିତି ଦେଖା ହବ କହୁନ ରଥେ ଆଜ୍ଞା, ଏଇତ ଧାନ ଅମଳର ବେଳ, ଧାନ କାଟି ମଜୁରୀ ଧରି ଘରକୁ ଫେରିଲା ବେଳକୁ ମୁହଁ ସଞ୍ଜ, କ'ଣ ମୁଠେ ଖାଇଦେଇ ବିଛଣା ଧରେ । କେବେ କେବେ ବାଲି ଇଟା କାମ ମିଳୁଚି, ଘରକୁ ଫେରିଲା ବେଳକୁ ରାତି ଘଡିଏ । ଆଉ ତମ ସାଙ୍ଗରେ ଦେଖା ହେବ କେମିତି ।

ଆଉ ସବୁ ଭଲ ତ ? ଭଗବାନ ରଥେ ପଚାରିଲେ ।

ଭଲ ଆଉ କ'ଣ, ଆମେ ହେଲୁ ଗରିବ ଲୋକ, ଆଜି କାଲି ଯେମିତି ସବୁ ଦରବର ଦରଦାମ ବଢୁଛି ,ପରିବାର ଧରି ଚଳିବା ଭରି ଦହଗଞ୍ଜ । ଏଇ ଟଙ୍କିକିଆ ଚାଉଳ ଗଣ୍ଡେ ଯାହା ଶସ୍ତା ହେଇଚି । ଏଇମିତି ଯଦି ଡାଲି ଅଟା ପନିପରିବା, ଲୁଗାପଟା, ତେଲଲୁଣ ସବୁ ଶସ୍ତାରେ ମିଳନ୍ତା ଆମେ ଗରିବ

ଗୁରୁବା ଟିକିଏ ଭଲରେ ଚଳି ପାରନ୍ତୁ । ଭୋଳା ନିଠେଇ ହୋଇ କହିଲା ।

ତମ ଗରିବଙ୍କ ପାଇଁ ଆଉ କେତେ ଶସ୍ତା ହେବ କିରେ ? ଚାଉଳ ପାଇଲ ଟଙ୍କାକରେ, ପିଲେ ତମର ପଢିଲେ ମାଗଣାରେ, ରାସ୍ତାଘାଟ ବିଜୁଳିବତୀ ସବୁ ତମ ଗରିବ ଗୁରୁବାମାନଙ୍କ ପାଇଁ, ଏବେ ତ ରେଳଷ୍ଟେସନ, ବସଷ୍ଟାଣ୍ଡ, ଡାକ୍ତରଖାନାରେ ତମରି ଭଳି ଲୋକଙ୍କ ସୁବିଧା ପାଇଁ ପାଂଚ ଟଙ୍କାରେ ଖାଦ୍ୟ ସରକାର ଯୋଗାଇ ଦେଇଛନ୍ତି । ଉଜ୍ଜଳା ଯୋଜନାରେ ରନ୍ଧନ ଗ୍ୟାସର ସୁବିଧା, ବି.ପି.ଏଲ କାର୍ଡଧାରୀ ବୋଲି ତମପାଇଁ ସୁଲଭ ନିରାମୟ ଯୋଜନା, ନିର୍ମାଣ ଶ୍ରମିକ ଖାତାରେ ନାଁ ଚଢେଇ ଘରଦ୍ୱାର କରିବା ପାଇଁ ଅର୍ଥ, ପୁଣି ଶିକ୍ଷା ସ୍ୱାସ୍ଥ୍ୟର ସୁବିଧା ସବୁ ପାଇଲ । ଇନ୍ଦିରା ଆବାସ ତମ କୋଟାରେ ଅଛି, ବିଜୁ ପକ୍କାଘର ଯୋଜନାରେ ନୂଆ କୋଠାଘର , ଆଉ କେତେ ସୁବିଧା ତମେ ପାଇବ ? ରଥେ କହିଲେ ।

ହଁ ରଥେ ଆଜ୍ଞା, ପାଉଛୁ ଯେ ସବୁର ଦରଦାମ ବଢେଇ, ଏପଟେ ନେଇ ସେପଟେ ଦଉଛନ୍ତି । ହେଲେ ଭୋଅଟ ଋତୁରେ ନେତା ମାନେ ଯେତିକି ପାନ କରନ୍ତି, ସେତିକି ଦାନ କରନ୍ତି ନାହିଁ । ଖାଲି ପ୍ରତିଶ୍ରୁତିରେ ପୋତି ଦିଅନ୍ତି । ସବୁ ପାର୍ଟିର ନେତାମାନେ ଭଲରେ ଭେଲ ପୂରାନ୍ତି । ସେଇମ ପହିଲେ ମାଇକରେ ମୁହଁ ଲଗେଇ ମାତୃଭୂଇଁକି ମୁଣ୍ଡିଆ ମାରିବେ, ତାପରେ ଉପସ୍ଥିତ ଗୁରୁଜନ, ଛୋଟବଡ ଭାଇଭଉଣୀ, ତାପରେ ପୁଳାପୁଳା ପ୍ରତିଶୃତି, ଆଉ ତା'ପରେ...

ଆମ ତା ପରେ ବୁଝା ପଡିଲାନି,-ରଥେ ପଚାରିଲେ ,

ଭୋଳା କହିଲା ,ତାପରେ ତ ଖାଲି ଗୋଇ ଖୋଳା ଖୋଳି, ପରସ୍ପର ପାର୍ଟିର ଗୁମର କଥା, କିଏ କେତେ ଖାଇଚି,ସରକାରୀ ଟଙ୍କାରେ କିଏ କେତେ ଥର ବିଦେଶ ଯାଇଛି ଇତ୍ୟାଦି ଇତ୍ୟାଦି ।

ହଁରେ ଭୋଳା ତୁ ଠିକ୍ କଥା କହିଛୁ, ସେତେବେଳେ ତ ଭୋଟ ଖଣ୍ଡେ ପାଇଁ ସେ ଶତ୍ରୁ ସାଙ୍ଗରେ ହାତ ମିଳାଇ ଦିଅନ୍ତି । ରଥେ ମନେ ମନେ ଭାବୁଥିଲେ- ଭୋଳା ଚାଟଶାଳୀରେ ଅଇଁଠୁ ଅବଧାନଙ୍କ ପାଖରେ ମଧୁ ବର୍ଣ୍ଣବୋଧ ଖଣ୍ଡିଏ ସାରିଥିବ , ସ୍କୁଲର ହତା ମାଡିନି, ଯଦି ଅଧିକ ପାଠ ପଢିଥାନ୍ତା, ବିଧାୟକ, ମନ୍ତ୍ରୀ କି ମୁଖ୍ୟମନ୍ତ୍ରୀଟିଏ ହୋଇପାରିଥାନ୍ତା । ଯାହା ହେଉ ଅଳପ ପାଠ ପଢିଚି ସିନା, ରାଜନିତୀର ବହୁତ ଗହୀରି କଥା ବୁଝି ପାରୁଛି । କେବଳ ଲଢି ପାରୁନି କି ଆଗକୁ ବଢି ପାରୁନି ।

କ'ଣ ଭାବୁଛ ରଥେ ଆଜ୍ଞା , ମୋ କଥା କ'ଣ ଅବୁଝା ପଡୁଚି କି ?

ନାଇଁମ ତୁ ଏମିତି କ'ଣ କହିଲୁ ଯେ -ରଥେ ନ ଜାଣିଲା ପରି କହିଲେ । ମନେ ମନେ ଭାବିଲେ -ନାଁ'ଟା ସିନା ତା'ର ଭୋଳା, ନିର୍ବୁଦ୍ଧିଆ ନୁହଁ –ତା 'ମଗଜକୁ ମାନିବାକୁ ପଡିବ ।

ଦେଖନ୍ତୁ ଆଜ୍ଞା, ଏଇ ଗତ ଥର ଭୋଟ ବେଳେ ରାସ୍ତା ଘାଟ, ଦୋକାନ ବଜାର ସବୁଠି କେମିତି ସବୁ ଦଳର ଚର୍ଚ୍ଚା ଆଉ ଚର୍ଚ୍ଚା ଚାଲିଥାଏ , ସବୁ ନେତାଙ୍କୁ ନିଜ ଘରେ ବସି ଲୋକେ ଦେଖିବାକୁ ପାଇବେ । ଭୋଟ ସରିଲେ ଆଉ କାହାର ଦେଖା ମିଳେନି, ବାଟଭୁଲା ବାଟୋଇ ପରି ଆସନ୍ତି ,ପୁଣି ନିଜ ବାଟରେ ଚାଲି ଯାଆନ୍ତି । ତାଙ୍କର ସବୁ ପ୍ରତିଶ୍ରୁତି ଧୀରେ ଧୀରେ ପାଣିଚିଆ ହୋଇ ଫିକା ପଡିଯିବ ସିନା, ଲୋକମାନେ ଚାତକପରି ଚାହିଁଥିବେ ପୁଣି ପାଂଚ ବର୍ଷ ଯାଏ ।

ଆରେ ଭୋଳା ତୁ ତ କାମ କରିବା ପାଇଁ ସବୁ ଦିନ ଟାଉନ ଆଡେ ଯାଉଛୁ, ଏଥର ଭୋଟରେ କିଏ ଯିତିବ,କିଏ ହାରିବ ଜାଣି ପାରୁଚୁ ?

କହି ହେଉନି ରଥେ ଆଜ୍ଞା, ଏବେ ତ ତାଙ୍କର ଆଗରୁ ଦେଖିଲେ ଯେମିତି ପଛରୁ ଦେଖିଲେ ସେମିତି । କେମିତି ଆଉ କହିବି । ସବୁ ପାର୍ଟି ତ ଭାଷଣରେ କହୁଛନ୍ତି ,ମୋର ଏତିକି ଲୋକ ହାତରେ ଅଛନ୍ତି ,ସେତିକି ମହିଳା ସମିତି , ସଂଘ ସହାୟକା ଗୋଷ୍ଠି, ଯୁବନେତା ନେତ୍ରୀମାନେ ଅଛନ୍ତି ଆମକୁ ନିଶ୍ଚୟ ଭୋଟ ଦେବେ, ଆମେ ଏଥର ଯିତିବୁ ହିଁ ଯିତିବୁ । ସେତିକି ବେଳକୁ ନେତାମାନେ ପରା ଆପଣା ଲୋକ ପରି ଦୁଃଖ ସୁଖ ପଚାରିବେ । ନୂଆ ସମ୍ପର୍କ ଯୋଡି ସାଇ ସଂଗାତ ହେବେ ,ଶରଧାରେ ପାଖାଳ କଂସାରେ ହାତ ବୁଡେଇ ଦେବେ, ଇଏ ରଥେ ସବୁ ପାର୍ଟି ପଲଟିସ୍ କଥା ।

ତୁ କ'ଣ ଯେ କହୁଛୁ ଭୋଳା ? ରଥେ ଅବୁଝା ଢଙ୍ଗରେ ପଚାରିଲେ ,

ମୁଁ ଆଉ କ'ଣ ଅଧିକା କହିବି, ମତେ ଯାହା ବାସୁଚି ସେୟା କହିଲି ।

-ଭୋଟ ଋତୁରେ ଯିଏ ଯେତେ ଭାଇ ନୋଅଟ ପାରିବ ବୁଣି,

ସେଇ ଯେ କେବଳ ପାରି ହୋଇ ଯିବ ନିର୍ବାଚନ ବୈତରଣୀ ।

ଭୋଟର ଉପରେ ନିର୍ଭର କରୁଛି ଘଡିକେ ଛୁଟୁଚି ଘୋଡା,

ଯା ମୁଣ୍ଡରେ ହାତୀ କଳସ ଢାଳିବ ପାଇବ ସେ ଫୁଲ ତୋଡା ।।

କେବଳ ରଥେ ଶୁଣୁ ନଥିଲେ,ଭୋଳା କଥା ଭାବୁଥିଲେ ,ଚାଟଶଳୀରେ

ପାଠ ଦି ଅକ୍ଷର ପଢି ଯେତିକି ଯାଣିଛି, । ଆଜି କାଲି କଲେଜ ପଢୁଆ ପିଲାମାନଙ୍କର, ସେତିକି ନଲେଜ ନ ଥିବ । ତା'ଅନ୍ଧାରିଆ ଅନୁମାନ ଠିକ୍। ଭୋଟ ବେଳର ଭିତିରି କଥା ବୁଝି ପାରିଛି । ପରଦା ପଛର ଚିତ୍ର ଦେଖିପାରୁଛି।

ନିର୍ବାଚନର ପାଣି ପାଗ ଦେଖି ଯାହା କହୁଛି, ମିଛ କହୁନି, ତା'ମଗଜକୁ ମାନିବାକୁ ପଡିବ।

ଭୋଲା କହି ଚାଲିଥିଲା -ଦେଖିବ ରଥେ ଆଜ୍ଞା, ଆମ ଗାଁ ସରପଂଚ ଭୋଟ ବେଳକୁ ନେତା ମନ୍ତ୍ରୀ ମାନଙ୍କ ହାବଭାବ, ପାର୍ଟି ପଲଟିସ୍ କେମିତି ଚାଲେ । ସେଇମାନେ ଦିନେ ଯାହାକୁ ଦେଖିଲେ ନାକ ଟେକୁଥିବେ, ଭୋଟ ବେଳକୁ ସେଇମାନଙ୍କ ପାଖେ ହାତପାତି ଭୋଟ ମାଗୁଥିବେ । ଏଇଥିରୁ ଜଣାପଡେ ତାଙ୍କର ମନମାନି ମତଲବ, ଚାଲାକିଆ ମନୋଭାବ ।

ତୁ କ'ଣ ନ ଜାଣିଛୁ କିରେ ଭୋଲା ,ଅଳପ ପାଠ ପଢିଚୁ ହେଲେ ବେଶୀ କଥା ବୁଝିପାରୁଚୁ । ପାର୍ଟି ପଲଟିସ୍, ଦେଶବିଦେଶ ଖବର ରଖି ପାରୁଚୁ, ରଥେ ଇଙ୍ଗିତରେ କହିଲେ ।

ରଥେ ଆଜ୍ଞା ମୁଁ ଏକା ନୁହେଁ ମ ଭୋଟ ସମୟରେ ଆମ ସାଇର ନବଘନ ଷେଣ୍ଢ, ଗାଆଁ ମୁଣ୍ଡ ଚଉପାଡିରେ ବସି ମନ ଖୋଲି ଏଇ ଗୀତଟି ଗାଏ ପରା –ବେସୁରା କଣ୍ଠରେ ପଦକୁ ପଦ ଯୋଡି, ଖଞ୍ଜଣୀ ବଜେଇ କି ଗୀତ ଗାଏ ସିନା ଚାଲି ଯାଉଥିବା ଲୋକ ଘଡିଏ ଅଟକି ଯାଏ, ତା ଗୀତ ଶୁଣିବାକୁ

ଆମ ଗାଁ କୁଜି ନେତା –କେଉଁ କାଳେ ନାହିଁ ଭୋଅଟ ବେଳକୁ

ଅଦିନେ ସାଜନ୍ତି ଦାତା।

ଆମ ଗାଁ ବଡ ନେତା –ଭୋଅଟ ବେଳକୁ ଦେଖିବ ଯା'ତାଙ୍କୁ

ତା'ପରେ ମିଳେନି ପତ୍ତା।

ଆମ ଗାଁ ନେଟିରୀ ନେତା –ଭୋଅଟ ବେଳକୁ ଷ୍ଟେଜରେ ବସେଇ

କଥାରେ ବାଣ୍ଟନ୍ତି ମିଠା।

ଆମ ଗାଁ କୁଜି ନେତା –ଜିତି ଗଲେ ଥରେ ଚଉକିରେ ବସି

ମଣିଷ ମଣନ୍ତି କୁତ୍ତା।

ଆମ ଗାଁ ତୁଙ୍ଗ ନେତା –ବରଷା ଯୁଆଡେ ବେଳ କାଳ ଦେଖି

ଦେଖେଇବେ ନାଲି ଛତା।

ଆମ ଗାଁ ନେଟିରୀ ନେତା –ଭୋଟ ଖଣ୍ଡେ ପାଇଁ ବଇରୀ ପାଖରେ

ନୁଆଇଁ ଦିଅନ୍ତି ମଥା।

ଏମିତି ତାଙ୍କର କଥା –ଭୋଅଟ ସରିଲେ ଭୁଲିଯାନ୍ତି ସବୁ

ଯଥା ପୂର୍ବ ପରଂ ତଥା।

ସତରେ ଭୋଲା, ତୁ ତ ସବୁ ଜାଣିଛୁ, ମନକୁ ପାଇଲା ଭଳି କଥା ପଦେ କହିଲୁ । ଗୀତ ବି ପଦେ ଗାଇଲୁ, ତୋ ମଗଜକୁ ମାନିବାକୁ ପଡିବ । ଆସନ୍ତା ଥରକୁ ତୁ ସରପଂଚ ଭୋଅଟରେ ଠିଆ ହେବୁ, ଭାବୁଚି ତୋର ଯେମିତି କୁଶଳ ବୁଦ୍ଧି ଅଛି, ତୁ ନିଶ୍ଚୟ ଜିତିବୁ। ରଥେ ହସି ହସି କହିଲେ,

ହଁ ଆଜ୍ଞା, ଯାହା କହିଲେ ସମସ୍ତେ ଯଦି ଯୁଦ୍ଧକୁ ଯିବେ, ଦା ଧରିବ କିଏ ? ସେଇ କ୍ଷେତ ଖଣ୍ଡିକ ଭଲ ତ ଆମେ ଭଲ । ମୁଁ ଆସୁଛି ଆଜ୍ଞା, ଆପଣ ଯାଆନ୍ତୁ ,ସିଆଡେ ଭାଗବତ ପଢା ଆରମ୍ଭ ହୋଇଯିବଣି । ଭୋଲା ସାଇକେଲ ଚଢିଯିବା ବେଳେ କାର ଟେ ସାଇଁ କିନା ଚାଲିଗଲା । ରାସ୍ତା କଡ ଖାଲଖମାରେ ଜମିଥିବା ଅଦିନିଆଁ ବର୍ଷା ପାଣି ଛିଟିକି ପଡିଲା ଭୋଲା ଆଉ ଭଗବାନ ରଥଙ୍କ ଉପରେ । ରଥେ ରାଗରେ ଚିହିଁକି ଉଠି ପାଟି କରି କହିଲେ ଧେତ୍ ତେରିକା –ଲୁଗାପଟା ସବୁ ଖରାପ କରିଦେଲା ଶଳାଟାକୁ ଦେଖାଯାଉନି । ଆଜିକାଲି ଟୋକାଙ୍କୁ କ'ଣ କଥା କହି ହେଉଛି । ସେମାନେ ତ ଇନ୍ଦ୍ର ଚନ୍ଦ୍ର ମାନୁ ନାହାଁନ୍ତି । ଆଗ ପଛକୁ ନିଘା ନାହିଁ । କିଏ ସେ ଗାଡିରେ ବସିଥିଲା କି'ରେ ଭୋଲା ?

ଆଉ କିଏ ବସିବ, ସେଇ ଶୁକୁଟା ....ଏଥର ଇଲେକ୍ସନ ବାଆଦେ ଖଣ୍ଡିଏ ନୂଆ ଗାଡି କରିଚି ତ, ଉପର ମୁହାଁ ହୋଇ ହୋଇ ଗାଡି ସାଇଁ ସାଇଁ ଛାଡୁଛି।

ତୁ କୋଉ ଶୁକୁଟା କଥା କହୁଚୁ କି'ରେ ଭୋଲା ବୁଝି ହେଲାନି । ରଥେ ବିରକ୍ତ ହୋଇ କହିଲେ ।

ସେଇ ଶୁକୁଟା ମ । ଏଥର ଯିଏ ଭୋଟରେ ଜିତିଥିଲା । ସେ ଏବେ ଶୁକଦେବ ବାବୁ ହେଇଚି । କି ଠାଣି ତା'ର କି ବାଣୀ ବାହାରୁଛି ତା ମୁହଁରୁ , କଥା କଥା କେ କଂଟା ଇଂଗଲିସ ଖାଲି ଝରିପଡୁଛି।

ତୁ କହୁଛୁ ଯା କଥା ସେଇ ଶୁକୁଟା ତ, ଯିଏ ରାସ୍ତା କଡରେ ଠିଆ ହୋଇ ଗୁପଚୁପ୍ ବିକୁଥିଲା ? ରଥେ ପଚାରିଲେ।

ହଁ ଆଜ୍ଞା –ଠିକ୍ ଏତିକି ବେଳେ ଆପଣ ବୁଝିପାରିଲେ , ସେଇ ଶୁକୁଟା ସେତେ ବେଳେ ସିନା ଆଳୁ ଚକଟା ତେନ୍ତୁଳି ପାଣି, ପତର ଠୋଲା ଧରି ହୁଇସିଲ ମାରି ଠେଲା ଗାଡି ଧରି ବୁଲି ବୁଲି ବେପାର କରୁଥିଲା । ଯାହାକୁ ଦେଖିଲେ ଆଜ୍ଞା , ଆପଣ କହି ମୁଣ୍ଡିଆ ମାରୁଥିଲା, ଏବେ ତ ସିଏ ମୁଣ୍ଡିଆ ଖାଉଚି । ତା'ର ରଙ୍ଗ ଢଙ୍ଗ ସବୁ ବଦଳି ଯାଇଚି । କାନି ଖାଇଲା ପରି ସେ ,ଏବେ ଇଣ୍ଡିଗୋ କାରରେ ଘୁରି ବୁଲୁଚି , ଭୋଳା ଛିଗୁଲେଇ କହିଲା ।

-କିଏ ମନା କଲା , ଗୋଟିଏ କ'ଣ ଦଶଟା ଗାଡିରେ ବୁଲୁଥାଉ । ହେଲେ ଆକାଶରେ ଉଡିଲା ଭଳି ଗାଡି ଚଲେଇ ଯାଉଚି । ଆଜି କାଦୁଅପାଣି ଛିଟିକି ପଡିଲା ତ, ଯଦି ଗାଡିଟା କାହା ଉପରେ ......ହେଁ । ଲୁଗାପଟା ସବୁ ଖରାପ କରି ଦେଲା , ରଥେ ବ୍ୟସ୍ତ ହୋଇ କହିଲେ ।

ଭାଗ୍ୟ ଭଲ ସେତିକି ହେଇନି, ହେଲେ ତ କଥା ସରିଥାନ୍ତା । ଛାଡ ରଥେ ଆଜ୍ଞା, ଏବେ ତ ଋତୁ ସଂଖ୍ୟା ଆଠକୁ ଛୁଇଲା । ନହେଲେ ଏଇ ଶୁକୁଟା ଭଳି ପିଲାଟା ଏତେ ରଙ୍ଗ ଦେଖାନ୍ତା । ଭୋଳା ଆଉ ଟିକେ ଉଖୁରେଇ କହିଲା ।

ରଙ୍ଗ –କୋଉ ରଙ୍ଗ କଥା କହୁଚୁରେ ଭୋଳା ? ବୁଝିପାରିଲିନି । ରଥେ ନ ବୁଝିଲା ପରି କହିଲେ ।

ଆଜ୍ଞା ଆମେ ସମସ୍ତେ ଜାଣିଛେ, ବର୍ଷରେ ଛ'ଟି ଋତୁ ପୁଣି ପ୍ରେମକୁ ଯୋଡି ଗୋଟିଏ ଋତୁର ଆଖ୍ୟା ଦେଇ ସାତଟି ଋତୁ କରାଗଲା । ନିର୍ବାଚନ ଋତୁକୁ ମିଶାଇ ଏବେ ଋତୁ ସଂଖ୍ୟା ଆଠରେ ପହଞ୍ଚିଲାଣି । ସବୁ ଋତୁରେ ଭିନ୍ନ ଭିନ୍ନ ରଙ୍ଗ ଅଛି । ହେଲେ ନିର୍ବାଚନ ଋତୁର ରଙ୍ଗ ସବୁଠୁ ନିଆରା, ଆପଣ ତ ଆଗରୁ ଦେଖିଚନ୍ତି । ଏବେ ମଧ ଦେଖୁଛନ୍ତି, ମୁଁ ଆଉ କ'ଣ ଅଧିକ କହିବି ।

ଭୋଳା କଥା ଶୁଣି ରଥେ ମନେ ମନେ ଭାବୁଥିଲେ ସତେ ତ ଯୁବକ ଜୀବନର ରଙ୍ଗ ମଧ ବଦଳୁଚ, ନ ହେଲେ ଶୁକୁଟା ଗୁପଚୁପ୍ ବେପାର ଛାଡି ନିର୍ବାଚନ ଲଢି ଜିତାପଟ ମାରି ଆଜି ଶୁକଦେବ ବାବୁ ହୋଇଥାନ୍ତା । "ଆବେ ପରଶୁ ଯା'ବେ ପରଶୁ, ବାବୁ ପରଶୁରାମ ପଇସା କ୍ୟା ନକରେ କାମ" ଏହି ପଦଟି ମୁଁ କାହିଁ କେତେ ଯୁଗରୁ ଶୁଣି ଆସୁଛି । ଭୋଳା ଯାହା କହୁଛି ଟିକିଏ ମିଛ ନୁହେଁ । ସତେ ତ ନିର୍ବାଚନ ଋତୁ ରଙ୍ଗ ସବୁଠୁ ନିଆରା ସେଥିରେ ସପନ ଦେଖି ହେବ, ସପନ ଦେଖାଇ ପାରିବ । ଅଳପ ଦବ, ବେଶୀ ନେବ, ଦାତା ହୋଇପାରିବ, ପୁଣି ନେତା ହୋଇପାରିବ । ସାତ ପୁରୁଷ ପାଇଁ ସାଇତି ରଖିବ । ସେଥି ପାଇଁ ଶୁକୁଟାର ରଙ୍ଗଢଙ୍ଗ ସବୁ ସହଜରେ ବଦଳି ଯାଇଛି । ଆଳପ ପାଠ ପଢି ଚାଟଶାଳୀରେ ଭୋଳା ଢେର ବୁଝି ପାରଛି ।

ଅଷ୍ଟମ ଋତୁ ରଙ୍ଗ ଲାଗିଲେ ସାଧାରଣରେ ମଣିଷ ନେତାଟିଏ ହୋଇ କେମିତି ରଙ୍ଗୀନ ଛତା ତଳେ ଚାଲେ । ଚାଳ ଛପରରୁ ଯାଇ ଛାତ ତଳେ ରହେ । ମଶିଣା ତେଜି ମଖମଲ ଶେଯରେ ଶୁଏ । ଜୀବନ ଚର୍ଯ୍ୟା ତ ନିହାତି ଭାବେ ବଦଳି ଯାଏ ବୋଲି ଭୋଳା ସହଜରେ ବୁଝାଇ ପାରିଛି । ବାଃ ତା ମଗଜକୁ ମାନିବାକୁ ପଡିବ ।

ରଥେ ଆଜ୍ଞା ଏମିତି ସବୁ ଭାବୁଛ ? ଭୋଳା ପଚାରିଦେଲା ।

ନାହିଁ ନାହିଁ ସେମିତି କିଛି ନୁହେଁ ତୁ, ଯା'ଯା ଘରକୁ ଯା । ରାତି ଘଡିଏ ହେଲାଣି ଘର ଲୋକ ତୋତେ ଅନାଇ ବସିଥିବେ । ମୁଁ ଯାଉଛି, ଭୋଳା ଆଉ ଭଗବାନ ରଥେ ନିଜ ନିଜ ବାଟରେ ଚାଲିଗଲେ । ଅଳ୍ପ ଦୂରରେ ଭାଗବତ ଟୁଙ୍ଗିରୁ ମାଇକିରୁ ଭାସି ଆସୁଥିଲା-

ଯେ ଜନ କ୍ରୋଧ ବିବର୍ଜିତ ,

ତାହାର ସୁହୃଦ ଜଗତ ।

ଯେ ପ୍ରାଣୀ ମୋର ପାଦପଦ୍ମେ,

ମନ ଅର୍ପଇ ଅପ୍ରମାଦେ ।

ତାହାର ଗୁଣମୟ ଧର୍ମ,

ନୁହଇ ମାୟାରେ ସେ ଭ୍ରମ ।

ଯାବତ ମତେ ନ ଭଜଇ,


ଭ୍ରମଇ ମାୟା ଭ୍ରମେ ସେହି ।

*****

ବଉଳ ଛକ ,ତାଳଚେର ଟାଉନ,ଅନୁଗୁଳ .
ମୋ.-୯୩୩୭୯୭୨୭୪୯

(ବ୍ୟଙ୍ଗ –ଗଳ୍ପ)

# ପୁଣ୍ୟଫଳ



**ଭିକାରୀ ରଥ**

ଆଜି ପୁଣ୍ୟର ବର୍ଷା ହେବ । ଭୋରରୁ ଯିବାକୁ ପଡିବ । ଏହା ପଛରେ ଦୁଇଟି କାରଣ ଥାଇ ପରେ । ହୁଏତ ବର୍ଷା ହେଉଥିବା ପୁଣ୍ୟକୁ ବଡି ସକାଳୁ ଲୋକେ ସାଉଁଟି ନେଇ ପଳାଇବେ । ପଛରେ ଯାଉଥିବା ଲୋକଙ୍କ ପାଇଁ ବଳକା ରହିବ ନାହିଁ । ନତୁବା ବର୍ଷୁଥିବା ପୁଣ୍ୟ କୁଆପଥର ପରି ହୋଇଥିବ, ଖରା ବାଜିଲେ ତରଳି ମାଟିରେ ମିଶିଯିବ ।

ଇଏ୍େ ପୁଣି ଏମିତି ସେମିତିକା ପୁଣ୍ୟ ନୁହେଁ । ଚୋରୀ, ଡକାୟତି. ବଳାତ୍କାର, ଠକେଇ, ଦଣ୍ଡିମରା, ତଷ୍ଟିଚିପା, ନରହତ୍ୟା ଆଦି ଯେତେ ପାପ କରିଥିବ, ପାଣି ଫୁଆରା ତଳେ ଦେହରୁ ସାବୁନ୍ ଫେଣ ଧୋଇଗଲା ପରି ସବୁ ଏକା ନାକବୁଡା ବୁଡରେ ଧୋଇହୋଇଯିବ । ତାହା ଉତ୍ତାରୁ ଚର୍ଚ୍ଚରେ ପାଦ୍ରୀଙ୍କ ଆଗରେ "କନ୍‌ଫେସନ୍" କଲାଭଳି ଠାକୁରଙ୍କ ଆଗରେ ସବୁ ମାନିନେଇ ମାଫି ମାଗିନେବ । ସେ ତୁମକୁ କ୍ଷମା ଦେବା ସହ ଆଉ ଯାହା ସବୁ ମାଗିବ ଦେଇଦେବ ।

ଆଜିପରା କାର୍ତ୍ତିକ ପୂର୍ଣ୍ଣିମା । ମହାନଦୀ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ପୁଣ୍ୟବର୍ଷା ସରିଯିବା ଆଗରୁ ଗଡଗଡିଆ ଠାରେ ରୁଣ୍ଡ ହେବେ । ଧନୀଠାରୁ ଗରିବ ଯାଏ, ଉଚ୍ଚଶିକ୍ଷିତଠାରୁ ଗଜମୂର୍ଖ ଯାଏ, ଶାସନ ଦଳିଆଙ୍କଠାରୁ ବିରୋଧି ଦଳିଆ ଯାଏ, ଅପରାଧିଠାରୁ ବିଚାରପତିଙ୍କ ପର୍ଯ୍ୟନ୍ତ ସବୁ ଏକା ଘାଟରେ ଜମା ହେବେ –ସାମ୍ୟବାଦର ବିରଳ ଦୃଶ୍ୟ । ଅବ୍ରାହ୍ମଣ ମଧ ପଇତା ପକାଇ ଲୋକଙ୍କୁ ଚିତା କଟୁଥିବାର ଦେଖିବାକୁ ମିଳିବେ ।

ଅନ୍ଧାର ଥାଉ ଥାଉ ମାଧିଆ ତା' ସ୍ତ୍ରୀ ରଙ୍ଗଙ୍କୁ ସ୍କୁଟିରେ ବସାଇ ହେଡ୍‌ଲାଇଟ୍ ଜଳାଇ ହାଡଭଙ୍ଗା ଶୀତରେ ଗଡଗଡିଆ ଘାଟ ଆଡେ ଛୁଟିଗଲା । ଦୂରରେ ପାଣିଟାଙ୍କି ପାଖ ଷ୍ଟାଣ୍ଡରେ ଗାଡିରଖି ଚାଲିଚାଲି ନଈଘାଟରେ ପହଞ୍ଚିବା ବେଳକୁ ଘାଟ ଲୋକାରଣ୍ୟ । କୂଳରେ ଲୁଗାପଟା ଥୋଇ ଗାଧେଇବା ବେଳେ କିଏ ସେସବୁ ନେଇଯିବ ବୋଲି ଭାବି ମାଧିଆ ଗାମୁଛା ପିନ୍ଧି ଓ ରଙ୍ଗ କସ୍ତା ପିନ୍ଧି ଗାଡି ଷ୍ଟାଣ୍ଡରୁ ନଦୀଘାଟ ପର୍ଯ୍ୟନ୍ତ ଲମ୍ବା ପଦଯାତ୍ରା କରିଥିଲେ । ପଇସା ପତ୍ର ,ଘଣ୍ଟା,ଜୋତା ଇତ୍ୟାଦି ଗାଡି ଡିକିରେ ପୂରାଇ ତାଲା ପକାଇ ଦେଇଥିଲେ । ରଙ୍ଗ ଟିକିଏ ଆପତ୍ତି କରିଥିଲା- ଏତେ ବାଟ ଗାମୁଛା ପିନ୍ଧି ଚାଲିଚାଲି ଯିବି ?

ମାଧିଆ ବୁଝାଇ ଦେଲା – କଷ୍ଟ କଲେ କୃଷ୍ଣ ମିଳେ । ଆମେ ଚଞ୍ଚଳ ଗାଧୋଇ ପଡି ଫର୍ଚ୍ଚା ହେବା ଆଗରୁ ଗାଡିରୁ କାଢି ଲୁଗାପଟା ପିନ୍ଧି ପକାଇବା ଅନ୍ଧାରରେ ଚିହ୍ନିବ କିଏ ?

ଛେଳି ଭଳି ମାଧିଆର ପାଣିରେ ଗୋଡ ବୁଡାଇବାକୁ ଡର । ଖରାଦିନେ ମଧ ଛୋଟ ବାଲ୍ଟିରୁ ଅଧ ବାଲ୍ଟି ପାଣିରେ ତା'ର ଯାବତୀୟ ନିତ୍ୟକର୍ମ ସରିଯାଏ । ଢାଳେ ପାଣି ଅଧିକା ଢାଳି ହେଲେ ଦୁଇଘଣ୍ଟା କ୍ରମାଗତ ଛିଙ୍କିବ । ଡାକ୍ତର କହିଥିଲେ , ଏଇଟା ହାଇଡ୍ରୋଫୋବିଆ ରୋଗ । ତଥାପି ଅକଳନ ପୁଣ୍ୟପ୍ରାପ୍ତି ଲୋଭରେ ବର୍ଷରେ ଥରେ ତ ରିସ୍କ ନେବାକୁ ପଡିବ ।

ରଙ୍ଗ ମହିଳାଙ୍କ ମେଳରେ ଓ ମାଧିଆ ଅଣ୍ଡିରାଙ୍କ ମେଳରେ ଅଣ୍ଟାଏ ପାଣିରେ ପଶିଲେ । ନାକଟାକୁ ଚିପିଧରି ମାଧିଆ ଭୁସ୍‌କରି ପାଣି ଭିତରେ ବସିଗଲା । ଏହି ଅକସ୍ମାତ କାଣ୍ଡରେ ଜଣେ କେହି ପ୍ରବଳ ବେଗରେ ତା' ଦେହରେ ଘଷି ହୋଇଗଲା । ସିଏ ଅଭାଷାରେ ମାଧିଆକୁ ବହେ ଶୋଧିଗଲା । ପାଣି ତଳେ ମାଧିଆ କୋଉ ଶୁଣିପାରୁଛି । ବରଂ ଚଳନ୍ତା ପାଣିରେ ପାଦଥାପିବା ପାଇଁ ବାଲି ଅଣ୍ଡାଳୁ ଥିଲା ।

ରଙ୍ଗ କେତେବେଳେ ବୁଡ଼ ପକାଇ ଶୀତରେ ଥରିବା ସହ ପାଣି କୂଳରେ ମାଧିଆକୁ ଅପେକ୍ଷା କରିଥାଏ । ମାଧିଆର ଦେଖା ନାହିଁ । ମାଛି ଅନ୍ଧାରରେ ମାଧିଆର ଅବସ୍ଥିତି ଜାଣି ହେଉନାହିଁ । ଆପଣାର ରିଙ୍ଗ୍‌ଟୋନ୍‌ରୁ ସମସ୍ତେ ନିଜ ମୋବାଇଲ ଚିହ୍ନନ୍ତି । ଛିଙ୍କ ଶବ୍ଦରୁ ରଙ୍ଗ, ମାଧିଆର ଠିକଣା ଜାଣିପାରି ଡକା ପାରିଲା –କିହୋ ! ଶୀଘ୍ର ଆସୁନ ? ମୁଁ ଏଠି ଥରୁଛି, ତୁମ ମୁଣ୍ଡବୁଡା ସରୁନାହିଁ ? ତହିଁରେ ପୁଣି ଓଦାଲୁଗାରେ ଠାକୁର ଦର୍ଶନ କରି ଚାଲିଚାଲି ଗାଡ଼ି ଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବାକୁ ପଡିବ ।

ସେହିଠାରୁ କାତର ସ୍ୱରରେ ମାଧିଆ କହିଲା –" ମୁଁ ତୁମ ଯାଏ

GALPA

ଯାଇପାରିବି ନାହିଁ।

ଆକ୍ରୋଶ ଓ ଆଶଙ୍କାକୁ ଏକାଠିକରି ରଙ୍ଗ କହିଲା –ମୋ ପାଖକୁ ଆସିବ ନାହିଁ ତ ଆଉ କାହା ପାଖକୁ ଯିବ ? ସେ ପେଖନା ଛାଡ଼ି ଚଂଚଳ ପାଣି ଭିତରୁ ଉଠିଆସ।

ମୁଁ ଉଠିପାରିବି ନାହିଁ କି ଆଉ ଆଗକୁ ଯାଇ ପାରିବି ନାହିଁ।

ରଙ୍ଗ ଶଙ୍କିଯାଇ କହିଲା -ଆମ୍ବୁଲାନ୍ସ ଡାକିବି ?

ମାଧିଆ ଚଢା ଗଳାରେ କହିଲା –"ନାଇଁ ହୋ , ମୋ ଗାମୁଛା ଅଣ୍ଟାରୁ ଖସି ପାଣି ତଳେ ରହିଯାଇଛି । ପାଂଚ ଛଅ ଥର ବୁଡ଼ିଲିଣି, ହାତରେ ବାଜୁନି । କିଛି ଅଣ୍ଟାରେ ନ ଗୁଡେଇଲେ ପାଣିରୁ ଉଠିବି କେମିତି ? ଖଣ୍ଡେ ଗାମୁଛା କାହାଠାରୁ ମାଗିଆଣି ମତେ ଦିଅ।"

ମୁଁ ଏଇନା ଗାମୁଛା କାହାକୁ ମାଗିବି । ଯଦି ବା କେହି ଦେଲା, ସିଏ କ'ଣ ଗାମୁଛା ଫେରି ପାଇବାକୁ ଆମ ପଛେ ପଛେ ଗାଡ଼ିଷ୍ଟାଣ୍ଡ ଯାଏ ଗୋଡାଇବ ? ବରଂ ଗାଡ଼ି ଚାବି ମୋ ପାଖକୁ ପକାଅ , ମୁଁ ପଚ୍ଛକେ ଷ୍ଟାଣ୍ଡକୁ ଯାଇ ତୁମ ଲୁଗାପଟା ନେଇ ଆସିବି । ମୋର ବି ପାଲଟି ପକାଇବି । ରଙ୍ଗ ପ୍ରସ୍ତାବ ଦେଲା ।

ଚାବି କ'ଣ ପାଖରେ ଅଛି ? ହତାଶ ହୋଇ ମାଧିଆ କହିଲା –ଚାବି ପରା ଅଣ୍ଟାରେ ଖୋସିଥିଲି । ଗାମୁଛା ତାକୁ ସାଙ୍ଗରେ ନେଇ ଯାଇଛି ।'

ରଙ୍ଗ ଏବେ କ'ଣ କରିବ ବୁଝିପାରିଲା ନାହିଁ। ସମସ୍ତେ ନିଜନିଜ ଲୁଗା ପଲଥିନରେ ପୂରାଇ ପଳାଇବାରେ ବ୍ୟସ୍ତ । ଦେଖିଲା ଅଦୂରରେ ଜଣେ ଚିତାକଟା ଟୋକାନନା ବୁଲୁଛନ୍ତି । ତାଙ୍କର ଦୁଇକାନ୍ଧରେ ଦୁଇ ଖଣ୍ଡ ଗାମୁଛା ଶୋଭା ପାଉଛି । ହାତେର ପିତଳ ଚାଙ୍ଗୁଡ଼ିରେ ଚନ୍ଦନ, ସିନ୍ଦୁର,ଫୁଲ ଓ ବେଲପତ୍ର । ଖପକିନା ରଙ୍ଗ ତାଙ୍କର ହାତ ଧରି ପକେଇ ବିକଳରେ କହିଲା ," ନନା ! ତୁମ ଗାମୁଛା କିଛି ସମୟ ପାଇଁ ଉଧାର ଦେବ ? ଭଲ କରି ଦକ୍ଷିଣା ଦେବି।"

ଗୋସେଇଁ ପଚାରିଲେ ,କ'ଣ ମୁଣ୍ଡ ପୋଛିବ ?

ରଙ୍ଗ ନିଜର ଦୁଃଖ କାହାଣୀ ଶୁଣାଇ କହିଲା ,-ଆମେ ଗାଡ଼ିଷ୍ଟାଣ୍ଡରେ ଲୁଗା ବଦଳାଇ ସାରି ତୁମ ଗାମୁଛା ଆଣି ଦେଇଯିବୁ।

ନନା କହିଲେ ,-ଏଇନା ପରା କହୁଥିଲ ଗାଡ଼ି ଚାବି ପାଣିରେ ପଡି ଯାଇଛି ? ମତେ ଠକିବାକୁ ଚେଷ୍ଟା କରୁଛ ?

ପୁନଶ୍ଚ ନନା କହିଲେ ,-ମୁ ତୁମକୁ ଜାଣିନାହିଁ କି ଚିହ୍ନିନାହିଁ । କୋଉ ବିଶ୍ୱାସରେ ଏ ଦାମୀ ଗାମୁଛା ଦେବି ? ହସ୍ତ ଶିଳ୍ପ ମେଳାରୁ ଏ ଗାମୁଛା କିଣି ତାକୁ ଛେନାପାଣି କଷ ଦେଇ ପଚେଇ ରଖିଛି । ମୋର ପ୍ରଦର୍ଶନୀ ଯିବା ଖର୍ଚ୍ଚ ,ଖାଇବା ପିଇବା ଖର୍ଚ୍ଚ ସବୁ ମିଶାଇଲେ ଗାମୁଛା ଦାମ ପାଞ୍ଚଶହ ଟଙ୍କା ହବ । ଯଦି ପାଞ୍ଚଶହ ଦେବ ଗାମୁଛାଟା ପୂରା ଦେଇଦେବି ।

(ଏହା ୨୨/୨୩ ବର୍ଷ ତଳର କଥା ।ସେତେ ବେଳେ କାଁ ଭାଁ ଲୋକଙ୍କ ପାଖରେ ମୋବାଇଲ୍ ନ ଥିଲା । ନହେଲେ ଘରକୁ ଫୋନ୍ କରି ହୋଇଥାନ୍ତା ।)

ମାଧିଆର ଗାମୁଛା ଖୋଜା ଚେଷ୍ଟାରେ ବିରାମ ନଥାଏ । ଶେଷ ଚେଷ୍ଟା ସ୍ୱରୂପ ଆଉ ଥରେ ବୁଡ଼ିଲା । ଗାମୁଛା ଭଳି କିଛି ଭାସୁଥିବାର ହାତକୁ ଲାଗିଲା । ସରାଗରେ ମୁଠାଇଧରି ଉପରକୁ ଉଠିଲା । ମୁଣ୍ଡ ଉପରକୁ ଟେକିବା ମାତ୍ରେ ଠୋ କିନା ଗାଲରେ ଶକ୍ତ ଚଟକଣା ବାଜିଲା । ପାଖରେ ବୁଡ଼ ପକାଉଥିବା ଲୋକ ଜଣକ ତାଙ୍କ ଗାମୁଛା ଝିଙ୍କିନେଇ ଅଣ୍ଟାରେ ଗୁଡାଇ ହୋଇ ପଡିଲେ ।

ରଙ୍ଗ ଟିକେ ଇତସ୍ତତ ହୋଇ କହିଲା –ଏଇନା ମୋ ପାଖରେ ପଇସା ନାହିଁ । ସବୁ ଗାଡ଼ି ଭିତରେ ଓ ଗାଡ଼ି ଚାବି ପାଣି ଭିତରେ ।

"ଏଇନା ପରା କହୁଥିଲ ଭଲକରି ଦକ୍ଷିଣା ଦେଇଥାନ୍ତ "। ଅନ୍ୟ ଲୋକର ମୁଣ୍ଡରେ ଚନ୍ଦନ ଲଗାଉ ଲଗାଉ ଗୋସେଇଁ କହିଲେ ।

ଆମ ସାଙ୍ଗରେ ଆମ ଘର ଯାଏ ଚାଲ । ସେଇଟି ପହଞ୍ଚି ଶହେ ଟଙ୍କା ଦେବି ।

ତୁମ ପାଲଟା ଗାମୁଛା ମୁଁ ଫେରସ୍ତ ନେବି ନାହିଁ । "ନନା ସଫା ସଫା କହିଲେ , " ଏତେ କଥାରୁ ମତେ କ'ଣ ମିଳିବ ? ମୁଁ ଏଠୁ ଯଜମାନ ଛାଡି ତୁମ ପଛରେ ଗୋଡେଇ ପାରିବି ନାହିଁ । ପାରୁଛ ତ ପାଞ୍ଚଶହ ଟଙ୍କା ଦେଇ ଗାମୁଛା ନେଇଯାଅ, ନହେଲେ ବାଟେ ବାଟେ ଯାଅ ।

ଆଉ କିଛି ଉପାୟ ନ ପାଇ ରଙ୍ଗ ହାତରୁ ପଟେ ସୁନା ଚୁଡ଼ି କାଢି ନନାଙ୍କ ହାତକୁ ବଢାଇ ଦେଇ କହିଲା, ତେବେ ଏଇଟା ରଖି ମତେ

ଗାମୁଛା ଦିଅ। ମୁଁ ପଇସା ଆଣି ତୁମକୁ ଦେଇ ମୋ ଚୁଡ଼ି ନେଇଯିବି। ଏଇ ମନ୍ଦିର ଚଉରା  ପାଖରେ ଥିବ । ଭାବିଲା ,କିଛି ନ କଲେ ମାଧିଆ ସନ୍ନିପାତରେ ମରିଯିବ।

ରଙ୍ଗ ଖୋଜି ଖୋଜି ମାଧିଆ ପାଖକୁ ଯାଇ ଗାମୁଛାଟିକୁ ତା'ଉପରକୁ ଫୋପାଡି ଦେଲା। ସେଇଟା ପୁଣି ପାଣି ସୁଅରେ ଭାସି ଯାଉ ଯାଉ ତାକୁ ଖପକିନା ମାଡିବସି ଅଣ୍ଟାରେ ଗୁଡାଇ ପାଣିରୁ ବାହାରି ଆସିଲା। ବରଡା ପତ୍ର ପରି ଥରୁଥାଏ।

ଦୁହେଁ ଗୋଟିଏ ରିକ୍ସାରେ ବସି ଘରେ ପହଞ୍ଚିଲେ ସେଇ ଲୁଗାରେ। ଯାହାହେଉ ଗାଡ଼ିର ଦ୍ୱିତୀୟ ସେଟ୍ ଚାବି ବହେ ଖୋଜାଖୋଜି ପରେ ତାଜା ଉପରୁ ପିଲାଙ୍କ ପୁରୁଣା ଜ୍ୟାମିତିବାକ୍ସ ଭିତରୁ ମିଳିଲା। ପୁଣି ରିକ୍ସାଭଡା କରି ଗାଡ଼ିଷ୍ଟାଣ୍ଡକୁ ଆସିଲା ବେଳକୁ ଷ୍ଟାଣ୍ଡ ଖାଲି। ଖାଲି ଯାଙ୍କର ସ୍କୁଟି ଏକୁଟିଆ ଠିଆ ହୋଇଛି।

ସ୍କୁଟି ନେଇ ଘାଟ ପାଖରେ ପହଞ୍ଚିଲା ବେଳକୁ ଘାଟ ଜନଶୂନ୍ୟ। ଦିନ ଏଗାରଟା ବେଳକୁ ପୁଣ୍ୟ ଗୋଟେଇବାକୁ କିଏ ଅପେକ୍ଷା କରନ୍ତା। ସେ ଟୋକା ନନାଙ୍କର ମଧ ଦର୍ଶନ ନାହିଁ।

ଏକା ବେଳେ କେ ଦୁହେଁ ଜ୍ୱରରେ ପଡିଗଲେ  । ଡାକ୍ତର ପାଖକୁ ଦଉଡି ବହେ ପଇସା ଖର୍ଚ୍ଚ ପରେ ଦୁହେଁ ସୁସ୍ଥ  ହେଲେ । ସଂଧ୍ୟାବେଳେ ସାମାନ୍ୟ ସୁସ୍ଥ, ରଙ୍ଗ ପଚାରିଲା –'ଆର ବର୍ଷକୁ ବୁଡ ପକାଇବାକୁ ଯିବା ?

ବହେ ଛିଙ୍କିସାରି ମାଧିଆ କହିଲା –'ମୁଁ ପରା ଗାମୁଛା ଓ ଗାଡ଼ି ଚାବି ଖୋଜିବାକୁ ଯେତେ ବୁଡ଼ ପକାଇଛି, ସାତଜନ୍ମ ପର୍ଯ୍ୟନ୍ତ ମନଇଚ୍ଛା ପାପ କଲେ ମଧ ଚିନ୍ତାନାହିଁ।

*****

ମୋ.-୯୬୦୨୪୨୫୬୦୭
ପ୍ଲଟ ନଂ.-ସି୧/୩୬
ଆରାବଳୀ ହାଇଟସ, ଦ୍ୱାରକାଧୀଶ, ସେକ୍ଟର-୨୪
ଧାରୁହେଡ଼ା-୧୨୩୧୦୬ (ହରିୟାଣା )

# ବାମା ବନାମ ବୋମା



ବ୍ରଜବିହାରୀ  ଦାଶ (ବ୍ୟଙ୍ଗ ଭାରତୀ )

ବାମା ଆଉ ବୋମା ଶବ୍ଦ ଏ'କାର ଭେଦ ପ୍ରଭେଦ

ପରିବାର ଠାରୁ ରାଷ୍ଟ୍ର ନିମନ୍ତେ ହିତ ,

ହାତୁ ହୋଇଲେ ବାହାର କରିଦ୍ୟନ୍ତି ଛାରଖାର

ଦୁହେଁ ଶକ୍ତିଶାଳୀ ଏହାଅଛି କଥିତ,

ନମସ୍ତୁଭ୍ୟମ୍ ବାମା ଓ ବୋମା

ତୁମ ଗୁଣ ବଖାଣୁଛି କରିବ କ୍ଷମା।।

ବାମା ଅର୍ଥାତ ସ୍ତ୍ରୀ ବୋମା ଯଥା ନିଉଟନ ବମ୍ ପରମାଣୁ ବମ୍, ବୋଫର୍ସ, ଅଗ୍ନି ଆଦି କ୍ଷେପଣାସ୍ତ୍ର ବମ୍। ଜଣେ ପରିବାର ତଥା ସମାଜ ରକ୍ଷାପାଇଁ ଯେତିକି ଦରକାର, ଅନ୍ୟଟି ଦେଶ ରକ୍ଷାପାଇଁ  ସେତିକି ଦରକାର । ଯେଉଁ ରାଷ୍ଟ୍ର ପାଖରେ ଯେତେ ଶକ୍ତିଶାଳୀ ବମ୍ ଥାଏ ସେ ରାଷ୍ଟ୍ର ସେତେ ସୁରକ୍ଷିତ ରହିଥାଏ। ହେଲେ ସେହି ବମ୍ ଅଣାୟତ ହେଲେ ବା ମାଓବାଦୀ ଉଗ୍ରବାଦୀ ସନ୍ତ୍ରାସବଦୀ ହାତରେ ପଡିଲେ ଦେଶର ଅବସ୍ଥା କ'ଣ ହୁଏ ଆମେ ଭାରତବାସୀ ହିସାବରେ ବେଶ ହୃଦୟଙ୍ଗମ କରିସାରିଛୁ। ଏବେ ପାଠକେ ଆସନ୍ତୁ ଜାଣିବା ବାମା ସହ ବୋମାକୁ ନେଇ ଉଦ୍‌ଭଟ କାହାଣୀ ରଚନା କରିବାର କାରଣ କ'ଣ ?

ଥରେ ଖବର କାଗଜରେ ବାହାରିଥିଲା, ଅମକ ଗାଁରେ ଥିବା ମଦ ଦୋକାନ ବାମା ମାଡରେ ଧ୍ୱଂସ ପାଇଲା। ଆମ ଗାଁର ଲଳନାମାନେ ଶକ୍ତିଶାଳୀ  ହେଲେଣି ଯେ  ମାଡମାରି ମଦ ଦୋକାନକୁ

ଧ୍ୱଂସ କରିବାର ଶକ୍ତି ହାସଲ କଲେଣି । ପରଖିବାକୁ ଗାଆଁକୁ ଗଲି । ପ୍ରକୃତ କଥା ଜାଣିଲି । ଦୁଇ ରାଜନୈତିକ ଦଳର ହିଂସା ଯୁଦ୍ଧରେ ଜଣେ ବିପକ୍ଷବାଦୀ ମଦ ଦୋକାନକୁ ବୋମାମାରି ଧ୍ୱଂସ କରି ଦେଇଛି । ମନ ଦୁଃଖୀ ହେଲା ପୁଣି ସରକାରୀ ପ୍ରୋତ୍ସାହନ ପାଇ ମଜଭୁତ ଅଟ୍ଟାଳିକା ତୋଳାଯାଇ ମଦ ଦୋକାନ ପ୍ରତିଷ୍ଠା ହେବାର ଯୋଜନା ଚାଲିଛି । ଖବର କାଗଜ ଅଫିସ ସହ ଯୋଗାଯୋଗ କଲି । ସମ୍ପାଦକ ହସିହସି କହିଲେ ବାମା ଆଉ ବୋମାର ପ୍ରଭେଦ ଖାଲି ଏ'କାର । ପଦ୍ୟ ଆକାରରେ ନୁହେଁ କେତେ ଉପକାରୀ କହିବାକୁ ଯାଇ ବୁଝାଇଦେଲେ ବାମା ବଂଶ ରକ୍ଷାକରେ । ବୋମା ଦେଶ ରକ୍ଷାକରେ । ଯେଉଁ ପରିବାରରେ ବାମା ସୁଶୀଳା, ଶିକ୍ଷିତା, ସଦାଚାରୀ ଓ ସୁଗୃହିଣୀ ହୋଇ ରହିଥାଏ. ସେପରିବାର ହୋଇଯାଏ "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ,ପରସ୍ପର ସ୍ନେହ ପ୍ରୀତି ଥାଏ ନିରନ୍ତର ।" ବାମା ବିପଥଗାମୀ ହେଲେ ସେ ପରିବାର ନର୍କ ପାଲଟିଯାଏ । ବାମା ବା ନାରୀ, ସବୁ କ୍ଷେତ୍ରରେ ପୁରୁଷର ଦୁଇଗୁଣ । ନର ଦୁଇ ଅକ୍ଷରକୁ ନାରୀ ଅଟେ ତିନି (ନ+ଆକାର+ର+ଇ'କାର) ଏଣୁ ନାରୀ ସବୁକ୍ଷେତ୍ରେ ପୁରୁଷଠୁ ଭାରି । ଘର ଚଳାଇବା ଠାରୁ ଘରଭାଙ୍ଗିବା, ଯୋତା ସଫା କରିବାଠୁ ଚଣ୍ଡିପାଠ କରିବା, ଦେଶ ଚଳାଇବାଠାରୁ ଦେଶକୁ ଧ୍ୱଂସ ମୁଖରେ ପକାଇବା, ସବୁଥିରେ ପାରଙ୍ଗମ । ଏଣୁ ନାରୀଙ୍କ ଗୁଣ ଅନୁସାରେ ତାଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ ଯଥା- ପ୍ରଥମରେ କ୍ରୋଧେଦାସୀ ରତେ ବେଶ୍ୟା, ଭୋଜନେ ଜନନୀସମା, ବିଗ୍ରହେ ସୁମନ୍ତ୍ରେୟଚ ସାନାରୀ ପ୍ରାଣ ବଲ୍ଲଭା । ମୁଦ୍ରାର ଅପର ପାର୍ଶ୍ୱଭଳି ଦୁଇ ନମ୍ବର ନାରୀ ହେଲେ, କ୍ରୋଧେ ବ୍ୟାଘ୍ରୀ ରତେ ସର୍ପା ଭୋଜନେ ରାକ୍ଷସୀ ସମା, ବିଗ୍ରହେ କୁମନ୍ତ୍ରେୟଚ ସାନାରୀ ପ୍ରାଣଘାତିକା । ଆମ ସମାଜରେ ପ୍ରଥମ ଶ୍ରେଣୀର ଅମୃତତୁଲ୍ୟ ପ୍ରାଣବଲ୍ଲଭା ନାରୀଙ୍କ ସଂଖ୍ୟା ଅନେଶତ ପ୍ରତିଶତ ଥିଲେ ପ୍ରାଣ ଘାତିକାର ସଂଖ୍ୟା ଶତକଡା ଏକ ପ୍ରତିଶତରୁ କମ । ଗୋଟିଏ ପୂର୍ଣ୍ଣ ଅମୃତ କଳସୀକୁ ବୁନ୍ଦାଏ ବିଷ ନଷ୍ଟ କରିଦେବା ଭଳି ଏକ ପ୍ରତିଶତ ଖଳନାରୀ ଦ୍ୱାରା ସମାଜ କଳୁଷିତ ହୋଇଯାଇଛି । ଅଜିକାଲି ସ୍ୱାମୀକୁ ବାହାରିଯା କହିଲା ବାଲା ଭାର୍ଯ୍ୟାର ଅଭାବ ନାହିଁ । ସ୍ତ୍ରୀ ହୋଇ ସ୍ୱାମୀକୁ ଇସ୍ତ୍ରୀ କରି ସୋକେଶରେ ଡମି କରି ରଖିଦେଉଛନ୍ତି । ହେଲେ ସ୍ତ୍ରୀକୁ ମାଇପ କହିଲେ ତାଙ୍କ ରାଗ ପଞ୍ଚମରେ ରହୁଛି । ନାକ ଟେକୁଛନ୍ତି । ମାଇପ ଡାକ ବୁଡିଗଲାଣି । ମାଇପ ବୋଲି ଯେଉଁ ପଦ ଗୋଟି ଜାଣ, ପଦନୁହେଁ ଏହା ଅଟେ ପୂର୍ଣ୍ଣ ଶବ୍ଦବ୍ରହ୍ମ । ପ୍ରଥମ ଅକ୍ଷର ମା ଦ୍ୱିଜ ଅଟେ ଆଇ ତୃତୀୟ ଅକ୍ଷର ପୁତ୍ର ବୁଝାଯେ ପଡଇ । ସେ ମାଆପରି ଖୋଇଥାଏ । ଆଇ ପରିସ୍ନେହ ଦେଇଥାଏ ବୃଦ୍ଧକାଳେ ସେବିଥାଏ ସତେ ଗୋଟେ ପୁଅ । ମାଇପ କହିଣ ତାଙ୍କୁ ସନମାନ ଦିଅ ।

ନାରୀମାନେ ତ୍ରିଗୁଣ ଶକ୍ତିର ଅଧିକାରୀ, ତ୍ରିଗୁଣ ରଜୁ ହାତେ ଧରି । ନର ନଚାନ୍ତି ସର୍ବେନାରୀ, ସତ୍ୱ ରଜତମ ଗୁଣରେ ପୁରୁଷ ରୂପକ ଗୋସାମୀମାନଙ୍କୁ ନିଜ ପ୍ରେମ ଗୁହାଳରେ ବାନ୍ଧି ମନଇଛା ଉପଭୋଗ କରନ୍ତି । ନାରୀ ପୁରୁଷର ସମସ୍ତ ଧନର ସତ୍ୱାଧିକାରୀ (ବିମାଠାରୁ ପେନସନ୍ ଯାଏ),ନିଜ ଗୁଣ ରଜ ଦ୍ୱାରା ସୃଷ୍ଟି ସନ୍ତାନ ଦ୍ୱାରା ନିଜ ଭବିଷ୍ୟତ ସୁରକ୍ଷିତ କରିପାରନ୍ତି । ଆଉ ତମ ଗୁଣ ଅର୍ଥାତ ରାଗ :-

ହସକୁତ ଢାଲ ରାଗ କରି ଖଣ୍ଡ ଖଣ୍ଡା

ଭେଣ୍ଡା ପରୁଷକୁ କରିଦିଅନ୍ତି ମେଣ୍ଢା ।

ସଂସାର ହାଟରୁ ସୁଖ କିଣିଥାନ୍ତି

ମାରି ସାଲିମାର କେ ଏମ ପି

ଓ୍ୱାଇଫି ବନାମ ନାଇଫି

ଯେଉଁ ଛୁରିକାରେ କାଟିସେ ପାରନ୍ତି

ପୁରୁଷମାନଙ୍କ ଲାଇଫ୍,

ଦୁନିଆ କହଇ ଅବଳା ଦୃବଳା

ଛାର ଛିକର ମାଇପି ।"

ତାଙ୍କ କଥା ଅକାଟ୍ୟ । ଏ ଅଧମ ଭାଷାରେ –

ତାଙ୍କ କଥାଅଟେ ପାଷାଣରେ ଗାର,

ତାଙ୍କ ଛୁରିକାରେ ଦୁଇପଟେ ଧାର ,

ଗଙ୍ଗା ହେଲେ ଗାଙ୍ଗୀ ଛାଂଚୁଣୀ ଧରନ୍ତି

ଖୋଲି ଦେଇ ଗାଳି ପାଇପି ,

ତାପରେ କୁମ୍ଭୀର କନ୍ଦଣା କାନ୍ଦନ୍ତି

ହୁଅନ୍ତି ହାଇପି ସାଇପି

ଓ୍ୱାଇଫି ବନାମ ନାଇଫି ।

ନାରୀମାନେ ଅଳ୍ପ ପଢିଥାନ୍ତୁ ବା ନପଢିଥାନ୍ତୁ ପିଲା ହୋଇଗଲେ ସେ ପାଲଟି ଯାଆନ୍ତି M.A. ବା ପିଲାମାନେ ଡାକିଥାନ୍ତି ମା (M.A.) । ପୁରୁଷଟି କଲେକ୍ଟର ହୁଅନ୍ତୁ ବା ମନ୍ତ୍ରୀ ହୁଅନ୍ତୁ, ଡାକ୍ତର ହୁଅନ୍ତୁ ବା ପ୍ରଫେସର ହୁଅନ୍ତୁ ପିଲାଙ୍କ ପାଖରେ B.A. ପାଲଟି ଯାଆନ୍ତି ପିଲାଏ ଡାକନ୍ତି ବା (B.A.) । ଏଥିରୁ ଅନୁମେୟ ନାରୀପୁରୁଷ ମାନଙ୍କ ମଧ୍ୟରେ କିଏ ଭାରି କିଏ ପାୱାରଫୁଲ । ଏ ଅଧମର ଭାର୍ଯ୍ୟାବନ୍ଦନା କବିତାରେ – ତୁହିହେଲେ B.A. ସେମାନେ ତ M.A. ପିଲାମାନେ ତାଙ୍କ ଦଳ

ତାଙ୍କ କଥାମାନି ଚଳୁଥିବୁ ନିତି ଦେଖାଇବୁନି ତୋ ବଳ

ନାରୀ ନିର୍ଯାତନା ଦଫାରେ ପଡିବୁ

ଛାଡିଯିବ ତୋର ପ୍ରେମରେ ଗେରସ୍ତ । ଭଜୁଥିବୁ ଭାର୍ଯ୍ୟାନାମ

ଭଜି ନପାରିଲେ ଗେରସ୍ତ ମଣିରେ କପାଳ ହେବ ତୋ ବାମ ।

ପରିବାରରେ ଯଦି ସ୍ୱାମୀ ସ୍ତ୍ରୀ ଝଗଡା ଲାଗିଲେ ସେମାନେ ବାରଓଷା ତେରବ୍ରତ କରି ଦେହକୁ ଏପରି ଜାଲ ମାଡୁଆ କରିଦେଇତାନ୍ତି ଯେ ଢିଙ୍କି ଅବତାର ଧାରଣ ପୂର୍ବକ ଦୁଇ ତିନି ଦିନ ନିର୍ଜଳା ଏକାଦଶୀ କରି ଦିଅନ୍ତି । ଯଦି ପୁରୁଷ ତାଙ୍କୁ ଅନୁସରି ସେହିପରି ପାଣିଆ ଏକାଦଶୀ କରନ୍ତେ ଗୋଟିଏ ଦିନରେ ମୂର୍ଚ୍ଛା ହୋଇ ଯାଆନ୍ତେ । ଅବଶ୍ୟ ପୁରୁଷମାନେ ହୋଟଲରେ ଖାଇପିଇ ଅଭିନୟ ପୂର୍ବକ ଆରଖଟରେ ଅଜଗର ପରି ପଡିରହି ସ୍ତ୍ରୀର ଗତିବିଧିକୁ ଲକ୍ଷ୍ୟ କରିଥାନ୍ତି । ସବୁକ୍ଷେତ୍ରରେ ସ୍ତ୍ରୀକୁ ସ୍ୱାମୀ ଅନୁନୟ ବିନୟ କରି ମନାଇବାକୁ ପଡେ କାରଣ ସେ ସ୍ୱାମୀ । ଭୁଲ କରି ଯେ ଭୁଲମାନି ଯାଏ ସେ ହେଲା ସତ୍ୟବାଦୀ ପୁରୁଷ, କାଳେ ଅଲକ୍ଷ୍ୟରେ ଭୁଲ ହୋଇଥିବ ସନ୍ଦେହରେ ପଡି ଭୁଲ କରିଛି ବୋଲି କହେ ସେ ହେଲା ନିତୀବାନ ପୁରୁଷ । ସ୍ତ୍ରୀର ଭୁଲକୁ ଜାଣିଶୁଣି ନିଜ ମୁଣ୍ଡ ଉପରକୁ ଯିଏ ନେଇଯାଏ ସେ ହେଲା ସ୍ୱାମୀ ରୂପକ ସୁପୁରୁଷ ବା ସ୍ୱାମୀ । ଏକ୍ଷେତ୍ରରେ ସ୍ତ୍ରୀ ଅବଶ୍ୟ ସ୍ୱାମୀକୁ ହସିହସି କ୍ଷମା କରିଦିଏ ।

ଆଜିକାଲି ନାରୀନିର୍ଯ୍ୟାତନା ଯୌନବ୍ୟଭିଚାର ବଢିବଢି ଚାଲିଛି । ଏହା ପଛରେ ନାରୀର ଭୂମିକା ସବୁଠୁ ବେଶୀ । ଜଣେ ଜଣେ ନାରୀ ଶିବାଜୀ ପରି ସୁସନ୍ତାନ ତିଆରି କରିପାରନ୍ତି । ଅନ୍ୟ ଜଣେ ନାରୀ ସଂସ୍କାର ନଦେଇ ପବନ ଗୁମ୍ଫା ପରି କୁସନ୍ତାନ ତିଆରି କରନ୍ତି । ବଧୂନିର୍ଯ୍ୟାତନା ପଛରେ ଶାଶୁ ନଣନ୍ଦର ପ୍ରଚ୍ଛନ୍ନ ହାତଥାଏ । ଶାଶୁ ଶଶୁରଙ୍କୁ ନିର୍ଯ୍ୟାତନା ଦେବାରେ ଆଧୁନିକ ବୋହୂ ତଥା ମାଆଙ୍କର ହାତ ବି ଥାଏ । କେଉଁଠି ଶାଶୁ କେଉଁଠି ବୋହୂ ନିର୍ଯ୍ୟାତନାର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି ।

ଶାଶୁ ବୋହୂଙ୍କ କ୍ରିକେଟ୍‌ମ୍ୟାଚ୍ ଘରେ ଘରେ ଚାଲୁଛି । ଏ ଅଧମ ବାଚାଳ ଭାଷାରେ –

ଶାଶୁ ବୋହୂନାମେ ବୋହୂ ଶାଶୁନାମେ

ଘରେ ଘରେ ଚାଲେ ଚୁଗୁଲି

ପରିବାର ଶାନ୍ତି ଷ୍ଟମ୍ପ୍ ଭାଙ୍ଗିଯାଏ

ବୋହୂର ବୋଲିଂ ଗୁଗୁଲି

ଶାଶୁ ତ ପକାଏ ସ୍ପିନ୍

ତାଳିମାଡ ଦିଏ ବାହାର ଜନତା

ପୁଲକିତ ତାଙ୍କ ସ୍କିନ୍

ଅମ୍ପାୟର ସେଠି ଶଶୁର ବୁଢାଟି

କାହାକୁ କରିବେ ଆଉଟ୍

ବଲ୍ ହୋଇ ପୁଅ ଏପଟ ସେପଟ

ବଂଚାବଂଚା କରେ ସାଉଟ୍

ସାଜି ଧୋବା ଘର କୁତ୍ତା

ମାଆର ହେବ କି ମାଇପର ହେବ

ନାହିଁ ତା'ର ନିରାପତ୍ତା

ଝିଅଟିଏ ବିଭାହୋଇ ଆସେ । ସେ ନାରୀ ପାଲଟି ଯାଏ । ନାରି ନ+ଅରୀ ବା ଯାହାର କେହି ଶତ୍ରୁ ନଥାନ୍ତି । ସେତେବେଳେ ଶାଶୁ ଟିକେ ଟିକେ କଥାରେ ଉଲାହୁଣା ଦିଏ । ପୁଅ ପ୍ରତିବାଦ କଲେ ପୁଅକୁ ବୁଝାଇ ଦିଏ ପିଲାକୁ ଦଣ୍ଡିବ ଛୁଆବେଳେ । ବୋହୁକୁ ଦଣ୍ଡିବ ନୂଆବେଳେ । ନୂଆ

ବୋହୂଟି ପୁରୁଣା ହୁଏ, ସିଏବି ପ୍ରତିବାଦ କରି ଶାଶୁଙ୍କ ଦୋଷ ଦୁର୍ବଳତା ବଖାଣେ । ସମୟ ଆସେ ଉଭୟଙ୍କ ବାଦ ପ୍ରତିବାଦ ଏପରି ପ୍ରଚଣ୍ଡ ହୁଏ ଯେ ଏମାନଙ୍କ କଥା ଘରୁ ଯାଇ ବାହାରେ ପ୍ରଚାରିତ ହୁଏ । ଏ ହେଲା ଘରଘରର କାହାଣୀ ।

ନାରୀଟି ବଧୂବେଶରେ ଚନ୍ଦ୍ରମୁଖୀ ସାଜି ଆସିଥାଏ । ଯିଏ ଯାହା କହିଲେ ସ୍ମିତ ହସି କାମକରି ଯାଏ । ପିଲାଛୁଆ ହେଲାପରେ ଚେର ଲାଗିଯାଏ ସେ ଚନ୍ଦ୍ରମୁଖୀରୁ ସୂର୍ଯ୍ୟମୁଖୀ ପାଲଟିଯାଏ । ଟିକେ ଟିକେ କଥାରେ ସ୍ୱାମୀକୁ ଆକଟ କରେ । ପିଲାଏ ବଡ ହୁଅନ୍ତି, ସ୍ୱାମୀର ବୟସ ବି ଖସିଯାଏ । ଆୟ ବ୍ୟୟ ସବୁ ସ୍ତ୍ରୀ ହାତରେ ଥାଏ । ସିଏ ହୁଏ ଜ୍ୱଳାମୁଖୀ । ଆଉ ପୁରୁଷ ବିବାହ କରି ସ୍ତ୍ରୀ ଆଣେ । ତାକୁ କହନ୍ତି ଦମ୍ପତି, ମୋ ଭାଷାରେ ଦମଦାର୍ ପତି । ସ୍ତ୍ରୀକୁ ଆଗରେ ରଖି ସିନେମା ଟିକେଟ୍ ଠାରୁ ବ୍ୟାଙ୍କରୁ ଟଙ୍କା ଉଠାଇବା, ଟ୍ରେନ୍ ଟିକେଟ୍ କାଟିବା, ସବୁଥିରେ ପତ୍ନୀକୁ ଆଗରେ ରଖି ଦମଦାର ପତି ଦମ୍ପତି ପାଲଟି ଥାନ୍ତି । ଏପରି କି କିଛି ଅନୈତିକ କାର୍ଯ୍ୟକରି ଦେଲେ ତାର ନିଜ ପତ୍ନୀ ଅଛି, କହି କେହି ବିଶ୍ୱାସ କରନ୍ତି ନାହିଁ । କିଛି ଦିନ ପରେ ଚନ୍ଦ୍ରମୁଖୀ ସ୍ୱାମୀର ଆୟ ବ୍ୟୟ ଜାଣି ବ୍ୟାଙ୍କରେ ଜଏଣ୍ଟ ଆକାଉଣ୍ଟ କରାଇଦେଇ ଏ.ଟି.ଏମ. ହସ୍ତଗତ କରାଇନିଏ । ସ୍ୱାମୀଟି କେବଳ ଚିନିବୁହା ବଳଦ ପରି କାମ କରି ଚାଲିଥାଏ । ସେହି ଦମ୍ପତିରୁ ସମ୍ପତି ପାଲଟି ଯାଏ । ବୟସ ଖସି ଖସି ଗଲେ ପିଲାମାନେ ମାଆ ସହ ସବୁକାମ ନିଷ୍ପତି ନେଇଥାନ୍ତି । ପୁରୁଷଟି ପାଲଟି ଯାଏ ଲୋକ ଦେଖାଣିଆ ପରିବାରର ମୁଖ୍ୟ ରାଷ୍ଟ୍ରପତି । ରିଟାୟଡ ପରେ ଘରେ ବସେ । ଘରେ ସବୁ କାର୍ଯ୍ୟକୁ ନିଘା କରେ । କାହିଁକି ଏତେ ଖର୍ଚ୍ଚ ହେଉଛି, ଏତେ ଲୋକ କାହିଁକି ଆସୁଛନ୍ତି । ଏମିତି ସବୁ କଥାରେ ଚିଡିଚିଡି ହୁଏ । ସେତେବେଳେ ସେ ପାଲଟି ଯାଏ ବିପତ୍ତି । ସମସ୍ତେ ଚାହାଁନ୍ତି ତାଙ୍କର ସ୍ୱର୍ଗଗତି । ଥରେ ପୋଲିସ ଅଫିସର ଜଣେ ପ୍ରୋଢିକାଢି କହିଲେ ମୁଁ ହେଉଛି ପୁରୁଷ ସିଂହ, ନାମବି ଶାର୍ଦ୍ଦୁଳ ସିଂହ ,ଚୋର ଖଂଟ ନାମ ଶୁଣିଲେ ଡରନ୍ତି । ଅନୁସନ୍ଧାନରୁ ଜଣାଗଲା ଶାର୍ଦ୍ଦୁଳ ସିଂହଙ୍କ ଖଣ୍ଡା ପରି ଶାଣଦିଆ ନିଶ ଦୁଆର ବନ୍ଧ ପାରି ହେଲେ ଉପର ମୁହାଁ ହୋଇଯାଏ । ଡିଉଟି ସାରି ଘରେ ପହଁଚିଲେ ସ୍ୱତଃ ତଳମୁହାଁ ବା ନିମ୍ନଗାମୀ ହୁଏ । ସେ ମାନିଲେ ମୁଁ ସିଂହ । ବାହାରେ ଚୋର ଖଣ୍ଟଗୁଣ୍ଡାଙ୍କ ଦର୍ପଦଳା ଶାର୍ଦ୍ଦୁଳ ସିଂହ । ଘରେ ମା ଦୁର୍ଗାଙ୍କର ବାହାନ ସିଂହ । ପୁରୁଷର କୃତୀତ୍ୱ ନାରୀର ମାତୃତ୍ୱ ଉଭୟଙ୍କୁ ମହାନତା ପ୍ରଦାନ କରେ । ନାରୀ ମାତୃତ୍ୱ ପାଇଲା ପରେ ବାହାରେ ତାଙ୍କର କର୍ତ୍ତୃତ୍ୱ ବଢିଯାଏ । (ପିଲାର ମା ବୋଲି ତାଙ୍କୁ ଆଉ ଆଖିରେ ଚାହାଁନ୍ତି ନାହିଁ । ) ଘରେ କିନ୍ତୁ କର୍ତ୍ତୃତ୍ୱ ବଢିଯାଏ । କୃତୀତ୍ୱ ପାଇଲେ ବାହାରେ ପୁରୁଷର କର୍ତ୍ତୃତ୍ୱ ବଢିଯାଏ କିନ୍ତୁ ଘରେ କିଛି ପ୍ରଭାବ ପଡେନା । ପ୍ରମୋସନ ତଥା ଦରମା ବୃଦ୍ଧି ବ୍ୟତୀତ କବି କଳାକାର ସମ୍ମାନ ପାଇ ଫେରିଲେ ସ୍ତ୍ରୀ ତାସ୍ଛଲ୍ୟ କରି କହେ ଆସିଗଲେ ମୋ ନିଲଠା କବି । ବ୍ୟାସକବି ଫକୀର ମୋହନଙ୍କ ଭାଷାରେ-

ଦେଶହେ ଓକିଲେ ଭୁଲାଇ ମକଲେ

ଆଣନ୍ତି ଟଙ୍କା ଅରଜି ,

ସେ କଥା ମନରେ ନ ପକାଅ ଥରେ

ପଢ କବିତା ଗରଜି ।

ଭାତ ଶୁଖିଗଲା ଆସ ବାବୁଭଲା

ତୁଚ୍ଛା ଭାତ ଖାଅ ଖାଲି,

ଶୋଇଲେ ସକଳେ ବସିବ ନିରୋଳେ

କବିତା ଲେଖିବ ବୋଲି ।

ଆମେ ଏହି ପ୍ରସଙ୍ଗରେ ପ୍ରାଣ ଘାତିନୀ ନାରୀଙ୍କ ସମ୍ୟକ ଗୁଣ ବର୍ଣ୍ଣନା କଲେ । ଏହି ପ୍ରାଣ ଘାତିନୀ (ଏକ ପର୍ସେଣ୍ଟ)କୁ ଏହି ବ୍ୟଙ୍ଗକାର ଅନୁରୋଧ କରେକି ନାରୀ ନାରାୟଣୀ, ପତନରୁ ରକ୍ଷା କରୁଥିବା ପତ୍ନୀ +ଅରୀ ନାରୀ ସାଜି ଏ ପୁରୁଷମାନଙ୍କୁ ଶୃଙ୍ଖଳିତ କରିବା ସହ ସୁପରିବାର ଗଠନ କରି ଦେଶ ଗଠନରେ ବ୍ରତୀ ହୁଅନ୍ତୁ । ଅନ୍ୟ ଭାରତୀୟ ନାରୀପରି ସମାଜର ନମସ୍ୟ ହୁଅନ୍ତୁ । ଯା ଦେବୀ ସର୍ବଭୂତେଷୁ ପତ୍ନୀ ରୂପେଣ ସଂସ୍ଥିତା, ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ,ନମୋ ନମଃ ।

*******

ବି-୬୪,ସେକ୍ଟର-୧୬,
ରାଉରକେଲା-୩
ମୋ-୯୮୫୩୯୬୩୫୫୯୫

# ଅଣ-କଦଳିଆ



## ବିନୋଦିନୀ ନନ୍ଦ

ଦିନେ ସକାଳେ ଅଚାନକ ପହଞ୍ଚିଗଲେ ଅବିନାଶଙ୍କ ବାଲ୍ୟ ବନ୍ଧୁ ଆଲୋକ । ସେତେବେଳେ ଗୃହରେ ଅନୁପସ୍ଥିତ ଥିଲେ ଅବିନାଶ । ଅମ୍ରିତାଙ୍କ ଉପରେ ଦୃଷ୍ଟି ପଡିବା କ୍ଷଣି ସେ ପ୍ରଶ୍ନ କଲେ, ଅବିନାଶ ଠାରୁ ମୁଁ ଏ କ'ଣ ଶୁଣିଲି ଭାଉଜ, ଏତେ ଯୋଗ ପ୍ରାଣାୟମ କରି ତୁମେ ପୁଣି ସାଇଟିକ୍ ପେନରେ ପୀଡିତ ହୋଇଛ ?

ଜନ୍ତ୍ରଣା ଜର୍ଜରିତ କଣ୍ଠରେ ଉତ୍ତର ଦେଲେ ଅମ୍ରିତା କ'ଣ କରିବି ମୁଁ ତ କିଛି ବୁଝି ପାରୁ ନାହିଁ । ଦୀର୍ଘ ଦୁଇମାସ ହେଲା ଏହି ଯନ୍ତ୍ରଣାରୁ ନିସ୍ତାର ପାଇବା ନିମନ୍ତେ ଆମେ ଦୁହେଁ ହୋମିଓପାଥି, ଏଲୋପାଥି, ଆୟୁର୍ବେଦିକ ଡାକ୍ତରଖାନା ଠାରୁ ଆରମ୍ଭ କରି ଫିଜିଓଥେରାପି ଏବଂ ଏକ୍ୟୁପ୍ରେସର ସେଣ୍ଟରକୁ ଧାଇଁଧାଇଁ ନୟାନ୍ତ ହୋଇଗଲୁଣି ।

ମୋ ହାତକୁ ଔଷଧ ଡବାଟିଏ ବଢାଇଦେଇ ଦରଦୀ ବନ୍ଧୁଟିଏ ପରି ସାନ୍ତ୍ୱନାଦେଇ କହିଲେ ଆଲୋକ । ଆଉ ଚିନ୍ତା କରନି ଭାଉଜ, ଏହା ହେଉଛି ଆମ ଆଶ୍ରମର ଦୀକ୍ଷାଗୁରୁ ତ୍ରିକାଳଦର୍ଶୀ ବାବାଙ୍କ ପ୍ରଦତ୍ତ ଜଡିବୁଟିର ଆୟୁର୍ବେଦିକ ଔଷଧ । ନିତିଦିନ ମଧାହ୍ନ ଭୋଜନ ପରେ ଏଥିରୁ ଗୋଟିଏ କ୍ୟାପସୁଲ ସେବନ କଲେ ଦେଖିବ ତୁମ ଗୋଡର ଯନ୍ତ୍ରଣା ଘଣ୍ଟାଏ ମଧରେ କେଉଁଆଡେ ଛୁମନ୍ତର ହୋଇଯିବ । ଆଉ ତୁମେ ଦିନସାରା ଆରାମରେ ଚଳପ୍ରଚଳ କରିପାରିବ । ତୁମେ ତ ଜାଣିଛ, ଅଳକା ତା' ଅଣ୍ଟା, ଆଣ୍ଠୁ ଯନ୍ତ୍ରଣା ସକାଶେ କେତେ କଷ୍ଟ ପାଉଥିଲା । ଅଥଚ୍ ଏବେ ପ୍ରାୟ ବର୍ଷେ ହେବ ସେ ଉକ୍ତ ଔଷଧ ସେବନ କରି ଆରାମରେ ଅଛି ।

ବିସ୍ମୟ ବିସ୍ଫାରିତ ନେତ୍ରରେ ଚାହିଁ ପ୍ରଶ୍ନ କଲେ ଅମ୍ରିତା- କ'ଣ କହୁଛ ! ବର୍ଷେ ଅବଧି ଔଷଧ ସେବନ ପରେ ବି ତା'ଯନ୍ତ୍ରଣା ଏପର୍ଯ୍ୟନ୍ତ ଉପଶମ ହୋଇନାହିଁ ଯେ, ତା'କୁ ଏବେ ମଧ ସେହି ଔଷଧ ଖାଇବାକୁ ପଡୁଛି । ତା'ହେଲେ ଏହା କୌଣସି ଯନ୍ତ୍ରଣାନାଶକ ଔଷଧ ନୁହେଁ ତ ?

ପେନ୍‌କିଲର୍ ହେଲେ କ'ଣ ହେଲା, ଏଲୋପାଥି ଔଷଧ ପରି ଏହା ଶରୀରରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ତ ସୃଷ୍ଟି କରେ ନାହିଁ ।

ସେକଥା ଠିକ୍ ଯେ, ହେଲେ ମୁଁ କ'ଣ ଭାବୁଥିଲି କି, ଏମିତି ସାରାଜୀବନ ପେନ୍‌କିଲର୍ ଖାଇବା ଅପେକ୍ଷା ଅସ୍ଥି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଆଉ କିଛିଦିନ ଔଷଧ ଏବଂ ଭିଟାମିନ ଟାବ୍‌ଲେଟ ଖାଇବା ସହିତ ନିୟମିତ ଭାବରେ ଫିଜିଓଥେରାପି ସେଣ୍ଟରରେ ଶାରୀରିକ ବ୍ୟାୟାମ କରିବା ନିଶ୍ଚୟ ଉଚିତ୍ ପଦକ୍ଷେପ ହେବ ।

ଅକସ୍ମାତ୍ ଆଲୋକ'ଙ୍କ ମୁହଁର ରୂପରେଖ ବଦଳିଗଲା । ରୁକ୍ଷ କର୍କଶ କଣ୍ଠରେ ଉତ୍ତର ଦେଲେ- ତୁମେ କ'ଣ ଭାବୁଛ ! ଏଲୋପାଥି ଚିକିତ୍ସାରେ ତୁମ ପୀଡା ସମୂଳେ ନାଶ ହୋଇଯିବ ନା'ତୁମେ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିବ । ଅସମ୍ଭବ; ନା'ତ ଆଜି ପର୍ଯ୍ୟନ୍ତ କୌଣସି ରୋଗୀ ଏଥିରୁ ମୁକ୍ତି ପାଇଛି ନା'ତୁମେ ପାଇବ । ତେବେ ସୁସ୍ଥ ରହିବାର କେବଳ ଗୋଟିଏ ଉପାୟ ଅଛି । ତାହା ହେଉଛି ଯଦି ତୁମେ ଆମ ବାବା'ଙ୍କ ପ୍ରତି ସମର୍ପିତ ହୋଇ ଉକ୍ତ ଔଷଧ ପ୍ରତ୍ୟହ ସେବନ କରିବ ତେବେ ଅନ୍ତତଃ ବଞ୍ଚିଥିବାଯାଏଁ ଯନ୍ତ୍ରଣା ମୁକ୍ତ ହୋଇ କର୍ମଣ୍ୟ ଯୋଗ୍ୟ ରହିବ । ନଚେତ୍ ଦିନକୁ ଦିନ ଉକ୍ତ ଯନ୍ତ୍ରଣା ବୃଦ୍ଧି ହେବା ସହିତ ପରିଶେଷରେ କତରାଲଗା ହୋଇ ମଳ ମୂତ୍ରରେ ଘାଣ୍ଟିହେବା ହିଁ ସାର ହେବ । ମନେରଖ, ତୁମ ଆରାଧ ଦେବତା ଜଗନ୍ନାଥ ମଧ ତୁମକୁ ଏହି ବିପତ୍ତିରୁ ରକ୍ଷା କରିପାରିବେ ନାହିଁ । କ୍ରୋଧରେ ଜର୍ଜରିତ ହୋଇ କ୍ଷିପ୍ର ଗତିରେ ପ୍ରସ୍ଥାନ କଲେ ଆଲୋକ ।

ତା'ଙ୍କ ନାହୁଡବିନ୍ଧା, ନିଷ୍ଠୁର ବାକ୍ୟ ଶୁଣି ଅମ୍ରିତା କିଂକର୍ତ୍ତବ୍ୟ ବିମୂଢ ପାଲଟି ଯାଇଥିଲେ । ଚରମ ଯନ୍ତ୍ରଣାରେ ଛଟପଟ ହୋଇ ମନମାନସ ତାଙ୍କର ବିଳପି ଉଠୁଥିଲା ଅସହାୟତାରେ । ସୁତରାଂ କ୍ରୋଧାନ୍ୱିତ ହୋଇ ସେ ଅବିନାଶ ଫେରିବା ପରେ ସମସ୍ତ ଘଟଣା ବର୍ଣ୍ଣନା କରିଗଲେ ।

ମୁଖମଣ୍ଡଳରେ ଚିରାଚରିତ ପୁରୁଣା ମୁରୁକି ହସଟେ ଫୁଟାଇ ଉତ୍ତର ଦେଲେ ଅବିନାଶ-ଶୁଣ ଅମ୍ରିତା ! ବ୍ୟକ୍ତିଗତ ଭାବରେ ସେ ଆମର ଶତ୍ରୁ ନୁହେଁ । ନଚେତ୍ ତୁମ ସାଇଟିକା ଯନ୍ତ୍ରଣା ସମ୍ବନ୍ଧରେ ଖବର ଶୁଣୁଶୁଣୁ

ସେ ତୁରନ୍ତ ଔଷଧ ଧରି ଧାଇଁ ଆସି ନଥାନ୍ତା । ତେବେ ତୁମେ ତ ଜାଣିଛ, ତ୍ରିକାଳଦର୍ଶୀ ବାବାଙ୍କ ପ୍ରତି ତା'ର ବିଶ୍ୱାସ ଓ ଅନୁରକ୍ତି ଯେପରି ପ୍ରଗାଢ଼ ସେପରି ସେ ନିଜକୁ ସବ୍‌ଜାନତା ବା ଜ୍ଞାନୀଗୁଣୀ ବୋଲି ମନେକରେ । ଅତଏବ ତୁମେ ଯେତେବେଳେ ତା'ବାବାଙ୍କ ଅବ୍ୟର୍ଥ ଔଷଧକୁ ଅଗ୍ରାହ୍ୟ କରିଦେବା ସହିତ ତା'ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିଦେଲ ସେତେବେଳେ ତାହା ତା' ଅହଂକୁ ଖୁବ୍ ଆଘାତ ଦେଲା । ଯାହାଫଳରେ ସେ ଦି'ଚାରିପଦ କଟୁ ଶବ୍ଦ ପ୍ରୟୋଗ କରିଦେଇଛି । ଏହିପରି ଅପ୍ରୀତିକର ଆକ୍ଷେପ ଯୋଗୁଁ ପୁତ୍ର କନ୍ୟା, ବନ୍ଧୁ ବାନ୍ଧବ, ଏପରିକି ଆଶ୍ରମର ଅନେକ ଗୁରୁ ଭାଇଙ୍କର ମଧ ସେ ଅପ୍ରିୟ ହୋଇସାରିଲାଣି । ବୁଝିଲ, ଅଣ-କଦିଳିଆ ହୋଇ ଯାଇଥିବା କଦଳୀ ଗଛକୁ ଯେତେ ମଣ / କମଣ କଲେ କିମ୍ବା ଖତ ସାର ଦେଲେ ତା'ର ଯେପରି କୌଣସି ପରିବର୍ତ୍ତନ ହୁଏ ନାହିଁ, ଠିକ୍ ସେମିତି ଯେତେ ସତ୍‌ସଙ୍ଗକୁ ଗଲେ ମଧ ଆଲୋକର ପ୍ରକୃତି କ'ଣ ଆଉ ବଦଳିବ ?  କହନ୍ତି ପରା 'ଘୁଷୁରି ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ ।'

ଅବିନାଶ ତାଙ୍କୁ କ୍ରୋଧ ପରିହାର କରିବା ସହିତ ଘଟଣାଟିକୁ ଭୁଲିଯିବା ନିମନ୍ତେ ଯେତେ ବୁଝାଇଲେ ମଧ ଆଲୋକ'ଙ୍କ ମୁଖ ନିଃସୃତ କଠୋର ଶବ୍ଦ ଗୁଡିକ ଅମ୍ରିତା'ଙ୍କ କର୍ଣ୍ଣରେ ପୁନଃ ପୁନଃ ପ୍ରତିଧ୍ୱନିତ ହେଉଥାଏ । ଅଥଚ୍ କାକତାଳୀୟ ଭାବରେ ସେହିଦିନ ହିଁ ପୁନର୍ବାର ତାଙ୍କ ସହିତ ସାକ୍ଷାତ ହୋଇଗଲା ଫିଜିଓଥେରାପି ସେଣ୍ଟରର ପ୍ରବେଶ ମାର୍ଗରେ । ତାଙ୍କୁ ଦେଖି ମନ ମଧରେ ପ୍ରମାଦ ଗଣୁଥିଲେ ଅମ୍ରିତା । କିନ୍ତୁ ତତ୍‌କ୍ଷଣାତ ପ୍ରଶ୍ନକଲେ ଅବିନାଶ- ଆରେ ଆଲୋକ ! ତୋର ପୁଣି କ'ଣ ହେଲା ?

ଛେଃ, ମୋର କାଇଁ କ'ଣ ହେବ । ମୁଁ ଆମ ଆଧାତ୍ମିକ ସଂସ୍ଥାର ଜଣେ ଗୁରୁ ଭାଇକୁ ଦେଖିବାକୁ ଆସିଥିଲି । ଏଇ ମାତ୍ର ତିରିଶ ପଇଁତିରିଶ ବର୍ଷର ଯୁବକଟିଏ । ଅଥଚ୍ ହୃଦ୍‌ଘାତ ଯୋଗୁଁ ଆଂଶିକ ଭାବରେ ପକ୍ଷାଘାତରେ ପୀଡିତ ହୋଇ କିଛିଦିନ ତଳେ ଏଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ନା'ତ ସେ ସ୍ୱଷ୍ଟ ଭାବରେ କଥାବାର୍ତ୍ତା କରିପାରୁଛି ନା' ଚଳପ୍ରଚଳ । ତଥାପି ଡାକ୍ତର ତା'କୁ ନିୟମିତ ଫିଜିଓଥେରାପି କଲେ ସେ ଅଳ୍ପଦିନ ମଧରେ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିବ ବୋଲି ଭରସା ଦେଇଛନ୍ତି । ଆଉ ପୀଡିତ ଯୁବକ ଓ ତା'ପତ୍ନୀ ମଧ ଡାକ୍ତରଙ୍କ ବାଣୀକୁ ଦୃଢ଼ ବିଶ୍ୱାସ କରି ମନରେ ସୁସ୍ଥ ହୋଇଯିବାର ଅନେକ ଆଶା ବାନ୍ଧି ବସିଛନ୍ତି । ତାହା ଦେଖି ମୁଁ ସେମାନଙ୍କୁ ଅବଧାରିତ ସତ୍ୟ ସମ୍ବନ୍ଧରେ ଅବଗତ କରାଇବା ଉଦ୍ଦେଶ୍ୟରେ କହିଲି-ଦେଖ ଭାଇ ! ଏହି ଅଚଳାବସ୍ଥାରୁ ଉଦ୍ଧାର ପାଇ ତୁ ଯେ ପୁନର୍ବାର ତୋ' ବାଇକ୍ ଧରି ପୂର୍ବ ପରି ଘୂରି ବୁଲିବୁ ତାହା କେବଳ ତୋର ବୃଥା ଆଶା । ସୁତରାଂ ଡାକ୍ତରଖାନାରେ ପଡି ଅଯଥା ଅର୍ଥଶ୍ରାଦ୍ଧ ସହିତ ଯମଯନ୍ତ୍ରଣା ଭୋଗ କରିବା ଅପେକ୍ଷା ଗୃହକୁ ଯାଇ ଶାନ୍ତିରେ ସେହି ପାପ ଏବଂ ପାପୀଙ୍କ ସଂହାରକର୍ତ୍ତା, କରୁଣାର ସାଗର ସ୍ୱୟଂ ତ୍ରିକାଳଦର୍ଶୀ ଭଗବାନଙ୍କ ନାମ ଅହରହ ଜପ କରିବା ସହିତ ତାଙ୍କ ପୂଜା ଆରାଧନା କର । ଦେଖିବୁ, ତା'ଙ୍କ କୃପା ହେଲେ ତୁ ନିଶ୍ଚୟ ଏପରି ପଙ୍ଗୁ ଭାବରେ ହାହୁତାଶ ସମୟ ଜୀବନଯାପନ କରି ଦୁଃଖ ଯନ୍ତ୍ରଣାରେ ଘାଣ୍ଟିଚକଟି ହେବା ପରିବର୍ତ୍ତେ ଅତି ଶୀଘ୍ର ଏହି ଜନ୍ମ ମୃତ୍ୟୁ ଚକ୍ରରୁ ଅର୍ଥାତ୍ ପୁନର୍ଜନ୍ମରୁ ମୁକ୍ତି ବା ମୋକ୍ଷ ପାଇଯିବୁ ।

ବୋଧହୁଏ ଆଉ ଶୁଣିବାର ଧୈର୍ଯ୍ୟ ନଥିଲା ଅବିନାଶଙ୍କର । ଆଲୋକଙ୍କୁ ତୀବ୍ର ଦୃଷ୍ଟିରେ ଚାହିଁ ତିରସ୍କାର କରି କହିଲେ- ତୁ ଘୋଷାବିଦ୍ୟାରେ ଯେତେ ପାରଙ୍ଗମ ହେଲେ କ'ଣ ହେବ, ନା'ତ ତୋର ସ୍ଥାନ କାଳ ପାତ୍ରର ଜ୍ଞାନ ଅଛି ନା ଅଛି ପୁରୁଷାର୍ଥରଜ୍ଞାନ । ମୋର ତ ମନେ ହୁଏ ତୋ'ଭଳି ହୃଦୟହୀନ, ଅବିବେକୀ ବ୍ୟକ୍ତି ଆଉ ଏ ଦୁନିଆରେ କେହି ନଥିବେ । ଦୁର୍ଦ୍ଦଶାଗ୍ରସ୍ତ ପରିବାରଟିଏ ତୋ'ଠାରୁ ଟିକିଏ ଆଶ୍ୱାସନା ଟିକିଏ ସହାୟତା ଆଶା କରୁଥିବା ବେଳେ ତୁ ତା'କୁ ନକାରାତ୍ମକ ବାକ୍ୟ କହି ନୈରାଶ୍ୟର ଘନ ଅନ୍ଧକାର ମଧକୁ ଠେଲିଦେଲୁ । ତୁ ପରା ମୋ ବଡ ଭାଇଙ୍କୁ ଦେଖିଛୁ, ଅଶୀ ବର୍ଷ ବୟସରେ ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ସେ ଉଭୟ ଚଳନଶକ୍ତି ଓ ବାକ୍‌ଶକ୍ତି ହରାଇ ବସିଥିଲେ । କିନ୍ତୁ ଏଇ ଡାକ୍ତର ମାନଙ୍କ ଚିକିତ୍ସା ସହିତ ଫିଜିଓଥେରାପି ଏବଂ ଯୋଗ ପ୍ରାଣାୟାମ କରିବା ପରେ ସେ ପୁନଶ୍ଚ ସୁସ୍ଥ ହୋଇ ଆହୁରି ଦଶ ବର୍ଷ ବଞ୍ଚିଥିଲେ । ଅଥଚ୍ ତୁ, ଏଇ ସ୍ୱଳ୍ପ ବୟସର ଯୁବକଟିକୁ ପଙ୍ଗୁ ତାଲିକାରେ ଅନ୍ତର୍ଭୁକ୍ତ କରିଦେଇ ପରିଶେଷରେ ମୃତ୍ୟୁ ମୁଖକୁ ଠେଲି ମୁକ୍ତିର ମାର୍ଗ ଦେଖାଉଛୁ ! ଧିକ୍ ତତେ

ଅହଂକାରୀ ସ୍ୱଭାବ ଯୋଗୁଁ ଆଲୋକ ନିଜର ଦୋଷ ଦୁର୍ବଳତାକୁ ସ୍ୱୀକାର ନକରି ବରଂ ଅବିନାଶଙ୍କୁ ଆକ୍ଷେପ କରି କହିଲେ- ତୋ'ଭଳି ଦୋ'ମୁହାଁ ନୀତି ମୋର ନାହିଁ । ମୁଁ ମନରେ ଯାହା ଭଲଭାବେ ତାହା ହିଁ ଭାଷାରେ ପ୍ରକାଶ କରେ । ସତ୍ୟ ବଚନ କହିବା ଅପରାଧ ନା ଯେତେ ବୁଲାଇ ବଙ୍କାଇ କହିଲେ ବି ସତ୍ୟ କ'ଣ କେବେ ମିଥ୍ୟା ହୋଇଯିବ ?

ଦୃଢ଼ କଣ୍ଠରେ ଜବାବ ଦେଲେ ଅବିନାଶ – ମୁଁ ଭଲ ଭାବରେ ଜାଣେ, ତୁ ସତ କଥା କହୁନାହୁଁ । ସତ୍ୟର କେବଳ ଅପଳାପ କରୁଛୁ ମାତ୍ର !

ଆରେ, ଚୋର ଘରେ କ'ଣ ସବୁଦିନ ଅନ୍ଧାର ରହେ । ଏବେ ପରା ତୁମ ସୁନାମଧନ୍ୟ ସଦ୍‌ଗୁରୁଙ୍କ ନାମରେ ତାଙ୍କର ଉପଯୁକ୍ତ ପଟ୍ଟଶିଷ୍ୟ ମାନେ ହିଁ ଜମି ହଡପ୍, ନିଶା କାରବାର ଏପରିକି ମହିଳା ଅନୁଗାମୀ ମାନଙ୍କୁ ଯୌନ ନିର୍ଯ୍ୟାତନା ଦେବା ପରି ସଂଗୀନ ଅଭିଯୋଗ କରିସାରିଲେଣି । ଆଉ, ତ୍ରିକାଳଦର୍ଶୀ ବାବା ଇତି ମଧ୍ୟରେ ସିବିଆଇ, ଗଣମାଧ୍ୟମ ଓ ଆୟକର ବିଭାଗର ଅକ୍ଟୋପସୀୟ ଜାଲ ମଧ୍ୟରେ ଏପରି ଫସି ଗଲେଣି ଯେ ଯେତେ ଅର୍ଥ ଶ୍ରାଦ୍ଧ କଲେ ମଧ୍ୟ ସେଥିରୁ ମୁକୁଳିବାର ସମ୍ଭାବନା ଆଉ ଦେଖାଯାଉନି । ଯେକୌଣସି ମୁହୂର୍ତ୍ତରେ ସେ ଜେଲ ମୁହାଁ ହେବେ ଏହା ନିଃସନ୍ଦେହ । ଅଥଚ୍ ତୁ ସବୁ ଘଟଣା ଜାଣି ମଧ୍ୟ ନ ଜାଣିବା ପରି ଏବେ ବି ସେହି ଭଣ୍ଡ ବାବାଙ୍କ ମହିମାର ଢେଣ୍ଡୁରା ପିଟୁଛୁ ଏବଂ ତା'ଙ୍କ ନାମ ଜପମାଳି କରିବା ନିମନ୍ତେ ସମସ୍ତଙ୍କୁ ପ୍ରବର୍ତ୍ତାଉଛି । ମନେରଖି ତୋ'ପରି ଧର୍ମଭୀରୁ, ଦୁର୍ବଳମନା, ଧର୍ମାନ୍ଧ ବ୍ୟକ୍ତି ମାନଙ୍କ ଯୋଗୁଁ ହିଁ ଏହିପରି ଦୁଷ୍ଟ, ଦୁରାଚାରୀ, ଶଠ ଅସାଧୁ ବ୍ୟକ୍ତିମାନେ ନିଜର କଳାସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି । ଅତଏବ ବେଳ ଥାଉ ଥାଉ ତୁ ମଧ୍ୟ ସାବଧାନ ହୋଇଯା ନଚେତ୍ ଏମିତି ମିଛ ମରୀଚିକା ପଛରେ ଧାଇଁଲେ ଶେଷରେ ଝୁରିବା ହିଁ ସାରହେବ ।

ଗର୍ବର ସହିତ ଗର୍ଜି ଉଠିଲେ ଆଲୋକ- ଉଁ! ଯେତେ ସବୁ ବାଜେ କଥା । ସୂର୍ଯ୍ୟଙ୍କ କିରଣକୁ ମେଘମାଳ  କିଛିକ୍ଷଣ ସକାଶେ ଘୋଡାଇ ଦେଇ ପାରେ ମାତ୍ର ସଦାସର୍ବଦା ରଖିବା ସମ୍ଭବ ନୁହେଁ । ସେହିପରି କେତେଜଣ ଖଳ ପ୍ରକୃତିର ଗୁରୁ ଭାଇ – ଗୃହ ଶତ୍ରୁ ବିଭୀଷଣ ସାଜି ଆମ ତ୍ରିକାଳଦର୍ଶୀ ବାବାଙ୍କ ଅଲୌକିକତା'କୁ ଗଣସମ୍ମୋହନ ଏବଂ ତା'ଙ୍କ ସଦାଚାରକୁ ଅସଦାଚାର ଦର୍ଶାଇ ଯେତେ ପ୍ରଚାର ପ୍ରସାର କଲେ ମଧ୍ୟ ତା'ଙ୍କ ଯଶ, ଖ୍ୟାତି, ସୁନାମକୁ ପ୍ରତିହତ କରିପାରିବେ ନାହିଁ । ବଡବଡ ପାହୁଣ୍ଡ ପକାଇ ଦମ୍ଭର ସହିତ ଛାତିଫୁଲାଇ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ଆଲୋକ ।

ଅବିନାଶଙ୍କ ତୁଣ୍ଡରୁ ସ୍ୱତଃ ବାହାରି ପଡିଲା ଅଣ- କଦଳିଆଟାରେ; ଇଏ ଆଉ ସୁଧୁରିବନି ।

*******

ଡି / ୩୦୬, କୋଏଲ ନଗର
ରାଉରକେଲା – ୭୬୯୦୧୪
ମୋ- ୭୯୭୮୦୪୦୨୩

# ଯଶ ରହିଥିବ କାଳକାଳକୁ



## ଅଭିରାମ ରାଉତରାୟ

ଅବିଭକ୍ତ କଟକ ଜିଲ୍ଲାର ଗୁହାଳି ଏକ ନଦୀ କୂଳିଆ ଗାଁ । ବ୍ରିଟିଶ ଶାସନ କାଳରେ ଉକ୍ତ ଗ୍ରାମରେ ବ୍ରଜ ବିହାରୀ ନାମକ ଜଣେ ବ୍ୟକ୍ତି ଜନ୍ମଗ୍ରହଣ କରିଥିଲେ । ସେ ନେତାଜୀଙ୍କ ସମସାମୟିକ ଥିବାର ଜଣାଯାନ୍ତି । ବ୍ରଜ ଜଣେ ନିମ୍ନମଧ୍ୟବିତ୍ତ ପରିବାରର ପିଲାଥିଲେ । ସେ ପାଠପଢାରେ ଧୁରନ୍ଧର ଥିଲେ । ବିଳମ୍ବରେ ବିଦ୍ୟାଶିକ୍ଷା ଆରମ୍ଭ କରି ଗ୍ରାମ ଠାରୁ ଦୂରରେ ଥିବା ବିଦ୍ୟାଳୟରେ ଅନ୍ତେବାସୀ ହୋଇ ମଧ୍ୟ ଇଂରାଜୀ ବିଦ୍ୟାଳୟ ଶିକ୍ଷା ସମାପ୍ତ କଲେ । ସହରରେ ରହି ଟ୍ୟୁସନ କରି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଶିକ୍ଷା ସମାପ୍ତ କଲେ । ସେ ସମୟରେ ଉତ୍କଳରେ ସ୍ନାତକ ଶିକ୍ଷା ବ୍ୟବସ୍ଥା ନଥିଲା । ଓଡିଶାର ନାମ ଉତ୍କଳ ଥିଲା କିଛି ସମୟ, ବ୍ରଜବିହାରୀ, ମୟୂରଭଞ୍ଜ ରାଜା, ଶ୍ରୀ ରାୟ ବଜ୍ର ଭାଇଙ୍କର ସହାନୁଭୂତି ପାଇ ତାଙ୍କ ରାଜ୍ୟର ଗୋଟିଏ ବିଦ୍ୟାଳୟରେ ଗଣିତ ଶିକ୍ଷକରୂପେ ନିଯୁକ୍ତି ପାଇଥିଲେ ।

ସେ କିଛି ଅର୍ଥ ଉପାର୍ଜନ କରି କଲିକତା ଯାଇ ସେଠାରେ ସ୍ନାତକ ଶିକ୍ଷା ସମାପ୍ତ କରି ବି.ଏଲ୍ ପାସ୍ କଲେ । ନିଜ ପ୍ରଦେଶକୁ ଫେରି ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଦିନକୁ ଦିନ ତାଙ୍କର ସୁନାମ ଅଞ୍ଚଳରେ ପ୍ରଚ୍ଚରିତ ହେଲା । ସେ ଭଲ ରୋଜଗାର କଲେ । ଗୋଟିଏ ଓକିଲ ପରିବାରରେ ତାଙ୍କର ବିବାହ ହେଲା । ଓକିଲାତି ସାଙ୍ଗକୁ ସେ ମହାଜନୀ କାରବାର କରି ଖୁବ୍ କମ୍ ସମୟରେ ଜଣେ ଧନାଢ୍ୟ ବ୍ୟକ୍ତି ହୋଇଗଲେ । ନିଜ ପ୍ରଗଣାର କିଛି ଅଂଶ ଜମିଦାରୀ ନିଲାମ ସୂତ୍ରେ ହାସଲ କଲେ ।

ତାଙ୍କ ଗ୍ରାମରେ ଗୋବିନ୍ଦ ସାହୁ ନାମରେ ଜଣେ ଛୋଟ ବ୍ୟବସାୟୀ ଥିଲେ । ଗ୍ରାମର ମଧ୍ୟ ଭାଗରେ ତାଙ୍କର ଗୋଟିଏ ଟିଣଛପର ଖଞ୍ଜାପଡା ବାସ ଗୃହ ଥିଲା । ଅର୍ଥ ଆବଶ୍ୟକ ହେବାରୁ ଗୋବିନ୍ଦ ବ୍ରଜବିହାରୀ ମହାଜନଙ୍କ ଠାରୁ ହାତଟିପ ଦେଇ  ତମସୁକ କରି କିଛି ଋଣ

କରିଥିଲେ । ସେ ଠିକ୍ ସମୟରେ ଋଣ ପରିଶୋଧ କରିପାରିଲେ ନାହିଁ । ମହାଜନ ସାହୁଙ୍କ ବିରୁଦ୍ଧରେ ମକଦ୍ଦମା କରି, ତାଙ୍କ ଟିଣଛପର ଗୃହ ସହିତ ସମସ୍ତ ଭୂସମ୍ପତ୍ତି ନିଲାମ କରି ବେଦଖଲ କଲେ, ସାହୁଙ୍କୁ ଘରୁ ଉଚ୍ଛେଦ କଲେ । ଗୋବିନ୍ଦ ସାହୁ ଗାଁ ମୁଣ୍ଡରେ ଗୋଟିଏ କୁଡିଆ କରି ସପରିବାରରେ ରହି ନିଜର କୌଳିକ ବୃତ୍ତି କରି ଚଳିଲେ ।

ବ୍ରଜ ବିହାରୀ ନିଜ ସଂପତ୍ତି ବଢ଼ାଇ ଚାଲିଲେ, ତାଙ୍କ ଇଲାକାରେ କଚେରୀ ଗୃହ କରି ଗୁମାସ୍ତା ରଖାଇ ନିଜର ଭୂସମ୍ପତ୍ତି ପରିଚାଳନା କଲେ । ତାଙ୍କ ପିଲାମାନେ ସହରରେ ରହି ବିଦ୍ୟା ଶିକ୍ଷା କଲେ । ସହର ବାସ ଭବନରେ ଜଣେ ସଂଭ୍ରାନ୍ତ ଭଳି ଚଳିଲେ ।

ସମୟ ବଦଳିଗଲା । ଆମ ଦେଶ ସାଧୀନ ହୋଇ ରାଜା, ଜମିଦାର ଓ ବ୍ରିଟିଶ କବଳରୁ ମୁକ୍ତ ହେଲା । ଯୁଗ ସାମନ୍ତବାଦରୁ ମୁକୁଳି ଜନସାଧାରଣ ନୂଆ ସପ୍ନ ଦେଖିଲେ ।

ଗ୍ରାମର ମୁଖିଆ ଲୋକମାନେ ବ୍ରଜ ବିହାରୀ ବାବୁଙ୍କୁ ଭେଟି ସେମାନଙ୍କ ଗ୍ରାମରେ କୋଡୋଟି ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିବେଦନ କଲେ । ବ୍ରଜ ବାବୁ ସମ୍ମତ ପ୍ରକାଶ କଲେ । ତାଙ୍କ ନିଜ ଗ୍ରାମ ଓ ନଦୀ ଆର ପାରି ହୋଇ ଆଉ ଗୋଟିଏ ଗ୍ରାମରେ ଯଥାକ୍ରମେ ତାଙ୍କ ନିଜ ନାମ ଓ ଦିବଂଗତ ପତ୍ନୀଙ୍କ ନାମରେ ଦୁଇଟି ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେଲା, ବିଦ୍ୟାଳୟ ଦୁଇଟି ସରକାରୀ ମାନ୍ୟତା ପାଇଲା । ଉକ୍ତ ଦୁଇଟି ପ୍ରାଥମିକ ବିଦ୍ୟାଳୟ ନିରକ୍ଷର ଗ୍ରାମାଞ୍ଚଳରେ ଶିକ୍ଷାର ଆଲୋକ ଆଣିଦେଲା ।

ଉକ୍ତ ପ୍ରାଥମିକ ବିଦ୍ୟାଳୟ ଗୃହର ଛପର ଗୋବିନ୍ଦ ସାହୁଙ୍କ ଭଗ୍ନ ଗୃହର 'କୋରଗେଟ୍' ଟିଣ ଚାଦରରେ ଆଚ୍ଛାଦିତ ହୋଇଥିଲା । ୧୯୭୧ ମସିହା ସାମୁଦ୍ରିକ ବାତ୍ୟାରେ ଗୋଟିଏ ବିଦ୍ୟାଳୟର ଟିଣ ଛପର ଉଡିଯାଇ ଦୁଇ କିଲୋମିଟର ଦୂର ଗୋବିନ୍ଦ ସାହୁଙ୍କ ବେଦଖଲି ଜମି ଉପରେ ପଡିଥିଲା । ଗାଁଲୋକେ ଖୋଜା ଖୋଜି କରି ଆଂଶିକ କଳଙ୍କ ଲଗା ଟିଣକୁ ଆଣି ବିଦ୍ୟାଳୟକୁ ପୁନଃ ଆଚ୍ଛାଦିତ କରିଥିଲେ । ଘଟଣାଟି କୌତୁହଳ ହୋଇ ରହିଯାଇଛି ।

ବ୍ରଜ ବିହାରୀ ବାବୁ କେତେ କାଳୁ ସଂସାରୁ ବିଦାୟ ଦେଲେଣି । ତାଙ୍କର ବାଟି ବାଟି ଜମି ବିକ୍ରିବିକ୍ରି ହୋଇଗଲାଣି । ପର ପିଢି କେବେ ଠାରୁ ଗାଁ ପରିତ୍ୟାଗ କରି ସହରରେ ସ୍ଥାୟୀ ବାସିନ୍ଦା ହୋଇଛନ୍ତି । ବ୍ରଜ ବିହାରୀଙ୍କ ପ୍ରତିଷ୍ଠିତ ପ୍ରାଥମିକ ବିଦ୍ୟାଳୟ ଦୁଇଟି କନିଷ୍ଠ ମହାବିଦ୍ୟାଳୟରେ ପରିଣତ ହୋଇଛି । ସେ ତାଙ୍କ ଅଂଚଳରେ ଶିକ୍ଷା ପ୍ରସାରଣ କାର୍ଯ୍ୟ ପାଇଁ ଚିରସ୍ମରଣୀୟ ହୋଇ ରହିଛନ୍ତି ।

*******

ସି-୨୩୬, କୋଏଲ ନଗର, ରାଉରକେଲା – ୧୪ମୋ –
୯୪୩୭୩୯୭୬୬୭

# ଆଦିବାସୀ ସଂସ୍କୃତି ଓ ଓଡିଆ ସାହିତ୍ୟ



ଡକ୍ଟର ଭଗବାନ ପଟେଲ

ଭାରତୀୟ ସାଂସ୍କୃତିକ ବିକାଶଧାରାରେ ଓଡିଶାର ଆଦିବାସୀ ସଂସ୍କୃତିର ଅବଦାନ ଅବିସ୍ମରଣୀୟ ଅଟେ । ସର୍ବ ଭାରତୀୟ ଆଦିବାସୀ ସଂସ୍କୃତିର ଯେଉଁ ମହାନ୍ ଐତିହ୍ୟ, ପରଂପରା ଓ ସାର୍ବଜନୀନତାବୋଧ ବିଦ୍ୟମାନ ରହିଛି । ସେଥିରେ ଓଡିଶା ଆଦିବାସୀ ସମାଜର ଭୂମି ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମହିମା ବିମଣ୍ଡିତ ପରି ମନେହୁଏ । ଭାରତ ଏକ ସୁମହାନ ସଂସ୍କୃତି ସଂପନ୍ନ ଦେଶଭାବରେ ସମଗ୍ର ପୃଥିବୀ ପୃଷ୍ଠରେ ସୁପରିଚିତ ଓ ସୁବିଦିତ ଅଟେ । ଓଡିଶାର ପ୍ରାୟ ଅଧିକାଂଶ ଅଂଚଳରେ ଆଦିବାସୀ ଗୋଷ୍ଠୀର ଲୋକମାନେ ବସବାସ କରିଥିବାର ଅନୁମେୟ ହୋଇଥାଏ । ସାଧାରଣତଃ ଆଦିବାସୀ ମାନଙ୍କର ଜୀବନଚର୍ଯ୍ୟା ଭିତରେ ବହୁ ମୌଳିକତା ଓ ବିଶେଷତ୍ୱମାନ ଦୃଷ୍ଟି ଗୋଚର ହୋଇଥାଏ ବିଶେଷ ଭାବରେ । କୌଣସି ଦେଶ ବା ଜାତି ତା'ର ସଂସ୍କୃତିକୁ ନେଇ ଗର୍ବ କରିଥାଏ ଓ ନିଜକୁ ଗୌରବାନ୍ୱିତ ମନେକରିଥାଏ ବହୁବିଧ କାରଣ ଯୋଗୁଁ । ଓଡିଶା ଏକ ଆଦିବାସୀ ବହୁଳ ରାଜ୍ୟ ଏଠାରେ ପ୍ରାୟ ୬୭ ପ୍ରକାର ଆଦିବାସୀ ଅବସ୍ଥାନ କରୁଥିବାର ଜଣାଯାଏ । ଏମାନଙ୍କର ବେଶ ପୋଷାକ, ଚାଲି ଚଳନ, ଆଚାର ବ୍ୟବହାର, ରୀତିନୀତି, ଖାଦ୍ୟପେୟ ଆଦିରେ ବହୁ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ ଓ ଏମାନେ ପୃଥକ୍ ପରିଚୟ ପ୍ରଦାନରେ ସକ୍ଷମ ହୋଇଥାନ୍ତି । ଏମାନେ ପ୍ରାୟତଃ ବଣ ଜଂଗଲରେ ରହୁଥିବାର ଦେଖାଯାଏ ଓ ସହରୀ ସଭ୍ୟତାର ବହୁ ଦୂରରେ ଅବସ୍ଥାନ କରିଥାନ୍ତି । ମୋଟାମୋଟି ଭାବରେ ପଶୁଶିକାର ଓ ବଣର ଫଳ ମୂଳ ଉପରେ ମୁଖ୍ୟତଃ ନିର୍ଭରଶୀଳ ରହୁଥିବାର ଜଣାଯାଏ । ଏମାନେ ସାଧାରଣତଃ ସରଳ, ଅମାୟିକ, ନିରାଡମ୍ବର ଓ ସାଧୁ ପ୍ରକୃତିର ଲୋକ ଅଟନ୍ତି । ଅତିଥି ପରାୟଣ, ବନ୍ଧୁ ବତ୍ସଳ, ସେବା ମନୋଭାବ ତଥା ସତ୍ୟଶୀଳ ହୋଇଥିବାର ଦୃଷ୍ଟିଗୋଚର ହୁଏ । ସାଧାରଣତଃ କୃଷି କର୍ମ କରି ଜୀବିକା ନିର୍ବାହ ଅର୍ଜନ କରନ୍ତି ଓ ଅନ୍ୟମାନଙ୍କ ପ୍ରତି ସଦ୍‌ଆଚରଣ

ପ୍ରଦର୍ଶନ କରିଥାନ୍ତି । ଏମାନଙ୍କ ନୃତ୍ୟ, ଗୀତ ଓ ବାଦ୍ୟ ପ୍ରତି ଆସକ୍ତି ରହିଥାଏ । ବିଭିନ୍ନ ପର୍ବପର୍ବାଣୀ ମାନଙ୍କରେ ନୃତ୍ୟ, ଗୀତ ଓ ସଂଗୀତ ପରିବେଷଣ କରିବାରେ ଆଶାତୀତ ଆଗ୍ରହ ପ୍ରକାଶ କରିଥିବାର ଜଣାଯାଏ । ଏମାନେ ଓଡିଶାର ଆଦିମ ଅଧିବାସୀ ଭାବରେ ବିବେଚିତ ହୋଇଥାନ୍ତି । ଏମାନଙ୍କର ସାମାଜିକ ଜୀବନ ବେଶ୍ ଶୃଙ୍ଖଳିତ ଓ ପରିମାର୍ଜିତ । ଜୀବନ ଓ ଜଗତ ପ୍ରତି ସକାରତ୍ମକ ମନୋଭାବ ପୋଷଣ କରିବା ହେଉଛି ମୂଳଧର୍ମ । ଏମାନେ ଦେବାଦେବୀ ପୂଜା କରିଥାନ୍ତି କାୟମନୋବାକ୍ୟରେ । କୃତ୍ରିମତାକୁ ପରିହାର ପୂର୍ବକ ସହଜ, ସରଳ ଓ ପ୍ରାକୃତିକ ଜୀବନଯାପନ କରିବାକୁ ଅଧିକ ଭଲପାଇଥାନ୍ତି । ଯୁବକ ଯୁବତୀମାନେ ଅବସର ସମୟରେ ଚିତ୍ତ ବିନୋଦନ ସକାଶେ ବିଭିନ୍ନ ଅନୁଷ୍ଠାନମାନ ଗଠନ କରିଥାନ୍ତି । ଯେଉଁଠାରେ ସେମାନେ ନିଜର କଳାତ୍ମକ ପରିପାଟୀର ଅମ୍ଳାନ ପରିଚୟ ପ୍ରଦାନ କରିବାରେ ସକ୍ଷମ ହୋଇପାରିଥିବାର ଜଣାଯାଏ । ତେଣୁ ଯୁବ ପ୍ରମୋଦ ଅନୁଷ୍ଠାନ ହେଉଛି ଆଦିବାସୀ ସମାଜର ନୃତ୍ୟ, ଗୀତ, ଶିକ୍ଷାର ଏକ ପ୍ରଧାନ କେନ୍ଦ୍ର । ଭାରତର ଅଧିକାଂଶ ଆଦିବାସୀ ସମାଜରେ ଏହି ଅନୁଷ୍ଠାନ ଗୁଡିକ ଗଢି ଉଠିଥିବାର ଜଣାଯାଏ । ଡକ୍ଟର ହରିଶ୍ଚନ୍ଦ୍ର ଦାସ ତାଙ୍କର ପ୍ରବନ୍ଧ "ଆଦିବାସୀ ଗୀତର ସାଂଗୀତିକତା ଓ ତା'ର ବିଶେଷତ୍ୱ" ରେ ଯଥାର୍ଥରେ ଆଲୋକପାତ କରିବାକୁ ଯାଇ ଲେଖିଛନ୍ତି, ଭାରତର ଅଧିକାଂଶ ଆଦିବାସୀ ସମାଜରେ ଯୁବ ପ୍ରମୋଦ ଅନୁଷ୍ଠାନ ରହିଥାଏ । ଏହି ଯୁବ ପ୍ରମୋଦ ଅନୁଷ୍ଠାନ ବିଭିନ୍ନ ଆଦିବାସୀ ଗୋଷ୍ଠୀରେ ବିଭିନ୍ନ ନାମରେ ପରିଚିତ, ଯଥା – ମୁଣ୍ଡା ଏବଂ ହୋ ମାନଙ୍କର "ଗୀତିରୋ" ଓରାନ୍ ମାନଙ୍କର "ଜଙ୍ଗାରପା" ବା "ଧୂମ କୁରିଆ" ଭୂୟାଁ ମାନଙ୍କର "ଧାଙ୍ଗାର ବସା" ଗଣ୍ଡମାନଙ୍କର "ଗତୁଲ ଆତ" ଏବଂ ସେମାନାଗାଙ୍କର "ମରାଓ", ସେମିନାଗାଙ୍କର "ଇକୁଇଚୀ" ଭୋଟୀୟାମାନଙ୍କର "ରଙ୍ଗବଙ୍ଗ" କନ୍ଧମାନଙ୍କର "ଧାଙ୍ଗର ବସା" । ଜୁଆଙ୍ଗ ମାନଙ୍କର "ମଜାଙ୍ଗ" ଇତ୍ୟାଦି । ଏଣୁ ସମଗ୍ର ଭାରତ ବର୍ଷରେ ଆଦିବାସୀ ସଂପ୍ରଦାୟର ଲୋକମାନେ ପ୍ରାୟତଃ ନୃତ୍ୟ, ଗୀତ ପ୍ରବୀଣ ତଥା ପ୍ରିୟ ଭାବରେ ସୁପରିଚିତ ଅଟନ୍ତି । ଏମାନଙ୍କ ଠାରେ ସୌନ୍ଦର୍ଯ୍ୟାତ୍ମକ ମନୋଭାବର ଅପୂର୍ବ ସମାବେଶ ସଂଗଠିତ ହୋଇଥିବାର ଜଣାଯାଏ । ନୃତ୍ୟଗୀତ ପରିବେଷରେ ସତେ ଯେପରି ଆଦିବାସୀ ଗୋଷ୍ଠୀର ଲୋକମାନେ ପ୍ରବଳ ଆଗ୍ରହ, ଉତ୍ସାହ, ଉତ୍କଣ୍ଠା ପ୍ରକାଶ କରିବା ସଂଗେ ସଂଗେ ଏଥିପ୍ରତି ଗଭୀର ଅନୁରକ୍ତି ପ୍ରକାଶିତ କରିଥାନ୍ତି ସ୍ୱତଃସ୍ଫୁର୍ତ୍ତଭାବରେ । ଏଣୁ ଆଦିବାସୀ ଜନ ଜୀବନରେ ନୃତ୍ୟଗୀତର ସ୍ୱତନ୍ତ୍ରତା ଓ ମୌଳିକତାକୁ ମର୍ମେ ମର୍ମେ ଅନୁଭବ କରିବାକୁ ଯାଇ ବିଶିଷ୍ଟ ନୃତତ୍ତ୍ୱବିତ୍ ଡକ୍ଟର ଏଲ୍.ପି.ବିଦ୍ୟାର୍ଥୀ ଯଥାର୍ଥରେ କହିଛନ୍ତି, The Adivasi singing and dancing in their origin, can be best understood as spontaneous and collective rhythmic movement of the voice and feet under the weight of strong emotions, such strong emotions are evidently aroused among the Adivasi owing to the picturesque landscape of their habitat and then owing to the numerous traits relating to their tribal ways of life. ମୁଖ୍ୟତଃ ଆଦିବାସୀ ସଂପ୍ରଦାୟର ଲୋକମାନେ କର୍ମକ୍ଷେତ୍ର ମାନଙ୍କରେ ମଧ୍ୟ ମନମତାଣିୟା ସଂଗୀତ ପରିବେଷଣ କରିବା ପାଇଁ ଅଧିକ ପସନ୍ଦ କରିଥାନ୍ତି । କର୍ମ ବ୍ୟସ୍ତତା ମଧରେ ମଧ ସେମାନେ ସଂଗୀତର ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟ ତଥା ଐଶ୍ୱର୍ଯ୍ୟରେ ନିଜକୁ ହଜାଇ ଦେଇଥାନ୍ତି ସ୍ୱତଃସ୍ଫୁର୍ତ୍ତ ରୀତି ଓ ନୀତିରେ । ସୁତରାଂ, ଲକ୍ଷଣ ବିଶେଷରେ ଆଦିବାସୀ ଲୋକ ସଂଗୀତକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ, ଯଥା –(୧) ଗୃହ ଓ ପରିବାର (୨) ସମାଜ ଓ ସାମାଜିକ (୩) ଶିକ୍ଷା (୪) ଆମୋଦପ୍ରମୋଦ (୫) ଧର୍ମ ଓ ପ୍ରେମ ସମ୍ବନ୍ଧୀୟ ସଂଗୀତ ।

ଭାରତ ବର୍ଷର ଆଦିବାସୀ ବହୁଳ ରାଜ୍ୟମାନଙ୍କ ମଧରେ ଓଡିଶା ତୃତୀୟ ସ୍ଥାନ ହାସଲ କରିଥିବାର ଜଣାଯାଏ । ଏଠାରେ ପ୍ରାୟତଃ ସାନ୍ତାଳ, କନ୍ଧ, ପରଜା, ଗଦବା, ସଉରା, କୋୟା, ବଣ୍ଡା, ଜୁଆଙ୍ଗ, ଭୂୟାଁ, କୋହ୍ଲ, ଖଡିଆ, ଭୂମିଜ, ଗଣ୍ଡ, ବିନଝାଲ, ଓରାଓଁ, କିଶାନ, ବାଉଟି ଆଦି ଗୋଷ୍ଠୀର ଆଦିବାସୀମାନେ ଅଧିକ ମାତ୍ରାରେ ବାସ କରୁଥିବାର ଦୃଷ୍ଟିଗୋଚର ହୋଇଥାଏ । ଏମାନେ ହେଉଛନ୍ତି ପ୍ରକୃତିର ସନ୍ତାନ ବା ଅମୃତର ସନ୍ତାନ, ଏମାନେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆପଣାକୁ ବିମୋହିତ କରି ଜୀବନଯାପନ କରିଥାନ୍ତି । ସୁତରାଂ, ଏମାନଙ୍କର ଚାଲି ଚଳନ, ପୂଜା ପାର୍ବଣ, ନାଚ, ଗୀତ ଆଦିରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ ତଥା ଶୋଭାରାଶି ପ୍ରତିଭାତ ହୋଇଥାଏ । ଆଦିବାସୀ ମାନଙ୍କର ସଂଗୀତ କିପରି ମନୋମୁଗ୍ଧକର ଓ ହୃଦୟ ସ୍ପର୍ଶୀ ସେ ସଂପର୍କରେ ଆଲୋକପାତ କରିବାକୁ ଯାଇ କବି ସମାଲୋଚକ ଡ.ସୀତାକାନ୍ତ ମହାପାତ୍ର ତାଙ୍କର "ଆଦିବାସୀ ସଂଗୀତ" ପ୍ରବନ୍ଧରେ ଲେଖିଛନ୍ତି, "ଆଦିବାସୀ ସଂଗୀତ ଗୁଡିକୁ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରଥମଟି ମଣିଷ ଜୀବନର ବିଭିନ୍ନ ପର୍ଯ୍ୟାୟ, ସ୍ତର ଓ ସମୟର ଶିଶୁଟିଏ ଜନ୍ମ ହେଲେ ଗୀତ ବୋଲାଯାଏ, ତା'ର ନାଁ ଦେଲାବେଳେ ଗୀତ ବୋଲାଯାଏ । ପୁଅ ଝିଅ ବା ଧାଙ୍ଗଡା ଧାଙ୍ଗଡୀ ମାନେ ପ୍ରେମ କଲାବେଳେ ଗୀତ ବୋଲାଯାଏ । ସେ ଗୀତ ପୁଣି ବହୁବିଧ । କେତେକ ଶୁଭେ ଡୁଙ୍ଗଡୁଙ୍ଗା ବାଦ୍ୟଯନ୍ତ୍ର ସହ ଧାଂଗଡାବସା ବା ଧାଂଗଡିବସାରୁ । ଆଉ କେତେକ ବଣ ଜଙ୍ଗଲର କୋଉ ନିର୍ଜନତା ଭିତରେ କି ପାହାଡାର କୋଉ ଖୋଲରେ ପୁଣି ସାମୂହିକ ନୃତ୍ୟଗୀତ ମଧ ପ୍ରେମ ସଂପର୍କିତ ହୋଇଥାଏ । ବିବାହ ସମୟଗୀତ ଯେଉଁଥିରେ ଥଟ୍ଟା ତାମସା ଅନେକ ଥାଏ । ତା ସହିତ ଝିଅ

ବିଦାବିଦି ବେଳର କାନ୍ଦଣାଗୀତ । ତା'ପରେ ପୁଣି ମୃତ୍ୟୁ ସମ୍ବନ୍ଧୀୟ ଗୀତ । ମଣିଷଟିଏ ମରିଗଲା ବେଳେ ତା'ର ଅସ୍ଥି ନଦୀରେ ବିସର୍ଜନ କଲାବେଳେ, ପିତୃପିତାମହ ବା ପୂର୍ବଜ ହିସାବରେ ତାଙ୍କୁ ସ୍ମରଣ କଲାବେଳେ ।" ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏଯେ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆଦିବାସୀ ମଣିଷମାନେ ସଂଗୀତକୁ ସହଚର ଭାବରେ ଗ୍ରହଣ କରିଥାନ୍ତି ଅକୁଣ୍ଠିତ ଚିତ୍ତରେ । ଜୀବନର ସକଳ ଭାବାବେଗକୁ ପ୍ରକାଶିତ କରିବା ଦିଗରେ ସଂଗୀତ ପ୍ରମୁଖ ଭୂମି ଓ ଭୂମିକା ଗ୍ରହ କରିଥାଏ । ସ୍ନେହ ପ୍ରବଣ ମାନସିକତା ନେଇ ଜୀବନକୁ ନିରୀକ୍ଷଣ କରିବାର ପ୍ରବଳ ଆଗ୍ରହ ରହିଥାଏ ଆଦିବାସୀ ମାନଙ୍କର । ସେମାନେ ଦୟା, କ୍ଷମା, କରୁଣା, ଶାନ୍ତି, ମୈତ୍ରୀ, ପ୍ରୀତିର ବାର୍ତ୍ତା ପ୍ରେରଣ କରନ୍ତି ମାନବ ସମାଜକୁ । ବିଶ୍ୱ କଲ୍ୟାଣ ପାଇଁ ସେମାନେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବାରେ ପଶ୍ଚାତପଦ ହୁଅନ୍ତି ନାହିଁ । ବଣ ଜଙ୍ଗଲ ମଧ୍ୟରେ ଅବସ୍ଥାନ କଲେ ମଧ୍ୟ ସମଗ୍ର ପୃଥିବୀ ପ୍ରତି ତାଙ୍କର ମୋହ ବା ଦୁର୍ନିର୍ବାର ଆକର୍ଷଣ ପ୍ରକାଶିତ ହୁଏ ଗଭୀର ଆତ୍ମୀୟତାର ସହିତ । ଗୀତ ପ୍ରତି କିପରି ପ୍ରଚଣ୍ଡ ଆକର୍ଷଣ ରହିଛି ତାହା ପ୍ରତି ଛତ୍ରେ ଛତ୍ରେ ପ୍ରଦିପାଦିତ କରେ ଆଦିବାସୀ । ତେଣୁ ସମାଲୋଚକ ଶ୍ରୀ ନରସିଂହ ମିଶ୍ର ତାଙ୍କର "ଡଂଗରିଆ କନ୍ଧ ଏବଂ ସାମାଜିକ ଜୀବନ" ପ୍ରବନ୍ଧର ସଂଗୀତ ପ୍ରବଣ ମାନସିକତାର ଉଦାହରଣ ପ୍ରଦାନ କରିବାକୁ ଯାଇ ଯଥାର୍ଥରେ ଲେଖିଛନ୍ତି, "ଝିଅକୁ ବଧେଇ ଦେବାକୁ ଯାଇ ବର ଗାଁରେ ପହଞ୍ଚିଲା ପରେ ଦୁଇ ଗାଁର ଝିଅଙ୍କ ମଧ୍ୟରେ ଗୀତର ପ୍ରତିଯୋଗିତା ହୁଏ । ଆମ ଗାଁ ଭଳି ଗାଁ ନାହିଁ- ଆମ ଝିଅ ଭଳି ଝିଅ ନାହିଁ- ଆମ ଡଂଗରରେ ଫସଲ ତ ନୁହେଁ, ସୁନା ଫଳେ । ଆମ ନାଳର ପାଣି ଅମୃତ ପରି ବହିଯାଏ । ବର ପକ୍ଷର ଝିଅମାନେ ବି ସେମିତି ନିଜର ଗାଁ ଟେକ ରଖି ଗୀତରେ ଉତ୍ତର ଦିଅନ୍ତି । ବାହା ପରେ ନାଚ କରିବା ଡଂଗରିଆ ସମାଜରେ ଦେଖାଯାଏ ନାହିଁ ।"ତେଣୁ ସାମାଜିକ ପ୍ରଥା ଓ ବିଧି ବ୍ୟବସ୍ଥା ଆଦିକୁ ନିର୍ବାହ କରିବାରେ ଏହି ଡଂଗରିଆ କନ୍ଧ ମାନଙ୍କର ବହୁତ ବଂଶ ଦୃଷ୍ଟି ଗୋଚର ହୋଇଥାଏ । ଯଥା – ଜାକାସିକା, ବାଡଂକା, ପୁସିକା, ସିକୋକା, କାତ୍ରାକା, ନିସିକା, ମେଲେକୋ, ପିଡିକାକା ଇତ୍ୟାଦି । ଏମାନଙ୍କ ମଧ୍ୟରେ ଜାକାସିକା ବଡ ଗର୍ବ କରେ ତା'ର ବଂଶ ପରଂପରା ତଥା ଆଭିଜାତ୍ୟକୁ ନେଇ । ଏହିପରି ଭାବରେ ଡଂଗରିଆ କନ୍ଧ ମାନଙ୍କର ସାମାଜିକ ଜୀବନ ଚର୍ଯ୍ୟା ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ବୈଚିତ୍ର୍ୟ ବିମଣ୍ଡିତ ବୋଲି ନିଃସନ୍ଦେହର ସହିତ କୁହାଯାଇପାରେ । ଏମାନେ ମୁଖ୍ୟତଃ ଆମ୍ ନୁଆଖିଆ, ଫସଲ ଅମଳ, ଡଂଗର ପୂଜା, ଧରଣୀ ପୂଜା ଇତ୍ୟାଦି ପର୍ବମାନ ପାଳନ କରିଥାନ୍ତି ବେଶ୍ ତତ୍ପରତାର ସହିତ । ସର୍ବୋପରି, ଏମାନଙ୍କର ସାମାଜିକ ଜୀବନଚର୍ଯ୍ୟା ଅତୀବ ମନୋରମ ଓ ହୃଦୟଗ୍ରାହୀ ବୋଲି ନିଦ୍ୱନ୍ଦ୍ୱର ସହିତ ଘୋଷଣା କରାଯାଇପାରେ ।

ଓଡିଶାର ସାମାଜିକ ଜୀବନ ଚର୍ଯ୍ୟା ମଧ୍ୟରେ ଆଦିବାସୀ ଜୀବନ ଚର୍ଯ୍ୟାର ଗୌରବମୟ ଅଧ୍ୟାୟ ବିଶେଷ ଭାବରେ ସ୍ଥାନ ଲାଭ କରିଥିବାର ଜଣାଯାଏ । ମହାଭାରତ ଓ ରାମାୟଣ ପରି ଉଚ୍ଚକୋଟୀର ପୁରାଣଗ୍ରନ୍ଥ ମାନଙ୍କରେ ମଧ୍ୟ ଆଦିବାସୀ ଜୀବନର ମାର୍ମିକ ଚିତ୍ର ବେଶ୍ ମନୋରମ ଓ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଥିବାର ଜଣାଯାଏ । ମହାଭାରତରେ ମଧ୍ୟ ମାଟିର କବି ସାରଳା ଦାସ ଆଦିବାସୀ ଜନ ଜୀବନର ମାର୍ମିକ ଚିତ୍ର ପ୍ରଦାନରେ ଶତମୁଖୀ ହୋଇ ଉଠିଥିବାର ଦୃଷ୍ଟି ଗୋଚର ହୋଇଥାଏ । ସମାଲୋଚକ ଡ. କୃଷ୍ଣ ଚରଣ ବେହେରା ତାଙ୍କର "ପ୍ରାକ୍ ସ୍ୱାଧୀନତା ଓଡିଆ ସାହିତ୍ୟରେ ଆଦିବାସୀ ସଂପ୍ରଦାୟର ଚିତ୍ର" ପ୍ରବନ୍ଧରେ ଆଦିବାସୀ ଜନ ଜୀବନର ଚିତ୍ର ସଂପର୍କରେ ଆଲୋକପାତ କରିବାକୁ ଯାଇ ଯଥାର୍ଥରେ ଲେଖିଛନ୍ତି, "ଶାରଳା ମହାଭାରତରେ ଯେତିକି ଆଦିବାସୀ ଚିତ୍ର ସ୍ଥାନ ଲାଭ କରିଛି, ତହିଁରୁ ଜଣାପଡେ ଯେ- କବି ଶାରଳା ଦାସ ବ୍ୟାଧ ଶବରମାନଙ୍କୁ କେଉଁଠି ହୀନ କରି ଦେଖାଇ ନାହାନ୍ତି ବା ସେମାନଙ୍କୁ ଘୃଣା କରି ନାହାନ୍ତି । ବରଂ ଆଦିବାସୀ ସଂପ୍ରଦାୟକୁ ସେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ମାନ୍ୟତା ଓ ଗୌରବ ପ୍ରଦାନ କରିଛନ୍ତି । ଓତାଦି ଶିବପୁରରେ ବ୍ରାହ୍ମଣ ଚାଣ୍ଡାଳ କନ୍ୟା ବିବାହ (ଆଦିପର୍ବ), ଭୀମ-ହିଡିମ୍ବୀକା ବିବାହ (ମଧ୍ୟ ପର୍ବ) ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ଏକତ୍ରୀକରଣ ପ୍ରସଙ୍ଗରେ ଶବରୀ ନାରାୟଣ ପୂଜା (ମୂଷଳୀ ପର୍ବ) ପ୍ରଭୃତି ଘଟଣାରୁ ଏହାର ପ୍ରମାଣ ମିଳେ ।" ଶାରଳା ମହାଭାରତର ବହୁ ସ୍ଥାନରେ ଶବର, କିରାତ, ବ୍ୟାଧ, ଚଣ୍ଡାଳ, ନିଷାଦ ପ୍ରଭୃତି ଆଦିବାସୀ ଚରିତ୍ର ମାନଙ୍କର ଉଲ୍ଲେଖ ବହୁ ଭାବରେ କରାଯାଇଥିବାର ଅନୁମିତ ହୁଏ । ଉଦାହରଣ ସ୍ୱରୂପ ଏଠାରେ ଅଦିପର୍ବର ଜାରା ଶବର ବା ଏକଲବ୍ୟ ଉପାଖ୍ୟାନ ବିଷୟକୁ ମଧ୍ୟ ଅବତାରଣା କରାଯାଇପାରେ । ଯେତେବେଳେ ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ଜାରା ଶବର ଶିଷ୍ୟ ବା "ବିଦ୍ୟାପୁତ୍ର" ହେବାପାଇଁ ଆସି ପହଁଚିଛି, ସେତେବେଳେ ତା'ର ରୂପଚର୍ଯ୍ୟା ପ୍ରଦାନ କରିବାକୁ ଯାଇ ଶାରଳା ଦାସ ଲେଖିଛନ୍ତି- "ମଥାରେ ମଜୁରଝାଲି କଣ୍ଠେ ଗୁଞ୍ଜରା ମାଳି / ଲୋହିତ ବର୍ଣ୍ଣ ନେତ୍ର ଶରୀରେ ରଂଗ ଧୂଳି /ଧାମଣା କାଠର ଧନୁ କଣ୍ଡା ବାୟେଂଶର ଗୁଣ/ତାଳି ରଣ ଫିରିକି ନାରାଜ ଦ୍ରୋଣ /ଶେହେନେଳ ସରୂପେ ଅଜପତିର ତନୟେ /ଦ୍ରୋଣଙ୍କ ଦ୍ରଶନ କଲା ବାରଣାବନ୍ତ ଆଖଡାୟେ ।" (ଶାରଳା ମହାଭାରତ)

ମହାଭାରତ ପରି ରାମାୟଣ ଗ୍ରନ୍ଥରେ ମଧ୍ୟ ଆଦିବାସୀ ଜୀବନ ଚର୍ଯ୍ୟାର ବହୁ ଦୃଷ୍ଟାନ୍ତ ରହିଥିବାର ଦେଖାଯାଏ । ପ୍ରଭୁ ରାମଚନ୍ଦ୍ର ଦୀର୍ଘ ଦିନ ଧରି ଅରଣ୍ୟ ମଧ୍ୟରେ ସମୟ ଅତିବାହିତ କରିଛନ୍ତି । ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ, ତଥା ବନବାସୀ ଭାବରେ ଗୁହକ ଶବର ସହିତ ମଧ୍ୟ ମିତ୍ରତା ସ୍ଥାପନ ଆଦି ଘଟଣାମାନ ବର୍ଣ୍ଣନା କରାଯାଇଛି ରାମାୟଣରେ ।

ସମାଲୋଚକ ଶ୍ରୀ ହରେକୃଷ୍ଣ ପାଢ଼ୀ ତାଙ୍କର "ଦାଣ୍ଡୀ ରାମାୟଣରେ ଶାବରଚର୍ଯ୍ୟା" ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି, "ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିକାଶ ଇତିହାସରେ ଆର୍ଯ୍ୟ, ଦ୍ରାବିଡ ଓ ଆଦିବାସୀ ମାନଙ୍କ ସଂଘର୍ଷ ଓ ସମନ୍ୱୟର ବହୁ ଦୃଷ୍ଟାନ୍ତ ରହିଛି । ପ୍ରାଚୀନ ସାହିତ୍ୟ, ଧର୍ମ, ଦର୍ଶନ ଓ ଆଚରଣ ରେ ଏହାର ବହୁ ସୂଚନା ମିଳେ । ପୃଥିବୀ ପ୍ରସିଦ୍ଧ ରାମାୟଣରେ ମଧ ଏହିଭଳି ସୂଚନାର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୋଇଥାଏ। ଏସିଆ ମହାଦେଶର ବିଭିନ୍ନ ଦେଶରେ ରାମାୟଣ କୁହାଯାଇ ବହୁଳ ପ୍ରସାର ହୋଇଥିବା ଦେଖାଯାଏ ।" ଏଣୁ କବି ବଳରାମ ଦାସଙ୍କର "ଜଗମୋହନ ରାମାୟଣ" ରେ କିପରି ଗୁହ ଶବର ସଂପର୍କରେ ଉଲ୍ଲେଖ କରାଯାଇଛି, ତାହା ପ୍ରଣିଧାନଯୋଗ୍ୟ ବିଷୟ ଅଟେ । ନିଜର ସଂପୂର୍ଣ୍ଣ ପରିଚୟ ପ୍ରଦାନ କରିବାକୁ ଯାଇ ଗୁହ ଶବର ମୁଖରେ କବି କୁହାଇଛନ୍ତି । "ଶବର ବୋଇଲା ତୁମ୍ଭେ ଶୁଣ ହେ ଶ୍ରୀରାମ / ଗଂଗାନଦୀ କୂଳରେ ମୋହର ଆଶ୍ରମ / ଆଶାବତୀ ବୋଲିଣ ମୋ ନଗ୍ର ଅଟଇ / ଦଶଲକ୍ଷ ଶବର ମୋତେ ଯେ ଖଟଇ / ବିରାଯୁଧ ପୁତ୍ର ମୁଁ ଯେ ଗୁହ ମୋହ ନାମ / ମୁହିଁ ମୃଗୟାକୁ ଆସିଛି ଶ୍ରୀରାମ ।" (ପୃ.୨- ଅଯୋଧ୍ୟାକାଣ୍ଡ- ଧର୍ମଗ୍ରନ୍ଥଷ୍ଟୋର)

ଓଡିଶାର ଜନ ସଂଖ୍ୟାର ପ୍ରାୟଃ ୧/୩ ଅଂଶ ହେଉଛନ୍ତି ଆଦିବାସୀ। ଏମାନେ ମୁଖ୍ୟତଃ ଓଡିଶାର ବଣ ପାହାଡ ଘେରା ଅଂଚଳର ବସତି ସ୍ଥାପନ କରିଅଛନ୍ତି । ତେଣୁ ଓଡିଶାର ଧର୍ମଧାରାରେ ଏହି ଆଦିବାସୀ ସଂପ୍ରଦାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଓଡିଶାରେ ଶ୍ରୀଜଗନ୍ନାଥ ଆରାଧ୍ୟ ଦେବତା ଭାବରେ ପୂଜିତ। ସେ ଉଭୟ ଆର୍ଯ୍ୟ ଓ ଆଦିବାସୀ ମାନଙ୍କର ଦେବତା ରୂପରେ ଗୃହୀତ ହୋଇଛନ୍ତି । ତେଣୁ ଭାରତୀୟ କାବ୍ୟ ପରଂପରାରେ ମଧ ଆଦିବାସୀ ଜୀବନଚର୍ଯ୍ୟା ବହୁବିଧ ରୂପ ଦୃଶ୍ୟମାନ ହୁଏ। ବନବାସୀଙ୍କ ଜୀବନ ଚିତ୍ର କିପରି ସମଗ୍ର ଭାରତୀୟ ସାହିତ୍ୟରେ ବିଦ୍ୟମାନ ସେ ସଂପର୍କରେ ସମାଲୋଚକ ଶ୍ରୀ ଭଗବାନ ପଣ୍ଡା ତାଙ୍କର "ସଂସ୍କୃତ ସାହିତ୍ୟରେ ବନବାସୀଙ୍କ ଜୀବନ ଚିତ୍ର" ଶୀର୍ଷକ ପ୍ରବନ୍ଧରେ ଯଥାର୍ଥରେ କହନ୍ତି, "ଭାରତର ସଂସ୍କୃତ ସାହିତ୍ୟରେ ମାନବଜୀବନର ଯେପରି ବିସ୍ତୃତ ବର୍ଣ୍ଣନା ଅଛି ତା'ର ପଟାନ୍ତର ନାହିଁ । କେବଳ ରାଜା, ମହାରାଜା, ଅସୂର୍ଯ୍ୟମ୍ପଶ୍ୟା ରାଜଦାରା କି ନଗରବାସୀ ସମୃଦ୍ଧ ଓ ବିଦଗ୍ଧ ଜନଗୋଷ୍ଠୀର ଜୀବନଚିତ୍ର ନୁହେଁ ପଲ୍ଲୀବାସୀ ସାଧାରଣ ଜନତାଠାରୁ ଆରମ୍ଭ କରି ପ୍ରକୃତିର ବିଚିତ୍ର ରୂପସମ୍ଭାର ଓ ପ୍ରକୃତି କୋଳରେ ଲାଳିତ ପାଳିତ ହୋଇ ଜୀବନଯାପନ କରିଥିବା ବନବାସୀ ବା ଆଦିବାସୀ ଜୀବନର ଚିତ୍ରଣ ମଧ ସଂସ୍କୃତ ସାହିତ୍ୟରେ ବହୁଳଭାବେ ଦେଖିବାକୁ ମିଳେ । ଭାରତୀୟ ଜୀବନଧାରାର ଶ୍ରେଷ୍ଠ ଲିପିବଦ୍ଧ ଗ୍ରନ୍ଥ, ରାମାୟଣ, ମହାଭାରତ, ବିଶାଳ ପୁରାଣ ସାହିତ୍ୟ ସହିତ ଗୁଣାଢ୍ୟ ବୃହତ୍ କଥା, ସୋମଦେବଙ୍କ କଥା ସରିତସାଗର ତଥା ଜୈନ ଓ ବୌଦ୍ଧଧର୍ମର ସଂସ୍କୃତ ରଚନାବଳୀ ବ୍ୟତୀତ ସଂସ୍କୃତ କାବ୍ୟ ସାହିତ୍ୟରେ ମଧ୍ୟ ପର୍ବତ, ବନ, ଗିରି, ନଦୀ ଓ ଅରଣ୍ୟାନୀର ଭୀମକାନ୍ତ ରୂପ ଓ ବନବାସୀଙ୍କ ଆଙ୍ଗିକ ଓ ଆତ୍ମିକ ଚରିତ୍ର ଚିତ୍ରଣର ଅଭାବ ପରିଲକ୍ଷିତ ହୁଏ ନାହିଁ।" ଶବର ସଂପ୍ରଦାୟର ଲୋକ ମାନଙ୍କର ଜୀବନଚର୍ଯ୍ୟା ବର୍ଣ୍ଣନା କବି ନରସିଂହ (୧୮ଶ ଶତାବ୍ଦୀ) ତାଙ୍କ ଦଶ ଅଙ୍କ ବିଶିଷ୍ଟ ଭଞ୍ଜ ମହୋଦୟ ନାଟକରେ ପ୍ରଦାନ କରିଅଛନ୍ତି । ବିଶେଷତଃ ଜୁଆଙ୍ଗ ରମଣୀମାନଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି, "ଭ୍ରମନ୍ତି ପର୍ଣ୍ଣବସନା ଗୁଞ୍ଜାପୁଞ୍ଜୌକମଣ୍ଡନାଃ / ଅନାବୃତସ୍ତନାଃ ପୀନା ଶବରାଙ୍ଗନା ।" (ପୃ- ୧୪)

ଉପରୋକ୍ତ ବର୍ଣ୍ଣନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ ପ୍ରତ୍ୟେକ ଭାରତୀୟ ସାହିତ୍ୟରେ ଆଦିବାସୀ ସଂପ୍ରଦାୟର ବର୍ଣ୍ଣନା ନିଖୁଣ ଭାବରେ କରାଯାଇଛି, ତା'ର ପଟାନ୍ତର ନାହିଁ । ଭାରତୀୟ କାବ୍ୟ ପରଂପରାରେ ଏହାର ବହୁ ଉଦାହରଣ ଦୃଶ୍ୟମାନ ହୋଇଥାଏ । ଓଡିଆ କାବ୍ୟ ସାହିତ୍ୟର ମଧ୍ୟ ଯୁଗରେ ମଧ ଏହିପରି ଅନୁରୂପ ବର୍ଣ୍ଣନାର ଆଭାସ ମିଳିଥାଏ । ବଳରାମ ଦାସ, ଉପେନ୍ଦ୍ର ଭଞ୍ଜ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ପ୍ରମୁଖ କବିମାନଙ୍କର ରଚନାବଳୀ ମାନଙ୍କରେ ମଧ ଆଦିବାସୀ ଜନ ଜୀବନର ମାର୍ମିକ ଚିତ୍ର ତଥା ଚରମ ନିଦର୍ଶନର ପ୍ରମାଣ ରହିଅଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର "ଲାବଣ୍ୟବତୀ" କାବ୍ୟର ଚତୁର୍ବିଂଶ ଛାନ୍ଦରେ ଚନ୍ଦ୍ରଭାନୁର ଶିକାର ବର୍ଣ୍ଣନା ପ୍ରସଂଗରେ ଲେଖିଛନ୍ତି, "ଶବରପନ୍ତି କି ଭୟଙ୍କର ଯଥା ପରତେ-ରାଟ କିଙ୍କର / ଭୂଷା ବରାଟ ଗୁଞ୍ଜ ନିକର ମଧୁରେ ମଉଯେ / ମନ୍ତର ପଢ଼ି ଧୂଳି ଉଡାଇ ଗଲେ ଯେ ପଶୁପଦ ଗୋଡାଇ / ଧମନ ରାଜେ କାଣ୍ଡ ଚଢାଇ ଟାଙ୍ଗି ଗୃହୀତ ଯେ / ବ୍ୟାଧେ ବହିତା ନଳ ତାଳ ତାଟିକି ଯେ / ନଳୀ ଖାଳିରେ ଘେନି ଅଠା କାଠିକି ଯେ / ବହି ବାଗୁରା କେ ତହିଁ ଦ୍ୱାରା ବହୁତ ମୃଗ ଦଂଶନ ଧରା / ଶାଖା ବେଷ୍ଟନେ ବଲ୍ଲରୀ ପରା ଲଭି ଦୃଷ୍ଟିକି ଯେ।"

ଏତତ୍ ବ୍ୟତୀତ କବିଙ୍କର "ବୈଦେହୀଶ ବିଳାସ", "ସୁଭଦ୍ରା ପରିଣୟ" "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" ତଥା କବିସୂର୍ଯ୍ୟଙ୍କର "ଲଳିତ ଲୋଚନା" କାବ୍ୟରେ ମଧ୍ୟ ଆଦିବାସୀ ଗୋଷ୍ଠୀର ମାର୍ମିକ ଚିତ୍ର ବେଶ ସରସ, ସୁନ୍ଦର ଓ ମନୋରମ ଭାବରେ ବର୍ଣ୍ଣିତ ହୋଇଅଛି । ଓଡିଆ ସାହିତ୍ୟର ପରବର୍ତ୍ତୀ ସମୟରେ ଅର୍ଥାତ୍ ଆଧୁନିକ ଯୁଗରେ ମଧ ଆଦିବାସୀ ଜୀବନକୁ ନେଇ ଏକାଧିକ ସ୍ରଷ୍ଟା ସେମାନଙ୍କର ସାରସତ ସୃଷ୍ଟି-ସମ୍ଭାର ମଧରେ ସାରସ୍ୱତ ସାହିତ୍ୟ ସୃଷ୍ଟିକରି ଚାଲିଛନ୍ତି ଅବିରାମ ଭାବରେ । ସେମାନଙ୍କ ମଧରେ ଗୋପାଳ ବଲ୍ଲଭ ଦାସଙ୍କ ଲେଖନୀରୁ

କାଳଜୟୀ ଉପନ୍ୟାସ "ଭୀମ ଭୂଇଁୟା" (୧୮୯୮), ଚିନ୍ତାମଣି ମହାନ୍ତିଙ୍କ ଠାରୁ କନ୍ଧ ଏବଂ ସଉରା ସଂପ୍ରଦାୟର ଚିତ୍ର ସଂକଳିତ ଗ୍ରନ୍ଥ "କଳାହାଣ୍ଡି ଭ୍ରମଣ" (୧୯୩୫) ଜଳନ୍ଧର ଦେବଙ୍କ ଲେଖନୀରୁ କୋହ୍ଲ-କନ୍ଧଙ୍କ ଜୀବନ ଚିତ୍ର ସମ୍ବଳିତ "ଅତିଥି ସତ୍କାର" (୧୯୨୮) ଏବଂ "ଏହାକି ଆତ୍ମହତ୍ୟା"? (୧୯୩୫) ଭଳି ଗଳ୍ପ । ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଦ୍ୱାରା ସଂଗୃହୀତ ଗୀତଗୁଚ୍ଛ "ଗାନ୍ଧର୍ବିକା ଶତଦଳ" (୧୯୪୭) ରେ ପ୍ରକାଶିତ ଓ ଏଥିରେ ପ୍ରାୟ ୧୦ଟି ଆଦିବାସୀ ସଂପ୍ରଦାୟର ଗୀତ ସ୍ଥାନିତ ହୋଇଅଛି । ଏହାପରେ ଶ୍ରୀସାହୁ ଆଦିବାସୀ ଗୀତର ଇଂରେଜୀ ଅନୁବାଦ "Spring of the soul or songs of the Hill Tribes" ନାମରେ ପୁନାଠାରେ ମୁଦ୍ରିତ କରାଇ ପ୍ରକାଶ କରାଇଥିଲେ । ସାଂପ୍ରତିକ କାଳରେ ଓଡିଆ ସମାଲୋଚନା ସାହିତ୍ୟରେ ଆଦିବାସୀ ମାନଙ୍କର ଜୀବନଚର୍ଯ୍ୟା ଉପରେ ସରଗର୍ଭକ ପ୍ରବନ୍ଧ ଓ ସମାଲୋଚନା ମାନରଚନା କରିଛନ୍ତି ବହୁ ଗବେଷକ ଓ ସମାଲୋଚକ । ସେମାନଙ୍କ ମଧ୍ୟରୁ ପ୍ରଫେସର ଖଗେଶ୍ୱର ମହାପାତ୍ର, ପଠାଣି ପଟ୍ଟନାୟକ, ଭଗବାନ ପଣ୍ଡା, ବିଶ୍ୱମ୍ଭର ପଟେଲ, ପରମାନନ୍ଦ ପଟେଲ, କୁମୁଦ ରଂଜନ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ପ୍ରଧାନ, ଶ୍ୟାମ ସୁନ୍ଦର ଧର, ଦ୍ୱାରିକାନାଥ ନାୟକ, ନିମାଇ ଚରଣ ପଣ୍ଡା, ପ୍ରତିଭା ରାୟ, ସୀତାକାନ୍ତ ମହାପାତ୍ର, ଇନ୍ଦୁ ଭୂଷଣ କର, ଗଣେଶ ପ୍ରସାଦ ପରିଜା, ରବି ନାରାୟଣ ଦାଶ, ଚିତ୍ରସେନ ପସାୟତ, ଖିରୋଦ ଚନ୍ଦ୍ର ବେହେରା ପ୍ରମୁଖଙ୍କ ନାମ ଏଠାରେ ଶ୍ରଦ୍ଧା ଓ ସମ୍ମାନର ସହିତ ଉଲ୍ଲେଖ କରାଯାଇପାରେ । ଓଡିଶାର ବରିଷ୍ଠ କବି ସମାଲୋଚକ ଡ. ସୀତାକାନ୍ତ ମହାପାତ୍ର ହେଉଛନ୍ତି ଜଣେ ଆଦିବାସୀ ଜୀବନର ସଫଳ ରୂପକାର । ସେ ଆଦିବାସୀ ମାନଙ୍କ ଉପରେ ବହୁ ସୁଚିନ୍ତିତ ମତାମତ ପ୍ରଦାନ କରିଯାଇଛନ୍ତି । ସେ ତାଙ୍କର "The Empty distance carries" ରେ ଆଦିବାସୀ ମାନଙ୍କର କବିତା ସଂପର୍କରେ ଯଥାର୍ଥରେ introduction ରେ ଲେଖିଛନ୍ତି, "Tribal Oral tradition have been, no doubt, studied and more of the poetry of primitives published but social anthropology is still not very kind to the study of primitive songs as a method of sociological inquiry. Besides, these songs are not merely of interest as sociological literature. They have a lot of value as poetry." ସୁତରାଂ, ସୀତାକାନ୍ତ ମହାପାତ୍ରଙ୍କ ଆଭିମୁଖ୍ୟରେ ରହିଛି ଆଦିବାସୀ ସଂପ୍ରଦାୟ ପ୍ରତି ଆତ୍ମାର ଗଭୀର ସମର୍ଥନ । ସେ ଜଣେ ଉଦାର, ଦରଦୀ ତଥା ମାନବବାଦୀ ସାହିତ୍ୟ ସାଧକ ଭାବରେ ଓଡିଶାର ସର୍ବତ୍ର ସୁପରିଚିତ ଅଟନ୍ତି । ସାଂପ୍ରତିକ ଓଡିଆ ସାହିତ୍ୟରେ ଆଦିବାସୀ ସଂସ୍କୃତି ଓ ସାହିତ୍ୟକୁ ଲୋକପ୍ରିୟ କରିବା ଦିଗରେ ପ୍ରମୁଖ ଭୂମି ଓ ଭୂମିକା ଗ୍ରହଣ କରିପାରିଛନ୍ତି ଅତି ସୌନ୍ଦର୍ଯ୍ୟାତ୍ମକ ଶୈଳୀରେ । ସୀତାକାନ୍ତ ମହାପାତ୍ରଙ୍କର "The Empty distance carries", "The wooden sword" ଏବଂ "Forgive the words" ଆଦି ହେଉଛି ଆଦିବାସୀ ମାନଙ୍କର କବିତା ଗୁଡିକର ଇଂରେଜୀ ଅନୁବାଦ ଗ୍ରନ୍ଥ । ଏତତ୍ ବ୍ୟତୀତ ସେ ଏକାଧିକ ଗ୍ରନ୍ଥ ରଚନା କରିଯାଇଛନ୍ତି । ଆଦିବାସୀ ସମାଜରେ ଅସରନ୍ତି କଳା ଓ କବିତାର ଉତ୍ସ ପରିପୂର୍ଣ୍ଣ ହୋଇରହିଛି । ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକଳାପକୁ ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ସ୍ୱଷ୍ଟ ପ୍ରତିଭାତ ହୋଇଥାଏ । ସେମାନେ ନିଶ୍ଚୟ କଳା ପ୍ରିୟ । ସେମାନଙ୍କର ଜୀବନ ଶୈଳୀ ସଂପର୍କରେ T. Sanganna ତାଙ୍କର "Tribal culture and its preservation and scientific development" ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି "A study of Adibasi dance, music and drama would reveal how culture born out of nature and attends to nature can live and flourish even without the aid of letters and how it is natural spontaneous as life itself." ସାହିତ୍ୟ ଭିତରେ ମାନବୀୟ ଅଭିବ୍ୟକ୍ତିର ଅବାରିତ ଧାରା ସ୍ୱତଃସ୍ଫୁର୍ତ୍ତ ଭାବରେ ପ୍ରକାଶିତ ହୁଏ । ବିଶେଷତଃ ଆଦିବାସୀ ମାନଙ୍କର ଜୀବନ ଓ ଯୌବନର ଅନାହତ ସ୍ୱର ଓ ସ୍ୱାକ୍ଷର ପ୍ରକାଶିତ ହୋଇପାରିଛି ବେଶ୍ ସୌନ୍ଦର୍ଯ୍ୟାତ୍ମକ ଭାବଧାରା ମଧ୍ୟରେ / ହୃଦୟର ଆବେଗ (emotion) ଯେପରି ସ୍ୱଚ୍ଛନ୍ଦ ଭାବରେ ପ୍ରକାଶିତ ହୁଏ, ତା'ର ସୀମା ନାହିଁ ।

ଓଡିଆ ଉପନ୍ୟାସ କ୍ଷେତ୍ରରେ ଆଦିବାସୀ ଜନ ଜୀବନକୁ ଲୋକାଭିମୁଖୀ କରିବା ଦିଗରେ ଗୋପୀନାଥ ମହାନ୍ତିଙ୍କ ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ତାଙ୍କର "ଦାଦିବୁଢା", ପରଜା, "ଶିବଭାଇ", "ଅମୃତର ସନ୍ତାନ" ପରି କାଳଜୟୀ ସାରସ୍ୱତ ସୃଷ୍ଟି ସମ୍ଭାର ମଧ୍ୟରେ ଆଦିବାସୀ ଜନଜୀବନର ଜୀବନ୍ତ ଓ ଜ୍ୱଳନ୍ତ ଚିତ୍ର ପ୍ରଦର୍ଶନର ପଟାନ୍ତର ନାହିଁ । ଦୀର୍ଘ ଦିନ କୋରାପୁଟ ଅଂଚଳରେ ଅବସ୍ଥାନ କାଳରେ ସେ ଆଦିବାସୀମାନଙ୍କୁ ଯେପରି ଭାବରେ ଦେଖିଛନ୍ତି ଖୁବ୍ ନିକଟରୁ, ତା'ର ଆଲେଖ୍ୟ ପ୍ରଦାନରେ ପୂର୍ଣ୍ଣ ମାତ୍ରାରେ ସକ୍ଷମ ହୋଇ ପାରିଛନ୍ତି । ଅପର ପକ୍ଷରେ ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତି ତାଙ୍କର "ବନଗହନର ତଳେ" ତଥା "କାତ୍ରାକାକେଲି" ଆଦି ଉପନ୍ୟାସରେ ମଧ୍ୟ ସୁନ୍ଦର ଚିତ୍ର ରହିଛି ଆଦିବାସୀ ସମାଜର । ସମାଲୋଚକ ପଠାଣି ପଟ୍ଟନାୟକ ତାଙ୍କର "ସ୍ୱାଧୀନୋତ୍ତର ଓଡିଆ ସାହିତ୍ୟରେ ଆଦିବାସୀ ସଂପ୍ରଦାୟର ଚିତ୍ର" ପ୍ରବନ୍ଧର ଗୋପୀନାଥ ମହାନ୍ତିଙ୍କର ସାରସ୍ୱତ ସୃଷ୍ଟି ସଂପର୍କରେ ଯଥାର୍ଥରେ ଲେଖିଛନ୍ତି "ଆଦିବାସୀ ଭାଷା ଜାଣିଥିବାରୁ ଗୋପୀନାଥ ଉପନ୍ୟାସରେ ଯେପରି ପାତ୍ରମୁଖୀ ଭାଷାର ପରିଚୟ ମିଳିଥାଏ ଅନ୍ୟ ଲେଖକଙ୍କ ଲେଖାରେ ତାହା ସଂଭବ ହୋଇପାରିନାହିଁ । ଗୋପୀନାଥଙ୍କ ଲେଖା ପଢୁପଢୁ ପାଠକ ମନେକରେ ସେ ଯେପରି କୋରାପୁଟ ପାହାଡି

ଝୋଲାରେ ପରିଭ୍ରମଣ କରୁଛି । xxxxxx ତେବେ ଗୋପୀନାଥ କେବଳ ଗିରିଜନର ଜୀବନଚିତ୍ର ଦେଇନାହାଁନ୍ତି ତାଙ୍କରି ମନରେ ନିଆଁଝୁଲ ଧରାଇଛନ୍ତି । ସାଉକାରର ଶୋଷଣ ବିରୁଦ୍ଧରେ ଦେଶୀଆ ଲୋକର ଚକ୍ରାନ୍ତକୁ ଭଣ୍ଡୁର କରିବା ପାଇଁ "ପରଜା" ହୋଇଛି ବିପ୍ଳବୀ ।" ୧୯୮୦ ମସିହାରେ ପ୍ରକାଶିତ "କ୍ରାନ୍ତିର ଅବବାହିକା" ହେଉଛି ଶ୍ରୀ ଶଶିଭୂଷଣ ମହାପାତ୍ରଙ୍କର ଏକ ସଫଳ ଉପନ୍ୟାସ । ଏଥିରେ ସେ ଆଦିବାସୀ ଜୀବନର ଏକ ଅନାହତ ତଥା ମାର୍ମିକ ଚିତ୍ର ଓ ଚରିତ୍ର ପ୍ରଦାନରେ ସକ୍ଷମ ହୋଇପାରିଥିବାର ଜଣାଯାଏ । ଗାଂଗପୁର ଅଂଚଳର ଆଦିବାସୀ ମାନଙ୍କର ସରଦାର ଭାବରେ ସୁପରିଚିତ ଥିଲା ବିରସା ଓରାମ। କିନ୍ତୁ ଯନ୍ତ୍ର ସଭ୍ୟତାର ବିକାଶ ଫଳରେ ବଣ ଜଂଗଲ ପଦା ହୋଇଗଲା ଓ ସେଠାରେ ପ୍ରତିଷ୍ଠା ହେଲା ଶିଳ୍ପ ସଭ୍ୟତା । ଫଳରେ ତା'ର ପୁଅ ଖେଦୁ ଓରାମ ସରଦାର ହୋଇଥିଲା ଆଦିବାସୀ ସମାଜର ସାମୁହିକ କଲ୍ୟାଣ ପାଇଁ । କିନ୍ତୁ ତଥାପି ମଧ ଖେଦୁ ଓରାମ ଓ ତା'ର ପୁଅ ମେର୍ଦ୍ଧା ମଧ ସମସ୍ୟାର ଉତ୍କଟ ଅବସ୍ଥାକୁ ମୁକାବିଲା କରିନପାରି ଶ୍ରମିକ ଜୀବନକୁ ଆପଣେଇ ଦେଇଛନ୍ତି । ଏଣୁ ସାଂପ୍ରତିକ ସାମାଜିକ ଜୀବନର ଦୃଢ଼ ଅବକ୍ଷୟ ଚିତ୍ର ପ୍ରଦାନ କରିବାରେ ଔପନ୍ୟାସିକ ଶ୍ରୀ ମହାପାତ୍ର ଆପ୍ରାଣ ଉଦ୍ୟମ ଅବ୍ୟାହିତ ରଖିଥିବାର ଜଣାଯାଏ । ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଅନୁପମ ଉପଲବ୍ଧି ଭିତରେ ଜୀବନ୍ତ ହୋଇଉଠିଛି ଆଦିବାସୀ ଜୀବନର ମାର୍ମିକ ଚିତ୍ର । ଶ୍ରୀ ଗୋପୀନାଥ ମହାନ୍ତିଙ୍କ ଭାଷାରେ, ସେମାନେ ପ୍ରକୃତିର ସନ୍ତାନ-ଶିଶୁପରି ସରଳ ନିଷ୍କପଟ । ପ୍ରକୃତିର ସମସ୍ତ ଐଶ୍ୱର୍ଯ୍ୟ ସଂପଦରୁ ସେମାନେ ବଂଚିତ । ସମାଜରେ ଅବହେଳିତ, ନିର୍ଯ୍ୟାତିତ । ଚାକିରୀ ଜୀବନକାଳରୁ ଅର୍ଥାତ୍ ପ୍ରାୟ ୧୯୩୯ ରୁ ଆଦିବାସୀଙ୍କ ସହିତ ମୋର ସଂପର୍କ । ମୁଁ ସେମାନଙ୍କ ସହିତ ମିଶିଛି । ଏକ ସାଙ୍ଗରେ ବସି ମାଣ୍ଡିଆ ଜାଉ, ସୁଆଁ ଜାଉ, ଆମ୍ବଟାକୁଆ ଜାଉ ଖାଇଛି । ଚଟେଇ ପାରି ଏକାଠି ବସି ସୁଖଦୁଃଖ ହୋଇଛି । ସେମାନେ ମଦ ପିଅନ୍ତି । ମୁଁ ପିଇପାରି ନାହିଁ । ମୋର ଘୃଣା ହୋଇନାହିଁ । ସେଥିପାଇଁ ବରଂ ମୋର ଭଲ ପାଇବା ବଢ଼ିଛି - ପ୍ରତିଦାନରେ ପାଇଛି ମଧ୍ୟ ପ୍ରଚୁର । (ନବପତ୍ର-ଗୋପୀନାଥ ବିଶେଷାଙ୍କ – ୧୯୭୪ ପୃ-୧୬) । ଗୋପୀନାଥ ମହାନ୍ତିଙ୍କର "କୁଟା କୋଠିର ଗୀତ" ଅନ୍ୟତମ ସାର୍ଥକ ଗଳ୍ପ ବୋଲି କୁହାଯାଇପାରେ । ଶ୍ରୀ ମହାନ୍ତି ଦୀର୍ଘ ଦିନ ଧରି ଆଦିବାସୀ ସଂପ୍ରଦାୟ ସହିତ ମିଶିବାର ଅପୂର୍ବ ସୁଯୋଗ ପାଇଥିଲେ । ତେଣୁ ତାଙ୍କର ଗଳ୍ପ ଗୁଡିକ ହୁଏତ ଏତେ ରସୋର୍ତ୍ତୀର୍ଣ୍ଣ ହୋଇପାରିଛି । ସମତଳବାସୀ ଦେଶୀଆ ଲେଖକ ଗରିଜନ ସହିତ ଅନ୍ତରଙ୍ଗ ଭାବରେ ମିଶି ନଥିଲେ ହୁଏତ ଏଭଳି ଆଦିବାସୀ ଜନ ଜୀବନର ସଫଳ ଚିତ୍ର ପ୍ରଦାନରେ ସକ୍ଷମ ହୋଇପାରି ନଥାନ୍ତେ । ଓଡିଶାର ଆଦିବାସୀ ଜନ ଜୀବନ ସହିତ ସାରସ୍ୱତ ତଥାଶାଶ୍ୱତ ସଂପର୍କ ରକ୍ଷା କରିପାରିଥିବାରୁ ଶ୍ରୀ ମହାନ୍ତିଙ୍କର ଅଧିକାଂଶ ଗଳ୍ପ ଓ ଉପନ୍ୟାସ ଗୁଡିକ ବିଶେଷ ଲୋକପ୍ରିୟତା ହାସଲ କରିପାରିଥିବାର ମନେହୁଏ ।

ଓଡିଆ ଗଳ୍ପ ସାହିତ୍ୟରେ ମଧ ଆଦିବାସୀ ଜୀବନର ମାର୍ମିକ ଚିତ୍ର ପ୍ରଦାନରେ ସ୍ରଷ୍ଟାଗଣ ଶାଶ୍ୱତ ପ୍ରଚେଷ୍ଟା କରିଯାଇଛନ୍ତି । ଭାଗବତୀ ଚରଣ ପାଣିଗ୍ରାହୀଙ୍କର ବହୁ ଚର୍ଚ୍ଚିତ ଗଳ୍ପ "ଶିକାର" ହେଉଛି ସରଳ, ନିରଭିମାନ ତଥା ନିଃସ୍ୱପଟ ଆଦିବାସୀ ଯୁବକ ଘିନୁଆଁ ଜୀବନର ଏକ କରୁଣ କାହାଣୀ । ଯିଏ କି ଜୀବନ ତମାମ ତା'ର ଚରମ କ୍ରୋଧର ପ୍ରତିଶୋଧ ନେବାରେ ସକ୍ଷମ ହୋଇପାରିଛି । ସେହିପରି ଜଳନ୍ଧର ଦେବଙ୍କର "ଅତିଥି ସତ୍କାର"ଗୋପୀନାଥ ମହାନ୍ତିଙ୍କର "ବଘେଇ" ମନୋଜ ଦାସଙ୍କର "କନ୍ୟାୟନ", ଶାନ୍ତନୁ କୁମାର ଆଚାର୍ଯ୍ୟାଙ୍କର "ବନ୍ଦରିଆ", ହୃଷିକେଶ ପଣ୍ଡାଙ୍କର "ଛତିଶତମ ସାଧାରଣତନ୍ତ୍ର", ଉତ୍ତମ ପ୍ରଧାନଙ୍କର "ଖଗଲା", ଆର୍ଯ୍ୟ ଯଜ୍ଞଦତ୍ତଙ୍କର "ବଳି" ରାମ ମହାନ୍ତିଙ୍କର "ଝୋଲାଟଙ୍କା" ଭୀମ ପୃଷ୍ଟିଙ୍କ "ଟାକୁଆ", ସଦାନନ୍ଦ ତ୍ରିପାଠୀଙ୍କର "ଆଦିବାସୀ", ଯଶୋବନ୍ତ ସାମଲଙ୍କର "ସଭ୍ୟତାର ସୁଅରେ ଗାଁରୁ ମାଝି" ସତ୍ୟପ୍ରିୟ ମହାଲିଙ୍ଗଙ୍କର "ହାରାଧନ ହାଁସଦା", ଡ. ବାସନ୍ତୀ ମହାନ୍ତିଙ୍କର "ନିରୁଦ୍ଧିଷ୍ଟ", କାଶୀନାଥ ନନ୍ଦୀଙ୍କର "ଡିଣ୍ଡା", ଡା. ସମୀର ରଂଜନଙ୍କର "ବ୍ୟାଘ୍ର ଉପାଖ୍ୟାନ" ସୁପ୍ରିୟା ମଲ୍ଲିକଙ୍କର "ଜଙ୍ଗଲ ଚିତ୍ର", କୁମାର ହସନଙ୍କର "ଅରଣ୍ୟର ମନ" ତଥା ଦେବ ରଂଜନଙ୍କର "ଝଞ୍ଜାବତୀ" ଆଦି ଗଳ୍ପମାନଙ୍କରେ ଆଦିବାସୀ ଜନଜୀବନର ଏକ ସୁନ୍ଦର ଚିତ୍ର ଓ ଚରିତ୍ର ବେଶ ହୃଦୟଗ୍ରାହୀ ଭାବ ଓ ଭାଷାରେ ବର୍ଣ୍ଣିତ ହୋଇଥିବାର ଦେଖାଯାଏ । ସାଂପ୍ରତିକ ଓଡିଆ ଗଳ୍ପଧାରାରେ ସମାଜର ନିମ୍ନବର୍ଗର ତଥା ଆଦିବାସୀ ଜୀବନର ଅନାହତ ଚିତ୍ର ବେଶ ସମୁଜ୍ଜ୍ୱଳ ଭାବରେ ପ୍ରତିଭାତ ହେଉଥିବାର ଲକ୍ଷ୍ୟ କରାଯାଇପାରେ । ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କର "ସଭ୍ୟତାର ଗ୍ରାସ" ଗଳ୍ପଟିରେ ଆଧୁନିକ ସମସ୍ୟା ବହୁଳ ଆଦିବାସୀ ଜନ ଜୀବନର ମାର୍ମିକ ଚିତ୍ର ପ୍ରଦାନରେ ସକ୍ଷମ ହୋଇପାରିଛନ୍ତି । ଶ୍ରୀ ବସନ୍ତ କୁମାର ମହାନ୍ତିଙ୍କର "ମାୟାମୃଗ" ଗଳ୍ପ ସଂକଳନର "କ୍ଷୁଦ୍ରର ଦାବୀ" ଗଳ୍ପରେ ଜଣେ ଆଦିବାସୀ ଝିଅର କାହାଣୀ ବର୍ଣ୍ଣନା କରାଯାଇଅଛି । ଗାଳ୍ପିକ ଭୁବନେଶ୍ୱର ବେହେରା ହେଉଛନ୍ତି ଅନ୍ୟତମ ସଫଳ କଥାକାର । ତାଙ୍କର "ନାଚେ ବେନୁଆ ନାଚେ" ଗଳ୍ପକୁ ଏକ ସାର୍ଥକ ଗଳ୍ପ ଭାବରେ ଗ୍ରହଣ କରାଯାଇପାରେ । ସମାଲୋଚକ ପଠାଣି ପଟ୍ଟନାୟକ ତାଙ୍କର "ସ୍ୱାଧୀନୋତ୍ତର ଓଡିଆ ସାହିତ୍ୟରେ ଆସିବାସୀ ସମାଜ" ପ୍ରବନ୍ଧରେ ଶ୍ରୀ ବେହେରାଙ୍କ ଗଳ୍ପ ସଂପର୍କରେ ଯଥାର୍ଥରେ ଲେଖିଛନ୍ତି "ଆଦିବାସୀଙ୍କୁ ଉପଲକ୍ଷ୍ୟ କରି ଏହା ଏକ ସାର୍ଥକ କ୍ଷୁଦ୍ରଗଳ୍ପ । ହୀରାକୁଦ ବୁଡି ଅଂଚଳରେ ବୁଡି ଯାଉଥିବା ଗୋଟିଏ ଆଦିବାସୀ ଗାଁର "ସୋମବାରୁ" । ହୀରାକୁଦ ବନ୍ଧରେ ସେ ଥିଲା ମେଟ୍

ଆଉ କୁଲି ସର୍ଦାର । ଏକଦା କଳା ଭଉଁରୀର କରାଳ ମୁଖରୁ ଏହି "ସୋମବାରୁ" ଲେଖକଙ୍କୁ ବଂଚାଇ ଥିଲା ନିଜ ଜୀବନକୁ ପାଣି ଛଡାଇ । ସୋମବାରୁ ପରି ଅସଂଖ୍ୟ ଶ୍ରମିକଙ୍କ ରକ୍ତରେ ଗଢା ହେଲା ହୀରାକୁଦ । ତହିଁରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ବଳରେ ସମାଜର ବହୁ ଲୋକ ସୁଖର ସୌଧ ନିର୍ମାଣ କରି ଚାଲିଛନ୍ତି । ମାତ୍ର ବିଚରା ସୋମବାରୁ ଦରିଦ୍ର, ନିଃସ୍ୱ ହୋଇ ଶେଷ ଜୀବନରେ ଅତ୍ୟନ୍ତ ଅସହାୟ ଭାବରେ ମାଙ୍କଡ ନଚାଇ ବିତାଉଥିଲା ଜୀବନ ଏବଂ ତା'ର ପେଜୁଆ ପେଜୁଆ ଆଖିରେ ଅତୀତକୁ ଅନାଇ ତିରସ୍କାର କରୁଥିଲା ପରା ।" ଏହିଭଳି ଏକ ହୃଦୟ ବିଦାରକ ଦୃଶ୍ୟର ଅବତାରଣା କରି ଗାଳ୍ପିକ ବେହେରା ପାଠକର ତନୁମନରେ ଅବହେଳିତ ତଥା ନିଷ୍ପେଷିତ ଆଦିବାସୀ ମଣିଷ ମାନଙ୍କ ପ୍ରତି ଅଗାଧ ସହାନୁଭୂତି ତଥା ସମବେଦନାର ଭାବ ଜାଗ୍ରତ କରିବାରେ ଆଶାତୀତ ସଫଳତା ଲାଭ କରିପାରିଛି । ଅପରପକ୍ଷରେ, ସାଂପ୍ରତିକ କାଳର ବରିଷ୍ଠ କଥାଶିଳ୍ପୀ ଶ୍ରୀ ସାତକଡି ହୋତାଙ୍କର ଗଳ୍ପ "କିରିବୁରୁର କନ୍ୟା" ରେ ଆଦିବାସୀ ଜନଜୀବନର ମାର୍ମିକ ଚିତ୍ର ପ୍ରଦାନରେ ଯଥେଷ୍ଟ ସଫଳତା ଲାଭ କରିଥିବାର ଦୃଷ୍ଟି ଗୋଚର ହୋଇଥାଏ । ବିହାର ଓ ଓଡିଶାର ଏକ ଖଣିଜ ସଂପଦରେ ପରିପୂର୍ଣ୍ଣ ଅଂଚଳ ହେଉଛି କିରିବୁରୁ । ଏହି ଅଂଚଳ ହେଉଛି ପ୍ରକୃତିର ଗନ୍ତାଘର । ଏହାର ମନୋରମ ପ୍ରାକୃତିକ ଶୋଭାରାଶି ଗଭୀର ଭାବରେ ଗାଳ୍ପିକ ପ୍ରାଣରେ ଶିହରଣ ସୃଷ୍ଟି କରିପାରିଛି । ସାନ୍ତାଳ କନ୍ୟା ଫୁଲମତି ପ୍ରତି ଗାଳ୍ପିକ ଶ୍ରୀ ହୋତାଙ୍କର ଯେଉଁ ମନୋଭାବ ପ୍ରକାଶ ପାଇଛି, ତାହା ନିଶ୍ଚୟ ଏକ ବିରଳ ଅନୁଭବ ବୋଲି ନିଃସନ୍ଦେହର ସହିତ କୁହାଯାଇପାରେ । ଗାଳ୍ପିକଙ୍କ ଭାଷାରେ, "ସେ କହିଲା ତୁମ କଥା ସତ ସାହେବ । ମାଆ ପରି କେହି ହେବ ନାହିଁ । ମାଆ ସିନା ନାହିଁ ସାହେବ, ଏଇ ପାହାଡ ଅଛି, ଜଙ୍ଗଲ ଏବଂ ଝରଣା ଅଛି । କିରିବୁରୁ ମୋର ଆଉ ଗୋଟିଏ ମାଆ ସାହେବ । ସେବି ତଫୁଲ, ଫଳ ଛାଇ ଦେଇ ବଡ କରିଛି । ଏଇ ନାଲି ମାଟିକୁ ମୁଁ ଭାରି ଭଲ ପାଏ ସାହେବ । xxxxxx ଆଦିବାସୀର ସଂସାର ଅତି ଛୋଟ ସାହେବ । ତା'ର ଅତୀତ ନାହିଁ କି ଭବିଷ୍ୟତ ନାହିଁ । ତା'ପାଇଁ ଇତିହାସ ଲେଖା ହୁଏ ନାହିଁ, ତା'ର ଭୂଗୋଳ ବି ସୀମାବଦ୍ଧ । ବର୍ତ୍ତମାନ ପାଇଁ ସେ ବଂଚେ । ଜୀବନ ପାଇଁ ସେ ପରୁଆ କରେ ନାହିଁ ବୋଲି ଜୀବନଟା ଏତେ ସହଜ ।" ଆଦିବାସୀ ଜୀବନ ଚର୍ଯ୍ୟାର ମାର୍ମିକ ଚିତ୍ର ଅଂକନରେ ସାତକଡି ହୋତା କେତେଦୂର ସଫଳତା ଲାଭ କରି ପାରିଛନ୍ତି, ତାହା ସହୃଦୟ ପାଠକ ମାନେ ବିଚାର କରିବେ ନିଶ୍ଚୟ ।

ଡ. ଦେବାଶୀଷ ପାତ୍ରଙ୍କର "ମୁଦୁଲି ପଡାର ଲୋକେ" ପରି ଗ୍ରନ୍ଥରେ କୋରାପୁଟ ଅଂଚଳର ଆଦିବାସୀ ଜୀବନର ଅନାହତ ଚିତ୍ର ବେଶ ସୁନ୍ଦର ତଥା ରୁଚିଶୀଳ ପରିପାଟୀ ମଧ୍ୟରେ ଦୃଶ୍ୟମାନ ହୋଇଥାଏ କହିଲେ, ସତ୍ୟର ଅପଲାପ ହେବ ନାହିଁ । ସମଗ୍ର ଓଡିଆ ସାହିତ୍ୟକୁ ଅନୁଧ୍ୟାନ ଓ ଅଧ୍ୟୟନ କଲେ ଜଣାଯାଏ ଯେ, ଓଡିଶାର ଆଦିବାସୀ ଭାଇ ଓ ଭଉଣୀ ମାନଙ୍କର ଜୀବନର ଉତ୍‌ଥାନ-ପତନ, ଘାତ-ପ୍ରତିଘାତ, ସୁଖ-ଦୁଃଖ, ହାନି-ଲାଭ, ଅଭାବ-ଅନଟନ, ଆନନ୍ଦ-ବିଷାଦ, ପ୍ରେମ-ବିରହ ଆଦିର ସୁମଧୁର ଚିତ୍ର ଆଦୌ ବିରଳ ନୁହେଁ । ବରଂ, ସେମାନଙ୍କର ସାମାଜିକ ଜୀବନ ଧାରା ଓ ଧରାର ମନୋରମ ସୌନ୍ଦର୍ଯ୍ୟାତ୍ମକ ଶୈଳୀର ଅଭ୍ରାନ୍ତ ପରିପ୍ରକାଶ ଲକ୍ଷ୍ୟ କରାଯାଇପାରେ ।

ଓଡିଶାର ପୁର ପଲ୍ଲୀମାନଙ୍କରେ ଲୋକଗୀତ ବହୁ ପରିମାଣରେ ଦୃଷ୍ଟିଗୋଚର ହୋଇଥାଏ । ପଶ୍ଚିମ ଓଡିଶାରେ ଯେଉଁ ସବୁ ପର୍ବପର୍ବାଣୀ, ନୃତ୍ୟ, ଗୀତ ଓ ସଂଗୀତ ତଥା ଧର୍ମୀୟ ଚେତନା ପରିବ୍ୟାପ୍ତ ହୋଇ ରହିଛି । ସେଥିରେ ଆଦିବାସୀ ସଂସ୍କୃତି ସହିତ ହିନ୍ଦୁ ଧର୍ମର ଅପୂର୍ବ ସମନ୍ୱୟ ସ୍ଥାପିତ ହୋଇଥିବାର ଜଣାଯାଏ । ତେଣୁ ଯଥାର୍ଥରେ ସମାଲୋଚକ ଡ. ନିମାଇଁ ଚରଣ ପଣ୍ଡା ତାଙ୍କର "ପଶ୍ଚିମ ଓଡିଶାର ଲୋକ ସାହିତ୍ୟର ସ୍ୱରୂପ" ଗ୍ରନ୍ଥରେ ଆଲୋକପାତ କରିବାକୁ ଯାଇ ଲେଖିଛନ୍ତି, "ଆଦିବାସୀ ଅଧ୍ୟୁଷିତ ପଶ୍ଚିମ ଓଡିଶାରେ କରମସାନୀ, ନାଗବାଚ, ନୂଆଖାଇ, ପୁଷପୁନି ପ୍ରଭୃତି ପର୍ବ ଏବଂ ଡାଲଖାଇ, ଓଷା, ବଡଓଷା, ବେଙ୍ଗଲୀ ଓଷା, ପୁଅଜୀଉଁତିଆ ପ୍ରଭୃତି ଉଷାରେ ଗାନ କରାଯାଇଥିବା ଗୀତ ଓ ପୂଜା-ପଦ୍ଧତିରୁ ଉଭୟ ଆଦିବାସୀ ଓ ହିନ୍ଦୁ ସଂସ୍କୃତିର ଅପୂର୍ବ ସମନ୍ୱୟ ଘଟିଥିବା ସ୍ୱଷ୍ଟ ପରିଲକ୍ଷିତ ହୋଇଥାଏ ।" ତେଣୁ ପ୍ରାୟ ପ୍ରତ୍ୟେକ ପର୍ବପର୍ବାଣୀ, ଜାନିଯାତ୍ରା, ପୂଜା ଆଦି ମାନଙ୍କରେ ଆଦିବାସୀ ଓ ହିନ୍ଦୁ ସଂସ୍କୃତିର ଅପୂର୍ବ ମିଳନ ସଂଘଟିତ ହୋଇଥିବାର ଜଣାଯାଏ । ଓଡିଶାର ସାଂସ୍କୃତିକ ବିକାଶଧାରାରେ ସୁନ୍ଦରଗଡ ଜିଲ୍ଲାର ଏକ ସ୍ୱତନ୍ତ୍ର ଭୂମିକା ରହିଥିବାର ଜଣାଯାଏ । ଏଣୁ ଏଠାରେ ବସବାସ କରୁଥିବା ଅଧିକାଂଶ ଆଦିବାସୀ ସଂପ୍ରଦାୟର ଲୋକମାନେ ବିଭିନ୍ନ କ୍ଷେତ୍ରରେ ନିଜସ୍ୱ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଆପ୍ରାଣ ଉଦ୍ୟମ କରି ଯାଇଥିବାର ଦୃଷ୍ଟାନ୍ତ ବିରଳ ନୁହେଁ । ସମାଲୋଚକ ଶ୍ରୀ ଖିରୋଦ ଚନ୍ଦ୍ର ବେହେରା ତାଙ୍କର "ସୁନ୍ଦରଗଡ ଜିଲ୍ଲାର ଆଦିବାସୀ ସଂସ୍କୃତି" ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି, "ବାସ୍ତବରେ ଆଦିବାସୀ ସଂସ୍କୃତିକୁ ହିନ୍ଦୁ ସଂସ୍କୃତିର ପ୍ରଭାବରୁ ମୁକ୍ତ ରଖି ଏକ ବଳିଷ୍ଠ ଆଦିବାସୀ ସାଂସ୍କୃତିକ ଇତିହାସକୁ ଚିରଜାଜ୍ୱଲ୍ୟମାନ କରି ରଖିପାରିଛି ।" ସୁତରାଂ, ସମଗ୍ର ଓଡିଶାରେ ଆଦିବାସୀ ଜନ ଜୀବନକୁ ନୂତନ ପରିପାଟୀ ତଥା ସୌନ୍ଦର୍ଯ୍ୟ ପ୍ରଦାନ କ୍ଷେତ୍ରରେ ସୁନ୍ଦରଗଡ ଅଂଚଳର ପ୍ରାଧାନ୍ୟକୁ ମୋଟାମୋଟି ଭାବରେ ଅସ୍ୱୀକାର କରାଯାଇନପାରେ । ଓଡିଶାର ଧାର୍ମିକ ପରଂପରାରେ ପଶ୍ଚିମ ଓଡିଶା ପ୍ରମୁଖ ସ୍ଥାନ ଅଧିକାର କରି ଆସିଥିବାର ଜଣାଯାଏ । ଏଠାରେ ଏକାଧିକ ଦେବାଦେବୀ ମାନଙ୍କ ପୂଜା କରାଯାଏ । ସମାଲୋଚକ ଚିତ୍ରସେନ ପଶାୟତ ତାଙ୍କର "ଓଡିଶାର ଆଦିବାସୀ ସମାଜରେ ଦେବୀ ପୂଜା" ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି, ସେହିପରି, ସମ୍ବଲପୁର, ସୁନ୍ଦରଗଡ, କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ ପ୍ରଭୃତି ବିସ୍ତୃତ ଅଂଚଳରେ ବସବାସ କରୁଥିବା ଗଣ୍ଡ ସମାଜରେ ସ୍ୱତନ୍ତ୍ର ଭାବେ ପୂଜିତା

ଦେବୀଗଣଙ୍କ ମଧ୍ୟରେ ବଣଦେବୀ, ଧରଣୀ ମା, ଠାକୁରାଣୀ, ଅଗ୍ନି କୁମାରୀ ଆଦିଙ୍କ ନାମ ଉଲ୍ଲେଖନୀୟ । xxxxxx ସର୍ବୋପରି, ଆଦିବାସୀ ଓ ଅଣ ଆଦିବାସୀ ସମାଜ ମଧ୍ୟରେ ଧର୍ମର ସେତୁ ବା ସମନ୍ୱୟ ସ୍ଥାପିତ ହୋଇଛି ଯାହାକି ଏହି ଅଂଚଳରେ ସ୍ୱାଭାବିକ ମନେହୁଏ । ଅଧିକନ୍ତୁ, ଓଡିଶାରେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଭାବରେ ଶିବ, ଦୁର୍ଗା, ଗଣେଶ ଆଦି ଦେବତାମାନେ ଭିନ୍ନ ଭିନ୍ନ ରୂପରେ ଉଭୟ ସଂସ୍କୃତିରେ ପୂଜିତ ହୋଇଥିବାର ଲକ୍ଷ୍ୟ କରାଯାଇପାରେ । ବୃକ୍ଷ ପୂଜା ହେଉଛି ଆଦିବାସୀ ସଂପ୍ରଦାୟର ଏକ ସଂସ୍କୃତିର ପର୍ଯ୍ୟାୟଭୁକ୍ତ ହୋଇରହିଛି । କିନ୍ତୁ କାଳକ୍ରମେ ହିନ୍ଦୁ ସଂସ୍କୃତିରେ ବୃକ୍ଷ ପୂଜା ପଦ୍ଧତି ହେଉଥିବାର ଦେଖାଯାଏ । ଓଡିଶାର କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ, ଢେଙ୍କାନାଳ, ଫୁଲବାଣୀ, ବଲାଙ୍ଗୀର, କେନ୍ଦୁଝର, କଳାହାଣ୍ଡି ଜିଲ୍ଲା ମାନଙ୍କରେ ପ୍ରାୟତଃ ଅଧିକ ସଂଖ୍ୟକ ଆଦିବାସୀ ସଂପ୍ରଦାୟର ଲୋକ ବାସ କରିଥାନ୍ତି । କନ୍ଧ, ଗଣ୍ଡ, ସାନ୍ତାଳ, ସଓରା, କୋହ୍ଲ, ଶବର, କିଷାନ, ଓରାନ୍, ଭୂମିଜ, ଭାଥୁଡି, ଜୁଆଙ୍ଗ, ଖଡିଆ ପ୍ରଭୃତି ଗୋଷ୍ଠୀର ଆଦିବାସୀମାନେ ପ୍ରାୟତଃ ବହୁଳ ପରିମାଣରେ ଓଡିଶାରେ ରହିଥିବାର ଜଣାଯାଏ । ଆଦିବାସୀ ସଂସ୍କୃତି ମୂଳତଃ ବିଶ୍ୱାସବାଦ ଉପରେ ପ୍ରତିଷ୍ଠିତ । କାରଣ ଏମାନେ ପ୍ରକୃତି ଓ ଭୂମିକୁ ବିଶେଷ ଭାବରେ ପୂଜା, ଉପାସନା କରିଥାନ୍ତି । ସମାଲୋଚକ ଶ୍ରୀ ରମାକାନ୍ତ ରାଉତ ତାଙ୍କର "ଆଦିବାସୀ ଶିକ୍ଷା ଓ ସଂସ୍କୃତିରେ କେତୋଟି ଅବହେଳିତ ଦିଗ" ପ୍ରବନ୍ଧ ରେ ଯଥାର୍ଥରେ ସଠିକ୍ ଅନୁଧ୍ୟାନ କରିବାକୁ ଯାଇ ଲେଖିଛନ୍ତି, ଓଡିଆ ସାହିତ୍ୟର ଆଦ୍ୟ ବିକାଶ ଚର୍ଯ୍ୟାପଦର ଲେଖକମାନଙ୍କ ମଧ୍ୟରେ ଲୁଇପା, ସହରିପା ପ୍ରମୁଖ ଆଦିବାସୀ ସଂପ୍ରଦାୟର ହୋଇଥିବା କଥା ଢେର ସମ୍ଭବ । ଓଡିଆ ସାହିତ୍ୟର ସମୃଦ୍ଧି ପାଇଁ ଚର୍ଯ୍ୟାଗୀତିର ଭୂମିକା ଅପରିହାର୍ଯ୍ୟ । ଓଡିଆ ନାଟକର ନନ୍ଦୀମୁଖୀ ଆଦିବାସୀ ନୃତ୍ୟ, ଗୀତ, ବାଦ୍ୟ ଓ ବିବିଧ କୁସଂସ୍କାରରୁ ଉଦ୍ଧୃତ ହୋଇଛି । ମେରିଆ ବଳି ଓ ମେରିୟା ଗୀତରେ ବହୁ ନାଟକୀୟ ଉପାଦାନ ଓ ବିୟୋଗାନ୍ତକ ପ୍ରବାହ ରହିଛି, ଯାହା ପରବର୍ତ୍ତୀ ସମୟରେ ନାଟକ ଲେଖା ପାଇଁ କିଛି କମ୍ ଉପାଦାନ ଯୋଗାଇ ନଥିବ ।" ସୁତରାଂ, ଆଦିବାସୀ ସଭ୍ୟତା ଭିତରେ ମଧ ସାହିତ୍ୟ ସୃଷ୍ଟିର ଉପାଦାନ ମାନ ବିଶେଷ ଭାବରେ ରହିଥିବାର ଜଣାଯାଏ । ଭାଷା ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ଆବଶ୍ୟକ ଅଟେ । କାରଣ ଆଦିବାସୀ ଭାଷା ଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଆଦିବାସୀ ଭାଷାକୁ ବୁଝିପାରିଲେ ହିଁ ଆଦିବାସୀ ଜୀବନ ଓ ସଂସ୍କୃତିରୁ ବୁଝାଯାଇ ପାରିବ । ଧେବର କମିଶନ ତେଣୁ ଆଦିବାସୀ ବିଦ୍ୟାଳୟରେ ଭାଷା ଶିକ୍ଷା ସଂପର୍କରେ କହନ୍ତି, "A teacher in tribal area must have a through knowledge of tribal life and culture. He must speak the tribal language. Only so he can be in a position to act as a friend, philosopher and guide to the tribals."

ଆଧୁନିକ ଓଡିଆ କାବ୍ୟଧାରାରେ ଆଦିବାସୀ ଜୀବନଚର୍ଯ୍ୟା ବିଶେଷ ପ୍ରାଧାନ୍ୟ ଲାଭ କରିଥିବାର ଜଣାଯାଏ । ଲୋକକଥା, କିମ୍ବଦନ୍ତୀ ଓ ବିଭିନ୍ନ ଲୋକ ଉପାଦାନକୁ ନେଇ ଆଧୁନିକ କବିତା ଗତିଶୀଳ ହେବାରେ ଲାଗିଛି । ଆଧୁନିକ ଯୁଗରେ ମଣିଷ ପ୍ରତି ଅସୀମ ସ୍ନେହ, ଶ୍ରଦ୍ଧା, ସମ୍ମାନ ପ୍ରଦର୍ଶନ କରାଯାଇଛି । "Man is the measure of all things"– ମଣିଷ ହିଁ ସବୁ କିଛିର ମାପକାଠି ଭାବରେ ଗ୍ରହଣ କରାଯାଇଛି । ରାଧାମୋହନ ଗଡନାୟକ, ଅନନ୍ତ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, ବିନୋଦଚନ୍ଦ୍ର ନାୟକ ଆଦି କବିମାନେ ସାଧାରଣ ଜନତା ତଥା ଅବହେଳିତ ମାନବାତ୍ମା ପ୍ରତି ପ୍ରାଣର ଗଭୀର ସମର୍ଥନ ଜଣାଇଛନ୍ତି, ଗଭୀର ଆତ୍ମ-ପ୍ରତ୍ୟୟର ସହିତ । କବି ବିନୋଦ ଚନ୍ଦ୍ର ନାୟକ ପ୍ରାୟତଃ ଆଦିବାସୀ ଜୀବନଚର୍ଯ୍ୟାର ଖୁବ୍ ନିକଟତର ହୋଇପାରିଛନ୍ତି । ତାଙ୍କର ପ୍ରାୟ ଅଧିକାଂଶ ପଲ୍ଲୀ କବିତାମାନଙ୍କରେ ଆଦିବାସୀ ଜନ ଜୀବନର ମାର୍ମିକ ଚିତ୍ର ବେଶ ସରସ, ସୁନ୍ଦର ତଥା ମଧୁର ଭାବରେ ପ୍ରକାଶିତ ହୋଇପାରିଛି । କବି ଜଣେ ରସସିକ୍ତ ମଣିଷ । ଜୀବନରେ ସାଧାରଣ ଆଦିବାସୀର ନଗ୍ନ ଚରିତ୍ର କୁ ପ୍ରକାଶିତ କରିବାର ସାରସ୍ୱତ ଉଦ୍ୟମ କରିଯାଇଛନ୍ତି । କବିଙ୍କ ଭାଷାରେ,

"ତୈଳ ପାଇଁ ଶାଳ ବୀଜ / ମଦ୍ୟ ପାଇଁ ମହୁଲର ଫୁଲ / ଖାଦ୍ୟ ପାଇଁ କନ୍ଦ, ତାଳ ଶସ / ମାଂସ ପାଇଁ ଶଶମ ମୂଷିକ / ବିଷ ପାଇଁ ସର୍ପ ଗନ୍ଧା / କ୍ଷତ ପାଇଁ ବିଶଲ୍ୟକରଣୀ / ପ୍ରେତ ପାଇଁ ବଳି ଆଉ ଦିସାରୀର ପାଇଁ / ଅରୁଆ ଚାଉଳ ବିରି ଜାଇ / ନିର୍ଜନ ପ୍ରେମର ଗୀତ / ପ୍ରତି ଦ୍ୱନ୍ଦିତାରେ ଧନୁ ତୀର / ବିଶ୍ୱାସ ଘାତେ ଜହର / ଅଂଚଳର ତଳରେ କଟାରୀ / ତାଙ୍କୁ ବାଦ୍ୟ ଘୁମୁରାର ସୁର / ଫୁଟି ଉଠେ ଅଗ୍ନି ବର୍ଣ୍ଣ / ବିଷର୍ଣ୍ଣ ଅରଣ୍ୟେ ଗନିହାରୀ । (କାଞ୍ଚନ କୁନ୍ତଳାର ତରବାରୀ)

ସୁନ୍ଦରଗଡ ଜିଲ୍ଲାର ବଣ ପାହାଡ ଘେରା ସବୁଜ ଜନନୀ ମଧ୍ୟରେ ଜନ୍ମ ଗ୍ରହଣ କରି କବି ନାୟକ ଭଲ ପାଇଛନ୍ତି ନିରୀହ ଆଦିବାସୀ ମଣିଷମାନଙ୍କୁ ଅଧିକ ଆତ୍ମୀୟତାର ସହିତ । ପ୍ରକୃତି ମଧ୍ୟରେ ଯେଉଁ ମଣିଷମାନେ ସ୍ୱର୍ଗୀୟ ଆନନ୍ଦକୁ ଉପଭୋଗ କରିପାରନ୍ତି, ସେମାନେ ହେଉଛନ୍ତି ଆଦିବାସୀ ସଂପ୍ରଦାୟ । ତେଣୁ କବି ଶ୍ରୀ ନାୟକଙ୍କ ଦିବ୍ୟ ଚେତନାରେ ସେମାନେ ହୋଇଉଠିଛନ୍ତି ଅଧିକ ମନୋରମ ତଥା ଆକର୍ଷଣୀୟ । ତାଙ୍କଠାରେ ଅନାହତ ପ୍ରେମର ଉତ୍ସକୁ ଅନୁଧ୍ୟାନ କରାଯାଇପାରେ । ସେଥିପାଇଁ, ଶ୍ରୀ ନାୟକ ଆଦିବାସୀ ଜୀବନ ପ୍ରତି ଗଭୀର ସମବେଦନା ପ୍ରକାଶ ପୂର୍ବକ ଗାଇଉଠିଛନ୍ତି,

"ବୋଧହୁଏ ସେ ଦିନର ସେଇ / ଆଦିବାସୀ ଯୁବତୀର ଦଳ / ଭୀରୁ ବସନ ତଳର ଦେହ / ଏବଂ ସଂକ୍ରମିତ ଉଚ୍ଛିଷ୍ଟ ସ୍ୱାସ୍ଥ୍ୟ ପରିବେଷଣ କରି / ଖୋରାକ ଯୋଗାଇଛନ୍ତି ତାର / ଅର୍ଥ, ତମିସ୍ରା ଓ ସୁଲଭ ଗଣିକାର / ରାତ୍ରିର ଯାମ / ଦୀପ ଧାରର ତୈଳସମ ନିଃଶେଷ ହୁଏ ।" (ଜୀବନ ପ୍ରଭାତ ନନ୍ଦାଦେବୀ)

ସାଂପ୍ରତିକ କାଳର ନାରୀକବି ପ୍ରତିଭା ଶତପଥୀଙ୍କର ଶବରୀ (୧୯୯୧) ହେଉଛି ଏକ ଆଧ୍ୟାତ୍ମିକ ଚେତନା ସମ୍ବଳିତ କବିତା ଗ୍ରନ୍ଥ। ପୁରାଣ ପ୍ରସିଦ୍ଧ ପ୍ରଭୁ ରାମଚନ୍ଦ୍ର ଏକଦା ଶବରୀ ହାତରୁ ମିଠା ଫଳ ଖାଇବାର ସୌଭାଗ୍ୟ ଅର୍ଜନ କରିଥିଲେ । ରାମଚନ୍ଦ୍ରଙ୍କୁ ଫଳ ଖୁଆଇବାରେ ପରମ ଆନନ୍ଦ ଲାଭ କରିପାରିଥିଲା ଜଣେ ସାଧାରଣ ଆଦିବାସୀ ନାରୀଟିଏ । ତେଣୁ ଶବରୀ କବିତା ଗ୍ରନ୍ଥରେ କବି ପ୍ରତିଭା ଶତପଥୀ ତାଙ୍କ ଜୀବନାଭୂତିର ଚରମ ଓ ପରମ ପରିପ୍ରକାଶ ଘଟାଇ ପାରିଛନ୍ତି । ସାଧାରଣ ଆଦିବାସୀ ରମଣୀ ଯେଉଁ ସୌଭାଗ୍ୟର ଅଧିକାରୀ ହୋଇପାରିଛି ତା'ର ପଟାନ୍ତର ବିଶ୍ୱ ସାହିତ୍ୟରେ ବିରଳ ପ୍ରାୟ । କବିଙ୍କ ଭାଷାରେ,

"ଖୋଜି ଯଦି ଆସନ୍ତେ / ମୋ କୁଟୀରକୁ / କ୍ଷୁଧା ତୃଷା ନିପୀଡିତ କେହି / ସକଳ ନିଅଣ୍ଟପଣ / ଭୁଲିଯାଇ / ମୁଁ ତାଙ୍କୁ ଭୁଞ୍ଜାନ୍ତି / ସବୁଠାରୁ ମିଠା ଫଳ / ବାଛି ବାଛି ଚାଖି ଚାଖି / ଭଣ୍ଡାରରୁ ମୋର ।" (ଶବରୀ)

ଶବରୀ ଚରିତ୍ର ମଧ୍ୟରେ ଅସାଧାରଣ ପ୍ରେମ ଓ ଭକ୍ତିର ସ୍ୱରୂପକୁ ଉଦ୍‌ଘାଟନ କରାଯାଇପାରେ । ଏହା ନିଶ୍ଚିତ ଭାବରେ ସତ୍ୟ କଥା ଅଟେ । କାରଣ ନାରୀ ଜୀବନର ସମସ୍ତ ସୁଖ-ଦୁଃଖ, ହସ-କାନ୍ଦ, ଭାବ-ଅଭାବ, ପ୍ରେମ-ବିରହକୁ କବି ଉପଲବ୍ଧି କରିବାରେ ସକ୍ଷମ ହୋଇପାରିଛନ୍ତି । ସମାଲୋଚିକା ଡ. ପ୍ରତିଭା ରାୟ ତାଙ୍କର "ଆଦିବାସୀ ସମାଜର ନାରୀ" ପ୍ରବନ୍ଧରେ ଯଥାର୍ଥରେ ଆଦିବାସୀ ନାରୀ ସଂପର୍କରେ ଲେଖିଛନ୍ତି, "ଆଦିବାସୀ ନାରୀ ପ୍ରକୃତିର କନ୍ୟା । ପ୍ରକୃତି ଭଳି ଏମାନେ ସରଳ, ସୁନ୍ଦର, ସବୁଜ ଆଉ ସତେଜ । ପ୍ରକୃତିର ବୈଚିତ୍ର୍ୟ ଏମାନଙ୍କୁ ଦିଏ ସୁଖ, ଶାନ୍ତି, ସାନ୍ତ୍ୱନା ଓ ସାହାନୁଭୂତି । ଏମାନେ ପାହାଡ ଝରଣା ଭଳି ଚଳଚଂଚଳ, ସଂଗୀତ ମୁଖରା, ପ୍ରଜାପତି ଭଳି ଏମାନେ କଷ୍ଟ ସହିଷ୍ଣୁ ଏବଂ ବିପଦ ଆପଦକୁ ମୁଣ୍ଡ ପାତି ସହି ନେବାରେ ସ୍ଥିର, ଅବିଚଳ, ଜ୍ୟୋତ୍ସ୍ନାଭଳି ଏମାନେ ନିର୍ମଳ, ନିଷ୍କପଟ, ଖରା ବର୍ଷା, ଶୀତକାଳର ସବୁ ଋତୁରେ ହସି ଲୋଟୁଥିବା ଫୁଟା ବଣଫୁଲ ଭଳି ଏମାନେ ଦୁଃଖ ଦୁର୍ବିପାକ, ହସ କାନ୍ଦକୁ ଖାତିର ନକରି ସଦା ହାସ୍ୟମୟୀ, ଆନନ୍ଦମୟୀ ।" ନାରୀ ଜୀବନର ଦୁଃଖଦ ପରିଣତି କେଉଁ ଭୟାବହ ଏବଂ କ୍ଷତିକାରକ ହୋଇପାରେ, ତାହା କବି ସୌଭାଗ୍ୟବନ୍ତି ମହାରଣାଙ୍କ କବିତାରେ ଲକ୍ଷ୍ୟ କରାଯାଇପାରେ । କବିଙ୍କ ଭାଷାରେ,

"ସଭ୍ୟତା ଓ ସଂସ୍କୃତିର ଅପହଂଚ ଇଲାକାରେ / ଅନାଥ ବେର୍‌ନିକାର ଗାଁ ଧୂଳିରେ / ହଜି ଯାଇଥିବା ପାଦଚିହ୍ନ ଖୋଜୁ ଖୋଜୁ / ଦୋହଲିଗଲା ଆକାଶର ନୀରବତା / ମାଟିର ନରମ ଛାତିର ଆର୍ଦ୍ରତା / ଚହଲିଗଲା ସମୁଦ୍ରରେ ଅସୁମାରି ଅଶାନ୍ତ ଢେଉ ।" (ବେର୍ ନିକା କାଣ୍ଡୁଲାନା – ମାୟା ଦର୍ପଣ) ତା ୨୬/୦୪/୨୦୦୯ ଅକ୍ଷୟ ତୃତୀୟା ଅବସରରେ ଆଡପଥର ଗ୍ରାମ (ଥାନା- ଜମନ୍‌କିରା) ଯାହା ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ, ସେଠାରେ ବରନିକା କଣ୍ଡୁଲାନାର ନିର୍ମମ ହତ୍ୟା କରାଯାଇଥିଲା । ଏକ ନିରୀହ ଆଦିବାସୀ ବାଳିକାର ହତ୍ୟାରେ କବି ଶ୍ରୀ ମହାରଣା ଗଭୀର ବ୍ୟଥିତ ଓ ମଥିତ ହୋଇଥିବାର ଜଣାଯାଏ । ଏହିଭଳି ଜଘନ୍ୟ ଅପରାଧରେ ମର୍ମାହତ ହୋଇଛନ୍ତି କବି ଓ ଗଭୀର ଦୁଃଖରେ ତା ପ୍ରତି ପ୍ରାଣର ସମର୍ଥନ ଜଣାଇଛନ୍ତି । ଉଦାର, ଦରଦୀ, ତଥା ମାନବବାଦୀ କାବ୍ୟଶିଳ୍ପୀ ଭାବରେ ଶ୍ରୀ ମହାରଣା ଆପଣାର ବ୍ୟଥା, ବେଦନାକୁ ସୁନ୍ଦର ଭାବରେ ବ୍ୟକ୍ତ କରିବାରେ ସଫଳ ହୋଇପାରିଛନ୍ତି ।

ସାଂପ୍ରତିକ ଓଡିଆ ସାହିତ୍ୟର ପ୍ରତିଟି ବିଭାଗରେ ଆଦିବାସୀ ଜନଜୀବନର ମାର୍ମିକ ଚିତ୍ର ପ୍ରଦର୍ଶନ କରାଯାଇପାରିଛି । ପ୍ରତ୍ୟେକ ସାରସ୍ୱତ ସାହିତ୍ୟ ସାଧକ ବିଶେଷ ଆଗ୍ରହ ଓ ଉତ୍ସାହର ସହିତ ସାଧାରଣ ମଣିଷର ଜୀବନଚର୍ଯ୍ୟା ଅଂକନରେ ଗଭୀର ଆତ୍ମୀୟତା ପ୍ରକାଶ କରିଛନ୍ତି ନିଃସଂକୋଚର ସହିତ । ଏକଦା କନ୍ଧ କବି ଭୀମଭୋଇ ମାନବଧର୍ମର ସନ୍ଧାନ କରିଥିଲେ । ତାହା ଏବେ ମଧ୍ୟ ଅନୁକରଣୀୟ ହୋଇ ରହିଅଛି । ଭୀମଭୋଇଙ୍କ ପରି ମାନବବାଦୀ କବିଙ୍କ ସଂପର୍କରେ ସମାଲୋଚକ ଶ୍ରୀ ଭାଗିରଥି ନେପାକ ତାଙ୍କର "ଭୀମଭୋଇଙ୍କ ସାହିତ୍ୟ ଓ ଦର୍ଶନ" ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି, "ଭୀମଭୋଇ ମହିମା ଧର୍ମ ଗ୍ରହଣ କରିବା ପୂର୍ବରୁ ବହୁ ଲୋକ-ସଂଗୀତର ରଚୟିତା ଭାବରେ ଲୋକକବି ଆଖ୍ୟା ଲାଭ କରିଥିଲେ । ତାଙ୍କ ଅଜସ୍ର ଚଉତିଶାମାନଙ୍କ ମଧ୍ୟରୁ "କରୁଣାସାଗର ହରି କମ୍ବୁ ଚକ୍ରପାଣି" ଓ "କିସ ମୁଁ କହିବି ତୋତେ" ସ୍ଥାନୀୟ ଜାଇଫୁଲ ଓ ରସରକେଲି ରାଗରେ ରଚିତ । ଏଥିରେ ମହିମା ଧର୍ମ ବାର୍ତ୍ତା ପରିବର୍ତ୍ତେ ଜୀବନ ଯୌବନର ମଦମତ୍ତ ମଧୁର ସଂଳାପ ରହିଛି । x x x କବି ପ୍ରତିଭା ତାଙ୍କର ସହଜାତ ଥିଲା ।" ଭୀମଭୋଇଙ୍କ ଜୀବନ ଦର୍ଶନ ଭିତରେ ରହିଛି ଆର୍ତ୍ତମାନବାତ୍ମାର କରୁଣ କାହାଣୀ । ସାଧାରଣ ଆଦିବାସୀ ସଂପ୍ରଦାୟର ପ୍ରତିନିଧିତ୍ୱ କରିଛନ୍ତି ଭମଭୋଇ । ତାଙ୍କର ଚିନ୍ତା ଓ ଚେତନାର ମୂଳରେ ରହିଛି ସାମାଜିକ କୁସଂସ୍କାର ବିରୁଦ୍ଧରେ ବୈପ୍ଳବାତ୍ମକ ମନୋଭାବର ଅଭ୍ରାନ୍ତ ପରିଚୟ । ଭୀମଭୋଇଙ୍କ ଭାଷାରେ,

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ / ଦେଖୁ ଦେଖୁ କେବା ସହୁ / ମୋ ଜୀବନ ପଛେ ନର୍କେ ପଡିଥାଉ / ଜଗତ ଉଦ୍ଧାର ହେଉ ।" ଆଦିବାସୀ ସଂସ୍କୃତି ଓ ଓଡିଆ ସାହିତ୍ୟ ମଧ୍ୟରେ ଗଭୀର ସମନ୍ୱୟ ସ୍ଥାପନ ହୋଇପାରିଥିବାର ଜଣାଯାଏ । ତେଣୁ ଓଡିଆ ସାହିତ୍ୟ ମଧ୍ୟରେ ଆଦିବାସୀ ଜୀବନ ଚର୍ଯ୍ୟାର ସ୍ୱରୁପକୁ ଉଦ୍‌ଘାଟନ କରାଯାଇପାରେ ସୁନ୍ଦର ଭାବରେ ।

*******

ଠିକଣା-ଗ୍ରାମ/ପୋ-ଦଲଦଲି, ଭାୟା – କୁଣ୍ଡୁକେଲା, ଜି- ସୁନ୍ଦରଗଡ
(ଓଡିଶା) ପିନ୍ – ୭୭୦୦୧୯
ମୋବାଇଲ ନଂ – ୯୮୬୧୩୬୪୩୯୫
Email- dalmlacollege.rgp@gmail.com